ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୩/୨୦୧୮ (୨୦ ପୃଷ୍ଠା) Bhubaneswar, Tuesday, October 23/ 2018 ★★★★★★

୪୪ଶ ଭାଗ ୩୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

DSPL-207



MAKE IN
ODISHA Conclave
BHUBANESWAR, 11-15 NOVEMBER, 2018

"Come, Join the Juggernaut"

**Naveen Patnaik**
Chief Minister, Odisha

# Make in Odisha Conclave 2018
## State's Flagship Global Investors' Meet

### Why Odisha?

- **18+ years** of Stable and Transparent Governance
- **Only Coastal State** in India with abundant and varied mineral deposits
- **Most Competitive** state in terms of cost of doing business
- **Ranked First** in the country in terms of Investment Implementation rate

### Why Attend?

**CONNECT**
With industry captains, policy makers and thought leaders

**EXPERIENCE**
Odisha's manufacturing prowess and industry-ready infrastructure

**SELECT**
The business opportunity that is just right for you

**EXPLORE**
India's best kept secret!

### Conclave Sessions

- Academic Meet
- Aerospace & Defence Manufacturing
- Agri-business
- Agri-Marketing
- Bhubaneswar and Rourkela Smart Cities
- Biotechnology
- Business Leadership Summit
- Chemicals and Petrochemicals
- CSR
- Downstream Industries in Metal Sector
- Electronics & IT
- Food Processing
- Healthcare
- Logistics & Infrastructure
- Media & Entertainment
- MSME Development
- Odisha: The Sporting Destination of India
- Start Up Talks
- Skill Development
- Tech Talk
- Textiles and Apparel
- Tourism
- Women Entrepreneurship
- 36 - hour Hackathon

Partner Country
Japan

Industry Partner
FICCI

For Registrations, please visit:
https://mio.investodisha.gov.in/

Or download the 'Make in Odisha 2018' app from Google Play App Store

Scan QR Code to Register

14005/13/0040/1819



"୨୦୦୪ରେ ଦେଶର ରାଜନୈତିକ ସ୍ଥିତି ଯେଉଁଭଳି ଥିଲା ଏବେ ମଧ ଠିକ୍ ସେହିପରି ରହିଛି । ସେତେବେଳେ ବିରୋଧୀ ଦଳଗୁଡ଼ିକ ମଧରେ ଏକତା ନ ଥିଲା, ତଥାପି ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାରେ ସଫଳତା ମିଳିଥିଲା ।
- ତାରିକ୍ ଅନୱର, ପୂର୍ବତନ ଏନ୍‌ସିପି ନେତା

## ବସ୍ ଦୁର୍ଘଟଣାରେ ୨୦ ଜଣଙ୍କ ପ୍ରାଣହାନି

## ପରିବାରର ୧୩ ସଦସ୍ୟଙ୍କ ମୃତ୍ୟୁ

**ଲାହୋର,୨୨।୧୦(ପି.ଟି.)**-ପାକିସ୍ତାନର ପଞ୍ଜାବ ପ୍ରଦେଶରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ୨୦ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧରେ ଗୋଟିଏ ପରିବାରର ୧୩ ଜଣ ସଦସ୍ୟ ଅଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୩୦ ଜଣ ମଧ ଆହତ ହୋଇଥିବା ଜଣାପଡ଼ିଛି। ରବିବାର ରାତିରେ ପଞ୍ଜାବର ଡି ଜି ଖାନ ଜିଲାରେ ଏହି ଦୁର୍ଘଟଣା ଘଟିଛି। ବିପରୀତ ଦିଗରୁ ଆସୁଥିବା ଦୁଇଟି ବସ୍ ଧକ୍କା ହେବା ଯୋଗୁ ଅନେକ ଯାତ୍ରୀ ଆହତ ହୋଇଥିଲେ। ତନ୍ମଧରୁ ୨୦ ଜଣ ଆଖି ବୁଜିଛନ୍ତି। ଆହତଙ୍କ ମଧରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି। ପାକିସ୍ତାନ ରାଷ୍ଟ୍ରପତି ଅରିଫ୍ ଅଲଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ଦୁର୍ଘଟଣା ବିଷୟରେ ଖବର ପାଇ ଶୋକବ୍ୟକ୍ତ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଉସ୍‌ମାନ ବୁଜଦାର ମଧ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଘରେ ପଶି ଛାତ୍ରୀଙ୍କୁ ଗଣବଳାତ୍କାର

**ମୁଜାଫରପୁର,୨୨।୧୦(ପି.ଟି.)**-ବିହାରର ମୁଜାଫରପୁରରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଇମ୍‌ଲି ଚୌକ୍‌ସ୍ଥିତ ନିଜ ଘରେ ପୀଡ଼ିତା ଗଣବଳାତ୍କାରର ଶିକାର ହୋଇଥିବା ସୋମବାର ପୋଲିସ ସୂଚନା ଦେଇଛି। ଖବର ମୁତାବକ ଚାରିଜଣ ବ୍ୟକ୍ତି ଉକ୍ତ ନାବାଳିକାଙ୍କ ଘରକୁ ପଶି ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ସେମାନଙ୍କ ହାତଗୋଡ଼ ବାନ୍ଧିଦେଇଥିଲେ। ଏହାପରେ ସେମାନେ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିଲେ। ଛାତ୍ରୀଙ୍କ ବୟାନକୁ ଭିତ୍ତି କରି ପୋଲିସ ଏତଲା ରୁଜୁ କରିଛି। ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ଘଟଣାର ତଦନ୍ତ ଚାଲିଥିବା ମିଥାନପୁରା ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ ପ୍ରସାଦ ରାୟ କହିଛନ୍ତି। ଅଭିଯୁକ୍ତଙ୍କ ମଧରେ ଜଣେ କାର୍ଟୁନ ଫ୍ୟାକ୍ଟ୍ରି ମାଲିକ ଥିବା ଜଣାପଡ଼ିଛି।

# ନାକ ତଳେ ଖୋଲାଯୁଦ୍ଧ



ରାକେଶ ଅସ୍ଥାନା



ଆଲୋକ ବର୍ମା

- ରାକେଶଙ୍କ ଟିମ୍‌ର ଅଧିକାରୀ ଦେବେନ୍ଦର ଗିରଫ
- ସାନାଙ୍କ ଜାଲ୍ ବୟାନ ରେକର୍ଡ କରିଥିବା ଅଭିଯୋଗ
- ସିବିଆଇ ନିର୍ଦ୍ଦେଶକଙ୍କୁ ଫସାଇବା ପାଇଁ ହୋଇଥିଲା ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୨୨।୧୦**

ପ୍ରଧାନମନ୍ତ୍ରୀଙ୍କ ନାକ ତଳେ ସିବିଆଇର ଦୁଇ ମୁଖିଆଙ୍କ ମଧରେ ଚାଲିଛି ଖୋଲାଯୁଦ୍ଧ। ନିର୍ଦ୍ଦେଶକ ଆଲୋକ ବର୍ମା ନିଜ ପ୍ରଭୁତ୍ୱ ବଜାୟ ପାଇଁ ଉଦ୍ୟମ କରୁଥିବାବେଳେ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା କର୍ତ୍ତୃତ୍ୱ ଜାହିର କରିବାରେ ବ୍ୟସ୍ତ। ପ୍ରାୟ ୭ ମାସ ହେଲା ଏହି ଧାରା ଜାରି ରହିଥିବାରୁ ତଦନ୍ତକାରୀ ସଂସ୍ଥା ପ୍ରଶାସନିକ ସ୍ତରରେ ବସ୍ତୁତଃ ଦୁଇଭାଗ ହୋଇଗଲା ଭଳି ମନେହେଉଛି। ଏହି ପରିପ୍ରେକ୍ଷୀରେ ରାକେଶଙ୍କ ଟିମ୍‌ରେ କାର୍ଯ୍ୟରତ ଡିଏସ୍‌ପି ଦେବେନ୍ଦର କୁମାରଙ୍କୁ ସୋମବାର ଗିରଫ କରାଯାଇଥିବା କୁହାଯାଉଛି।

୨୦୧୭ ଅଗଷ୍ଟରେ ରାକେଶଙ୍କ ଅଧକ୍ଷତାରେ ଗଠିତ ସିବିଆଇର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ମାଂସ ବ୍ୟବସାୟୀ ମୋଇନ କୁରେଶୀଙ୍କ ବିରୋଧରେ ଚାଲିଥିବା ମନିଲଣ୍ଡରିଂ ମାମଲାର ତଦନ୍ତ କରୁଛି। ଏହି ମାମଲାକୁ ରଫାଦଫା କରିବା ପାଇଁ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ରାକେଶଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଛି। ଏଭଳି ସମୟରେ ଦେବେନ୍ଦରଙ୍କ ବାସଭବନରେ ସିବିଆଇ ପକ୍ଷରୁ ଶନିବାର ଓ ରବିବାର ଚଢ଼ାଉ କରାଯାଇଥିଲା। ଯାଞ୍ଚ ବେଳେ ତାଙ୍କ ଘରୁ ୮ ମୋବାଇଲ ଫୋନ୍, ଗୋଟିଏ ଆଇପେଡ୍ ସମେତ କୁରେଶୀଙ୍କ ସହ ଜଡ଼ିତ କେତେକ ଦସ୍ତାବିଜ ଜବତ ହୋଇଛି। ସିବିଆଇ ସୋମବାର ଆଉ ଗୋଟିଏ ପାଦ ଆଗେଇ ଦେବେନ୍ଦରଙ୍କୁ ଗିରଫ କରିଛି। କୁରେଶୀଙ୍କ ବିରୋଧରେ ଚାଲିଥିବା ମାମଲାରେ ହାଇଦ୍ରାବାଦର ବ୍ୟବସାୟୀ ସତୀଶ ସାନାଙ୍କ ବୟାନ ରେକର୍ଡରେ ଦେବେନ୍ଦର ଜାଲିଆତି କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଗତ ସେପ୍ଟେମ୍ବର ୨୬ରେ ସାନା ଦିଲ୍ଲୀରେ ନ ଥିଲେ। ସେ ହାଇଦ୍ରାବାଦରେ ଥିବାବେଳେ ଦେବେନ୍ଦର ତାଙ୍କର ଜାଲ୍ ବୟାନ ରେକର୍ଡ କରିଥିଲେ। ପୂର୍ବରୁ ଆଲୋକ ବର୍ମାଙ୍କ ବିରୋଧରେ ରାକେଶ ଆଣିଥିବା ଏକାଧିକ ଦୁର୍ନୀତି ଅଭିଯୋଗକୁ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଏହି ଜାଲ୍ ବୟାନ ରେକର୍ଡ କରାଯାଇଥିବା କୁହାଯାଉଛି। ସିବିଆଇର ଜଣେ ମୁଖପାତ୍ର କହିଛନ୍ତି, ସିଆର୍‌ପିସି ଧାରା ୧୬୧ ଅନୁସାରେ ପ୍ରଶ୍ନ-ଉତ୍ତର ରୂପେ ଏହି ବୟାନ ରେକର୍ଡ କରାଯାଇଛି। ଏହାର ୫ ନମ୍ବର ପ୍ରଶ୍ନରେ ପଚରାଯାଇଥିଲା ଯେ, ତୁମେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଗଲା ବୋଲି କିପରି ଧରିନେଲ। ଉତ୍ତର ଥିଲା, ସେ ଟିଡିପିର ଜଣେ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟିଥିଲେ। ଏମ୍‌ପି ଜଣକ ତାଙ୍କୁ କହିଥିଲେ, ସେ ଆଲୋକ ବର୍ମାଙ୍କୁ ଭେଟି ଏନେଇ କଥା ହୋଇଛନ୍ତି। ଏଣିକି ତୁମ ପାଖକୁ ପଚରାଉଚରା ପାଇଁ ନୋଟିସ ଯିବ ନାହିଁ। ଏହି ମାମଲାରେ ତୁମକୁ କ୍ଲିନ୍‌ଚିଟ୍ ମିଳିବ ବୋଲି ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ରାକେଶ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିକଟକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସାନାଙ୍କଠାରୁ ୨ କୋଟି ଟଙ୍କା ଲାଞ୍ଚ ନେଇ ସିବିଆଇ ନିର୍ଦ୍ଦେଶକ ଆଲୋକ ତାଙ୍କୁ ଆଶ୍ୱସ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ୧୧ଟି ମାମଲାର ଉଦାହରଣ ଦେଇ ରାକେଶ ଗତ ଅଗଷ୍ଟ ୨୪ରେ ଆଲୋକଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ଇତିମଧରେ ରାକେଶଙ୍କ ତଦାରଖରେ ଥିବା କେତେକ ନିର୍ଦ୍ଦିଷ୍ଟ ମାମଲାର ଫାଇଲ ସିବିଆଇଠାରୁ ସିଭିସି ମାଗିଥିଲେ। ଅନ୍ୟୂନ ୬ଟି ମାମଲାରେ ରାକେଶଙ୍କ ଭୂମିକାକୁ ନେଇ ତଦନ୍ତ ଚାଲିଥିବା ସମ୍ପର୍କରେ ଏକ ପତ୍ରରେ ଉଲ୍ଲେଖ କରାଯାଇ ସିଭିସିଙ୍କ ନିକଟକୁ ଉକ୍ତ ଫାଇଲଗୁଡ଼ିକୁ ପଠାଯାଇଥିଲା।

■ କେରଳ ନନ୍ ବଳାତ୍କାର ମାମଲା

## ମୁଖ୍ୟ ସାକ୍ଷୀଙ୍କ ରହସ୍ୟଜନକ ମୃତ୍ୟୁ



କୁରିଆକୋସେ କଉ୍ଥରା



ଫ୍ରାଙ୍କୋ ମୁଲକ୍କଲ

**ହୋଶିଆରପୁର,୨୨।୧୦(ପି.ଟି.)**

କେରଳ ନନ୍ ବଳାତ୍କାର ମାମଲା ପୁଣି ଏକ ନୂଆ ମୋଡ଼ ନେଇଛି। ଅଭିଯୁକ୍ତ ବିଶପ୍ ଫ୍ରାଙ୍କୋ ମୁଲକ୍କଲଙ୍କ ବିରୋଧରେ ସାକ୍ଷ୍ୟ ଦେବା ପାଇଁ ଆଗେଇ ଆସିଥିବା ଫାଦର କୁରିଆକୋସେ କଉ୍ଥରାଙ୍କ ମୃତ୍ୟୁ ଘଟିଛି। ପଞ୍ଜାବର ହୋଶିଆରପୁର ଜିଲା ଅନ୍ତର୍ଗତ ଦସୁୟାରୁ ସୋମବାର ରହସ୍ୟଜନକ ପରିସ୍ଥିତିରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।

ନନ୍ ବଳାତ୍କାର ମାମଲାର ମୁଖ୍ୟ ସାକ୍ଷୀ କଉ୍ଥରା (୬୨) ରୁମ୍‌ରେ ଅଚେତ ଅବସ୍ଥାରେ ପଡ଼ିରହିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ପୋଲିସ କହିଛି। କଉ୍ଥରାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ଦେଖିବାକୁ ମିଳିନାହିଁ। ତାଙ୍କ ରୁମ୍‌ରେ ସେ ବାନ୍ତି କରିଥିବା ଡିଏସ୍‌ପି ଏ.ଆର. ଶର୍ମା କହିଛନ୍ତି। ପ୍ରକାଶ ଯେ, ଫାଦର କଉ୍ଥରାଙ୍କୁ ୧୫ ଦିନ ପୂର୍ବେ ଦସୁୟା ଅନ୍ତର୍ଗତ ଧରମପୁରସ୍ଥିତ ଏକ ଚର୍ଚ୍ଚକୁ ବଦଳି କରାଯାଇଥିଲା। ଚର୍ଚ୍ଚ ପରିସରରେ ସେ ରହୁଥିଲେ। ସେଠାରେ ମଧ ଏକ ସ୍କୁଲ ରହିଛି। କଉ୍ଥରାଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ଲାଗି ତଦନ୍ତ ଚାଲିଥିବା ହୋଶିଆରପୁର ଡେପୁଟି କମିଶନର ଇଶା କାଲିଆ କହିଛନ୍ତି। କେରଳରେ ଥିବା କଉ୍ଥରାଙ୍କ ସମ୍ପର୍କୀୟମାନେ କହିଛନ୍ତି ଯେ, ବିଶପ୍ ମୁଲକ୍କଲଙ୍କ ବିରୋଧରେ ମୁହଁ ଖୋଲିବା ପରେ ନିଜ ଜୀବନ ପ୍ରତି ବିପଦ ରହିଥିବା କଉ୍ଥରା ଭୟ କରୁଥିଲେ। ଆଲାପୁଝା ମେଡିକାଲ କଲେଜରେ କଉ୍ଥରାଙ୍କ ଶବ ବ୍ୟବଚ୍ଛେଦ ହେଉ ବୋଲି ସେମାନେ ଦାବି କରିଛନ୍ତି।

## ପାକିସ୍ତାନକୁ ସେନାର ଚେତାବନୀ

**ଜମ୍ମୁ,୨୨।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ରାଜୌରିରେ ଗୁଳି ବିନିମୟ ବେଳେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହେବା ସହ ୩ ଭାରତୀୟ ଯବାନ ଶହୀଦ ହେବାର ଦିନକ ପରେ ପଡ଼ୋଶୀ ରାଷ୍ଟ୍ରକୁ ସେନା କଡ଼ା ଚେତାବନୀ ଦେଇଛି। ନିହତ ଆତଙ୍କବାଦୀଙ୍କ ମୃତଦେହ ପାକିସ୍ତାନ ନେଇଯାଉ। ଖାଲି ସେତିକି ନୁହେଁ, ପାକିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ବନ୍ଦକରୁ ବୋଲି ଜଣେ ସେନା ଅଧିକାରୀ କହିଛନ୍ତି। ମେ ୨୯ରେ ଦୁଇ ଦେଶ ମଧରେ ସାମରିକ ଅପରେଶନ ମହାନିର୍ଦ୍ଦେଶକ (ଡିଜିଏମ୍‌ଓ) ସ୍ତରୀୟ ବୈଠକ ହେବା ପରେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ ଯେପରି ନ ହୁଏ, ତା'ଉପରେ ଭାରତ ଗୁରୁତ୍ୱ ଦେଉଛି। କିନ୍ତୁ ନିୟନ୍ତ୍ରଣ ରେଖାରେ ଆକ୍ରମଣ ଘଟାଇ ଇସ୍‌ଲାମାବାଦ ବାରମ୍ବାର ନୂଆଦିଲ୍ଲୀକୁ ଉସ୍କାଉଥିବା ନାମ ଗୋପନ ରଖିବା ସର୍ତ୍ତରେ ସେନା ଅଧିକାରୀ ଜଣକ କହିଛନ୍ତି।

# ପୁଣି ଆଲୋଚନା ଭେଳିକି



### ପାକିସ୍ତାନର ଦୋମୁହାଁ ନୀତି

- ସୀମାରେ ବର୍ବରତା ପରେ ଆଲୋଚନା ପ୍ରସ୍ତାବ ଦେଲେ ଇମ୍ରାନ
- ନିରୀହ କଶ୍ମୀରୀଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ ଆଣିଲେ
- ପାକ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କଲେ ବିଚ୍ଛିନ୍ନତାବାଦୀ ନେତା ଫାରୁକ୍

**ଇସ୍‌ଲାମାବାଦ,୨୨।୧୦(ପି.ଟି.)**

ସୀମାରେ ପାକିସ୍ତାନୀ ସୈନ୍ୟ ଓ ଆତଙ୍କବାଦୀଙ୍କ ଔଦ୍ଧତ୍ୟ କମୁ ନାହିଁ। ଭାରତୀୟ ସୁରକ୍ଷାକର୍ମୀ ଓ ଯବାନଙ୍କୁ ଟାର୍ଗେଟକରି ପଡ଼ୋଶୀ ରାଷ୍ଟ୍ର ବାରମ୍ବାର ବିବାଦକୁ ଘନୀଭୂତ କରୁଛି। ଜମ୍ମୁ-କଶ୍ମୀରରେ ଛାୟାଯୁଦ୍ଧର ପ୍ରତିଫଳନ ପ୍ରତିଦିନ ଦେଖିବାକୁ ମିଳୁଥିଲେ ସୁଦ୍ଧା ପାକିସ୍ତାନ ଅନ୍ତର୍ଜାତୀୟ ସମୁଦାୟର ଧ୍ୟାନ ହଟାଇବା ପାଇଁ ଭଦ୍ରାଚରଣ ପ୍ରଦର୍ଶନ କରୁଛି। କଶ୍ମୀର ପ୍ରସଙ୍ଗ ଉଠାଇ ପୁନର୍ବାର ଆଲୋଚନାର ଭେଳିକି ଦେଖାଇଛି ପାକ୍। କଶ୍ମୀର ସମସ୍ୟାର ସମାଧାନ ଲାଗି ଭାରତ ଆଲୋଚନା ଟେବୁଲକୁ ଆସିବା ଉଚିତ ବୋଲି ସୋମବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କହିଛନ୍ତି।

ଦକ୍ଷିଣ କଶ୍ମୀରର କୁଲ୍‌ଗାମ ଜିଲାରେ ରବିବାର ଶକ୍ତିଶାଳୀ ବିସ୍ଫୋରଣରେ ୭ ସାଧାରଣ ନାଗରିକ ନିହତ ହୋଇଥିଲେ। ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ରାଜୌରୀରେ ଅନୁପ୍ରବେଶକାରୀଙ୍କ ସହ ଗୁଳି ବିନିମୟବେଳେ ୩ ଯବାନ ମଧ ଶହୀଦ ହୋଇଛନ୍ତି। ଗୋଟିଏ ଦିନରେ ଏତେସବୁ ଘଟଣାକ୍ରମ ଅଶାନ୍ତ କଶ୍ମୀରର ଚିତ୍ର ବଖାଣୁଛି। ଏସବୁ ପଛରେ ପାକିସ୍ତାନର ଷଡ଼ଯନ୍ତ୍ର ରହିଥିବାବେଳେ ଏହି ରାଷ୍ଟ୍ର ନିର୍ମଳ ଭାବମୂର୍ତ୍ତି ଦେଖାଉଛି। କଶ୍ମୀରରେ ଔଦ୍ଧତ୍ୟ ପ୍ରଦର୍ଶନର ଦିନକ ପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ନୂଆଦିଲ୍ଲୀକୁ ଆଲୋଚନା ଟେବୁଲକୁ ଆସିବା ପାଇଁ ଆମନ୍ତ୍ରଣ କରିଛନ୍ତି। ଭାରତୀୟ ସୁରକ୍ଷାକର୍ମୀ ନିରୀହ କଶ୍ମୀରବାସୀଙ୍କୁ ହତ୍ୟା କରୁଥିବା ଅଭିଯୋଗ ଆଣିବା ସହ ଏହାକୁ ସେ କଡ଼ା ଭାଷାରେ ନିନ୍ଦା କରୁଛନ୍ତି। ଟୁଇଟରରେ ଇମ୍ରାନ ଲେଖିଛନ୍ତି ଯେ, ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ର ପ୍ରସ୍ତାବ ଅନୁଯାୟୀ ଆଲୋଚନା ମାଧ୍ୟମରେ କଶ୍ମୀର ସମସ୍ୟାର ସମାଧାନ କରିବାର ବେଳ ଆସିଛି।

ଇମ୍ରାନଙ୍କ ଟୁଇଟ୍‌ର ଜବାବ ଦେଇଛନ୍ତି ଅଲ୍ ପାର୍ଟିଜ୍ ହୁରିୟାତ କନଫରେନ୍ସ ଅଧକ୍ଷ ମିରୱେଜ୍ ଉମର ଫାରୁକ୍। କଶ୍ମୀର ବିବାଦ ତୁଟାଇବା ଲାଗି ପାକିସ୍ତାନକୁ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପାକିସ୍ତାନର ଆଲୋଚନା ଉଦ୍ୟମକୁ କଶ୍ମୀରବାସୀ ପ୍ରଶଂସା କରୁଥିବା ଫାରୁକ୍ ଟିୱୁଇଟ୍‌ରେ ଦର୍ଶାଇଛନ୍ତି। ଏପଟେ କେନ୍ଦ୍ର ସରକାର ଇମ୍ରାନଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ଭାରତକୁ ପରାମର୍ଶ ଦେବା ପୂର୍ବରୁ ଇମ୍ରାନ ପ୍ରଥମେ ନିଜ ମାଟିରେ ଆତଙ୍କବାଦୀଙ୍କ ମୂଳୋତ୍ପାଟନ କରନ୍ତୁ ବୋଲି ବହିର୍ବ୍ୟାପାର ମୁଖପାତ୍ର ରବୀଶ କୁମାର କହିଛନ୍ତି।

ତେବେ ପ୍ରଥମ ଥର ପାଇଁ ଇମ୍ରାନ କଶ୍ମୀର ପ୍ରସଙ୍ଗ ଉଠାଇ ନାହାନ୍ତି। ଗତ ସେପ୍ଟେମ୍ବରରେ ମଧ ସେ ସମାନ ଭାବେ ଭାରତକୁ ଆଲୋଚନା ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେହିଦିନ ସୀମାରେ ପାକ୍ ସୈନ୍ୟ ବର୍ବର ଆଚରଣ ପ୍ରଦର୍ଶନ ପୂର୍ବକ କେତେଜଣ ଯବାନଙ୍କୁ ହତ୍ୟା କରିଥିଲେ। ଏହାପରେ ନୂଆଦିଲ୍ଲୀ ଉଭୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧରେ ହେବାକୁ ଥିବା ଆଲୋଚନା ବାତିଲ କରିଦେଲା। ଖାଲି ସେତିକି ନୁହେଁ, ସାଧାରଣ ନିର୍ବାଚନରେ ବିପୁଳ ବିଜୟ ଲାଭ କରିବା ପରେ ଇମ୍ରାନ ପ୍ରଥମ ସମ୍ଭାଷଣ ଦେଇ ଭାରତ ସହ ବନ୍ଧୁତା ଚାହୁଁଥିବା କହିଥିଲେ। ଦୁଇ ଦେଶ ମଧରେ ସମସ୍ତ ବିବାଦ ତୁଟାଇବା ପାଇଁ ସେ କଶ୍ମୀର ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ଆଗ୍ରହୀ ଥିବା କହିଥିଲେ।

## ରାୟ ସମୀକ୍ଷା ଆବେଦନ ଉପରେ ଆଜି ନିଷ୍ପତ୍ତି

### ସାବରିମାଳା ବିବାଦ



**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରକୁ ସବୁ ବୟସର ମହିଳା ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିଭିନ୍ନ ବ୍ୟକ୍ତି ଓ ସଙ୍ଗଠନ ଗ୍ରହଣ କରିପାରୁ ନାହାନ୍ତି। ସୁପ୍ରିମକୋର୍ଟରେ ଅନେକେ ରାୟକୁ ଚ୍ୟାଲେଞ୍ଜ କରିବା ସହ ସମୀକ୍ଷା ଆବେଦନ କରିଛନ୍ତି। ଦାଏର ହୋଇଥିବା ଏକାଧିକ ଆବେଦନ ଉପରେ କେବେ ଶୁଣାଣି ହେବ, ସେନେଇ ମଙ୍ଗଳବାର ଅଦାଲତ ସ୍ଥିର କରିବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୟ କ୍ରିଷ୍ଣନ୍ କୌଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବର ୨୮ରେ ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଐତିହାସିକ ରାୟକ୍ରମେ ସାବରିମାଳାରେ ମହିଳାଙ୍କ ପ୍ରବେଶ କଟକଣା ହଟାଇଦେଇଥିଲେ। କିନ୍ତୁ ଏବେ ନୂଆ ଖଣ୍ଡପୀଠ ରାୟ ସମୀକ୍ଷା ଲାଗି ହୋଇଥିବା ୧୯ ଆବେଦନର ଶୁଣାଣି କରିବେ ବୋଲି ଜଷ୍ଟିସ୍ ଗୋଗୋଇଙ୍କ ଖଣ୍ଡପୀଠ କହିଛନ୍ତି।

ସେପଟେ ସୋମବାର ରାତିରେ ସାବରିମାଳା ମନ୍ଦିର ବନ୍ଦ କରାଯାଇଛି। ଗତ ଛଅ ଦିନ ହେଲା ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଏଠାରେ ଭିଡ଼ କାହିଁରେ କେତେ ଥିଲା। ଏବେ ମନ୍ଦିର ପହଡ଼ ପଡ଼ିଯାଇଛି। ତେବେ ଶେଷ ଦିନରେ ମଧ ମହିଳାଙ୍କୁ ପ୍ରବେଶ କରାଇ ଦିଆଗଲା ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମନ୍ଦିର କର୍ତ୍ତୃପକ୍ଷ ଅବମାନନା କରିଛନ୍ତି।






## ଟ୍ରେନ୍ ଧକ୍କା: ୩ ବର୍ଷରେ ୫୦ ହଜାର ଲୋକଙ୍କ ପ୍ରାଣହାନି

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ଦେଶବ୍ୟାପୀ ଅନେକ ଟ୍ରେନ୍ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ଅନେକ ଲୋକ ପ୍ରାଣ ହରାଉଛନ୍ତି। ୨୦୧୫ରୁ ୨୦୧୭ ମଧରେ ରେଲୱେ ଟ୍ରାକ୍‌ରେ ଟ୍ରେନ୍ ଧକ୍କାରେ ଅନ୍ୟୂନ ୫୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଭାରତୀୟ ରେଳପଥ ପକ୍ଷରୁ ପ୍ରଦତ୍ତ ସରକାରୀ ତଥ୍ୟରୁ ଏହା ପ୍ରକାଶ ପାଇଛି।

ଦଶହରା ଦିନ ପଞ୍ଜାବର ଅମୃତସରରେ ରେଳଲାଇନ୍ ଉପରେ ଛିଡ଼ା ହୋଇ ରାବଣପୋଡ଼ି ଦେଖୁଥିବା ଲୋକଙ୍କ ଉପରେ ଟ୍ରେନ୍ ମାଡ଼ିଯାଇଥିଲା। ଏଥିଯୋଗୁ ୬୧ ଜଣ ପ୍ରାଣ ହରାଇଥିଲେ। ଏହାପରେ ଟ୍ରେନ୍ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କିଭଳି କମାଇ ଦିଆଯାଇପାରିବ, ସେନେଇ ଉଠୁଛି ପ୍ରଶ୍ନ। ଏତିକିବେଳେ ରେଲୱେ ପକ୍ଷରୁ କୁହାଯାଇଛି ଯେ, ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ଅର୍ଥାତ୍ ତିନିବର୍ଷ ମଧରେ ୪୯,୭୯୦ ଜଣଙ୍କ ପ୍ରାଣହାନି ଘଟିଛି। ତନ୍ମଧରୁ ଉତ୍ତରାଞ୍ଚଳ ରେଲୱେ ଜୋନ୍‌ରେ ସର୍ବାଧିକ ମୃତ୍ୟୁସଂଖ୍ୟା ହେଉଛି ୭,୯୦୮ । ଏହାପରେ ଦକ୍ଷିଣାଞ୍ଚଳ ରେଲୱେ ଜୋନ୍‌ରେ ୬,୧୪୯ ଏବଂ ପୂର୍ବାଞ୍ଚଳରେ ମୃତ୍ୟୁସଂଖ୍ୟା ୫ ,୬୭୦ ଛୁଇଁଛି। ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ଏହି ତଥ୍ୟ ସଂଗ୍ରହ କରିଛି। ତେବେ ୨୦୧୮ରେ ଟ୍ରେନ୍ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ପ୍ରକାଶ କରାଯାଇ ନାହିଁ।

## ଭାରତ-ଚାଇନା ପ୍ରଥମ ସୁରକ୍ଷା ସମନ୍ୱୟ ଚୁକ୍ତି

**ନୂଆଦିଲ୍ଲୀ,୨୨।୧୦(ଆଇଏଏନ୍‌ଏସ୍)**



ନିରାପତ୍ତା ସଂକ୍ରାନ୍ତ ସହଯୋଗିତା ନେଇ ଭାରତ ଏବଂ ଚାଇନା ପ୍ରଥମ ଥର ପାଇଁ ସୋମବାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆତଙ୍କବାଦ ଦମନ, ଅପରାଧ, ଡ୍ରଗ୍ ନିୟନ୍ତ୍ରଣ, ମାନବ ଚାଲାଣ ଏବଂ ସୂଚନା ଆଦାନପ୍ରଦାନ ନେଇ ଉଭୟ ପକ୍ଷ ମଧରେ ବୁଝାମଣା ହୋଇଛି। ଏଥିସହିତ ଦୁଇ ଦେଶ ମଧରେ ସମ୍ପର୍କର ଏକ ନୂଆ ସେତୁ ଗଢ଼ିଉଠିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏବଂ ଚାଇନାର ଷ୍ଟେଟ କାଉନ୍‌ସିଲର ଝାଓ କେଝି ଦ୍ୱିପାକ୍ଷିକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୩/୨୦୧୮ | Bhubaneswar, Tuesday, October 23/ 2018 | ପୃଷ୍ଠା-୧




## ୧୦କୋଟିର ମାନହାନି ମାମଲା କଲେ ତନୁଶ୍ରୀ

ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ନାମରେ ତନୁଶ୍ରୀ ଦତ୍ତ ୧୦କୋଟି ଟଙ୍କାର ମାନହାନି ମକଦ୍ଦମା ଦାଏର କରିଛନ୍ତି।

୦୬

୧୭

## ବିଜୟ ଦେଲେ ସ୍ମୃତି ମନ୍ଧାନା

ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତୀୟ ଏ'ମହିଳା କ୍ରିକେଟ ଦଳ ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ଏ'କୁ ହରାଇ ଦେଇଛି।









ଆଜି ଗୃହ କମିଟି ଆଗରେ ହାଜର ହେବେ ଅଭିଜିତ ଆୟର

........୩........

ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଫେରିଲା କଂଗ୍ରେସ

........୫........


**ଆଜିର ସମ୍ପାଦକୀୟ**

**ଅହମିକାର ଲଢ଼େଇ**

**ଆଜିର ମନ୍ତବ୍ୟ**

" ରାଫାଲ୍ ଚୁକ୍ତି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବୁଡ଼ାଇଦେବ।

– ଅଶୋକ ଗେହଲଟ, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ତୃତୀୟ ସପ୍ତାହ ସୁଦ୍ଧା ଦେଶର ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୧୫.୭% ବୃଦ୍ଧି ଘଟି ୪.୮୯ ଲକ୍ଷ କୋଟି ଟଙ୍କା ରହିଛି। –ସିବିଡିଟି


NATIONAL EGG CO-ORDINATION COMMITTEE | Vencobb CHICKEN

22.10.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers


# ଶ୍ୱାଇଁ ଉଜାଡ଼ିଦେଲେ ସଂସାର

■ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ପୋଡ଼ି ମାରି ନିଜେ ଜଳିଗଲେ

■ ଘଟଣା ପଛରେ ପାରିବାରିକ କଳହ

■ ପେଟ୍ରୋଲ ଜାରକିନ, ତାଲା ଓ ଜଞ୍ଜିର ଜବତ

କୁଜଙ୍ଗ,୨୨।୧୦(ସ୍ୱ.ପ୍ର.)

ଘରୋଇ କଳିରୁ ଛାରଖାର ହୋଇଗଲା ସଂସାର। ୬ମାସ ତଳେ ବିବାହ କରିଥିବା ଜଣେ ବ୍ୟକ୍ତି ନିଜ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ନିଆଁରେ ପୋଡ଼ି ମାରିଦେବା ସହ ନିଜେ ଜଳିଯାଇଛନ୍ତି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ପନାଡିଆ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ନିଆଁରେ ପୋଡ଼ିହୋଇ ଗ୍ରାମର ନବଘନ ସାହୁ(୬୨), ସ୍ତ୍ରୀ କମଳା ସାହୁ(୫୩), ଝିଅ ରୁବିନା(୨୨) ଓ ଜ୍ୱାଇଁ ଭଦ୍ରକ ଜିଲା ତିହିଡ଼ିର ହରେକୃଷ୍ଣ ମଲ୍ଲିକ(୪୨)ଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ୨ଟାରେ ଗାଁ ମଝିରେ ରହୁଥିବା ନବଘନଙ୍କ କୋଠାଘରେ ନିଆଁ ଜଳୁଥିବା ଦେଖି ଗ୍ରାମବାସୀ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ନିଆଁରେ ପୋଡ଼ିହୋଇ ଛଟପଟ ହେଉଥିବା ରୁବିନାଙ୍କୁ ଉଦ୍ଧାରକରି ପ୍ରଥମେ କୁଜଙ୍ଗ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ରୁବିନାଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ତାଙ୍କ ମୃତ୍ୟୁ କାଳୀନ ବୟାନକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୋମବାର ସକାଳେ ଗାଁ ଲୋକାରଣ୍ୟ ହୋଇପଡିଥିବାବେଳେ ପୋଲିସ ଫୋର୍ସ ପହଞ୍ଚିଥିଲେ। କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ଓ ତିର୍ତ୍ତୋଲ ଏସ୍‌ଡିପିଓ ଶିବଚରଣ ମଲ୍ଲିକ ତଦନ୍ତ ଆରମ୍ଭ କରିବା ସହ ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଡାକ୍ତରଖାନାକୁ ପଠାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ କଥା ଜଣାପଡିବ ବୋଲି ଦୁଇ ଅଧିକାରୀ କହିଛନ୍ତି।

ପଡୋଶୀଙ୍କ କହିବା ଅନୁଯାୟୀ, ନବଘନଙ୍କ ପୁଅ ବାଙ୍ଗାଲୋରରେ ରୁହନ୍ତି। ପୁଅର ଯୋଗାଯୋଗ କ୍ରମେ ବାଙ୍ଗାଲୋରରେ କାମ କରୁଥିବା ଭଦ୍ରକ ଜିଲା ତିହିଡ଼ି ଗ୍ରାମର ହରେକୃଷ୍ଣଙ୍କ ସହ ନବଘନ ୬ ମାସ ତଳେ ଝିଅ ରୁବିନାଙ୍କ ବିବାହ କରାଇଥିଲେ। ହରେକୃଷ୍ଣଙ୍କ ବୟସ ଅଧିକ ଓ ଅନ୍ୟ ଜାତିର ହୋଇଥିବାରୁ ରୁବିନା ଏହି ବିବାହରେ ରାଜି ନ ଥିଲେ। କିନ୍ତୁ ଭାଇଙ୍କ ବାଧ୍ୟବାଧକତାରେ ସେ ବିବାହ କରିଥିଲେ। ଏହାକୁ ନେଇ ସେ ସର୍ବଦା ଅସନ୍ତୁଷ୍ଟ ଥିଲେ। ବିବାହ ପରେ ରୁବିନା ପ୍ରଥମେ ୧ ମାସ ସ୍ୱାମୀଙ୍କ ସହ ବାଙ୍ଗାଲୋର ଓ କିଛିଦିନ ଶାଶୁଘରେ ରହିଥିଲେ। ପରେ ନିଜ ବାପଘରକୁ ଆସିବା ପରେ ଆଉ ଶାଶୁଘରକୁ ଯିବାକୁ ସେ ମନା କରିଦେଇଥିଲେ। ତେଣୁ ହରେକୃଷ୍ଣ ତାଙ୍କୁ ନେବା ପାଇଁ ବାରମ୍ବାର ଶ୍ୱଶୁରଘରକୁ ଆସୁଥିଲେ ଓ ପ୍ରତିଥର ଗଣ୍ଡଗୋଳ କରି ଫେରୁଥିଲେ। ଆଗକୁ କୁମାର ପୂର୍ଣ୍ଣିମା ଆସୁଥିବାରୁ କିଛିଦିନ ତଳେ ହରେକୃଷ୍ଣ ଶ୍ୱଶୁର ଘରକୁ ଆସି ରୁବିନାଙ୍କୁ ନେବା ପାଇଁ କହିବାରୁ ଉଭୟଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ହରେକୃଷ୍ଣ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ରବିବାର ରାତିରେ ସେ ପେଟ୍ରୋଲ ଓ ତାଲା ଚାବି ଧରି ଶ୍ୱଶୁରଘରକୁ ଆସିଥିଲେ। ତାଙ୍କର ଏଭଳି ଯୋଜନା ସମ୍ପର୍କରେ ଶ୍ୱଶୁରଘର ଲୋକେ କିଛି ବି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ଯୋଜନା ମୁତାବକ ହରେକୃଷ୍ଣ ପ୍ରଥମେ ସ୍ତ୍ରୀ ଓ ଶାଶୁଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।

☞ ପୃଷ୍ଠା–୨

# ମୁଣ୍ଡ ପୂରାଇଲେ ମୋଦି

## ଦୁଇ ମୁଖିଆ ଆଲୋକ, ରାକେଶଙ୍କୁ ସମନ

**ସିବିଆଇ ଅନ୍ତର୍ଦ୍ୱନ୍ଦ୍ୱ**

■ ତଦନ୍ତକାରୀ ସଂସ୍ଥାର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ

■ ମର୍ଯ୍ୟାଦା ରକ୍ଷା କରିବା ପିଏମ୍‌ଓ ପାଇଁ ଚ୍ୟାଲେଞ୍ଜ

■ ରାକେଶଙ୍କୁ ଗିରଫ ନ କରିବାକୁ ଦିଆଯାଇଛି ନିର୍ଦ୍ଦେଶ

■ ଜାଲିଆତି ଅଭିଯୋଗରେ ଡିଏସ୍‌ପି ଦେବେନ୍ଦର ଗିରଫ

ନୂଆଦିଲ୍ଲୀ,୨୨।୧୦

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଡରରେ ବିବାଦ ଘନେଇବାରେ ଲାଗିଛି। ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ପରେ ସବୁ କଥା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା କୁହାଯାଉଥିବା ସିବିଆଇର ନମ୍ବର ୧ ଓ ୨ ଅଧିକାରୀଙ୍କ ଅନ୍ତର୍କଳହ ଏବଂ ଅହମିକାର ଲଢ଼େଇ ଏତେ ଉଗ୍ରରୂପ ନେଇପାରେ ତାହା ସାଧାରଣ ଜନତା କେବେ ଜାଣି ନ ଥିଲେ। ପ୍ରଥମଥର ପାଇଁ ଏଭଳି ଘଟଣା ପ୍ରଘଟ ହେବା ପରେ ସିବିଆଇର ମର୍ଯ୍ୟାଦା ରକ୍ଷା ପାଇଁ ଅଣ୍ଟା ଭିଡିଛି ଖୋଦ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ମୁଣ୍ଡ ପୂରାଇବାକୁ ବାଧ୍ୟ ହୋଇଛନ୍ତି। ସେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ସମନ କରିଛନ୍ତି। ଏହାସହ ରାକେଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ହୋଇଥିବାରୁ

☞ ପୃଷ୍ଠା–୨

■ ବିଦେଶରେ ଅଘୋଷିତ ସମ୍ପତ୍ତି

# କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ,୨୨।୧୦

ବିଦେଶରେ ଅଘୋଷିତ ସମ୍ପତ୍ତି ଏବଂ ଅର୍ଥ ଠୁଳ କରିବାକୁ ନେଇ ଆୟକର ବିଭାଗ ଏବେ ଦେଶବ୍ୟାପୀ ଅପରେଶନ ଆରମ୍ଭ କରିଛି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଏବେ କାର୍ଯ୍ୟକାରୀ ହୋଇଥିବା କଳାଧନ ବିରୋଧୀ ଆଇନ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆୟକର ବିଭାଗ ଏହାର ବିଦେଶୀ ପ୍ରତିପକ୍ଷଙ୍କ ସହ ମିଶି ମିଳିତ ଭାବେ ତଦନ୍ତ ଆରମ୍ଭ କରିଛି ବୋଲି ସିବିଡିଟି ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିବାକୁ ଚନ୍ଦ୍ରା ମନା କରିଦେଇଛନ୍ତି। ଆୟକର ବିଭାଗ ପକ୍ଷରୁ କଳାଧନ ବିରୋଧରେ ଏକିକୃତ ଅଭିଯାନ ଆରମ୍ଭ କରାଯାଇଛି। ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟରୁ ମିଳିଥିବା କାରବାର ତଥ୍ୟକୁ ମିଳାଇ ବିଦେଶରେ ଠୁଳ ହୋଇଥିବା ସମ୍ପତ୍ତି ସମ୍ପର୍କରେ ଏହି ଯାଞ୍ଚ ଆରମ୍ଭ ହୋଇଛି। ଏପରିକି ଏକାଧିକ ବ୍ୟକ୍ତି ଓ ଅନୁଷ୍ଠାନକୁ ନୋଟିସ ଜାରି କରାଯାଇ ସେମାନଙ୍କ କାରବାର ସମ୍ପର୍କରେ ତଥ୍ୟ ମଗାଯାଇଛି। ବହୁ ଉଚ୍ଚ ଆୟକାରୀ ଏବେ ଆୟକର ବିଭାଗର ନଜରରେ ରହିଛନ୍ତି।

■ ଅଭୟାରଣ୍ୟରୁ ସୁନ୍ଦରୀକୁ ସ୍ଥାନାନ୍ତର ନେଇ ବଢ଼ୁଛି ଚାପ

# ଟ୍ରାଙ୍କୁଲାଇଜ୍ କରିବ ୩ ଟିମ୍



■ ସରକାରଙ୍କୁ ଚିଠି ଲେଖିଲା ଜିଲା ପ୍ରଶାସନ

■ ପରିସ୍ଥିତି ଦେଖି ମଙ୍ଗଳବାର ଜଙ୍ଗଲକୁ ଯିବ ଟିମ୍

ଅନୁଗୋଳ ଅଫିସ/ବନ୍ତଳା,୨୨।୧୦

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଆତଙ୍କ ଖେଳାଇଥିବା ମଣିଷଖିଆ ବାଘୁଣୀ ସୁନ୍ଦରୀକୁ ଧରାଯିବ। ଏଥିପାଇଁ ୩ଟି ଟ୍ରାଙ୍କୁଲାଇଜ୍ ଟିମ୍ ଅନୁଗୋଳରେ ପ୍ରସ୍ତୁତ ହୋଇ ରହିଛନ୍ତି। ରବିବାର ତ୍ରିନାଥ ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ଟାଇଁସିରେ ଉତ୍ତେଜନା ଥିବାବେଳେ ସୋମବାର କୋଠାଭୂଇଁ ପଞ୍ଚାୟତ କୁମୁରି ଗାଁରେ ଏକ ବଳଦକୁ ସୁନ୍ଦରୀ ଶିକାର କରିବା ପରେ ଚାପା ଉତ୍ତେଜନା ରହିଥିବା ପ୍ରଶାସନ ଅନୁଭବ କରିଛି। ତେଣୁ ପରିସ୍ଥିତି ଦେଖି ଅପେକ୍ଷାରତ ୩ଟି ଟିମ୍ ମଙ୍ଗଳବାର ଅଭୟାରଣ୍ୟ ମଧ୍ୟକୁ ଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ସୁନ୍ଦରୀକୁ ସ୍ଥାନାନ୍ତର ପାଇଁ ଜିଲାପାଳ ଅନିଲ କୁମାର ସାମଲ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି।

☞ ପୃଷ୍ଠା–୨

# ବାତ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ୨୭୭୦ କୋଟି ଅନୁମୋଦନ

■ ରିଲିଫ୍ ପାଇଁ ଗଞ୍ଜାମ, ଗଜପତି, ରାୟଗଡ଼ାକୁ ୩୭୫ କୋଟି

■ ଉଦ୍ୟାନ କୃଷିକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାମିଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ସମେତ ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହି ଜିଲାଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ଓ ସହାୟତା ରାଶି ୨୭୭୦ କୋଟି ଟଙ୍କାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ସୋମବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା)ର ରାଜ୍ୟସ୍ତରୀୟ କାର୍ଯ୍ୟ ନିର୍ବାହୀ କମିଟି ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଜରୁରୀ ପରିସ୍ଥିତିରେ ପ୍ରଭାବିତ ଅଞ୍ଚଳରେ ଯେଉଁ ଅର୍ଥ ବଣ୍ଟାଯାଇଥିଲା ସେଗୁଡିକୁ ମଧ୍ୟ ଅନୁମୋଦନ ମିଳିଛି। ଗଞ୍ଜାମ,ଗଜପତି ଓ ରାୟଗଡ଼ା ଜିଲାରେ ପ୍ରଥମ କିସ୍ତିରେ ରିଲିଫ ବାବଦରେ ୧୦୨କୋଟି ଟଙ୍କା ବଣ୍ଟନରେ ଖର୍ଚ୍ଚ ହୋଇଥିବା ଜିଲାପାଳମାନେ ଜଣାଇଛନ୍ତି। ସେହି ଜିଲାଗୁଡ଼ିକରେ ୩୭୫ କୋଟି ଟଙ୍କା ରିଲିଫ ବାବଦରେ ପ୍ରଦାନ କରାଯିବ। ଏହି ପ୍ରସ୍ତାବକୁ ବୈଠକରେ ଅନୁମୋଦନ କରାଯାଇଛି। ତେବେ ସମୁଦାୟ ଅନୁମୋଦନ ଅର୍ଥରୁ ଗଞ୍ଜାମ ଓ ଗଜପତି ଜିଲାରେ ୯୦ ପ୍ରତିଶତ ଅର୍ଥ ପୁନରୁଦ୍ଧାର ଓ ଥଇଥାନ ପାଇଁ ଖର୍ଚ୍ଚ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି। ପ୍ରଥମ କିସ୍ତି ରିଲିଫ ବଣ୍ଟନ ଶେଷ ହେବା ପରେ ପରବର୍ତ୍ତୀ କିସ୍ତି କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ ଭିତ୍ତିଭୂମିକୁ ସଜାଡିବା ପାଇଁ ଶକ୍ତି ବିଭାଗ ପାଇଁ ୨୭ କୋଟି ଟଙ୍କା ଏବଂ ଚାଉଳ, ଚୁଡା, ଗୁଡ଼ ଆଦି ଶୁଖିଲା ଖାଦ୍ୟ ଯୋଗାଇବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୨୦.୩୧ କୋଟି ଆଗୁଆ ପ୍ରଦାନ କରାଯାଇଛି। ସେହିପରି ଉଠାଜଳସେଚନ ମରାମତି ପାଇଁ ଜଳ ସମ୍ପଦ ବିଭାଗକୁ ୭.୭୪ କୋଟି ଟଙ୍କା ଆଗତୁରା ପ୍ରଦାନ କରାଯାଇଥିବା ବେଳେ ରାସ୍ତାଘାଟ,ଅଙ୍ଗନୱାଡି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ପାଇଁ ପୂର୍ତ୍ତ ବିଭାଗକୁ

☞ ପୃଷ୍ଠା–୨





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

ଟେଷ୍ଟ ଡ୍ରାଇଭ କରନ୍ତୁ ଏବଂ ଆଜି ବୁକ୍ କରନ୍ତୁ ।

Terms and conditions apply. #Price mentioned is for the starting petrol variant for ex-showroom and is exclusive of local taxes. Offers may vary across variants and cities. ##Benefits available on all DUSTER 110 PS Diesel variants (except AWD) and includes cash benefit of ₹60,000 and Insurance at ₹1 for first year only. ^Benefits of ₹200,000 are available as special limited period offer on limited stock of select CAPTUR variants only. Benefits may vary based on the variant and year of manufacturing and are applicable only till stocks last. ^^Benefits up to ₹20,000 include Insurance at ₹1 and free accessories. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ***The price of 1 gm gold coin has been taken as ₹3,000. Customer has an option of taking the equivalent amount of gold coin offer in the form of cash discount if the car is booked between 1st-31st October, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. CUTTACK: RENAULT Cuttack Mob: +91 8860877164. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: +91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

ଗଞ୍ଜାମ ଜିଲା ଜରଡା ଥାନା ଖାରିଆଗୁଡା ପଞ୍ଚାୟତ ଅଧୀନ ଏସ.ନୂଆଗାଁସ୍ଥିତ ଅଜା ଘରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଛନ୍ତି। ଶନିବାର ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ସୋମବାର ହତ୍ୟାକାରୀ ଜରଡା ଥାନାରେ ଆତ୍ମସମର୍ପଣ କରି ସବୁକଥା କହିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତଦେହ ଜବତ କରିବା ସହ ନଂ.୧୭୪/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


କ୍ରିସ୍
ପରିବାରବର୍ଗ


ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Just pay 1,000,00 book a studio 1BHK, 2BHK flats at Puri. 9583879744. D-8968

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/-, ପ୍ରତାପନଗରୀ ଧାକୁଲେଇପାଠରୁ ଅଳ୍ପଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

Construct your building in finished house contact: 9937064680. D-27282




2000 sqft. commercial fully furnished in 1st floor at 72, Bapujinagar, Bhubaneswar infront of Nimapada Sweets. 9861021008. D-9011

Godown/ office suitable premises available, Mancheswar, Bhubaneswar. Ground floor. 8763802787. D-63860

Bhubaneswar, BJB Nagar, 3000 sqft. office accommodation available. Contact: 9438194381. D-63859




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Newly open herbal full body massage with refreshment well trained therapist. 7381239385. D-64621

Singar massage club fully relaxed by expert lady also home service available. Contact: 9937637219. D-8941

Experience full body massage with us by experts. Enquiry: 7377048581. D-65120

Herbal full body massage by smart/ expert therapist. Contact: 8338067247. D-65121

All type of full body massage by expert therapist. 7609005923. D-65122

Ayurvedic herbal body massage by smart expert therapist. 9040900385, 9778137131. D-64622

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

Physiotherapy and herbal massage by trained ladies/ gents therapist. 9938811534. D-65034

Newly opening ayurvedic body massage in joint pains, smart therapist. 9776383819. D-65124

Newly opening ayurvedic body massage smart therapist, Shree herbal. 7750020754. D-65125

Improving your health, skincare through expert therapist, excellent offer. 9668374480. D-65126

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



(କ୍ରିସ୍)

ଷ୍ଟାଲିନ୍ ଜଗନ୍ନାଥ

ରସୁଲଗଡ଼ (ଭୁବନେଶ୍ୱର)

ଶୁଭ ଜନ୍ମଦିନ ଅବସରରେ ଶ୍ରୀମା ଶ୍ରୀଅରବିନ୍ଦ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଆଈ, ମାମା, ବାବା, ଦାଦା, ଖୁଡ଼ୀ, ମାମୁ, ମାଇଁ, ମାଉସୀ, ମଉସା, ବନ୍ଧୁ ଓ ପରିବାରବର୍ଗ।

ଧ-୯୦୦୬

## Birthday Wish



Titili Pattnaik

Wishing you a day filled with happiness and a year filled with joy. Happy Birthday. Best Wishes from: Family, Friends and Relatives. D-9018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରଣ ସମାଧାନ ଯୋଜନା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ୩ ପରାମର୍ଶଦାତା ନିଯୁକ୍ତ କଲା

**ନୂଆଦିଲ୍ଲୀ,୨୨।୧୦**

ରଣ ସଙ୍କଟର ସାମ୍ନା କରୁଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ନବଗଠିତ ବୋର୍ଡ ରଣ ସମାଧାନ ଯୋଜନା ପ୍ରସ୍ତୁତ କରିବା ତଥା ଏହାର କାର୍ଯ୍ୟକାରିତା ଲାଗି ୩ ଜଣ ପରାମର୍ଶଦାତାଙ୍କୁ ନିଯୁକ୍ତ କରିଛି। କମ୍ପାନୀ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ଆର୍ପଉଡ କ୍ୟାପିଟାଲ ଏବଂ ଜେଏମ୍ ଫାଇନାନ୍ସିଆଲକୁ ଆର୍ଥିକ ଏବଂ ନେଣଦେଣ ପରାମର୍ଶଦାତା ତଥା ଅଲଭେଜ ଆଣ୍ଡ ମାର୍ଶାଲକୁ ପୁନର୍ଗଠନ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଂସୋମନାଥ ରାୟ**

ରତଳାଙ୍ଗ, ବରୀ, ଯାଜପୁର

ଆଜି ବି ଆପଣ ଆମ ଆଖପାଖରେ ଅଛନ୍ତି। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ଶୋକସନ୍ତପ୍ତ:** ପତ୍ନୀ, ଝିଅ, ପୁଅ, ଜ୍ୱାଇଁ, ପୁତ୍ରବଧୂ, ନାତି ଓ ନାତୁଣୀମାନେ।

ଧ-୮୯୯୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଇନ୍ଦୁମତୀ ମହାରଣା**

ତିରୋଧାନ: ତା ୦୪।୧୦।୨୦୧୭ ରିଖ

ରାୟଗୁରପୁର, ନିରାକାରପୁର, ପୁରୀ

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ମମତା, ଆଦର୍ଶ ସବୁବେଳେ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇରହିବ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ବିଜୟଲକ୍ଷ୍ମୀ, ଶୁଭଦ୍ରା, ସାନୁ, ସତ୍ୟ ଏବଂ ବନ୍ଧୁ ଓ ପରିବାରବର୍ଗ। ଧ-୬୩୬୦୧


## ପ୍ରଥମ ପୃଷ୍ଠାରୁ...


ନବଘନ ସାହୁ


କମଳା ସାହୁ


ହରେକୃଷ୍ଣ ମଲ୍ଲିକ ଓ ରୁବିନା

### ଜ୍ୱାଇଁ ଉଜାଡ଼ିଦେଲେ ...

ଶ୍ୱଶୁର ନବଘନ ଏହାର ପ୍ରତିବାଦ କରିବାରୁ ତାଙ୍କ ଉପରେ ମଧ୍ୟ ପେଟ୍ରୋଲ ଢାଳି ନିଆଁ ଲଗାଇ ହରେକୃଷ୍ଣ ଫେରାର ହୋଇଯାଉଥିଲେ। ମାତ୍ର ଏହି ସମୟରେ ନବଘନ ଘର ଦୁଆରମୁହଁ ନିକଟରେ ତାଙ୍କୁ ଜାବୁଡ଼ି ଧରିବାରୁ ସେ ମଧ୍ୟ ପୋଡ଼ି ହୋଇଯାଇଥିଲେ ବୋଲି ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡିଛି। କାରଣ ଘର ଦୁଆରମୁହଁ ନିକଟରେ ଉଭୟ ଶ୍ୱଶୁର ଓ ଜ୍ୱାଇଁଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଛନ୍ଦାଛନ୍ଦି ହୋଇ ପଡିଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ପେଟ୍ରୋଲ ଜାରକିନ୍, ଏକ ନୂଆ ତାଲା ଓ ଜଞ୍ଜିର ଜବତ କରାଯାଇଛି। ଏଥିସହ ହରେକୃଷ୍ଣଙ୍କ ଚପଲ ଓ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପଛରେ ଆଉ କ'ଣ କାରଣ ଅଛି କିମ୍ବା ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି, ତାହାର ଉପଯୁକ୍ତ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାତ୍ୟା ପ୍ରଭାବିତ ଅଞ୍ଚଳ...

୪୯.୫୫ କୋଟି ,ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୫୫ କୋଟି ଏବଂ ପଞ୍ଚାୟତିରାଜ ବିଭାଗକୁ ୬୨୪.୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୃତାହତ ଗୃହପାଳିତ ପ୍ରାଣୀଙ୍କ କ୍ଷତିପୂରଣ ପାଇଁ ପ୍ରାଣୀ ସମ୍ପଦ ବିଭାଗକୁ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ ଭିତ୍ତିରେ ଉକ୍ତ ଖର୍ଚ୍ଚ ଅଟକଳକୁ ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ଗୃହ ନିର୍ମାଣ, ଲୁଗାପଟା, ବାସନକୁସନ ଏବଂ ଘରୋଇ ଆସବାବପତ୍ର, ଚାଷଜମିରୁ ବାଲି ଉଠାଣ, ଗୃହପାଳିତ ପ୍ରାଣୀମାନଙ୍କ ମୃତ୍ୟୁ, କ୍ଷତିଗ୍ରସ୍ତ ନୌକା ଏବଂ ଜାଲ ଆଦିର ପୁନରୁଦ୍ଧାର ବାବଦରେ ୨୧୮ .୫୦ କୋଟି ଟଙ୍କାର ଅଟକଳକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଶସ୍ୟହାନି ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି କରିଥିବା ଚାଷୀମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ସାମିଲ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ୟାନଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଓଡ଼ିଶା ଜୀବିକା ମିଶନରେ ସାମିଲ କରି କର୍ମ ନିଯୋଜନ ଓ ରୋଜଗାର ସୁବିଧା ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ପୂଜା ଛୁଟି ପରେ ଆବାସିକ ବିଦ୍ୟାଳୟଗୁଡିକରେ ଛାତ୍ରାବାସଗୁଡ଼ିକୁ ବିଦ୍ୟୁତ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ସରକାର ପ୍ରାଥମିକ ଆକଳନ କରି କେନ୍ଦ୍ର ସରକାରଙ୍କୁ ୨୭୭୦.୨୮ କୋଟି ଟଙ୍କାର ସହାୟତା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରୁ ୨୦୧୪.୦୯ କୋଟି ଟଙ୍କା ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ)ରୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅକ୍ଟୋବର ୧୮ ତାରିଖରେ ଚିଠି ଲେଖି ଅନୁରୋଧ କରିଛନ୍ତି । ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ଏବଂ ବାତ୍ୟା ଓ ବର୍ଷାରେ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଚିଠି ଜରିଆରେ କେନ୍ଦ୍ରକୁ ଅବଗତ କରାଇଛନ୍ତି।

### ମୁଣ୍ଡ ପୂରାଇଲେ ...

ତାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ସତ୍ତ୍ୱେ ତାଙ୍କୁ ଗିରଫ ନ କରିବାକୁ ପିଏମ୍‌ଓ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି। ଇତିମଧ୍ୟରେ ଲାଞ୍ଚ ମାମଲାରେ ବୟାନ ରେକର୍ଡ ବେଳେ ଜାଲିଆତି କରିଥିବା ଅଭିଯୋଗରେ ସିବିଆଇ ଡିଏସ୍‌ପି ଦେବେନ୍ଦର କୁମାରଙ୍କୁ ଗିରଫ କରିଛି। ସମ୍ପୂର୍ଣ୍ଣ ଘଟଣାକ୍ରମକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସିବିଆଇର ବିଶ୍ୱସନୀୟତାକୁ ନେଇ କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ହାଇଦ୍ରାବାଦର ମାଂସ ବ୍ୟବସାୟୀ ସତୀଶ ସାନାଙ୍କ ଅଭିଯୋଗ ଆଧାରରେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶଙ୍କ ନାଁରେ ଖୋଦ୍ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଏଫ୍‌ଆଇଆର୍ ହେବା ଘଟଣା ରବିବାର ସାମ୍ନାକୁ ଆସିଥିଲା। ମିଳିଥିବା ସୂଚନାନୁସାରେ ମାଂସ ବ୍ୟବସାୟୀ ମୋଇନ କୁରେଶୀ ଏକ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଥିଲେ। କୁରେଶୀଙ୍କୁ ଗତବର୍ଷ ଅଗଷ୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତାଙ୍କ ବିରୋଧରେ ଥିବା ମାମଲାର ତଦନ୍ତ ଭାର ଉଭୟ ସିବିଆଇ ଏବଂ ଇଡିକୁ ଦିଆଯାଇଛି। ୨୦୧୭ ଅଗଷ୍ଟରେ ରାକେଶଙ୍କ ଅଧ୍ୟକ୍ଷତାରେ ଗଠିତ ସିବିଆଇର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଉକ୍ତ ମାମଲାର ତଦନ୍ତ କରୁଛି। ରାକେଶ ତଦନ୍ତକୁ ପ୍ରଭାବିତ କରି ଏହି ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ୨ କୋଟି ଟଙ୍କା ଲାଞ୍ଚ ନେଇଥିଲେ। ଦୁବାଇରେ ରହୁଥିବା ମନୋଜ କୁମାର ନାମକ ଜଣେ ମଧ୍ୟସ୍ଥଙ୍କ ଜରିଆରେ ୨୦୧୭ ସେପ୍ଟେମ୍ବରରୁ ୧୦ ମାସ ମଧ୍ୟରେ ଲାଞ୍ଚ ଟଙ୍କା ରାକେଶଙ୍କୁ ଦିଆଯାଇଛି। କୁରେଶୀ, ସତୀଶ ଓ ମନୋଜ ଗିରଫ ହୋଇ ସିବିଆଇ ପଞ୍ଝାରେ ରହିଛନ୍ତି। ସେମାନେ ସିବିଆଇ ଅଧିକାରୀଙ୍କ ଆଗରେ ଏହା ସ୍ୱୀକାର କରିବା ସହ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏନେଇ ବୟାନ ରେକର୍ଡ କରାଇଥିଲେ। ସିବିଆଇ ଏହି ସମଗ୍ର ଘଟଣାକ୍ରମକୁ ନେଇ ଟେଲିଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ମେସେଜ୍, ମନି ଟ୍ରାଏଲ୍ ଏବଂ ଏକ ଷ୍ଟେଟ୍‌ମେଣ୍ଟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିଥିବା କୁହାଯାଉଛି। ସେମାନଙ୍କ ଅଭିଯୋଗ ଆଧାରରେ ରାକେଶଙ୍କ ବିରୋଧରେ ଅକ୍ଟୋବର ୧୫ରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାବାଦ୍ ଏଫ୍‌ଆଇଆର୍‌ରେ ରାକେଶଙ୍କ ସହ ଭାରତର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ସ (ର) ସ୍ୱତନ୍ତ୍ର ନିର୍ଦ୍ଦେଶକ ସାମନ୍ତ କୁମାର ଗୋଏଲଙ୍କ ନାମ ମଧ୍ୟ ରହିଛି। କିନ୍ତୁ ସାମନ୍ତଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ଏହି ଟଙ୍କା ନେଣଦେଣ ପ୍ରକ୍ରିୟାରେ ସାମନ୍ତ ସହାୟତା କରିଥିବା ନେଇ ମଧ୍ୟ ମନୋଜ ପ୍ରଘଟ କରିଥିଲେ। ଏହା ପୂର୍ବରୁ ରାକେଶ ସିବିଆଇ ମୁଖ୍ୟ ଆଲୋକଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ୧୦ଟି ଦୁର୍ନୀତି ଓ ଆର୍ଥିକ ଅନିୟମିତତା ମାମଲାର ତଦନ୍ତକୁ ପ୍ରଭାବିତ କରିବା ପାଇଁ ସିବିଆଇ ନିର୍ଦ୍ଦେଶକ ଭ୍ରଷ୍ଟାଚାରର ଆଶ୍ରୟ ନେଇଥିବା ନେଇ ରାକେଶ କ୍ୟାବିନେଟ ସେକ୍ରେଟାରୀ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କୁ ପତ୍ର ଲେଖି ଜଣାଇଥିଲେ। ସତୀଶ ସାନା ସମ୍ପୃକ୍ତ ଥିବା ଏକ ମାମଲା ହେଉଛି ତନ୍ମଧ୍ୟରୁ ଅନ୍ୟତମ। ଅପରପକ୍ଷେ ଆଲୋକ ଏହାକୁ ଖଣ୍ଡନ କରି ରାକେଶଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଏପରି କି ସେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡର୍‌ର ଆଇପିଏସ୍ ଅଧିକାରୀ ରାକେଶଙ୍କ ସିବିଆଇ ସ୍ପେଶାଲ ଡାଇରେକ୍ଟର ଭାବେ ପଦୋନ୍ନତି ବାତିଲ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏହି ସବୁ ଘଟଣା ସିବିଆଇର ଛବିକୁ ସାଧାରଣରେ ମଳିନ କରିବା ସହ ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥାରେ ଚାଲିଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଇଛି। ତେଣୁ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ମୋଦିଙ୍କୁ ଭେଟିବାର ଘଣ୍ଟାଏ ପରେ ଡିଏସ୍‌ପି ପାହ୍ୟାର ଅଧିକାରୀ ଦେବେନ୍ଦର କୁମାରଙ୍କୁ ଗିରଫ କରାଯାଇଛି। ଏଥିସହ ଅନ୍ୟ କେତେଜଣ ସିବିଆଇ ଅଧିକାରୀଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଶେଷ ଖବର ସୁଦ୍ଧା ଦିନ ତମାମର କସରତ ପରେ ମଧ୍ୟ ପିଏମ୍‌ଓ ଏହି ବିବାଦର ସମାଧାନ କରିପାରି ନାହିଁ।

### ଟ୍ରାଙ୍କୁଲାଇଜ୍ କରିବ ...

ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ମଧ୍ୟ ତୁରନ୍ତ ବାଘୁଣୀକୁ ସାତକୋଶିଆରୁ ବିଦା କରିବାକୁ ଦାବି କରିଛନ୍ତି। ସୁନ୍ଦରୀକୁ ନେଇ ରବିବାର ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତିରେ ସୋମବାର ସୁଧାର ଆସିଛି। ଟାଇଁସି ଗାଁ ଦିନ ତମାମ ଶାନ୍ତ ଥିବାବେଳେ ରାଜପଥ ଅବରୋଧ ହୋଇଥିବା ଜରପଡ଼ା ଥାନା ମୁଣ୍ଡାସାହି କଞ୍ଜରାଠାରେ ମଧ୍ୟ କୌଣସି ଉତ୍ତେଜନା ଦେଖାଯାଇ ନାହିଁ। ତଥାପି ଉଭୟ ସ୍ଥାନରେ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଥିବାରୁ ଜିଲା ପୋଲିସର ବରିଷ୍ଠ ଅଧିକାରୀ ଫୋର୍ସ ସହ ଜଗି ରହିଛନ୍ତି। ତେବେ ସୁନ୍ଦରୀ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନଙ୍କ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ବାଘୁଣୀକୁ ଅଭୟାରଣ୍ୟରୁ ବିଦା କରିବାକୁ ସରକାରଙ୍କୁ ଚିଠି କରାଯିବାକୁ ସ୍ଥିର କରାଯାଇଥିଲା। ଘଟଣା ସମ୍ପର୍କରେ ଜିଲାପାଳ ଅନିଲ କୁମାର ସାମଲ ବନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅବଗତ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ଦାୟିତ୍ୱରେ ଥିବା ପୋଲିସ ଆଇଜିଙ୍କୁ ମଧ୍ୟ ନଜର ରଖିବା ପାଇଁ କହିଛନ୍ତି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଲେ ବାଘୁଣୀକୁ ଧରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଜିଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମଣିଷ ଓ ଗୋରୁଙ୍କୁ ବାଘୁଣୀ ସୁନ୍ଦରୀ ଆକ୍ରମଣ ଘଟଣାକୁ ନେଇ ଜିଲାରେ ବାରମ୍ବାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜଣେ ଚାଷୀଙ୍କୁ ବାଘୁଣୀ ଆକ୍ରମଣ କରି ମାରିବା ଘଟଣାରେ ଗତ ୨୧ ତାରିଖରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ଉତ୍ୟକ୍ତ ଲୋକେ ପୋଲିସ ଭ୍ୟାନରେ ନିଆଁ ଲଗାଇଦେଇଥିଲେ। ଜିଲାରେ ଶାନ୍ତି ବଜାୟ ରଖିବା ସହ ବାଘ ବଂଶ ବୃଦ୍ଧି ଯୋଜନାର ସଫଳତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏପରି ହିଂସାକାଣ୍ଡ ଘଟୁଛି। ତେଣୁ ଆଗକୁ ଅଧିକ ବିଶୃଙ୍ଖଳା ପରିସ୍ଥିତି ଉପୁଜିବା ପୂର୍ବରୁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବାଘୁଣୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟ କେଉଁଠି ସ୍ଥାନାନ୍ତର କରିବାକୁ ଜିଲାପାଳ ଚିଠିରେ ଅନୁରୋଧ କରିଛନ୍ତି। ସେହିପରି ଏସିଏଫ୍ ଶୁଭେନ୍ଦୁ ବେହେରା କହିଛନ୍ତି, ବାଘୁଣୀକୁ କାବୁ କରିବାକୁ ଅନୁଗୋଳରେ ୩ଟି ଟିମ୍ ପହଞ୍ଚି ସାରିଛନ୍ତି। ଏଥିରେ ଭୁବନେଶ୍ୱର ଓୟୁଏଟିର ବିଶେଷଜ୍ଞ ଡା.ଚନ୍ଦ୍ରମଣି ନାଥ, ନନ୍ଦନକାନନର ଡାକ୍ତର ଶରତ କୁମାର ସାହୁ, ସହକାରୀ ଗନ୍‌ମ୍ୟାନ, ଶିମିଳିପାଳର ବିଶେଷଜ୍ଞ କେ. କାନବାଇ ଓ ପୀୟୂଷ ସୁରେନ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ରହିଛନ୍ତି। ସୋମବାର ଟାଇଁସି ନିକଟ କୁମୁରି ଅଞ୍ଚଳରେ ବାଘୁଣୀ ରହିଛି। ମଙ୍ଗଳବାର ଟ୍ରାଙ୍କୁଲାଇଜ କରାଯିବାର ବନ୍ଦୋବସ୍ତ କରାଯାଇଥିବା ଏସିଏଫ୍ କହିଛନ୍ତି। ଅନ୍ୟପକ୍ଷରେ ରବିବାରଠାରୁ ନିଖୋଜ ଥିବା ୪ ବନ କର୍ମଚାରୀଙ୍କ ମଧ୍ୟରୁ ୩ଜଣ ଫେରି ଆସିଥିବା ବେଳେ କୁମୁରୀ ବିଟ୍‌ର ଫରେଷ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ ଏଯାଏ ପତ୍ତା ମିଳୁ ନ ଥିବା ଜଣାପଡ଼ିଛି। ସେହିପରି ବାଘୁଣୀ ଆକ୍ରମଣର ଶିକାର ହୋଇଥିବା ତ୍ରିନାଥ ସାହୁଙ୍କ ମୃତଦେହ ମଧ୍ୟାହ୍ନରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ ତ୍ରିନାଥଙ୍କ ପୁଅ ସୁରେଶ ସାହୁ ଥାନାରେ ଏତଲା ଦେବା ପରେ ମାଜିଷ୍ଟ୍ରେଟ, ପରିବାର ସଦସ୍ୟ ଓ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର କଳ୍ପନା ଜେନା, ମାନସ ରଞ୍ଜନ ବିଶ୍ୱାଳ ବ୍ୟବଚ୍ଛେଦ କରିଥିଲେ। ପରେ ମୃତଦେହ ଓ ପରିବାର ଲୋକଙ୍କୁ ଏକ ଗାଡ଼ିରେ ଅନୁଗୋଳ ପୋଲିସ ପଞ୍ଚମହଲା ପର୍ଯ୍ୟନ୍ତ ଛାଡ଼ିବାକୁ ଯାଇଥିଲା। ମୃତ ତ୍ରିନାଥଙ୍କ ପୁଅ ସୁରେଶଙ୍କୁ ଏସିଏଫ୍ ବେହେରା ୪୦ ହଜାର ଟଙ୍କା ଓ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ପରେ ୪ ଲକ୍ଷ ଟଙ୍କାର ସରକାରୀ ସହାୟତା ସହିତ ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବ୍ୟବଚ୍ଛେଦ ବେଳେ ମୃତଦେହ ସାରା ବାଘୁଣୀର ପଞ୍ଝା ଓ ଦାନ୍ତର ଚିହ୍ନ ରହିଥିବା ବେଳେ ଦୁଇ ଜଙ୍ଘ ଓ ପିଚାରୁ ମାଂସ ଖାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଗୁରୁ ଦୃଷ୍ଟ ଚନ୍ଦ୍ର ପାରିବାରିକ ଖର୍ଚ୍ଚକୁ ବୃଦ୍ଧି କରିବା ସହ ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତା କରାଇବେ। ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ବନ୍ଧୁଙ୍କ ସାକ୍ଷାତ ଆଲୋଚନା, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ।

**ବୃଷ** – ଆକସ୍ମିକ କୌଣସି ଜିନିଷ କିମ୍ବା ଖବର ପାଇ ବିଶେଷ ଖୁସି ଅନୁଭବ କରିବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାର ଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ।

**ମିଥୁନ** – କର୍ମସ୍ଥାନରେ ଧନାଧିପତି ଅର୍ଥଲାଭ ସହ ବନ୍ଧୁମାନଙ୍କ ପ୍ରୀତିଭାଜନ କରାଇବ। ପରିବାର, ଯାନବାହନ, ଆଲୋଚନା, ଯାତ୍ରା, ବ୍ୟବସାୟ ଦିଗଟି ମଧ୍ୟ ବହୁତ ବଢ଼ିଆ । ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହୋଇଯିବ। ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ** – ଆଜି ଖର୍ଚ୍ଚାନ୍ତ ହେବେ ସିନା ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ସାମାଜିକ ସ୍ତରରେ ପରିସ୍ଥିତି ବଦଳି ଯିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** – ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରି କେତେକାଂଶରେ ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ,ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ବନ୍ଧୁମାନଙ୍କ ସାଧାରଣ କଥାରେ ଅଭିମାନ କରି ରାଗରେ ଜରଜର ହୋଇପାରନ୍ତି।

**କନ୍ୟା** – ଯାହା ପାଇବା ସକାଶେ ଆଶା କରୁଛନ୍ତି ତାହା ନିଶ୍ଚିତ ଭାବରେ ପାଇପାରିବେ। ତଥାପି ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

**ତୁଳା** – ବନ୍ଧୁମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ ।

**ବିଛା** – ଆଜିର ଗ୍ରହଯୋଗ ଉଚ୍ଚକୋଟୀର କିନ୍ତୁ ଠିକଣା ସମୟରେ ସୁଯୋଗ ନେଇ ପାରିଲେ ହିଁ ଉପକୃତ ହେବେ। ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଅନୁତାପ କରିବା ବ୍ୟତୀତ କିଛି ଲାଭହେବନି। କାରବାର ବୃଦ୍ଧି ଜନିତ ଆର୍ଥିକ ସ୍ୱଚ୍ଛଳତା ଫେରିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିପାରନ୍ତି। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାର ଯୋଗ ରହିଛି।

**ଧନୁ** – ବାସ୍ତବ କ୍ଷେତ୍ରରେ ନିଜ ମନର ଚିନ୍ତାଧାରାର ବିଷମତା ହିଁ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ତାହା ସାଙ୍ଗକୁ ପାରିବାରିକ କଳହ,ଟଙ୍କା ପଇସାର ନେଣଦେଣ, କଚେରି ମାମଲାର ଟେନ୍ସନ ପ୍ରଭୃତି ସମସ୍ୟା ମଧ୍ୟ ରହିପାରେ। ପ୍ରକାଶନ, ଏଜେନ୍ସିପ୍,ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି।

**ମକର** – ଭାଗ୍ୟର ଅନୁକୂଳତା ପ୍ରାପ୍ତ ହୋଇ କାର୍ଯ୍ୟସିଦ୍ଧି ସାଙ୍ଗକୁ ସମସ୍ୟା ଦୂରୀକରଣ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ସାମୟିକ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାହାର କରିବାରେ ସମର୍ଥ ହେବେ । ପ୍ରତୀକ୍ଷା କରିଥିବା ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି।

**କୁମ୍ଭ** – ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଭଲକଥାଗୁଡିକ ମଧ୍ୟ ପ୍ରିୟଜନଙ୍କୁ ଖଟା ଲାଗିପାରେ। ତଥାପି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ଓ ପାରିବେ ମଧ୍ୟ। ସାହିତ୍ୟ, ସାମ୍ବାଦିତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବିତର୍କଜନିତ ବନ୍ଧୁମାନଙ୍କ ସହ କଥା କଟାକଟି କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ହେବ ନାହିଁ ।

**ମୀନ** – ଆଜିର ଭଲ ଚିନ୍ତା ଆପଣଙ୍କ ଆଚାର ବ୍ୟବହାର ଓ କାର୍ଯ୍ୟଶୈଳୀକୁ ନିୟନ୍ତ୍ରିତ କରିବ। ପରିଣାମସ୍ୱରୂପ ପରିବାରରୁ ଶ୍ରଦ୍ଧା, ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲିତ ହୋଇପାରନ୍ତି। ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ।

ଆଜି ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର, ଅକ୍ଟୋବର ୨୩ ତାରିଖ, ରାଶି ନକ୍ଷତ୍ର–ଦିବା ଘ୯ ।୧୯ମି. ଗତେ, ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ସକାଳ ଘ୮ ।୪୫ମି. ଗତେ, ଘ୧୦ ।୨୦ମି. ମଧ୍ୟେ, ଘ୧୧ ।୫୫ମି. ଗତେ ଘ୧ ।୩୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦ ।୨୦ମି. ଗତେ ଘ୧୧ ।୫୩ମି. ମଧ୍ୟେ, ଘ୨ ।୫୫ମି. ଗତେ ଘ୪ ।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୨ ।୨୨ମି. ଗତେ ଘ୩ ।୪୮ମି. ମଧ୍ୟେ ରାହୁକାଳ।



ଦମ୍ପତିଙ୍କ ମଧ୍ୟରେ ଯାଆଁଳା ସନ୍ତାନଙ୍କ ପ୍ରତି ଆଗ୍ରହ ବଢୁଛି। ଓ୍ୱାଇଭିଏଫ୍ ଜ୍ଞାନକୌଶଳ ଯୋଗୁ ଏଥିପ୍ରତି ଦମ୍ପତି ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତି ୧୦ ଜଣରେ ୮ ଜଣ ଦମ୍ପତି ଏଥିପ୍ରତି ଇଚ୍ଛା ପ୍ରକାଶ କରୁଥିବା ଇନ୍ଦିରା ଓ୍ୱାଇଭିଏଫ୍ ହସ୍ପିଟାଲ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ବ୍ୟାଙ୍କିଙ୍ଗ୍ ଚାକିରି କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏନେଇ କ୍ରେଜ୍ ସୃଷ୍ଟି ହୋଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି।






## ବାଘୁଣୀ ସୁନ୍ଦରୀକୁ ନେଇ ରାଜ୍ୟ ସରକାରଙ୍କୁ ନିରଞ୍ଜନଙ୍କ ଟାର୍ଗେଟ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ):** ବାଘୁଣୀ ସୁନ୍ଦରୀ ବାରମ୍ବାର ସାତକୋଶିଆ ନିକଟସ୍ଥ ଗାଁର ଲୋକଙ୍କୁ ଏବଂ ପଶୁଙ୍କୁ ଆକ୍ରମଣ କରି ମାରିବା ଦ୍ୱାରା ଜନଆନ୍ଦୋଳନ ଉଗ୍ରରୂପ ନେଇଛି। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କଡା ସମାଲୋଚନା କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ, ସାତକୋଶିଆରେ ବାନ୍ଧବଗଡରୁ ଆସିଥିବା ବାଘୁଣୀ ଜଣେ ମହିଳାଙ୍କୁ ମାରିବାପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ମାତ୍ର ରାଜ୍ୟ ସରକାର ବାଘୁଣୀର ଗତିବିଧି ଉପରେ ନଜର ରଖୁଛନ୍ତି କହି ଲୋକମାନଙ୍କୁ ଆଶ୍ୱାସନା ଦେଲେ। ହେଲେ ସେହି ବାଘୁଣୀ ପୁଣି ଜଣେ ଲୋକକୁ ମାରିଦେଇଛି। ରାଜ୍ୟ ସରକାର ଜାଣିଶୁଣି ନିରୀହ ଲୋକମାନଙ୍କ ଜୀବନ ନେଉଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି। ବାଘୁଣୀକୁ ତୁରନ୍ତ ଧରି ସ୍ଥାନାନ୍ତର କରିବାକୁ ନିରଞ୍ଜନ ଦାବି କରିଛନ୍ତି।

### ■ କୋଣାର୍କ, ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ଆଜି ଗୃହ କମିଟି ଆଗରେ ହାଜର ହେବେ ଅଭିଜିତ ଆୟର

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

କୋଣାର୍କ ଓ ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାନସଭା ଗୃହ କମିଟି ନିକଟରେ ହାଜର ହେବେ। ଯଦି ସେ ଅନୁରୋଧ କରିବେ ତେବେ ତାଙ୍କୁ ସମ୍ପୂର୍ଣ୍ଣ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଭୁବନେଶ୍ୱର କଟକ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ଅଭିଜିତ ନିଜର ଗସ୍ତ ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କମିଶନର କହିଛନ୍ତି । ନିର୍ଦ୍ଦେଶ ମୁତାବକ କମିଶନରେଟ ପୋଲିସ ଅଭିଜିତଙ୍କୁ ଗୃହ କମିଟି ନିକଟରେ ହାଜର କରିବ। ରାଜ୍ୟର ଧର୍ମ, ସଂସ୍କୃତି, କୋଣାର୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆୟର ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ଓଡ଼ିଶା ପୋଲିସ ପାଇଁ ସେ ମୋଷ୍ଟ ଓ୍ୱାଣ୍ଟେଡ ପାଲଟିଛନ୍ତି। ଆୟରଙ୍କ ଆଗମନ ନେଇ ସୂଚନାକୁ ଗୁପ୍ତ ରଖାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

ଅକ୍ଟୋବର ୧୭ ତାରିଖରେ ଆୟର ନିଜର ଭୁଲ ପାଇଁ ପୁଣିଥରେ ଇ-ମେଲ ଜରିଆରେ କ୍ଷମା ମାଗିଛନ୍ତି। ଏ ନେଇ ସେ ବିଧାନସଭା ଗୃହ କମିଟି ନିକଟକୁ ମଧ୍ୟ ଜଣାଇଛନ୍ତି। ଏଥିସହିତ ବ୍ୟକ୍ତିଗତ ଭାବେ ବିଧାନସଭା ଗୃହ କମିଟି ସମ୍ମୁଖରେ ଅକ୍ଟୋବର ୨୩ ତାରିଖରେ ହାଜର ହେବେ ବୋଲି ସେ ଏକ ଖବର ସରବରାହ ସଂସ୍ଥାକୁ ସୂଚନା ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ଅକ୍ଟୋବର ୧୧ ତାରିଖରେ ଇ-ମେଲ ଯୋଗେ ମିତ୍ର ନିଜର କ୍ଷମାପତ୍ର ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅରୁଚିକର ମନ୍ତବ୍ୟ ଦେଇଥିବା ଆୟରଙ୍କୁ ହାଜର ହେବାକୁ ବିଧାନସଭା ଗୃହ କମିଟି ସେପ୍ଟେମ୍ବର ୨୮ ତାରିଖରେ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧୧ ତାରିଖ ପୂର୍ବାହ୍ନ ୧୧ଟା ବେଳେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ କୁହାଯାଇଥିଲା। ବାତ୍ୟା ତିତ୍‌ଲି ଯୋଗୁ ସେ ଆସି ନ ଥିଲେ। ଦଳଗତ ନିର୍ବିଶେଷରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧ୍ୟାନ କରୁଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂହଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।

ଡୁଙ୍ଗୁରିପାଲି-ଖଲିଆପାଲି ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ତା. ୨୪.୧୦.୨୦୧୮ ରିଖରେ ନିମ୍ନ ଅନୁଯାୟୀ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ

ଟ୍ରେନ୍ ସେବା ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଛାଡିବା ତାରିଖ |
|---|---|---|---|
| 58301 | ସମ୍ବଲପୁର-କୋରାପୁଟ ପାସେଞ୍ଜର | ସମ୍ବଲପୁର | 24.10.2018 |
| 58303 | ସମ୍ବଲପୁର-ଜୁନାଗଡ ରୋଡ଼ ପାସେଞ୍ଜର | | |
| 58302 | କୋରାପୁଟ-ସମ୍ବଲପୁର ପାସେଞ୍ଜର | କୋରାପୁଟ | |
| 58304 | ଜୁନାଗଡ ରୋଡ଼-ସମ୍ବଲପୁର ପାସେଞ୍ଜର | ଜୁନାଗଡ ରୋଡ଼ | |

ତା. 24.10.2018 ରିଖରେ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58214 | ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ବିଳାସପୁର | ଟିଟିଲାଗଡ଼-ସମ୍ବଲପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58213 | ଟିଟିଲାଗଡ଼-ବିଳାସପୁର ପାସେଞ୍ଜର | ସମ୍ବଲପୁର | |
| 12893 | ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ | ଭୁବନେଶ୍ୱର | ସମ୍ବଲପୁର-ବଲାଙ୍ଗୀର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 12894 | ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ୍ | ସମ୍ବଲପୁର | |



ପୂର୍ବ ତଟ ରେଳପଥ

PR-366/J/18-19

## ଭାରତୀୟ ସେନ୍‌ସର ବୋର୍ଡ ଉପଦେଷ୍ଟା କମିଟି ସଦସ୍ୟ ହେଲେ ଶ୍ରୀକାନ୍ତ ପାଢ଼ୀ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)



ଓଡ଼ିଶା ଜନ୍ମିତ ଯୁବ ସାମାଜିକ କର୍ମୀ ତଥା ବମ୍ବେ ହାଇକୋର୍ଟରେ ଭାରତ ସରକାରଙ୍କ ଓକିଲ ଭାବେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ପାଢ଼ୀଙ୍କୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ଭାରତୀୟ ସେନ୍‌ସର ବୋର୍ଡ)ରେ ଏକ ମର୍ଯ୍ୟାଦାଜନକ ପଦବୀରେ ନିଯୁକ୍ତ କରାଯାଇଛି। ପାଢ଼ୀ ଆଗାମୀ ଦୁଇବର୍ଷ ପାଇଁ ବୋର୍ଡର ଉପଦେଷ୍ଟା କମିଟି ସଦସ୍ୟ ରହିବାକୁ ମନୋନୀତ ହୋଇଛନ୍ତି।

ଓଡ଼ିଶା ସହ ମହାରାଷ୍ଟ୍ର, ଗୁଜରାଟ ଓ କର୍ନାଟକର ବିଭିନ୍ନ ଅଞ୍ଚଳରେ ନିଜର ସାମାଜିକ କାମ ପାଇଁ ପରିଚିତ ଥିବା ପାଢ଼ୀ ଗଞ୍ଜାମ ଜିଲା ପୋଡ଼ିଙ୍ଗିଠାରେ ଜନ୍ମଗ୍ରହଣ କରିଥିଲେ। ବିଜେବି କଲେଜରୁ ଶିକ୍ଷାଗ୍ରହଣ କରିବା ପରେ ସୁରତରୁ ଆଇନରେ ସ୍ନାତକ ଏବଂ ପରେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କ ପ୍ରଚେଷ୍ଟାରେ ମୁମ୍ବାଇରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ଦୁଇଟି ରାସ୍ତାର ନାମକରଣ ସମ୍ଭବ ହୋଇପାରିଥିଲା।

# ଏସ୍‌ସିବିର ୫ ବିଭାଗରେ ଖୋଲିବ ଡେଷ୍ଟିଟ୍ୟୁଟ୍ ୱାର୍ଡ

### ■ ଅସହାୟଙ୍କ ମୃତ୍ୟୁ ପରେ ତନାଘନା

କଟକ ଅଫିସ, ୨୨।୧୦

ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ସାମ୍ନାରେ ଚିକିତ୍ସା ନ ପାଇ ଜଣେ ଅସହାୟ(ଡେଷ୍ଟିଟ୍ୟୁଟ) ରୋଗୀଙ୍କ ରବିବାର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାପରେ ପରିସ୍ଥିତିର ମୁକାବିଲା ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ଏହି ଅନୁଯାୟୀ ମେଡିକାଲର ୫ଟି ବିଭାଗ ଯଥା ଅସ୍ଥିଶଲ୍ୟ, ମେଡିସିନ, ଶିଶୁ ରୋଗ, ପ୍ରସୂତି ଓ ଶଲ୍ୟ ବିଭାଗରେ ଅସହାୟ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ। ଉପରୋକ୍ତ ବିଭାଗଗୁଡ଼ିକର ବିଭାଗୀୟ ମୁଖ୍ୟମାନଙ୍କୁ ସୋମବାର ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା ଚିଠି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହି ୱାର୍ଡ କାର୍ଯ୍ୟକ୍ଷମ ହେବ ବୋଲି ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନାଥାଉକି, କେବଳ ଏହି ଗୋଟିଏ ଘଟଣା ନୁହେଁ ଏସ୍‌ସିବିରେ ଅସହାୟ ରୋଗୀଙ୍କୁ ନେଇ ବହୁ ଘଟଣା ଘଟିଛି। ନିକଟରେ ଓଡ଼ିଶା ମାନବାଧିକାର କମିଶନଙ୍କ ଅଧ୍ୟକ୍ଷ ନିଜେ ମେଡିକାଲ ଆସି ଅସହାୟ ରୋଗୀମାନଙ୍କ ଦୁର୍ଦ୍ଦଶା ଆଖିରେ ଦେଖିଥିଲେ। ଏହା ପରେ ତୁରନ୍ତ ଅସହାୟମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କମିଶନଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ପୁନର୍ବାର ଏଭଳି ଘଟଣା ଘଟିଥିବା ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ କହିଛନ୍ତି।

## ପୁରୀ ହିଂସା ଘଟଣା, ପୁଣି ୬ କୋର୍ଟ ଚାଲାଣ

ପୁରୀ ଅଫିସ, ୨୨।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ହିଂସାରେ ଗିରଫଦାରି ସଂଖ୍ୟା ୯୨ରେ ପହଞ୍ଚିଛି। ପୂର୍ବରୁ ପୋଲିସ ୮୬ ଜଣଙ୍କୁ ଗିରଫ କରିଥିବା ବେଳେ ସୋମବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଥାନା ପୋଲିସ କେସ୍ ନଂ.୮୫/୧୮ରେ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋକନାଥ ରୋଡରେ ରହୁଥିବା ପଶ୍ଚିମବଙ୍ଗ ପୁରୁଲିଆ ଜିଲା ରଙ୍ଗମିତା ଅଞ୍ଚଳର ମିହିର ମହାନ୍ତ, ଦାଣ୍ଡିମାଳ ସାହିର କାଳନ୍ଦୀ ଚରଣ ପଣ୍ଡା, ଖଜାପଟି ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲା ବାଣପୁରର ସନ୍ତୋଷ କୁମାର ପଟ୍ଟନାୟକ, ମାର୍କଣ୍ଡେଶ୍ୱର ସାହିର କୈବଲ୍ୟ ସାହୁ, ମଣିକର୍ଣ୍ଣିକା ସାହିର ସତ୍ୟନାରାୟଣ ଗୁରୁ ଓ ବାସେଳି ସାହିର ନାରାୟଣ ବେହେରା।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା।

## ପ୍ରଭାବିତ ଜିଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ସୋମବାର ବିଭାଗର ଅଧିକାରୀମାନଙ୍କୁ ନେଇ ସଚିବାଳୟରେ ସମୀକ୍ଷା କରିଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରେ ୧୫୪ ସ୍ୱାସ୍ଥ୍ୟ ଅନୁଷ୍ଠାନ ନଷ୍ଟ ହୋଇଛି। ବାହାର ଜିଲାରୁ ୫୪ ଡାକ୍ତରଙ୍କୁ ଆଣି ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୯,୦୧୫ଜଣଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯାଇଛି। ନିରାପଦ ପ୍ରସବ ଲାଗି ୨୭୨ ଗର୍ଭବତୀ ମହିଳାଙ୍କୁ ମା'ଗୃହ ଓ ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ୮୬ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ କାର୍ଯ୍ୟ କରୁଥିବାବେଳେ ଏଗୁଡିକୁ ୧୯୩ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର (ଏମ୍‌ଆର୍‌ସି)ରେ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକଙ୍କୁ ତତ୍କାଳ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ନେଇ ସମୀକ୍ଷାରୁ ଜଣାପଡିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଜେନା କହିଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ଏମ୍.ଡି. ଅର୍ଚ୍ଚନା ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଡା ବି.କେ.ବ୍ରହ୍ମା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା ହରପ୍ରସାଦ ପଟ୍ଟନାୟକ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ସ୍ୱପ୍ନେଶ୍ୱର ଗଡନାୟକଙ୍କ ସହିତ ଓ ଡା ମିର୍ଜା ନଇମ୍ ବେଗ୍ ଏବଂ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
Quiz No.9
Puja Quiz- 2018

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ବାୟୁମଣ୍ଡଳର ଚାପ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
କ. ଆନିମୋମିଟର ☐ ଖ. ଲାକ୍‌ଟୋମିଟର ☐ ଗ. ବାରୋମିଟର ☐ ଘ. କେଉଁଟି ନୁହେଁ ☐

୨. ପୃଥିବୀର ଶୁଷ୍କତମ ମରୁଭୂମିର ନାମ କ'ଣ ?
କ. ଗୋବି ☐ ଖ. ସାହାରା ☐ ଗ. ଆଟାକାମା ☐ ଘ. କେଉଁଟି ନୁହେଁ ☐

୩. ଭାରତୀୟ ନୌ-ସେନାର ପ୍ରଥମ ମହିଳା ପାଇଲଟ୍ କିଏ ?
କ. ରୂପା ଏ. ☐ ଖ. ଆସ୍ଥା ସେଗଲ ☐ ଗ. ଶୁଭାଙ୍ଗୀ ସ୍ୱରୂପ ☐ ଘ. କେଉଁଟି ନୁହେଁ ☐

୪. ନିମ୍ନଲିଖିତ ମଧ୍ୟରୁ କିଏ ମିସ୍ ଓ୍ୱାର୍ଲଡ ଉପାଧି ପାଇନଥିଲେ ?
କ. ଡାଏନା ହେଡେନ ☐ ଖ. ଯୁକ୍ତା ମୁଖୀ ☐ ଗ. ସୁସ୍ମିତା ସେନ୍ ☐ ଘ. କେଉଁଟି ନୁହେଁ ☐

୫. ଫିଫା ବିଶ୍ୱକପ୍ ୨୦୧୮ ପାଇଁ ନିମ୍ନଲିଖିତ କେଉଁ ଦେଶ ଯୋଗ୍ୟତା ଅର୍ଜନ କରିପାରିନଥିଲା ?
କ. ଇରାନ୍ ☐ ଖ. ମେକ୍ସିକୋ ☐ ଗ. ଇଟାଲି ☐ ଘ. କେଉଁଟି ନୁହେଁ ☐

Participant's Name:..........
Address:..........
..........
Education ..........
Mobile..........Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 9
B-15, Industrial Estate, Rasulgarh, Bhubaneswar-10

TVS Apache RTR 160 4V
India's Most Powerful 160cc Motorcycle








# ଅହମିକାର ଲଢ଼େଇ

ଭାରତରେ ନିରପେକ୍ଷ ତଦନ୍ତ ପ୍ରସଙ୍ଗ ଉଠିଲେ ଲୋକେ ଟିକେ କଥାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନାମ ଉଠାଇଥାଆନ୍ତି। ଏହାର ଅର୍ଥ ହେଲା ସିବିଆଇ ଏକ ଭରସାଯୋଗ୍ୟ ସଂସ୍ଥା ବୋଲି ଧରାଯାଇଥାଏ। କିନ୍ତୁ ବିଗତ କିଛିବର୍ଷ ହେବ ଏହାର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିବା ପରେ ଅନେକାଂଶରେ ଅସନ୍ତୋଷ ପ୍ରକାଶ ପାଇଛି। ଯେତେବେଳେ ଯେଉଁ ସରକାର କ୍ଷମତାକୁ ଆସିଥାଆନ୍ତି, ସେତେବେଳେ ଏହା ଉପରେ ରାଜନୈତିକ ଚାପ ପଡ଼େ ବୋଲି ବିରୋଧୀ ଅଭିଯୋଗ କରନ୍ତି। କେତେକ କ୍ଷେତ୍ରରେ ଏହା ଅନୁଭବ କରିବା ପରେ ୨୦୧୩ରେ ସୁପ୍ରିମକୋର୍ଟ ଏହି ତଦନ୍ତକାରୀ ସଂସ୍ଥାକୁ ଉପଲକ୍ଷ୍ୟ କରି ମନ୍ତବ୍ୟ ଦେଇଥିଲେ, 'ସିବିଆଇ ହେଉଛି ଏକ ପୋଷା ଶୁଆ, ଯିଏ କି ତା'ର ମୁନିବର କଥା କହିଥାଏ'। ଏବେ ସିବିଆଇ ଆଭ୍ୟନ୍ତରୀଣ କନ୍ଦଳ ପାଇଁ ଅଧିକ ବିବାଦୀୟ ହୋଇପଡ଼ିଛି। ଏହି ତଦନ୍ତକାରୀ ସଂସ୍ଥାର ୨ ନମ୍ବର କୁହାଯାଉଥିବା ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାମରେ ଖୋଦ୍ ସିବିଆଇ ଦାଏର କରିଛି ଲାଞ୍ଚ ମାମଲା। ମାଂସ ବ୍ୟବସାୟୀ ମୋଇନ୍ କୁରେଶୀ ଜଡ଼ିତ ଥିବା ଏକ ମାମଲାକୁ ରଫାଦଫା କରିବା ସକାଶେ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ତାଙ୍କ ବିରୋଧରେ ଆସିଛି। ସେ ଏହାକୁ ଖଣ୍ଡନ କରି କହିଛନ୍ତି ଯେ, ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ପ୍ରରୋଚନାରେ ଏସବୁ କରାଯାଇଛି। ଏଥିସହିତ ରାକେଶ କ୍ୟାବିନେଟ୍ ସେକ୍ରେଟାରୀ ଏବଂ ମୁଖ୍ୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିକଟକୁ ଚିଠି ଲେଖି ଆଲୋକଙ୍କ ବିରୋଧରେ ଥିବା ଦୁର୍ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ତେବେ ଅକ୍ଟୋବର ୨୨ରେ ସିବିଆଇ ଏହାର ଡିଏସ୍‌ପି ଥିବା ଦେବେନ୍ଦର କୁମାରଙ୍କୁ ଗିରଫ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଲାଣି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିବିଆଇର ଦୁଇ ବରିଷ୍ଠ ଅଧିକାରୀଙ୍କୁ ସମନ କରିଛନ୍ତି।

ଦେଖିବାକୁ ଗଲେ ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ଅଧିକାରୀଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ସଂସ୍ଥାକୁ ସାଧାରଣରେ ନିନ୍ଦିତ କରୁଛି। ଦୁର୍ନୀତିରେ କିଏ କେତେ ସମ୍ପୃକ୍ତ ଅଛନ୍ତି, ଏହାର ପ୍ରମାଣ ଯୋଗାଡ଼ ଲାଗି ଦୁଇ ଗୋଷ୍ଠୀ ସହ ସମ୍ପର୍କରେ ଥିବା ଅନ୍ୟାନ୍ୟ ଅଧିକାରୀମାନେ କିଭଳି ଲାଗିପଡ଼ିଛନ୍ତି, ସେ ବିଷୟ ଜାଣିବା ଲାଗି ଅନେକଙ୍କ ଆଗ୍ରହ ରହିବା ସ୍ୱାଭାବିକ। ଅନ୍ୟପକ୍ଷରେ ଭିତର ମହଲରେ ହେଉଥିବା ଆଲୋଚନା ଭିନ୍ନ ଏକ ଦିଗକୁ ସୂଚିତ କରୁଛି। କୁହାଯାଉଛି ଯେ, ରାକେଶ ଓ ଆଲୋକ ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଥିବା ପ୍ରଭାବଶାଳୀ ଦୁଇ ଶୀର୍ଷ ଅଧିକାରୀ ଗୋଷ୍ଠୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏଥିରେ କାହା ଲବି ଅଧିକ ପ୍ରଭାବଶାଳୀ ତାକୁ ନେଇ ଚାଲିଛି ଅହମିକାର ଲଢ଼େଇ। ସିବିଆଇରେ ଯେଉଁ ଅଭିଯୋଗ ଓ ପ୍ରତିଅଭିଯୋଗ ପାଲା ଚାଲିଛି, ସେଥିରେ ପିଏମ୍‌ଓ ଅଧିକାରୀଙ୍କ ହସ୍ତକ୍ଷେପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଅର୍ଥାତ୍ ସିବିଆଇକୁ ପିଏମ୍‌ଓର କେଉଁ ଗୋଷ୍ଠୀ ନିୟନ୍ତ୍ରଣ କରୁଛି, ତାହା ସୁନିଶ୍ଚିତ କରାଯିବା ଦିଗରେ ଏଭଳି ପ୍ରୟାସ ଚାଲିଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

ସିବିଆଇ ଏକ ସ୍ୱାଧୀନ ସଂସ୍ଥା ହୋଇଥିବାରୁ ବିଭିନ୍ନ ମାମଲାର ତଦନ୍ତ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରାଯିବା ନିତାନ୍ତ ଜରୁରୀ। ଯେତେବେଳେ ପିଏମ୍‌ଓର ଶୀର୍ଷ ଅଧିକାରୀମାନେ ଛୋଟ ଛୋଟ କଥାରେ ସିଧାସଳଖ ସମ୍ପୃକ୍ତ ହେଉଛନ୍ତି, ସେତେବେଳେ ପ୍ରତ୍ୟେକ ଅନୁଷ୍ଠାନ କ୍ଷତିଗ୍ରସ୍ତ ହେଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ସିଭିସି, ସିବିଆଇ ଭଳି ସ୍ୱୟଂଚାଳିତ ସଂସ୍ଥା କେତେକ କ୍ଷେତ୍ରରେ ସରକାରଙ୍କ ହାତବାରିସି ସାଜିଥିବା ଅଭିଯୋଗ ହୋଇଆସୁଛି। ଗଣତନ୍ତ୍ରରେ ସ୍ୱାଧୀନ ଅନୁଷ୍ଠାନଗୁଡ଼ିକ ସ୍ୱାତନ୍ତ୍ର୍ୟ ବଜାୟ ରଖିଲେ ଦେଶବାସୀଙ୍କ ମଙ୍ଗଳରେ ସହାୟକ ହୋଇପାରନ୍ତା। ହେଲେ ଏବେ ସିବିଆଇ ଅଧିକାରୀଙ୍କ ଦୁର୍ନୀତି ନେଇ ବଡ଼ ଧରଣର ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଏଠି ଦୁର୍ନୀତି ପ୍ରକୃତ ପ୍ରସଙ୍ଗ ନୁହେଁ, ଶତ୍ରୁ ଶିବିର ଉପରେ ଦୋଷାରୋପ କରି କର୍ତ୍ତୃତ୍ୱ ଜାହିର କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।



ଜିଲା ଡାଏରୀ

## ବଲାଙ୍ଗୀର

# ରେଳ ପ୍ରକଳ୍ପର କଚ୍ଛପ ଗତି

ରାଜ୍ୟର ପଶ୍ଚିମ ଭାଗକୁ ସିଧାସଳଖ ଉପକୂଳ ଅଞ୍ଚଳ ସହିତ ରେଳ ସଂଯୋଗ ପାଇଁ ୧୯୮୫ ମସିହାରେ ବଲାଙ୍ଗୀର–ଖୋର୍ଦ୍ଧା ରେଳ ପ୍ରକଳ୍ପ ଲାଗି ସର୍ଭେ କରାଯାଇଥିଲା। କେନ୍ଦ୍ର ସରକାର ପ୍ରତିବର୍ଷ ଅତି ଅଳ୍ପ ଅନୁଦାନ ଦେଉଥିବାରୁ ପ୍ରକଳ୍ପର ଆନୁଷଙ୍ଗିକ କାର୍ଯ୍ୟ ୧୯୯୫ରେ ଯାଇ ଆରମ୍ଭ ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ୨୦୧୫ରେ ଏକ ବୁଝାମଣାପତ୍ର ମାଧ୍ୟମରେ ଘୋଷଣା କରିଥିଲେ ଯେ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ସବୁପ୍ରକାର ସହଯୋଗ ଦେବେ ଓ ୨ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା। ୨୦୨୧ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇ ରାଜ୍ୟ ସରକାର ୨/୩ ବର୍ଷ ମଧ୍ୟରେ ଜମି ଅଧିଗ୍ରହଣ କରି ରେଳ ବିଭାଗକୁ ହସ୍ତାନ୍ତର କରିବାକୁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ବଲାଙ୍ଗୀର ଜିଲାରେ ଜମି ଅଧିଗ୍ରହଣ କାମ ପ୍ରାୟ ସମାପ୍ତ ହୋଇଥିଲେ ମଧ୍ୟ ବୌଦ୍ଧ ଓ ସୋନପୁର ଜିଲାରେ କାମ ଆଗେଇପାରି ନ ଥିବାରୁ ପ୍ରକଳ୍ପରେ ବିଳମ୍ବ ହେଉଛି। ଇତିମଧ୍ୟରେ ରାଜ୍ୟ ସରକାର ୮୬୦ ହେକ୍ଟର ଜମି ପ୍ରକଳ୍ପ ପାଇଁ ମାଗଣାରେ ଦେବା ସାଙ୍ଗକୁ କେନ୍ଦ୍ର ସରକାର ମଧ୍ୟ ଚଳିତବର୍ଷ ୭୦୦ କୋଟି ଟଙ୍କା ଏହି ପ୍ରକଳ୍ପ ପାଇଁ ବ୍ୟୟ ମଞ୍ଜୁରୀ କରିଛନ୍ତି। ତେଣୁ ବର୍ତ୍ତମାନ ରାଜ୍ୟ ସରକାର ଅବଶିଷ୍ଟ ଜମି ଅତିଶୀଘ୍ର ଅଧିଗ୍ରହଣ କରି ରେଲୱେକୁ ହସ୍ତାନ୍ତର କଲେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରିବ।

–ସୁବାସ ଚନ୍ଦ୍ର ପଣ୍ଡା

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 8 | 9 | 7 | B | | | | | | | | | | 0 |
| 0 | | 7 | | | | 1 | | | 8 | | | | B | |
| | | | 1 | | | | B | 9 | | | | 2 | C | |
| 4 | | D | 6 | | | | | | | C | 5 | E | 3 | A |
| | C | A | 3 | E | | | | 8 | | 1 | | | | |
| A | | | | | | | | C | 5 | | | B | | 2 |
| | | | | 3 | | 7 | | | D | 4 | A | | | |
| | | C | 4 | | | | 3 | | | | 6 | | | D |
| 8 | | 0 | | | | | 6 | A | 7 | | | | | |
| 7 | 3 | | E | | | 8 | | | 0 | | 2 | 6 | | 9 |
| | | 3 | C | | | | 2 | | | 6 | | 7 | | 4 |
| | | 8 | 2 | | | | | | A | | | 5 | | |
| D | 4 | | 9 | | | | | | | | | | E | |
| | A | B | | | | | 0 | 6 | | D | | | | |
| C | | 6 | 8 | | | | | B | 4 | 0 | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | 2 | 7 | D | 5 | E | 8 | C | 1 | 0 | A | 4 | 9 | B |
| 0 | 1 | D | 9 | 4 | B | 6 | 3 | A | E | 8 | 5 | 2 | C | 7 |
| 8 | A | 9 | 6 | E | 2 | B | 0 | 5 | C | 7 | 4 | 1 | 3 | D |
| 4 | C | 7 | 0 | A | 8 | 2 | 1 | D | B | 9 | 3 | E | 5 | 6 |
| E | 5 | B | 3 | 1 | C | 9 | 7 | 4 | D | 6 | 2 | A | 0 | 8 |
| 5 | E | 0 | D | C | 6 | 8 | 4 | 1 | 7 | 3 | 9 | B | 2 | A |
| 6 | 4 | 8 | E | 3 | 9 | A | D | 2 | 5 | B | 0 | C | 7 | 1 |
| C | 7 | A | 5 | 8 | 4 | 3 | 9 | B | 2 | 1 | 6 | D | E | 0 |
| B | 2 | 1 | A | 0 | 7 | 5 | C | 6 | 4 | E | D | 9 | 8 | 3 |
| 9 | D | 3 | B | 2 | 1 | 7 | E | 0 | 8 | A | C | 6 | 4 | 5 |
| 2 | 3 | 6 | 1 | 9 | 0 | C | 5 | 8 | A | 4 | B | 7 | D | E |
| 1 | 0 | C | 8 | B | E | D | 2 | 9 | 6 | 5 | 7 | 3 | A | 4 |
| A | 9 | E | C | 5 | 3 | 4 | B | 7 | 0 | D | 1 | 8 | 6 | 2 |
| 7 | 8 | 5 | 4 | 6 | D | 1 | A | 3 | 9 | 2 | E | 0 | B | C |
| D | B | 4 | 2 | 7 | A | 0 | 6 | E | 3 | C | 8 | 5 | 1 | 9 |

ଗତକାଲିର ଉତ୍ତର

# ଦାୟିତ୍ୱବୋଧର ବିସର୍ଜନ



ସହଦେବ ସାହୁ

ନିର୍ବାଚନ କ'ଣ ଦାୟିତ୍ୱବୋଧ ଜଳାଞ୍ଜଳି ପର୍ବ? ଦଳ ଲୁଟ୍ କରୁଥିବାବେଳେ ଦଳର ସଭ୍ୟ ହିସାବରେ ବ୍ୟକ୍ତିର ଦାୟିତ୍ୱ ବଢ଼ିଯିବା କଥା। କିନ୍ତୁ ଦଳ ତିଷ୍ଠିଲେ ସେମାନେ ଲାଭାନ୍ୱିତ ହେବେ ଭାବି ଦଳର ଲୋକେ ତ ଦାୟିତ୍ୱବୋଧ ହରାନ୍ତି, ଭୋଟରମାନଙ୍କ ଦାୟିତ୍ୱବୋଧକୁ ବି ଜଳାଞ୍ଜଳି ଦିଅନ୍ତି। ସାଧାରଣ ନାଗରିକ ବୁଝୁ ନ ବୁଝୁ, ଆମେ ବୁଦ୍ଧିଜୀବୀମାନେ ଚୁପ୍ ରହି ଶାସକ ଦଳକୁ ଏ ଦିଗରେ ଉତ୍ସାହିତ କରୁଛୁ, ଭବିଷ୍ୟତ ପିଢ଼ିକୁ ଧ୍ୱଂସମୁହାଁ କରୁଛୁ। ଚୁପ୍ ରହିବା ଯେ ସମର୍ଥନ (ପିଙ୍ଗଳ ସଂହିତାର ଭାଷାରେ 'ଆବେଟ୍') କରିବା ଆମେ ତାହା ଭୁଲିଯାଉଛୁ। ଏବେ କେରଳରେ ଯେଉଁ ପ୍ରବଳ ବନ୍ୟା ହେଲା, ତାହାର କାରଣ ପରିବେଶ କ୍ଷୟ ବୋଲି ସମସ୍ତେ କହୁଛନ୍ତି। ଯେତେବେଳେ ଜବରଦଖଲ କରି ପରିବେଶକୁ ରାମ୍ପି ଝାମ୍ପି ଲଣ୍ଡା କରିଦେଲୁ, ସେତେବେଳେ ଭାବିଲୁ ନାହିଁ ଯେ ଖରାପ କାମ କରିବା ଯେତିକି ପାପ, ତାକୁ ନ ରୋକିବା ବି ସେତିକି ପାପ। ଭୁବନେଶ୍ୱର ଭଳି ପାହାଡ଼ିଆ ସହରକୁ ବନ୍ୟାଗ୍ରସ୍ତ କରିଦେଇ ପାରୁଥିବା ରିୟଲ ଇଷ୍ଟେଟ୍ ଡେଭଲପର୍‌କୁ ବୁଦ୍ଧିଜୀବୀ ଶ୍ରେଣୀରେ ଗଣି ସମ୍ମାନ ଦେଉଛୁ, ଲୋକପ୍ରତିନିଧି ହେବାକୁ ଦଳମାନେ ନିମନ୍ତ୍ରଣ କରୁଛନ୍ତି। ପାପ ଧରାପଡିଗଲେ ନେତାଏ 'ଆମେ ପ୍ରକୃତ ରୂପ ଜାଣି ନ ଥିଲୁ' କହି ଖସିଯାଉଛନ୍ତି। ଇଗ୍‌ନୋରାନ୍ସ ଇଜ୍ ନୋ ଏକ୍ସକ୍ୟୁଜ୍, ନ ଜାଣିଛ ବୋଲି କ୍ଷମା ନାହିଁ – ଏ ଆପ୍ତବାକ୍ୟ ଭୁଲିଯାଉଛନ୍ତି।

ଜର୍ଜ ଚାପମ୍ୟାନ୍ ତାଙ୍କ 'ରିଭେଞ୍ଜ୍ ଫର ଅନର' ନାଟକରେ ଲେଖିଛନ୍ତି – ଲ' ଇଜ୍ ଆନ୍ ଆସ୍, ଆଇନ ଗୋଟିଏ ଗଧ। ତାକୁ ତୁମେ ଯେମିତି ଚଳାଇବ ସେ ସେମିତି ଚାଲିବ। ତଥାପି ଆମ ନେତାଏ କହନ୍ତି ଆମେ ହସ୍ତକ୍ଷେପ କରିବୁ ନାହିଁ, ଆଇନ ତା' ବାଟରେ ଯାଉ। ସୁପ୍ରିମ୍‌କୋର୍ଟ କହିଲେ, ସହର ଭିତର ଦେଇ ଯାଉଥିବା ରାଜପଥ କଡ଼ରୁ ମଦ ଦୋକାନ ଉଠାଯାଉ। ଗାଡିଚାଳକର ନିଶାଗ୍ରସ୍ତତା ଯୋଗୁ ଦୁର୍ଘଟଣା କମିଯିବ। ସବୁ ରାଜ୍ୟ ସରକାର ସହର ଭିତରେ ଯାଇଥିବା ଜାତୀୟ ଓ ରାଜ୍ୟ ରାଜପଥର ନାମକୁ ବଦଳାଇଦେଲେ, ମ୍ୟୁନିସିପାଲିଟି ରାସ୍ତା ବୋଲି ଘୋଷଣା କରିଦେଲେ। ଏ କେଉଁ ନୈତିକତା?

ଆମେ ବୁଦ୍ଧିଜୀବୀମାନେ ଚୁପ୍ ରହି ଏ ପ୍ରକାର ଅନୈତିକତାକୁ ସମର୍ଥନ କରୁଛୁ, ଅନେକ ସମୟରେ ଏଥିରେ ଭାଗ ନେଉଛୁ। ହରିୟାଣାର ଗୋଟିଏ ଉଦାହରଣ ଦେଖନ୍ତୁ। ୧୯୯୨ ଅଗଷ୍ଟ ୧୮ର ଏକ ବିଜ୍ଞପ୍ତି ବଳରେ ହରିୟାଣା ସରକାର ଆରାବଳୀ ହିଲ୍‌ସରେ ସମସ୍ତ ପ୍ରକାରର ନିର୍ମାଣକୁ ନିଷିଦ୍ଧ କରିଦେଲେ। ଚଳିତ ଦଶକର ମଧ୍ୟଭାଗରେ ଜମିମାଫିଆ ତଥା ଦଳର ନେତାଙ୍କ ପ୍ରଭାବରେ ହରିୟାଣା ସରକାର ବିଲ୍‌ଡର୍‌ମାନଙ୍କୁ ଅନୁମତି ଦେଲେ ହାଉସିଂ କଲୋନୀ କରିବାକୁ। ଆରାବଳୀ ପାହାଡ଼ ନିର୍ମାଣ ପାଇଁ ନିଷିଦ୍ଧ ଜାଣି ମଧ୍ୟ କେତେକ ନେତା, ଜଜ୍, ଆଇଏଏସ୍ ଓ ଆଇପିଏସ୍ ଅଫିସର, ଆର୍ମି ଅଫିସର, ବଡ଼ ବଡ଼ କମ୍ପାନୀର ପ୍ରଫେସନାଲ ନିଜର ପଇସା ଲଗାଇଦେଲେ; ବାହାବା ନେଲେ ଯେ କିଣିପାରି ନ ଥିବା ସାଥୀମାନଙ୍କଠାରୁ ସେମାନେ କେତେ ଜ୍ଞାନୀ! ସମ୍ପ୍ରତି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ବଳରେ ଉକ୍ତ ବିଳାସପୂର୍ଣ୍ଣ ହାଉସିଂ କଲୋନୀ ଭଙ୍ଗାଯାଉଛି– ଘର କିଣିଥିବା କୋଟିପତି ବୁଦ୍ଧିଜୀବୀମାନେ ବୁଲଡୋଜର୍‌ର କାମ ଦେଖି ଚାରିଆଡ଼େ ଧାଁ ଧପଡ଼ ଆଉ ଧରାଧରି କରୁଛନ୍ତି। କିନ୍ତୁ କେହି କହୁନାହାଁନ୍ତି ଯେ ସେମାନେ ଭ୍ରଷ୍ଟାଚାରର ଭିତ୍ତି ପକାଇଛନ୍ତି।

ଆମ ସରକାର ସହରରେ ମାଡି ବସିଥିବା ଲୋକଙ୍କୁ ଜମି ଯୋଗାଇଦେବେ ଘୋଷଣା କଲାପରେ ଲୋକେ ରାଜନୈତିକ ଅଙ୍କ କଷି ନେଉଛନ୍ତି ଯେ, ନିର୍ବାଚନ ପାଖ ହୋଇଗଲେ ସେମାନଙ୍କ ଜବରଦଖଲ ଭୂମି ଓ ତା'ଉପରେ ଥିବା ଘରଟା ରକ୍ଷା ପାଇଯିବ, ରେଗୁଲାରାଇଜ୍‌ଡ ହୋଇଯିବ। ଧନୀଙ୍କ ବେଆଇନ ସୌଧ ସର୍ବକ୍ଷମା ପାଇଯିବ। ରାଜଧାନୀରେ ହାତଗଣତି କିଛି ପରିବାର ସୃଷ୍ଟି କରୁଥିବା ବସ୍ତିର ଆକାର ଏତେ ବଢୁଛି ଯେ ପରବର୍ତ୍ତୀ ସମୟରେ ଏହାକୁ ଛୁଇଁବା ପ୍ରଶାସନ ପାଇଁ କାଠିକର ପାଠ ହୋଇପଡୁଛି। ସରକାର ମାନୁଛନ୍ତି, ବର୍ଷକୁ ହାରାହାରି ୧୫ଟି ନୂଆ ବସ୍ତି ଗଢ଼ି ଉଠୁଛି। ଏବେ ୬୯୩.୨୧୨ ହେକ୍ଟର ଜମି ବସ୍ତିବାସିନ୍ଦାଙ୍କ କବ୍‌ଜାରେ। (୨୦୦୮ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ମୋଟ ୩୭୭ଟି ବସ୍ତି ଥିଲା, ୬୦ ହଜାର ପରିବାର, ବସ୍ତିରେ ଜନସଂଖ୍ୟା ୩ ଲକ୍ଷ ୧୦ ହଜାର। ୨୦୧୨ ସର୍ଭେରେ ବସ୍ତି ସଂଖ୍ୟା ୪୩୬, ପରିବାର ସଂଖ୍ୟା ୮୦,୬୬୫। ୨୦୧୮ରେ ବସ୍ତି ସଂଖ୍ୟା ୪୦୦ ଟପିଥିବ। ପ୍ରତି ବସ୍ତି ୫ରୁ ୧୦ ହେକ୍ଟର ପର୍ଯ୍ୟନ୍ତ ଜମି ମାଡିବସିଛି।) ଏହା ସାଙ୍ଗକୁ କୁଆଖାଇ ନଦୀର ବନ୍ୟାପ୍ଳାବିତ ଜମିରେ ବନ୍ୟାରୁ ରକ୍ଷା ନିମିତ୍ତ ନିର୍ମିତ ବନ୍ଧକୁ ଲଗେଇ ବିଳାସପୂର୍ଣ୍ଣ ବହୁତଳ ପ୍ରାସାଦ କରିବାକୁ ଭୁବନେଶ୍ୱର ବିକାଶ କର୍ତ୍ତୃପକ୍ଷ ଅନୁମତି ଦେଉଛନ୍ତି ବା ନିର୍ମାଣ ବନ୍ଦ କରୁନାହାନ୍ତି। ଜମି ମାଫିଆଙ୍କ ତାଉରେ ସରକାର ନିଷ୍କ୍ରିୟ ରହୁଛନ୍ତି। ବନ୍ୟାପ୍ଳାବିତ ଜମିରେ ହସ୍ପିଟାଲ କରିବା, ଜଙ୍ଗଲ ଜମିରେ ଶିକ୍ଷାନୁଷ୍ଠାନ କରିବା ଭୁଲ୍ ବୋଲି କ'ଣ ବିଲ୍‌ଡର ଜାଣି ନ ଥିଲେ ନା ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ରେକର୍ଡ ତିଆରି କରିନେବା ଭୁଲ୍ ବୋଲି ଜାଣି ନ ଥିଲେ? ଶିଶୁପାଳଗଡ଼ ଭଳି ଓଡ଼ିଆ ଜାତିର ଐତିହ୍ୟ ସ୍ଥାନର କିଛି ଅଂଶ ଜବରଦଖଲ କରିବା ବା ଭୁବନେଶ୍ୱରର ଜଳ ନିଷ୍କାସନ ପ୍ରଣାଳୀ, ବ୍ରିଟିଶ୍ ଅମଳର ଗଙ୍ଗୁଆ କଟ୍ (ଏବେ ଯାହା ଗଙ୍ଗୁଆ ନଦୀ), ତାକୁ ପୋତିଦେଇ ବହୁତଳ ପ୍ରାସାଦ ତିଆରି କରିବା ଭୁଲ୍ ବୋଲି କିଏ ନ ଜାଣେ? 'ସ୍ୱପ୍ନ ଦେଖ ବଡ଼ଲୋକ ହେବ' କହୁଥିବା ଆମେ ବୁଦ୍ଧିଜୀବୀମାନେ ଏକ ବିଶ୍ୱବିଦିତ ଶିକ୍ଷାନୁଷ୍ଠାନର ଉଦାହରଣ ଦେଉଛୁ! ପ୍ରାକୃତିକ ଜଙ୍ଗଲ ଓ ଆପତ୍ତି କରିପାରୁ ନ ଥିବା ନିରୀହ ଲୋକର ଜମି ଉଭେଇଯିବା କଥା ଭୁଲିଯାଉଛୁ।

ଚୋରା ଜିନିଷ କିଣିଥିବା ଲୋକ କହେ, ମୁଁ କ'ଣ ଏକ୍‌ଲା ଚୋରି ଜିନିଷ କିଣିଛି! ଆମେ ଭୁଲିଯାଉ ଯେ କିଣାଳି ଭାବେ ଆମେ ଦୋକାନୀକୁ ଚୋରାମାଲ ବିକିବାରେ ସାହାଯ୍ୟ କରୁଥିବାରୁ ସେ ଦୋକାନୀଟି ଚୋରକୁ ଅଧିକ ଚୋରି କରିବାରେ ଉତ୍ସାହିତ କରେ ଏବଂ ସମାଜରେ ଚୋରିଡକାୟତି ବଢ଼େ। ଆମେ ଯେ ଏପରି ଖରାପ କାମ କରିବାରେ ପ୍ରଥମ ବ୍ୟକ୍ତି ତାହା ଭୁଲିଯାଉ। ପ୍ରତ୍ୟେକ ଲୋକର ଏକ ଅନ୍ତର୍ଦୃଷ୍ଟି ବା ଆଭ୍ୟନ୍ତରୀଣ ଚିନ୍ତା ଅଛି; ଜନ୍ମବେଳୁ ଏହା ତାହାର ନୈତିକ ଶବ୍ଦକୋଷ ତିଆରି କରେ। ଯେତେବେଳେ ମନ ଭିତରୁ ନା ଶବ୍ଦଟା ଆସୁଛି ତାକୁ ଟିକେ ଶୁଣ! ନ ଶୁଣିବ ତ ତୁମ ପିଲା ଓ ନାତି ବେଳକୁ ପ୍ରଳୟ ଆସିଯିବ।

ପରିବେଶ ନଷ୍ଟ କରି କେହି ରିୟଲ ଇଷ୍ଟେଟ୍‌ବାଲା (ସରକାର ବି!) କୋଠା ତୋଳିଲେ ତହିଁରୁ ଗୋଟିଏ କିଣିବାକୁ ଆମେ ଏଡ଼େ ବିକଳ ହେଉ ଯେ, ସେ କିପରି ଜମି ପାଇଲା ତାହା ତନଖି କରୁନାହୁଁ। ଆମ ବ୍ୟବହାରରେ କେହି ପ୍ରଶ୍ନ କଲେ ଆମେ ଉତ୍ତର ଦେଉଛୁ ମୁଁ ତ ଗୋଟିଏ ମାତ୍ର ଘର କିଣିଛି, ସେଇଥିରେ କ'ଣ ଦୁନିଆଟାକୁ ଖରାପ କରିଦେଲି? ଗୋଟିଏ ଘର ପରେ ଆଉ ଗୋଟିଏ ଘର ଏମିତି ଯେ କଲୋନୀଟିଏ ହୁଏ, ତାହା ଆମେ ଭୁଲିଯାଉ। କୌଣସି ନଦୀଶଯ୍ୟାରେ, ଶୁଖି ଆସୁଥିବା ହ୍ରଦ ଭିତରେ କିମ୍ବା ସଂରକ୍ଷିତ ଜଙ୍ଗଲ ଭିତରେ ସଫା ହୋଇଥିବା ଭୂମି ଚକଡାରେ ଗୃହ ନିର୍ମାଣ ହେଲେ, ଆମେ ଦଉଡ଼ିଯାଉଛୁ ଘର କିଣିବାକୁ। ସଂରକ୍ଷିତ ଅବସ୍ଥା କଥା ଛାଡ଼, ଭୂତଳ ଜଳ ଯେ ଅଭାବ ପଡିବ, ପାଣି ଯୋଗାଇବା ପାଇଁ ନାଳଗୁଡିକରେ ବନ୍ଧ ପଡିବ ଏବଂ ଘର ତିଆରି ପାଇଁ ପଥର ଖାଦାନ ଖୋଲାହେବ, ସେଠାରେ ଆଗରୁ ଥିବା ଜୀବସତ୍ତା ନଷ୍ଟ ହୋଇଯିବ– ଅନିୟନ୍ତ୍ରିତ ଭାବେ ଏଭଳି ଘଟିଲେ ଆଜିର ପରିବେଶ ଆସ୍ତେ ଆସ୍ତେ ଆମ ବଂଶଧରଙ୍କ ପାଇଁ ଶ୍ମଶାନ ପାଲଟିଯିବ– ସେ କଥା ଆମେ କେବେ ଭାବୁନାହୁଁ।

ଇମେଲ୍: sahadevas@yahoo.com

# ସାମ୍ୟବାଦୀ ଚିନ୍ତାନାୟକ

ବିଜୟ କୁମାର ପଡ଼ିହାରୀ

ଓଡ଼ିଶାର ରାଜନୈତିକ ଇତିହାସକୁ ପର୍ଯ୍ୟାଲୋଚନା କଲେ ଦୃଷ୍ଟିଗୋଚର ହୁଅନ୍ତି ତିନିଜଣ ମହାମନୀଷୀ– ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଜନନେତା ଭଗବତୀ ଚରଣ ପାଣିଗ୍ରାହୀ। ପ୍ରତ୍ୟେକେ ଓଡ଼ିଶାର ଇତିହାସରେ ଜଣେ ଜଣେ ଯୁଗସ୍ରଷ୍ଟା। ଭାଷାଭିତ୍ତିକ ପ୍ରଦେଶ ନିର୍ମାଣ ପାଇଁ ସ୍ୱତନ୍ତ୍ର ଓଡ଼ିଶା ଗଠନ ଆନ୍ଦୋଳନର ଜନନାୟକ ମଧୁବାବୁ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିତ କରି ଓଡ଼ିଆ ସ୍ୱାଭିମାନ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ସେହିପରି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାବାସୀଙ୍କୁ ଜାତୀୟତାର ମହାମନ୍ତ୍ରରେ ଦୀକ୍ଷିତ କରି ସ୍ୱାଧୀନତା ସଂଗ୍ରାମର ଜାତୀୟ ସ୍ରୋତରେ ସାମିଲ କରିଥିଲେ। ସେ ଥିଲେ ଜାତୀୟତାବାଦୀ ଚେତନା ଓ ଜାତୀୟତାବାଦୀ ସାହିତ୍ୟର ପ୍ରମୁଖ ଉଦ୍‌ଗାତା।

ସ୍ୱାଧୀନତା ଆସିନାହିଁ, ବ୍ରିଟିଶ ବିରୋଧୀ ସଂଗ୍ରାମ ଖୁବ୍ ଜୋର୍‌ଦାର। ସେହି ସମୟରେ ଭାରତବର୍ଷରେ ପ୍ରବାହିତ ହୁଏ ନୂଆ ଚିନ୍ତାଚେତନାର ଧାରା, ସାମ୍ୟବାଦୀ ଚିନ୍ତାଧାରା। ଓଡ଼ିଶାରେ ଭଗବତୀ ଚରଣ ପାଣିଗ୍ରାହୀ ସେହି ସାମ୍ୟବାଦୀ ଚିନ୍ତାଧାରାର ପ୍ରବର୍ତ୍ତକ। ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ରୋତରେ ସାମିଲ କରି ସାମ୍ୟବାଦର ଗଙ୍ଗା ପ୍ରବାହିତ କରିବାରେ ସେ ଥିଲେ ଭଗୀରଥ। ସଦାଶିବ ମିଶ୍ର ଓ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ ଭଗବତୀ ଚରଣ ପାଟନା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ୍‌ଏ ପାସ୍ କରି ଯୋଗଦିଅନ୍ତି ଓଡ଼ିଶାର ଜନ ଆନ୍ଦୋଳନରେ। ତତ୍କାଳୀନ କଂଗ୍ରେସ ପାର୍ଟିର କାର୍ଯ୍ୟକ୍ରମରେ ଅସନ୍ତୁଷ୍ଟ ହୋଇ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରାଣନାଥ ପଟ୍ଟନାୟକ ଓ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୪ ମସିହାରେ ଗଠନ କରନ୍ତି କଂଗ୍ରେସ ସୋସାଲିଷ୍ଟ ପାର୍ଟି। ଭଗବତୀ ଚରଣ ହୁଅନ୍ତି ଏହି ନବଗଠିତ ପାର୍ଟିର ସମ୍ପାଦକ। କାଶୀ ବିଦ୍ୟାପୀଠରୁ ଅଧ୍ୟୟନ ସାରି ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ଫେରିଆସନ୍ତି ଓଡ଼ିଶା। ସେମାନେ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହୋଇ ୧୯୩୬ ମସିହାରେ ଓଡ଼ିଶାରେ ଗଠନ କରନ୍ତି କମ୍ୟୁନିଷ୍ଟ ପାର୍ଟି, ଯାହାର ପ୍ରଥମ ସମ୍ପାଦକ ହୁଅନ୍ତି ଭଗବତୀ ଚରଣ ପାଣିଗ୍ରାହୀ। ସେ ଥିଲେ ସାମ୍ୟବାଦୀ ଚିନ୍ତାନାୟକ।

ଓଡ଼ିଆ ସାହିତ୍ୟ କିପରି ସାମ୍ୟବାଦୀ ବା ମାର୍କ୍ସବାଦୀ ଚିନ୍ତାଧାରାର ଅନୁବର୍ତ୍ତୀ ହେବ, ସେଥିପାଇଁ କବି ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ବିଶ୍ୱନାଥ



ଭଗବତୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ

ପଶାୟତ ଓ ସଚ୍ଚି ରାଉତରାୟ ପ୍ରମୁଖ ଯୁବ–ସାହିତ୍ୟିକମାନଙ୍କୁ ଏକଜୁଟ କରି ୧୯୩୫ ମସିହାରେ ଭଗବତୀ ଗଢ଼ିଲେ ନବଯୁଗ ସାହିତ୍ୟ ସଂସଦ। କେବଳ ଗଢ଼ିଲେ ନାହିଁ, ସେ ହିଁ ହେଲେ ଏହାର ମୁଖ୍ୟ ପୁରୋଧା। ପ୍ରକାଶ ପାଇଲା 'ନବଯୁଗ ସାହିତ୍ୟ ସଂସଦ'ର ମୁଖପତ୍ର 'ଆଧୁନିକ'। ତା'ର ପ୍ରଥମ ସଂଖ୍ୟାର ସମ୍ପାଦକୀୟର ଶିରୋନାମାରେ ଭଗବତୀ ଲେଖିଥିଲେ, 'ବାଡି ପଛେ ଭାଙ୍ଗୁ, ସାପ ମରୁ।' ସେ ଥିଲେ ସାଲିସ୍‌ବିହୀନ ସଂଗ୍ରାମୀ। ତାଙ୍କର 'ଶିକାର' ଗଳ୍ପ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲା ଆଲୋଡନ। ସାମ୍ୟବାଦୀ ଚେତନାର ଉତ୍‌ଥାନକୁ ପ୍ରସଙ୍ଗ କରି ସେ ଅନେକ ଗଳ୍ପ, କବିତା ଓ ପ୍ରବନ୍ଧ ରଚନା କରିଥିଲେ। ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନର ସେ ଥିଲେ ଅଗ୍ରଦୂତ।

ତାଙ୍କର ଜନ୍ମ ପୁରୀ ଜିଲା ବାଲିପାଟଣା ନିକଟସ୍ଥ ବିଶ୍ୱନାଥପୁର ଗ୍ରାମରେ। ବଡ଼ଭାଇ ଦିବ୍ୟସିଂହ ପାଣିଗ୍ରାହୀ ଓ ମଝିଆ ଭାଇ ଓଡ଼ିଆ ସାହିତ୍ୟର ଅନ୍ୟତମ ଯୁଗସ୍ରଷ୍ଟା ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ। ଦିବ୍ୟସିଂହ ଓକିଲାତି ପାସ୍ କରି ମଧ୍ୟ କଳା କୋର୍ଟ ନ ପିନ୍ଧି ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ଭାଗନେଇ ଗିରଫ ହୋଇ ଜେଲ ଜୀବନ କଟାଇଥିଲେ। ୧୯୪୦ ମସିହାରେ କଟକ କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମାମଲାରେ ଅନନ୍ତ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ଶରତ ପଟ୍ଟନାୟକ, ବୈଦ୍ୟନାଥ ରଥ ଓ ବିଜୟ ଦାସ ପ୍ରମୁଖଙ୍କ ସହ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡ ଭୋଗିଥିଲେ। ଭଗବତୀ ଚରଣ ପାଣିଗ୍ରାହୀ କେବଳ ଜଣେ ବିପ୍ଳବୀ, ସଂଗ୍ରାମୀ, ସାହିତ୍ୟିକ, ସାମ୍ବାଦିକ, ଜନନେତା ନ ଥିଲେ, ସେ ଥିଲେ ମାନବବାଦୀ, ସମାଜବାଦୀ ଓ ସର୍ବାନ୍ତଃକରଣରେ ଜଣେ କମ୍ୟୁନିଷ୍ଟ। ଗରିବର ସୁଖଦୁଃଖର ସାଥୀ। ଗୋପବନ୍ଧୁ ଯେପରି ବନ୍ୟାପ୍ରପୀଡ଼ିତ ଜନସାଧାରଣଙ୍କ ସେବା କରି ରୋଗରେ ପୀଡିତ ହୋଇ ପ୍ରାଣତ୍ୟାଗ କରିଥିଲେ, ସେହିପରି ଭଗବତୀ ଚରଣ ଗଞ୍ଜାମ ଜିଲାରେ ଦୁର୍ଭିକ୍ଷରେ ଛଟପଟ ହେଉଥିବା ଜନତାଙ୍କ ସେବାକରି ରୋଗରେ ଆକ୍ରାନ୍ତ ହୋଇ ୧୯୪୩ ମସିହା ଅକ୍ଟୋବର ୨୩ ତାରିଖରେ ମାତ୍ର ୩୫ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ। ତାଙ୍କର ଜୀବନ ଜନସାଧାରଣଙ୍କ ସେବା ପାଇଁ ଥିଲା ଉତ୍ସର୍ଗୀକୃତ। କର୍ମ ହିଁ ଜୀବନ, ଏହା ଥିଲା ତାଙ୍କର ବ୍ରତ। ଗୋପବନ୍ଧୁଙ୍କ ଭାଷାରେ–''ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ/କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।''

ସଭାପତି, ସମ୍ବାଦପତ୍ର ବିକ୍ରେତା ସଂଘ,
କଟକ, ମୋ–୯୩୩୭୮୯୬୪୪୬

## ଏଇ ଭାରତରେ

ଇଚ୍ଛା ଥିଲେ ଉପାୟ ବଳେବଳେ ଆସେ। କୌଣସି କାର୍ଯ୍ୟ କରିବାକୁ ହେଲେ ଆନ୍ତରିକ ନିଷ୍ଠା ଏକାନ୍ତ ଆବଶ୍ୟକ। ସମର୍ଥ ବ୍ୟକ୍ତିମାନେ ଯେଉଁ କାମ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ସେଭଳି କାର୍ଯ୍ୟକୁ ଭିନ୍ନକ୍ଷମ ବ୍ୟକ୍ତିମାନେ ବି ବେଳେବେଳେ ଅନାୟାସରେ କରିଥାଆନ୍ତି। ସେଭଳି ଜଣେ ତରୁଣୀ ହେଉଛନ୍ତି ହରିୟାଣାର ନିଷ୍ଠା ଡୁଡେଜା। ସଫଳତା ବାଟରେ ଅକ୍ଷମତା କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରେ ନାହିଁ ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି। ହରିୟାଣାର ଶିଳ୍ପଭିତ୍ତିକ ନଗରୀ ପାନିପଥରେ ତାଙ୍କର ଘର। ସେ ଜନ୍ମରୁ ବଧିର। ତଥାପି ସେ ନିଜକୁ ଭିନ୍ନକ୍ଷମ ବୋଲି ଭାବିନାହାନ୍ତି। ମାତାପିତା ତାଙ୍କୁ ସବୁକ୍ଷେତ୍ରରେ ସହାୟତା କରନ୍ତି। ଭିନ୍ନକ୍ଷମ ବ୍ୟକ୍ତିମାନେ ଦୟାର ପାତ୍ର ହେବା ଉଚିତ ନୁହେଁ ବୋଲି ସେ ବିଶ୍ୱାସ କରନ୍ତି। ୨୩ବର୍ଷ ବୟସ୍କା ନିଷ୍ଠା ଜଣେ କମର୍ସ ଗ୍ରାଜୁଏଟ୍। ସେ ମିଠିବାଇ କଲେଜରେ ଅର୍ଥନୀତିରେ ଏମ୍‌ଏ କରୁଛନ୍ତି। ସେ ବର୍ତ୍ତମାନ ସିଭାଣ୍ଟୋସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ବିଶ୍ୱର ପ୍ରମୁଖ ହିୟରିଂ ଏଡ୍ ବ୍ରାଣ୍ଡ)ର ବ୍ରାଣ୍ଡ୍ ଆମ୍ବାସାଡର। ନିଷ୍ଠା ସ୍କୁଲ୍ ଜୀବନରୁ ଜଣେ ମେଧାବୀ ଛାତ୍ରୀ। ସେ ଜୀବନରେ ନୂଆ କିଛି ଶିକ୍ଷା କରିବାର ପ୍ରୟାସ କରୁଥିଲେ। ୭ବର୍ଷ ବୟସରୁ ସେ ଜୁଡୋ ଶିକ୍ଷା କରିଥିଲେ। ସେ ଅନ୍ତର୍ଜାତୀୟ ସ୍ତରର ଜୁଡୋ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ପିଲାଦିନେ ତାଙ୍କ ମା' ଭାବୁଥିଲେ ଝିଅ ବଧିର ହୋଇଥିବାରୁ ସେ ଜୀବନରେ କିଛି କରିପାରିବ ନାହିଁ। କିନ୍ତୁ ଝିଅର ଜୀବନକୁ ସବୁ କ୍ଷେତ୍ରରେ ସଫଳ କରିବା ପାଇଁ ତାଙ୍କ ବାପା ପ୍ରୟାସରତ ଥିଲେ। ନିକଟରେ ପ୍ରେଗ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ସେ ମିସ୍ ଡେଫ୍ ଏସିଆ ୨୦୧୮ ପୁରସ୍କାର ଲାଭ କରିଛନ୍ତି। ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ନିଷ୍ଠାଙ୍କ ଗଭୀର ଅଧ୍ୟବସାୟ ଓ ନିଷ୍ଠା ପ୍ରତ୍ୟେକ ଭିନ୍ନକ୍ଷମଙ୍କ ପାଇଁ ଅନୁକରଣୀୟ।

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ–ପଥେ ଗୁଞ୍ଜରି।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟପାନୀୟ ଯାଞ୍ଚ ହେଉ

ମହାଶୟ,

ଲୋକେ ଫାଷ୍ଟଫୁଡ୍ ଓ ରାସ୍ତାକଡ଼ ଖାଦ୍ୟ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ଦହିବରା ଆଳୁଦମ୍, ଗୁପ୍‌ଚୁପ୍, ଚାଟ୍, ପାଓଭାଜି, ମୋମୋଠାରୁ ଆରମ୍ଭ କରି ବରା, ପିଆଜି, ପକୁଡି, ଆଳୁଚପ୍‌ର ଆଦର ଦିନକୁ ଦିନ ବଢୁଛି। କିନ୍ତୁ ଏ ଖାଦ୍ୟ ପାନୀୟର ମାନ କେବେ ପରୀକ୍ଷା ହେଉନାହିଁ। କେଉଁଠି ଓ କେଉଁ ପରିବେଶରେ ପ୍ରସ୍ତୁତ ହେଉଛି, କେଉଁ ପ୍ରକାର ପାଣି ବ୍ୟବହାର ହେଉଛି, ବାସିଖାଦ୍ୟକୁ ପୁନଃପ୍ରକ୍ରିୟାକରଣ କରାଯାଇଛି କି ନାହିଁ, ତା'ର ନିୟମିତ ଯାଞ୍ଚ ହେବା ଦରକାର। ଏଥିପାଇଁ ସରକାରଙ୍କର ସ୍ୱତନ୍ତ୍ର ବିଭାଗ ଓ କର୍ମଚାରୀ ଅଛନ୍ତି। ସେମାନେ ନିଷ୍କ୍ରିୟ ରହିବା ହେତୁ ଜନସାଧାରଣ ଦୂଷିତ ଖାଦ୍ୟ ଖାଇ ରୋଗଗ୍ରସ୍ତ ହେଉଛନ୍ତି।

ଧର୍ମୀୟ ଭୂଷଣ ବିଶ୍ୱାଳ, କଟକ

### ପଲିଥିନ ନିଷେଧ ସ୍ୱାଗତଯୋଗ୍ୟ

ରାଜ୍ୟ ସରକାର ଅକ୍ଟୋବର ୨ରୁ ପଲିଥିନ ଓ ପ୍ଲାଷ୍ଟିକ୍‌ର ଉତ୍ପାଦନ, ମହଜୁଦ, ବିକ୍ରୟ ଏବଂ ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର ପଲିଥିନ ଓ ପ୍ଲାଷ୍ଟିକ୍‌ର ବିକଳ୍ପ ଅର୍ଥାତ୍ ସହଜରେ ମାଟିରେ ମିଶିପାରୁଥିବା ବିଘଟନଶୀଳ କାଗଜ ଓ କପଡ଼ା ପ୍ରଭୃତିରୁ ପ୍ରସ୍ତୁତ ବ୍ୟାଗ୍‌ର ପର୍ଯ୍ୟାପ୍ତ ଉତ୍ପାଦନ ଓ ବଜାରରେ ଏଗୁଡିକୁ ଉପଲବ୍ଧ କରାଇବାର ବ୍ୟବସ୍ଥା ନ ହେଲେ ଏହା ସଫଳ ହୋଇ ନ ପାରେ। ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଏବଂ ଜନସାଧାରଣଙ୍କର ନିର୍ଭରଶୀଳତା ଦୃଷ୍ଟିରୁ ଏହା ଉପରେ ଗୁରୁତ୍ୱ ଦେବା କଥା। ଏହାଛଡ଼ା ଅନୁପଯୋଗୀ ପଲିଥିନ ଓ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ରଗୁଡିକୁ ବହୁତ ଆଗରୁ ବନ୍ଦ କରିବାର ଥିଲା।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ନକାରାତ୍ମକ ପ୍ରଭାବ ପଡିବ

ଜଗଜ୍ଜନନୀ ମା' ପାର୍ବତୀ ଏବଂ ଭଗବାନ ଶଙ୍କର ସଂସାରୀ, ଲକ୍ଷ୍ମୀନାରାୟଣ ସଂସାରୀ, ସୀତାମାତା ଏବଂ ପ୍ରଭୁ ରାମଚନ୍ଦ୍ର ସଂସାରୀ, ବୈଦିକ ଯୁଗର ମୁନିଋଷିମାନେ ମଧ୍ୟ ସଂସାରୀ। ବିବାହ ଏକ ପବିତ୍ର ବନ୍ଧନ। ହିନ୍ଦୁଧର୍ମରେ ଏହା ଏକ ପବିତ୍ର ପରମ୍ପରା। ବିବାହ ବେଳେ ବୈଦିକ ମନ୍ତ୍ର ଗାନକରି ଯଜ୍ଞବେଦିରେ ବର ଓ କନ୍ୟାଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଯାଏ। ଗୋଟିଏ ସ୍ତ୍ରୀ ଆଗରେ ସ୍ୱାମୀ ହେଉଛି ତା' ଦେବତା। ସ୍ୱାମୀ ପାଇଁ ସ୍ତ୍ରୀ ହେଉଛି ଜୀବନସାଥୀ, ସୁଖଦୁଃଖର ସାଥୀ। ଆଦର୍ଶ ଦାମ୍ପତ୍ୟ ଜୀବନରୁ ସୁନାଗରିକ ଜନ୍ମ ନିଅନ୍ତି। ଏପରି ସ୍ଥଳେ ପରକୀୟା ପ୍ରୀତିକୁ ବ୍ୟକ୍ତି ସ୍ୱାଧୀନତା ଆଳରେ ଆଇନଗତ ସ୍ୱୀକୃତି ଦିଆଯିବା ଦ୍ୱାରା ତାହା ନିଶ୍ଚିତଭାବେ ନକାରାତ୍ମକ ପ୍ରଭାବ ପକାଇବ। ଏହାଦ୍ୱାରା ଗୋଟିଏ ପରିବାର ଧ୍ୱଂସ ହେବା ପାଇଁ ବେଶି ସମୟ ଲାଗିବନି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ପରୀକ୍ଷାର୍ଥୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ଜଣେ ପ୍ରଫେସର ୩ ବର୍ଷ ଧରି ପରୀକ୍ଷା ଦେଉଛନ୍ତି। ପ୍ରଫେସର ଏନ୍. ସତ୍ୟନାରାୟଣ କମନ୍ ଲ' ଆଡମିଶନ୍ ଟେଷ୍ଟ ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଇଥାଆନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ହାର କିଭଳି ବୃଦ୍ଧି ପାଇବ ସେ ନେଇ ସତ୍ୟନାରାୟଣ ଏପରି କରୁଥିବା ପ୍ରକାଶ କରିଛନ୍ତି।






■ ଭିତରକନିକା ଜାତୀୟ ଉଦ୍ୟାନ

## ୧ରୁ ହବାଲିଖଟିରେ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ରହଣି ବ୍ୟବସ୍ଥା

**ରାଜନଗର, ୨୨।୧୦ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ହବାଲିଖଟିଠାରେ ଆସନ୍ତା ନଭେମ୍ବର ୧ରୁ ପର୍ଯ୍ୟଟକଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ବଙ୍ଗୋପସାଗର ତଟବର୍ତ୍ତୀ ହବାଲିଖଟିଠାରେ ୩ଟି ନୂଆ କଟେଜ ନିର୍ମାଣ କରାଯାଇ ଡଲଫିନଙ୍କ ନାମରେ ନାମିତ କରାଯାଇଛି। ପୂର୍ବରୁ ପର୍ଯ୍ୟଟକମାନେ ଏଠାରେ କାଠ, ବାଉଁଶରେ ନିର୍ମିତ ଘରେ ରହୁଥିଲେ। ମାତ୍ର ସମୁଦ୍ର ଉଚ୍ଚ ଜୁଆର ପ୍ରଭାବରେ ସେସବୁ ଭାଙ୍ଗିଯିବାରୁ ବନବିଭାଗ ପକ୍ଷରୁ ହବାଲିଖଟିଠାରେ ୩ଟି କଟେଜ୍ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନଙ୍କ ସୁବିଧା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ବ୍ୟୟବହୁଳ ଏହି ଡଲଫିନ୍ ହାଉସ୍ ନିର୍ମାଣ କରାଯାଇଛି ବୋଲି ରାଜନଗର ବନପ୍ରାଣୀ ଡିଭିଜନ୍‌ର ଅତିରିକ୍ତ ବନ ସଂରକ୍ଷକ ଅମରେଶ ନାଥ ପ୍ରଧାନ କହିଛନ୍ତି।

# ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଫେରିଲା କଂଗ୍ରେସ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

- ■ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଜିତେନ୍ଦ୍ର
- ■ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ବୁଲିକି ଆସିଲେ ମାତ୍ର ଫଳ ଶୂନ
- ■ ସ୍ୱତନ୍ତ୍ର ପ୍ୟାକେଜ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ କୁହନ୍ତୁ ଧର୍ମେନ୍ଦ୍ର
- ■ ଶାସନ କରିବାକୁ ସରକାରଙ୍କ ନୈତିକତା ନାହିଁ: ନରସିଂହ

ତିତ୍‌ଲି ପ୍ରଭାବିତ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଆସିବାପରେ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାରେ ବିଫଳ ହୋଇଛନ୍ତି। ତେଣୁ ଏ ସରକାରର ଶାସନ କରିବା ପାଇଁ କୌଣସି ନୈତିକତା ନାହିଁ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ଏହାସହ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଅଧିକ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ପ୍ରଦେଶ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହ ଦାବି କରିଛନ୍ତି। ଏହାସହ କେନ୍ଦ୍ର ସରକାର ଓଡିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ସେ କହିଛନ୍ତି।

ସୋମବାର କଂଗ୍ରେସ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ତିତ୍‌ଲି ଏବଂ ଏହାର ପରବର୍ତ୍ତୀ ସମୟରେ ଦେଖାଦେଇଥିବା ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ୩ ଜିଲା ଗଞ୍ଜାମ, ଗଜପତି ଏବଂ ରାୟଗଡାର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋତେ କ୍ଷତିଗ୍ରସ୍ତ ହୋଇଥିବା ଏବଂ ମୃତ୍ୟୁବରଣ କରିଥିବା ପରିବାର ପାଖରେ ପହଞ୍ଚି ସେମାନଙ୍କ ଅସୁବିଧା ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ତୃଣମୂଳସ୍ତରକୁ ଯାଇ ଦେଖିଲୁ ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ସେଥିଲାଗି ଚାଲିକି କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିଲୁ। ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଜିରୋ କାଜୁଆଲିଟି ପ୍ରଚାର ବିଫଳ ହେବାପରେ ମଧ ୪ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ସତ ଲୁଚାଇଲେ। ୪ଦିନ ପରେ ସରକାର ୬୧ଲୋକ ମୃତ୍ୟୁବରଣ କରିଥିବା ସ୍ୱୀକାର କଲେ। ଏ ପର୍ଯ୍ୟନ୍ତ ଆହୁରି ୧୩ଜଣ ନିଖୋଜ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମାଗଣାରେ କିରୋସିନ, ଚାଉଳ ଏବଂ ୩ହଜାର ଟଙ୍କା ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଲେ। ମାତ୍ର ବାସ୍ତବ ଚିତ୍ର ଏଭଳି ଯେ, କାହାକୁ ୩କେଜି ଚାଉଳ ମିଳିଛି ତ ଆଉ କାହାକୁ ୫୦କେଜି ମିଳିଛି। କିଏ ଲିଟରେ କିରୋସିନ ପାଇଲା ବେଳକୁ ଆଉ କେହି ପାଏ ପାଇଛି। ୩ହଜାର ଟଙ୍କା କାହାରିକୁ ମିଳି ନାହିଁ। ପାଣି ଏବେ ସେଠାକାର ଲୋକମାନଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ଗଞ୍ଜାମ ଜିଲା କ୍ଷୟକ୍ଷତି ଆଦି ରିପୋର୍ଟ ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିବା ବେଳେ ଗଜପତିର କୌଣସି ତଥ୍ୟ ଏପର୍ଯ୍ୟନ୍ତ ଆସିପାରି ନାହିଁ। ପ୍ରଶାସନର ଏଭଳି ଅବହେଳା ପାଇଁ ସେହି ଜିଲାର ଜିଲାପାଳଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଜିତେନ୍ଦ୍ର ଦାବି କରିଛନ୍ତି। ଏହାସହ ଉକ୍ତ ଜିଲାଗୁଡିକରେ ଯେଉଁ ଲୋକଙ୍କର ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଛି ସେମାନଙ୍କୁ ୧୦ଲକ୍ଷ ଟଙ୍କା ଏବଂ ଅଧା ଭାଙ୍ଗିଥିବା ଘର ପାଇଁ ୫ଲକ୍ଷ ଟଙ୍କା ଦିଆଯାଉ। ସରକାରଙ୍କ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ପରେ ଥଇଥାନ ଲାଗି କୌଣସି ବ୍ୟବସ୍ଥା ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିକି ଆସିଲେ। ସେହିସବୁ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଦେଖିବାପରେ ମଧ ଫଳ ଶୂନ। କେନ୍ଦ୍ରମନ୍ତ୍ରୀ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତି ପାଖ ଲୋକ। ତେଣୁ ରାଜ୍ୟକୁ ଏକ ସ୍ୱତନ୍ତ୍ର ପ୍ୟାକେଜ ଦେବାପାଇଁ ସେ କେନ୍ଦ୍ର ନିକଟରେ କହୁ ନାହାନ୍ତି ବୋଲି ଜିତେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି।

ସେହିପରି ବିରୋଧୀ ଦଳ ନେତା କହିଛନ୍ତି ଯେ, ଦୁଃଖର ବିଷୟ ୧୨ଦିନ ପରେ ମଧ ଲୋକମାନେ ପିଇବା ପାଣି ପାଇପାରି ନାହାନ୍ତି। ଏ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ହୋଇପାରି ନାହିଁ। ବହୁ ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି ବାତ୍ୟା ପୂର୍ବରୁ ପ୍ରଶାସନ ସେମାନଙ୍କୁ କୌଣସି ପ୍ରକାର ସଚେତନ କରିନାହିଁ। ସରକାର କହିଲେ ବାତ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି। ମାତ୍ର ଲୋକମାନେ ଅଭିଯୋଗ କରିଛନ୍ତି ସେମାନଙ୍କୁ ଜମା ବି ରନ୍ଧାଖାଦ୍ୟ ମିଳିନାହିଁ। ଯଦି ସରକାର ସବୁ ଯୋଗାଇ ଦେଉଥିଲେ ତେବେ ସେଗୁଡିକ କୁଆଡେ ଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି ଯେ, ଚାଷୀମାନଙ୍କ ଲାଗି ସରକାର ସ୍ୱତନ୍ତ୍ର ପ୍ୟାକେଜ ଦିଅନ୍ତୁ। ସମବାୟ ବ୍ୟାଙ୍କରୁ ଆଣିଥିବା ଋଣ ଛାଡ କରାଯାଉ। ଯଦି ସରକାର ଏ ଦାବି ନ ମାନନ୍ତି ତେବେ ୩ଜିଲାରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

# ପଦାରେ ପଡ଼ିଲା ବିଜେଡି ଗୋଷ୍ଠୀ କନ୍ଦଳ

### ପଦଯାତ୍ରା ବେଳେ ବିଧାୟକ ହଟାଅ ବିଜେଡି ବଞ୍ଚାଅ ନାରା

**ନୟାଗଡ଼ ଅଫିସ,୨୨।୧୦**

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବନମାଳୀପୁର ପଞ୍ଚାୟତରେ ସୋମବାର ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ କନ୍ଦଳ ଦେଖିବାକୁ ମିଳିଥିଲା। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଗୋଷ୍ଠୀ ମଧ୍ୟରେ କନ୍ଦଳ ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି।

ପ୍ରକାଶ ଯେ, ସୋମବାର ଅପରାହ୍ନରେ ବନମାଳୀପୁର ଗ୍ରାମରେ ବିଧାୟକ ପଟ୍ଟନାୟକଙ୍କ ପଦଯାତ୍ରା ପହଞ୍ଚିବା ପରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ବିଧାୟକଙ୍କ ବିରୋଧରେ ନାରାବାଜି ଦେଇ ପଦଯାତ୍ରା କରିଥିଲେ। ସେମାନେ ଅନୁଭବ ହଟାଅ ବିଜେଡି ବଞ୍ଚାଅ ନାରା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା। ଏହା ନିର୍ବାଚନମଣ୍ଡଳୀର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଥିବା କନ୍ଦଳକୁ ପଦାରେ ପକାଇଛି। ଆଗାମୀ ସାଧାରଣ ନିର୍ବାଚନରେ ବିଧାୟକ ପଟ୍ଟନାୟକଙ୍କ ପାଇଁ ଏହା ଏକ ସମସ୍ୟା ଭାବେ ଠିଆ ହେବ ବୋଲି ଆଲୋଚନା ହେଉଛି। ଏ ନେଇ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶିଶିର ସାହୁ ଏଭଳି କାର୍ଯ୍ୟ କରିଛନ୍ତି। ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥରେ ବାଧା ସୃଷ୍ଟି ହେବାରୁ ଏହିଭଳି କାର୍ଯ୍ୟ କରିଛନ୍ତି। ତାଙ୍କ ସମ୍ପର୍କୀୟମାନେ ବନମାଳୀପୁର ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି ହୋଇଥିବା ବେଳେ ଲୋକମାନଙ୍କର କୌଣସି କାର୍ଯ୍ୟ କରୁନାହାନ୍ତି। ଫଳରେ ଲୋକଙ୍କ ଅସନ୍ତୋଷ ବଢ଼ିଯାଇଛି। ଆମେ ପଦଯାତ୍ରା ସମୟରେ ପଞ୍ଚାୟତରେ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲୁ। ହେଲେ ସାହୁ ଏହାକୁ ବିରୋଧ କରିଥିବା ନେଇ ବିଧାୟକ ପଟ୍ଟନାୟକ ସୂଚନା ଦେଇଥିଲେ। କିଛି ହାତଗଣିତ ଲୋକଙ୍କୁ ନେଇ ସେ ବିରୋଧ କରିବାକୁ ଚେଷ୍ଟା କରୁଥିବା ସେ କହିଥିଲେ। ଏ ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁଙ୍କୁ ପଚାରିବାରୁ ସେ ଏହି ପଦଯାତ୍ରାରେ ସାମିଲ ହୋଇ ନ ଥିଲେ, ତେଣୁ ବିରୋଧ କଲେ କେମିତି ବୋଲି ପ୍ରଶ୍ନ କରିଥିଲେ। ସେହିଭଳି ସାଧାରଣ ଜନତା ବିରୋଧ କଲେ ସେ କ'ଣ କରିପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସାହୁ କହିଥିଲେ। ଏ ନେଇ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ ଏହି ଘଟଣା ବିଷୟରେ ଅବଗତ ନ ଥିବା ପ୍ରକାଶ କରିଥିଲେ।




## ୨୮ରୁ ସରକାରୀ ଛୁଟି ଉପଭୋଗ କରିବେ ଡାକ୍ତର: ଓମ୍‌ସା

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ):** ସରକାରଙ୍କ ଅନ୍ୟ କର୍ମଚାରୀ ଯେଭଳି ଭାବେ ସରକାରୀ ଛୁଟିଦିନଗୁଡିକୁ ଉପଭୋଗ କରୁଛନ୍ତି ଡାକ୍ତରମାନେ ମଧ ସେଭଳି ଆସନ୍ତା ୨୮ ତାରିଖରୁ ଛୁଟି ଉପଭୋଗ କରିବେ। ଡାକ୍ତରଖାନାରେ ରୋଗୀସେବା ନ କରି ସମୂହ ଛୁଟି ଉପଭୋଗ କରିବେ ବୋଲି ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ (ଓମ୍‌ସା) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଆସୋସିଏଶନର ସଭାପତି ଡା. ନିରାକାର ଭଞ୍ଜ କହିଛନ୍ତି।




CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable





ପୂର୍ବ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ 'ୱିଲା' ଭୟଙ୍କର ରୂପ ନେଇ ମେକ୍ସିକୋର ପଶ୍ଚିମ ଉପକୂଳ ଆଡକୁ ମୁହାଁଇଛି। ଏହା କାଟାଗୋରି –୪ ଝଡ ହୋଇଥିବା ବେଳେ ମଙ୍ଗଳବାର ସୁଦ୍ଧା ଦକ୍ଷିଣ ପଶ୍ଚିମ ଏବଂ ପଶ୍ଚିମ ମଧ୍ୟ ମେକ୍ସିକୋରେ ପ୍ରବଳ ବର୍ଷା ଓ ପବନ ହେବ ବୋଲି ଆମେରିକାର ନ୍ୟାଶନାଲ ହରିକେନ୍ ସେଣ୍ଟର ସୂଚନା ଦେଇଛି। ରବିବାର ଏହା ଦକ୍ଷିଣ–ଦକ୍ଷିଣ ପଶ୍ଚିମ କାବୋ କୋରିଏଣ୍ଟସ୍ ଠାରୁ ୩୪୦ କିଲୋମିଟର ଦୂରରେ ରହିଥିବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୨୩୦ କି.ମି ରହିଥିଲା।

## ସଂକ୍ଷେପରେ

### ୬ ଭାଷାରେ ଆସିବ ଓଟିଇଟି ପ୍ରଶ୍ନପତ୍ର
### ଉଠିଲା ନେଗେଟିଭ୍ ମାର୍କିଂ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ):** ଓଟିଇଟି ପରୀକ୍ଷାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କେତେକ ପରିବର୍ତ୍ତନ ଅଣାଯାଇଛି। ଏଣିକି ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଇଂଲିଶ୍ ପରିବର୍ତ୍ତେ ଅନ୍ୟ ୬ଟି ଭାଷାରେ ଆସିବ। ଓଡ଼ିଆ, ଇଂଲିଶ୍, ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ ଏବଂ ବଙ୍ଗଳା ଭାଷାରେ ପ୍ରଶ୍ନପତ୍ର ଛପାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଓଟିଇଟି ପରୀକ୍ଷା ଦୁଇଟି ପେପର ହେବ। ଗୋଟିଏ ପେପର ପରୀକ୍ଷା ପାଇଁ ଦେଢ଼ଘଣ୍ଟା ସମୟ ରହିଛି। ପ୍ରଶ୍ନପତ୍ର ମଲ୍ଟିପୁଲ ଅବ୍‌ଜେକ୍ଟିଭ ଆସିବ। ସୂଚନାଯୋଗ୍ୟ, ପେପର-୧ ପ୍ରଶ୍ନପତ୍ର ୬ଟି ଭାଷାରେ ଆସିବାକୁ ଥିବାବେଳେ ପେପର-୨ କେବଳ ଇଂଲିଶ୍ ଭାଷାରେ ପ୍ରଶ୍ନପତ୍ର ଆସିବ। ପରୀକ୍ଷା ପାଇଁ ଫର୍ମ ପୂରଣ ବେଳେ ଆବେଦନକାରୀମାନେ ପେପର-୧ ପାଇଁ କେଉଁ ଭାଷାରେ ପରୀକ୍ଷା ଦେବେ, ସେତେବେଳେ ଚୟନ କରିବେ। ଏହି ପରୀକ୍ଷାରେ ନେଗେଟିଭ୍ ମାର୍କ ରଖାଯାଇନାହିଁ। ପରୀକ୍ଷା ପାଇଁ ଆବେଦନ କରିବାକୁ ଥିବା ଛାତ୍ରୀଛାତ୍ର ସିଟି, ବି.ଇଡି, ଡି.ଇଏଲ୍.ଇଡି ଏବଂ ବି.ଇଏଲ୍.ଇଡି, ଶତକଡା ମାର୍କରେ ମଧ ପରିବର୍ତ୍ତନ କରାଯାଇଛି।

### ଟ୍ରାକ୍ ମରାମତି ଯୋଗୁ ବାଲୁଗାଁରେ ଅଟକିବ ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର

**ଭୁବନେଶ୍ୱର,୨୨।୧୦:** ଟ୍ରାକ୍ ମରାମତି ଯୋଗୁ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର ଆଜିଠାରୁ ବାଲୁଗାଁ ଯାଏ ଚଳାଚଳ କରିବ। ଆସନ୍ତା ୨୮ ଯାଏ ଏହି ସ୍ଥିତି ଲାଗି ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହି ଟ୍ରେନ ଭୁବନେଶ୍ୱର ବାଲୁଗାଁ ମଧ୍ୟରେ ଚଳାଚଳ କରିବ। ଏହା ବାଲୁଗାଁ- ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

# ଗଞ୍ଜାମ, ଗଜପତି, ରାୟଗଡ଼ା ହିତାଧିକାରୀଙ୍କୁ ମାଗଣା ଏଲ୍‌ପିଜି ଦିଅ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷାରେ କ୍ଷତିଗ୍ରସ୍ତ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇଥିବା ଗରିବ ହିତାଧିକାରୀଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ଯୋଗାଇ ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସୋମବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି।

ପାତ୍ର ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ତିତ୍‌ଲି ଓ ଏହା ପରେ ହୋଇଥିବା ବନ୍ୟାରେ ରାଜ୍ୟର ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଜିଲାଗୁଡିକରେ ପ୍ରାକୃତିକ ବିପର୍ଯ୍ୟୟ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବିତ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ ଓ ସହାୟତା ଯୋଗାଇ ଆସୁଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗରିବ ଲୋକଙ୍କୁ ରିହାତି ଦରରେ ଏଲ୍‌ପିଜି ସିଲିଣ୍ଡର ଯୋଗାଇ ଦେଉଛନ୍ତି। ଗଜପତିରେ ୫୦,୯୯୦ଟି ସଂଯୋଗ ଦିଆଯାଇଥିବା ବେଳେ ଗଞ୍ଜାମରେ ୨,୩୯,୬୮୩ ଏବଂ ରାୟଗଡା ଜିଲାରେ ୮୧, ୯୭୯ଟି ରନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ହିତାଧିକାରୀଙ୍କ ପକ୍ଷେ ରିହାତି ଦରରେ ଏଲ୍‌ପିଜି ସିଲିଣ୍ଡର କିଣିବା ସମ୍ଭବ ହେଉନାହିଁ। ସେମାନଙ୍କୁ ରିହାତି ବଦଳରେ ମାଗଣାରେ ରନ୍ଧନ ଗ୍ୟାସ ଯୋଗାଇ ଦେବାକୁ ପାତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି।

ସୂର୍ଯ୍ୟଙ୍କ ଚିଠିର ତୁରନ୍ତ ଜବାବ ଦେଇଛନ୍ତି ଧର୍ମେନ୍ଦ୍ର ସେ କହିଛନ୍ତି ଯେ ବର୍ଷା ଓ ବନ୍ୟାରେ ପ୍ରଭାବିତ ଗଜପତି, ରାୟଗଡା ଓ ଗଞ୍ଜାମ ଆଦି ଜିଲାରେ ଏଲପିଜି ଉପଭୋକ୍ତାମାନଙ୍କ ପାଇଁ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତଥା ତୈଳ ବିପଣନ କମ୍ପାନୀମାନେ ତ୍ୱରିତ ପଦକ୍ଷେପ ନେଇଛନ୍ତି। ପ୍ରଭାବିତ ଜନସାଧାରଣମାନଙ୍କ ପାଇଁ ତୈଳ କମ୍ପାନୀଗୁଡିକ ସହଯୋଗ ଘୋଷଣା କରିସାରିଛନ୍ତି। ବାତ୍ୟା ଓ ବନ୍ୟାରେ ସିଲିଣ୍ଡର ହଜି ଯାଇଥିବା ବିପିଏଲ ପରିବାରମାନଙ୍କୁ ୨ଶହ ଟଙ୍କାରେ ଓ ଏପିଏଲ ପରିବାରକୁ ସିଲିଣ୍ଡରର ପ୍ରସ୍ତୁତି ମୂଲ୍ୟ ୧୨ଶହ ଟଙ୍କାରେ ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ତୈଳ କମ୍ପାନୀଗୁଡିକ କ୍ୟାମ୍ପ ଆୟୋଜନ କରି ଯେଉଁ ଗ୍ରାହକମାନଙ୍କର ଗ୍ୟାସ ସମ୍ବନ୍ଧିତ କାଗଜପତ୍ର ନଷ୍ଟ ହୋଇ ଯାଇଛି ତାହା ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଗତ ୧୮ରେ ତିତଲି ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲାକୁ ଗସ୍ତ କରିଥିଲି। ଏହାସହ ତୈଳ ବିପଣନ କମ୍ପାନୀଗୁଡିକ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଗ୍ୟାସ ଯୋଗାଣକୁ ନିରନ୍ତର ଭାବେ ଜାରି ରଖିବାକୁ ସୁନିଶ୍ଚିତ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।


ସୂର୍ଯ୍ୟନାରାୟଣ ପାତ୍ର


ଧର୍ମେନ୍ଦ୍ର ପ୍ରଧାନ

- ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ ସୂର୍ଯ୍ୟ
- ତୈଳ କମ୍ପାନୀ ସମସ୍ତ ସହାୟତା କରୁଛନ୍ତି: ଧର୍ମେନ୍ଦ୍ର

# ବାରିପଦା ସଭାରେ ବିଶୃଙ୍ଖଳା ନେଇ ଅରୁଣଙ୍କୁ ଦୋଷ ଦେଲେ ଦାମ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ବାରିପଦାଠାରେ ହେଉଥିବା ସମାବେଶରେ ଦେଖାଦେଇଥିବା ବିଶୃଙ୍ଖଳା ପାଇଁ ଶାସକ ଦଳ ବିଧାୟକ ଅରୁଣ ସାହୁଙ୍କୁ ବରିଷ୍ଠ ନେତା ଦାମୋଦର ରାଉତ ଟାର୍ଗେଟ କରିଛନ୍ତି। ଦାମ କହିଛନ୍ତି ଯେ, ବାରିପଦା ସଭା ଭଣ୍ଡୁର ହୋଇନାହିଁ। ମୋତେ ଛଡ ପଡିଆକୁ ୩କିମି ପୂର୍ବରୁ ଶୋଭାଯାତ୍ରାରେ ପାଛୋଟି ନିଆଯାଇଛି। ଦୁଇ, ତିନିଜଣ ଭାଷଣ ଦେବାପରେ ଜଣେ ଯୁବକ ଉପରକୁ ଆସି କ'ଣ କହୁଥିଲେ। ସଭାରେ ଉପସ୍ଥିତ ଲୋକମାନେ ତାକୁ ସଭା ବାହାରକୁ ତଡି ଦେଇଥିଲେ। ଏହାପରେ ମୁଁ ଭାଷଣ ଦେଲି ଏବଂ ଲୋକମାନେ ଯାଇଥିଲେ। ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନୟାଗଡ ବିଧାୟକ ଅରୁଣ ସାହୁ ସମାବେଶକୁ ଭଣ୍ଡୁର କରିବା ପାଇଁ ନିଜ ସମର୍ଥକଙ୍କୁ ପଠାଇଥିଲେ। ଅରୁଣଙ୍କ ଇଙ୍ଗିତରେ ସମାବେଶରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଥିଲା। ସମାବେଶ ଭଣ୍ଡୁର ପାଇଁ ବାରିପଦାରେ ୩ଦିନ ଧରି ଅରୁଣ ଡେରା ପକାଇଥିଲେ। ସଭା ଯେପରି ନ ହେବ ସେଥିପାଇଁ ପ୍ରତ୍ୟେକ ବ୍ଲକକୁ ଲୋକ ପଠାଇ ପ୍ରଚାର କରିଥିଲେ। ଏ ସମ୍ପର୍କରେ ଆଗରୁ ଜାଣିଥିଲି। କଳାହାଣ୍ଡି ଜିଲାର ଜଣେ ଯୁବକ ଟେଲିଫୋନ୍ ଯୋଗେ ମୋତେ ଏହି ସୂଚନା ଦେଇଥିଲେ। ସଭା ଭଣ୍ଡୁର ପାଇଁ ଉଦ୍ୟମ କରୁଥିବା ଯୁବକ ଜଣକ ତାମିଲି ଅଟନ୍ତି। ମାତ୍ର ସେ ଭଲ ଓଡିଆ କହୁଛନ୍ତି। ମୋ ସଭାକୁ ନେଇ ଅରୁଣଙ୍କର ଡର ନୁହେଁ, ତାଙ୍କ ଗୋସେଇଁଙ୍କୁ ବେଶି ଡର ବୋଲି ସେ କହିଛନ୍ତି।

ଅପରପକ୍ଷରେ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରତାପ ଦେବ କହିଛନ୍ତି ଯେ, ଦାମବାବୁଙ୍କର ମତିଭ୍ରମ ହେଲାଣି। ତାଙ୍କର ସ୍ୱାସ୍ଥ୍ୟଗତ ଅସୁବିଧା ବାରି ହୋଇପଡୁଛି। ଏହାର ଚିକିତ୍ସା ଜରୁରୀ। ନିଜକୁ ସବୁ ଦଳର କାର୍ଯ୍ୟକ୍ରମରେ ନିୟୋଜିତ କରି ସ୍ଥିତି ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ପ୍ରତାପ କହିଛନ୍ତି।

- ପେଟ୍ରୋଲଠାରୁ ଡିଜେଲ ଦର ବୃଦ୍ଧି ପ୍ରସଙ୍ଗ

# କେନ୍ଦ୍ରମନ୍ତ୍ରୀଙ୍କ ଅପାରଗତାକୁ ପ୍ରମାଣିତ କରୁଛି: ଶଶିଭୂଷଣ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ପେଟ୍ରୋଲ ଦରଠାରୁ ଡିଜେଲ ଦର ଟପିବା ଘଟଣାରେ ପୁଣି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ଅନ୍ୟପଟେ ରାଜ୍ୟକୁ ପାଲଟା ଟାର୍ଗେଟ କରିଛି ଭାଜପା। ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। ମନ୍ତ୍ରୀ ବେହେରା କହିଛନ୍ତି ଯେ, ତୈଳଦର ବୃଦ୍ଧି କେନ୍ଦ୍ର ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତାକୁ ପ୍ରମାଣିତ କରୁଛି। ଯେଉଁ ବେସ୍ ପ୍ରାଇସ୍‌କୁ ବର୍ତ୍ତମାନ ତୁମ୍ବିତୋଫାନ ହେଉଛି ତାହା ହେଉଛି ବିନା ଟିକସରେ ଡିଲରଙ୍କ ଠାରୁ ତୈଳକମ୍ପାନୀ ନେଉଥିବା ଦର। ଗୋଟିଏ ପଟେ କେନ୍ଦ୍ର ସରକାର ଟିକସ କମାଉଛନ୍ତି ଅନ୍ୟପଟେ ଡିଜେଲର ବେସ୍ ପ୍ରାଇସ୍ ବୃଦ୍ଧି ପାଉଥିବା କାରଣରୁ ଅଜବ ପରିସ୍ଥିତି ଉପୁଜୁଥିବା ବେହେରା କହିଛନ୍ତି। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଓଡ଼ିଶା ଅପେକ୍ଷା କମ୍ ଟ୍ୟାକ୍ସ ନିଆଯାଉଛି। ତେଣୁ ରାଜ୍ୟ ସରକାର ଡିଜେଲ ଉପରେ ନେଉଥିବା ୨୬ପ୍ରତିଶତ ଟ୍ୟାକ୍ସ ପ୍ରଥମେ କମାନ୍ତୁ ବୋଲି ଗୋଲକ କହିଛନ୍ତି।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ପେଟ୍ରୋଲ ତୁଳନାରେ ଡିଜେଲ ଉପରେ ପ୍ରାୟ ୪ଟଙ୍କାର କେନ୍ଦ୍ରୀୟ ଟିକସ କମାଇଛନ୍ତି। ମାତ୍ର ଡିଜେଲର ମୂଳଦର ୪ଟଙ୍କା ବୃଦ୍ଧି କରିଛନ୍ତି, ଯେଉଁଥିପାଇଁ ଗ୍ରାହକଙ୍କୁ ଟିକସ ହ୍ରାସର କୌଣସି ସୁଫଳ ମିଳୁ ନାହିଁ।

- ଭୁବନେଶ୍ୱରରେ ଜାତୀୟ ଷ୍ଟିଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ

# ଶିଳ୍ପ ମନ୍ତ୍ରଣାଳୟ ନାଲିଫିତା ତଳେ ଫାଇଲ୍

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ଭୁବନେଶ୍ୱରଠାରେ ଜାତୀୟ ଷ୍ଟିଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟକୁ ବର୍ଷେ ତଳେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମନ୍ତ୍ରଣାଳୟ ମାକନ ଲିମିଟେଡ୍‌କୁ ପଠାଇ ଦେଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟ ଏବଂ ମାକନ୍ ଲିମିଟେଡ୍ ଗୁରୁତ୍ୱ ଦେଇ ନ ଥିବା ଜଣାପଡିଛି। ସେହିପରି ପୁରୀରେ ଥିବା ବିଜୁ ପଟ୍ଟନାୟକ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟକୁ ମଧ୍ୟ ଜାତୀୟ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟ କରିବା ପାଇଁ ରାଜ୍ୟ ଶିଳ୍ପ ବିଭାଗ ପକ୍ଷରୁ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ଏବେ ଏହି ଦୁଇଟି ପ୍ରସ୍ତାବ କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟର ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ଫଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ଜାତୀୟସ୍ତରୀୟ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟ୍ ମାନ୍ୟତା ପାଇବା ନେଇ ପ୍ରଶ୍ନ ଉଠିଛି।

ଏ ନେଇ କନ୍‌ସଲଟାଣ୍ଟ ଇଞ୍ଜିନିୟର ଆର.ପି. ପଟ୍ଟନାୟକ କୁହନ୍ତି, ଓଡ଼ିଶା ହେଉଛି ଗୋଟିଏ ଖଣିଜ ସମ୍ପଦଭରା ରାଜ୍ୟ। ଏଠାରେ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉତ୍ପାଦନରେ ଜାତୀୟସ୍ତରରେ ୧ନଂ ମାନ୍ୟତାରେ ରହି ଆସିଛି। ସେହିପରି ଭୁବନେଶ୍ୱରକୁ ଗୋଟିଏ ଏଜୁକେଶନ ହବ୍ କରିବାକୁ ହେଲେ ଜାତୀୟ ଷ୍ଟିଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। ଏହାକୁ ଲକ୍ଷ୍ୟକରି ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଶିଳ୍ପ ମନ୍ତ୍ରଣାଳୟକୁ ଭୁବନେଶ୍ୱରରେ ଜାତୀୟ ଷ୍ଟିଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ମନ୍ତ୍ରଣାଳୟ ମାକନ ଲିମିଟେଡ୍‌କୁ ପଠାଇ ଦେଇଥିଲା। ମାକନ ଲିମିଟେଡ୍ ହେଉଛି ଶିଳ୍ପ ମନ୍ତ୍ରଣାଳୟର ଏକ ଅଂଶ। ତେବେ ମାକନ ଲିମିଟେଡ୍ ପକ୍ଷରୁ ମଧ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇଥିବା ନେଇ ଜଣାପଡୁନାହିଁ ବୋଲି ପଟ୍ଟନାୟକ କହିଛନ୍ତି।

୨୦୨୫ ସୁଦ୍ଧା ଭାରତ ସରକାର ୩୦୦ ମିଲିୟନ୍ ଷ୍ଟିଲ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏପରିସ୍ଥଳେ ଓଡ଼ିଶାରୁ ୧୦୦ ମିଲିୟନ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଏହାକୁ ଦେଖିଲେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହି ବିଶ୍ୱବିଦ୍ୟାଳୟ ହେବା ଦ୍ୱାରା ମାଇନିଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇବ। ମାଇନିଂ କ୍ଷେତ୍ରରେ କାମ କରିବା ପାଇଁ ଏହି ବିଶ୍ୱବିଦ୍ୟାଳୟରୁ ଦକ୍ଷତା ଥିବା ନୂତନ ଇଞ୍ଜିନିୟର ସୃଷ୍ଟି ହେବେ। ମାଇନିଂ ଉପରେ ଅଧିକ ଗବେଷଣା କରାଯିବା ସହିତ କମ୍ ଟଙ୍କାରେ କିପରି ଉନ୍ନତମାନର ଏବଂ ଅଧିକ ଷ୍ଟିଲ୍ ଉତ୍ପାଦନ ହୋଇପାରିବ ସେନେଇ ଇଞ୍ଜିନିୟରଙ୍କୁ ଶିକ୍ଷା ଦିଆଯିବ। ମାଇନିଂ ଥିବା ଅଞ୍ଚଳଗୁଡିକରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ସହିତ ଜଳ ପ୍ରଦୂଷଣ ଏବଂ ମୃତ୍ତିକା ସଂରକ୍ଷଣ କିପରି କରାଯାଇ ପାରିବ ତାହା ଉପରେ ମଧ୍ୟ ଇଞ୍ଜିନିୟରମାନଙ୍କୁ ଶିକ୍ଷା ମିଳିବ ବୋଲି ପଟ୍ଟନାୟକ କହିଛନ୍ତି।

## କାନାଡ଼ା ଉପକୂଳରେ ୪ଥର ଭୂକମ୍ପ ଅନୁଭୂତ

**ୱାଶିଂଟନ୍,୨୨।୧୦(ପି.ଟି.):** କାନାଡାର ପଶ୍ଚିମ ଉପକୂଳରେ ରବିବାର ବିଳମ୍ବିତ ରାତିରେ ୪ଥର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୯ରୁ ୬.୮ ରହିଛି ବୋଲି ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସୂଚନା ଦେଇଛି। ପ୍ରଥମ ଭୂକମ୍ପ ଝଟକା ବ୍ରିଟିଶ୍ କଲମ୍ବିଆର ଭାନକୁଭର ଦ୍ୱୀପରେ ରାତି ୧୦ଟା ୩୯ ମିନିଟ୍‌ରେ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୬ ରହିଥିଲା। ଦ୍ୱିତୀୟଟି ୬.୮ ତୀବ୍ରତାର ହୋଇଥିବା ୧୧ଟା ୧୬ ମିନିଟ୍‌ରେ ଦକ୍ଷିଣ ପଶ୍ଚିମ କାନାଡିୟାନ୍ ସହରରେ ଅନୁଭୂତ ହୋଇଥିଲା। ଏହାପରେ ସମାନ ସ୍ଥାନରେ ୬.୫ ଏବଂ ୪.୯ ତୀବ୍ରତାରେ ଆଉ ଦୁଇଟି ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।

**QUOTATIONS FOR AUCTION**

are invited for **Burnt Stock** in as it is where it is basis. Lying at **M/s Shree Traders, Plot No-247, Damana Chhak, S.S. Vihar Road, Near Atmaram Complex, Bhubaneswar, Odisha-751016, Contact Person-Mr. Sudhir Kumar Das, Mob. No.-7978904353.** The Burnt Stock can be inspected between **11.00 A.M.** to **5.00 P.M.** (within 7 days from the Dt. of advertise), the quotation should reach us last by Dt. 30.10.2018, in seald envelope by Register Post only.




## ଭାରତୀୟ ଭିଜା ଲାଗି ବିଦେଶୀ ଜଣାଇବେ ନିଜର ଅପରାଧ ରେକର୍ଡ

**ନୂଆଦିଲ୍ଲୀ,୨୨।୧୦:** ଭାରତରେ ବୁଲାବୁଲି କରିବା ଲାଗି ଭିଜା ଆବେଦନ କରିବା ବେଳେ ଏଣିକି ବିଦେଶୀ ପର୍ଯ୍ୟଟକଙ୍କୁ ନିଜର ଅପରାଧ ରେକର୍ଡ ସମ୍ପର୍କରେ ଜଣାଇବାକୁ ପଡିବ। ଏହାଛଡା ବିଚାରାଧୀନ ମାମଲା ଯୋଗୁ ସେମାନେ ଭିଜା ପାଇବାରୁ ବଞ୍ଚିତ ହୋଇଛନ୍ତି କି ନା ଜଣାଇବାକୁ ବାଧ୍ୟ ରହିବେ। ଶିଶୁ ଯୌନ ନିର୍ଯାତନା ମାମଲାକୁ ରୋକିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି। ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରାୟ ଏକ ମାସ ହେବ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ବ୍ୟୁରୋ ଅଫ୍ ଇମିଗ୍ରେଶନ ପକ୍ଷରୁ ଏହାକୁ ଲାଗୁ କରାଯାଇଛି।

## ୫ଜିର କିଛି ସ୍ପେକ୍ଟ୍ରମ ଲାଇସେନ୍ସ ମୁକ୍ତ

**ନୂଆଦିଲ୍ଲୀ,୨୨।୧୦:** କେନ୍ଦ୍ର ସରକାର ୱାଇଫାଇ ତଥା ଦୂରସଞ୍ଚାର କମ୍ପାନୀ ଦ୍ୱାରା ଆଂଶିକ ୫ଜି ସେବା ଦେବା ଲାଗି ୫ ଗିଗା ହର୍ଜ୍ ବ୍ୟାଣ୍ଡର କିଛି ସ୍ପେକ୍ଟ୍ରମକୁ ଲାଇସେନ୍ସ ମୁକ୍ତ କରିଦେଇଛନ୍ତି। ୫୧୫୦–୫୨୫୦ ମେଗାହର୍ଜ୍ ବ୍ୟାଣ୍ଡ, ୫୨୫୦–୫୩୫୦ ମେଗାହର୍ଜ୍ ଏବଂ ୫୭୨୫–୫୮୭୫ ମେଗା ହର୍ଜର ସ୍ପେକ୍ଟ୍ରମ ରେଞ୍ଜ ପାଇଁ ଏଣିକି କୌଣସ ପରମିଟ୍‌ର ଆବଶ୍ୟକତା ନାହିଁ। ୫ଜି ଇକୋସିଷ୍ଟମକୁ ବିକଶିତ କରିବା ତଥା ସାରା ଦେଶରେ ୱାଇଫାଇ ସେବାକୁ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଏଭଳି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି।

- ସୁନ୍ଦରୀକୁ ନେଇ ଚିନ୍ତା

## କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଅନୁଗୋଳ ଅଫିସ,୨୨।୧୦

ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଅନୁଗୋଳ ସାତକୋଶିଆ ଆସିଥିବା ବାଘୁଣୀ ସୁନ୍ଦରୀ ବାରମ୍ବାର ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରି ଜୀବନ ନେଉଛି। ତେଣୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ସ୍ଥାନୀୟ ଲୋକଙ୍କ ଜୀବନକୁ ସୁରକ୍ଷିତ କରାଯିବା ସହ ସେମାନଙ୍କ ମନରୁ ଭୟ ଦୂର ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ସୋମବାର ଏକ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ, ବାଘୁଣୀ ସୁନ୍ଦରୀ ଏବେ ସମ୍ପୃକ୍ତ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଲାଗି ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ଉପଦେଷ୍ଟା ଦିଲେଶ୍ୱର ପ୍ରଧାନ ତାଙ୍କୁ ଏକ ପତ୍ର ପ୍ରଦାନ କରିଥିଲେ। ବାଘୁଣୀ ଗତ ଦୁଇ ମାସ ଧରି ସାତକୋଶିଆରେ ମଣିଷଙ୍କୁ ଆକ୍ରମଣ କରିବା ସହ ଗୃହପାଳିତ ପଶୁକୁ ମଧ ଶିକାର କରୁଛି। ତେଣୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ବସବାସ କରୁଥିବାବେଳେ ପିଲାମାନଙ୍କ ପାଠପଢ଼ା ବନ୍ଦ ହୋଇଯାଇଛି। ତେଣୁ ସୁନ୍ଦରୀକୁ ତୁରନ୍ତ ଟ୍ରାଙ୍କୁଲାଇଜ କରି ଏଠାରୁ ନେବା ପାଇଁ ସମିତି ଉପଦେଷ୍ଟା ଉକ୍ତ ପତ୍ର ମାଧ୍ୟମରେ ତାଙ୍କୁ ଜଣାଇଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମଥୁରା ସାହୁ,** ପିତା: କୃଷ୍ଣ ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୦୦୪** | **ମଥୁରା ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି | **୨୫.୦୯.୨୦୧୮** | **୩୦.୦୪.୨୦୧୬** | ୧୮.୦୯.୨୦୧୮ ସୁଦ୍ଧା **ଟ.୧,୯୯,୧୨୧/-** |
| **ଋଣଗ୍ରହୀତା: ବସନ୍ତ କୁମାର ମିଶ୍ର,** ପିତା: କୁଳମଣୀ ମିଶ୍ର, ସା: କେନ୍ଦୁପଲ୍ଲି, ପୋ: ନୁଖାପଡା, ନରସିଂହପୁର, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୧୪୦** | **ବସନ୍ତ କୁମାର ମିଶ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଠେଙ୍ଗାପଲ୍ଲି, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | **୨୫.୦୯.୨୦୧୮** | **୧୯.୧୨.୨୦୧୪** | ୧୮.୦୯.୨୦୧୮ ସୁଦ୍ଧା **ଟ.୩,୫୮,୩୯୦/-** |
| **ଋଣଗ୍ରହୀତା: ଜଗବନ୍ଧୁ ରାଉତ,** ପିତା: ଆନନ୍ଦ ରାଉତ, ସା/ପୋ: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୧୧୪୫୨୨୫୬୨୩୧** | **ଜଗବନ୍ଧୁ ରାଉତ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୮୪୨/୧୫୮, ପ୍ଲଟ୍ ନଂ.: ୨୮୬୬/୭୬୨୨, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରି | **୨୫.୦୯.୨୦୧୮** | **୧୦.୧୧.୨୦୧୫** | ୧୮.୦୯.୨୦୧୮ ସୁଦ୍ଧା **ଟ.୨,୩୫,୫୨୬/-** |
| **ଋଣଗ୍ରହୀତା: ନିବାସ ବେହେରା,** ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.: ୩୦୩୫୨୧୭୮୦୭୦** | **ନିବାସ ବେହେରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | **୨୫.୦୯.୨୦୧୮** | **୧୦.୧୧.୨୦୧୫** | ୧୮.୦୯.୨୦୧୮ ସୁଦ୍ଧା **ଟ.୫,୦୮,୨୭୧/-** |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୨୨.୧୦.୨୦୧୮
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଜାତୀୟ ଡିଜାଇନ ସଂସ୍ଥାନ**
**NATIONAL INSTITUTE OF DESIGN**

ଶିକ୍ଷାବର୍ଷ ୨୦୧୯-୨୦ ପାଇଁ, ଜାତୀୟ ଡିଜାଇନ ସଂସ୍ଥାନ ଭାରତୀୟ ଏବଂ ଅନ୍ତର୍ଜାତୀୟ ଆବେଦନକାରୀଙ୍କଠାରୁ ନିମ୍ନଲିଖିତ କାର୍ଯ୍ୟକ୍ରମ ଲାଗି ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:

**ବ୍ୟାଚେଲର୍ ଅଫ୍ ଡିଜାଇନ୍**
(ବି.ଡିଇଏସ୍. - ୪ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ କ୍ୟାମ୍ପସ୍‌ଠାରେ

**ମାଷ୍ଟର୍ ଅଫ୍ ଡିଜାଇନ୍**
(ଏମ୍.ଡିଇଏସ୍. - ୨.୫ ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ, ଗାନ୍ଧୀନଗର ଏବଂ ବେଙ୍ଗାଲୁରୁ କ୍ୟାମ୍ପସ୍‌ଠାରେ

**ଗ୍ରାଜୁଏଟ୍ ଡିପ୍ଲୋମା ପ୍ରୋଗ୍ରାମ୍ ଇନ୍ ଡିଜାଇନ୍**
(ଜିଡିପିଡି - ୪ ବର୍ଷ) ଏନ୍‌ଆଇଡି ବିଜୟୱାଡ଼ା, ଏନ୍‌ଆଇଡି କୁରୁକ୍ଷେତ୍ର, ଏନ୍‌ଆଇଡି ଭୋପାଳ ଏବଂ ଏନ୍‌ଆଇଡି ଜୋରହାଟଠାରେ

ଜାତୀୟ ଡିଜାଇନ ସଂସ୍ଥାନ ହେଉଛି ଏନ୍‌ଆଇଡି ଅଧିନିୟମ (୨୦୧୪ର ୧୮) ଦ୍ୱାରା ଏକ ଜାତୀୟ ମହତ୍ୱଧାରୀ ଅନୁଷ୍ଠାନ ଏବଂ ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ଅନୁଷ୍ଠାନ। ଏନ୍‌ଆଇଡି ବିଜୟୱାଡ଼ା, ଏନ୍‌ଆଇଡି କୁରୁକ୍ଷେତ୍ର, ଏନ୍‌ଆଇଡି ଭୋପାଳ ଏବଂ ଏନ୍‌ଆଇଡି ଜୋରହାଟ ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ସ୍ୱାଧୀନ ସ୍ୱୟଂଶାସିତ ଅନୁଷ୍ଠାନ।

**ନାମଲେଖା ୨୦୧୯-୨୦**

ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
**ଗୁରୁବାର, ୧୫ ନଭେମ୍ବର, ୨୦୧୮**
ବିଳମ୍ବ ଦେୟ ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
**ଗୁରୁବାର, ୨୨ ନଭେମ୍ବର, ୨୦୧୮**
ଡିଜାଇନ୍ ଆପ୍ଟିଚ୍ୟୁଡ୍ ପରୀକ୍ଷା (ଡିଏଟି) ପ୍ରିଲିମ୍ସ
**ରବିବାର, ୦୬ ଜାନୁୟାରୀ, ୨୦୧୯**

ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ:
http://admissions.nid.edu

davp 05216/11/0002/1819



ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି, ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଦାବିରେ ସେବା ପ୍ରତିନିଧି ପକ୍ଷରୁ ବିକ୍ଷୋଭ ଓ ନବୀନ ନିବାସ ଚାଲ ଅଭିଯାନ, ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସକାଳ ୯ଟାରୁ ଆରମ୍ଭ।
- ସ୍ମାର୍ଟ ଏଗ୍ରି ପୋଷ୍ଟ ପକ୍ଷରୁ ବତକ ଓ କୁକୁଡ଼ା ପାଳନ ସମ୍ପର୍କିତ ବିଭିନ୍ନ ଅଧିବେଶନ, ଅର୍କିଡ୍ ହଲ୍, ହୋଟେଲ ମେଫେୟାର, ସକାଳ ୯ଟା ୧୫।
- ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ 'କ୍ୟାପିଟାଲ ଗୁଡ୍‌ସ ଫର୍ ଷ୍ଟିଲ୍ ସେକ୍ଟର: ମ୍ୟାନୁଫ୍ୟାକ୍ଚର ଇନ୍ ଇଣ୍ଡିଆ' ଶୀର୍ଷକ ଜାତୀୟ ସମ୍ମିଳନୀ, ହୋଟେଲ ମେଫେୟାର କନ୍‌ଭେନଶନ ହଲ୍, ସକାଳ ୯ଟା ୩୦।
- ଡାକ୍ତର ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ଭାଜପା ପକ୍ଷରୁ ବିଶାଳ ନୀରବ ଧାରଣା, ବିଏମ୍‌ସି ହସ୍ପିଟାଲ ସମ୍ମୁଖ, ଲିଙ୍ଗରାଜ ମନ୍ଦିର ପଛପାର୍ଶ୍ୱ, ପୂର୍ବାହ୍ନ ୧୦ଟା।
- ଆମ କଳାକାର ପରିବାରର ବାର୍ଷିକ ଉତ୍ସବ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୩ଟାରୁ ରାତି ୯ଟା।
- ସିପିଆଇ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଭଗବତୀ ଭବନ, ଅପରାହ୍ନ ୫ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ପୁସ୍ତକ 'ଯୋଗୀର ସଂସାର'ର ଲୋକାର୍ପଣ ଉତ୍ସବ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ କୁମାର ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ ଓ ଗୁରୁ ସହଦେବ ପାଢ଼ୀ ମେମୋରିଆଲ ଆୱାର୍ଡ-୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ସିପିଆଇ, କଟକ ସିଟି କମିଟି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିସଭା, ସତୀଚଉରା, ସକାଳ ୮ଟା ୩୦।
- ଏଆଇଡିଏସ୍‌ଓ, କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ପୁରୀ**

- ଓଷ୍ଟା ପକ୍ଷରୁ ଆଲୋଚନାଚକ୍ର, ଓଷ୍ଟା କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର, ଭକ୍ତ ସାଲବେଗ ପୀଠ, ଅପରାହ୍ନ ୪ଟା।
- ସମୁଦ୍ର ଆଳତି, ସ୍ୱର୍ଗଦ୍ୱାର, ସନ୍ଧ୍ୟା ୬ଟା।

## ଷ୍ଟେଶନରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ,୨୨।୧୦(ଡି.ଏନ୍.ଏ.):** କଟକ ଜିଆରପି ଥାନା ଅଧୀନ ଘଣ୍ଟିଖାଲ ଷ୍ଟେଶନ ପ୍ଲାଟଫର୍ମ ଭିତରୁ ସୋମବାର ମଧ୍ୟାହ୍ନରେ ବାରଙ୍ଗ ଜିଆରପି ପୋଲିସ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ମହିଳା ଜଣଙ୍କ ଷ୍ଟେଶନ ଭିତରେ ଛଟପଟ ହେଉଥିବା ବେଳେ ସେଠାରେ ଥିବା ଲୋକେ ଘଣ୍ଟିଖାଲ ରେଲୱେ ପୋଲିସକୁ ଖବର ଦେଇଥିଲେ। ମାତ୍ର ଘଟଣାସ୍ଥଳରେ ଉକ୍ତ ମହିଳାଙ୍କ ମୃତ୍ୟୁ ଘଟିଥିଲା ବୋଲି ଏଏସଆଇ ସୁରେଶ ଗୌଡ କହିଛନ୍ତି। ଖବରପାଇ ବାରଙ୍ଗ ଜିଆରପି ଏଏସଆଇ ରମେଶ ଚନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହା ସହ ମହିଳାଙ୍କ ନିକଟରେ ଥିବା ଏକ ଭ୍ୟାନିଟ ବ୍ୟାଗରୁ ୟୁକୋ ବ୍ୟାଙ୍କ ପାସବୁକ ଜବତ ହୋଇଛି। ସେଥିରେ କଳ୍ପନା ବେହେରା, ଘର ଯାଁଳା, ଥାନା ଜଟଣୀ ଓ ଜିଲା ଖୋର୍ଦ୍ଧା ଲେଖାଥିବା ଜଣାପଡିଛି। ମହିଳାଙ୍କ ଡାହାଣ ହାତରେ କଳ୍ପନା ଲେଖା ହୋଇଥିବା ବେଳେ ବାମ ହାତରେ ବାବିନା ଚିତା କୁଟାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା (ନଂ.୬୪/୧୮)ରୁଜୁ ହୋଇଥିବା ଏଏସଆଇ ଗୌଡ କହିଛନ୍ତି।

# ପୋଲିସର ଦାୟିତ୍ୱହୀନତା, ଚାଲିଗଲା ଜୀବନ

**ବାଟ ବାଟରେ କମିଶନରେଟ ପୋଲିସ...**

- ଏସ୍‌ସିବି ବାରଣ୍ଡାରେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲେ
- ଦୁଇଦିନ ପରେ ଖୋଜି ପାଇଲେ ପରିବାର ଲୋକେ
- ଖଣ୍ଡଗିରି ଥାନା ଘେରାଉ କଲେ ସ୍ଥାନୀୟ ଲୋକେ



ମୃତ ମନୋଜ।



ଥାନା ପରିସରରେ ଥିବା ଦୁର୍ଘଟଣାଗ୍ରସ୍ତ ବାଇକ୍।

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଦୁର୍ଘଟଣାରେ ଆହତ ଲୋକଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ ମିଳିବ ପୁରସ୍କାର। ଏପରି ବହୁ ଯୋଜନା କରି କମିଶନରେଟ ପୋଲିସ ବାହାବା ନେବାକୁ ଚେଷ୍ଟା କରୁଥିବାବେଳେ ନିଜ ଅଧିକାରୀ ଓ କର୍ମଚାରୀଙ୍କୁ ସେତିକି ସଚେତନ କରିପାରି ନ ଥିବା ଭଳି ମନେ ହେଉଛି। ପୋଲିସ କେବଳ ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇ ନିଜ କର୍ତ୍ତବ୍ୟ ସାରୁଛି। ପରିଚୟ ଖୋଜି ପରିବାର ଲୋକଙ୍କୁ ଖବର ଦେଉ ନ ଥିବାରୁ ଆହତ ବ୍ୟକ୍ତି ଅସହାୟ ଅବସ୍ଥାରେ ହସ୍ପିଟାଲରେ ପଡ଼ିରହି ଶେଷରେ ଆଖି ବୁଜୁଛନ୍ତି। ଘଟଣାକ୍ରମରେ ଖଣ୍ଡଗିରି ଓ ନୟାପଲ୍ଲୀ ଥାନା ପୋଲିସର ଅବହେଳା ପାଇଁ ଜଣେ ଆହତ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକ ହେଲେ ଭରତପୁର ବସ୍ତିର ଏସ୍. ମନୋଜ (୨୪)। ସୋମବାର ମନୋଜଙ୍କ ପରିବାର ସଦସ୍ୟଙ୍କ ସମେତ ଶତାଧିକ ସ୍ଥାନୀୟ ଲୋକେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଖଣ୍ଡଗିରି ଥାନା ଘେରାଉ କରିଥିଲେ। ପରେ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।

ଅଭିଯୋଗ ଅନୁସାରେ, ମନୋଜ ଭରତପୁର ବସ୍ତିର ପ୍ଲଟ୍ ନଂ.୫ରେ ପରିବାର ସହ ରୁହନ୍ତି। ସେ ଗତ ୧୯ ତାରିଖ ରାତିରେ ଦୁର୍ଗାପୂଜା ଦେଖିବା ପାଇଁ ସାଙ୍ଗ ଚନ୍ଦନ ପଣ୍ଡାଙ୍କ ବାଇକ୍ (ନଂ.ଓଡି୩ସି-୬୩୪୯)ନେଇ ଭୁବନେଶ୍ୱର ଆସିଥିଲେ। ପୂଜା ମଣ୍ଡପ ବୁଲିସାରିବା ପରେ ରାତି ପ୍ରାୟ ୧୦ରେ ରେଣ୍ଟାଲ ଛକଦେଇ ଘରକୁ ଫେରୁଥିଲେ। ଭରତପୁରରୁ ଫାୟାରଷ୍ଟେଶନ ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ମନୋଜ ରକ୍ତଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ଏହାଦେଖି କେହି ଜଣେ ଯାତ୍ରୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଖବର ଦେଇଥିଲେ। ନୟାପଲ୍ଲୀ ଥାନା ପିସିଆର୍ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ଚୁପ୍ ବସିଲା। ଦୁଇ ଥାନାର ପୋଲିସ ଆହତଙ୍କ ଠିକଣା ଖୋଜି ପରିବାର ଲୋକଙ୍କୁ ଖବର ଦେବାକୁ ଚେଷ୍ଟା କଲା ନାହିଁ। ଫଳରେ ଗୁରୁତର ଥିବା ମନୋଜଙ୍କୁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ କଟକ ସ୍ଥାନାନ୍ତର କରାଗଲା। ଆମ୍ବୁଲାନ୍ସ କର୍ମଚାରୀମାନେ ଏସ୍‌ସିବିରେ ଭର୍ତ୍ତି କରି ଚାଲି ଆସିଥିଲେ। ଏପଟେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନୋଜ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ୨୦ ତାରିଖରେ ଖଣ୍ଡଗିରି ଥାନାରେ ଏକ ନିଖୋଜ ଅଭିଯୋଗ କରିଥିଲେ। ଏହାକୁ ପୋଲିସ ସେତେଟା ଗୁରୁତ୍ୱ ଦେଇ ନ ଥିଲା କି ଦୁର୍ଘଟଣାଗ୍ରସ୍ତ ମନୋଜଙ୍କ ସମ୍ପର୍କରେ କିଛି ବି ଜଣାଇ ନ ଥିଲା। ପରିବାର ଲୋକଙ୍କ ସନ୍ଦେହ ହେବାରୁ ସେମାନେ କ୍ୟାପିଟାଲ ହସ୍ପିଟାଲ ଯାଇ ଖୋଜାଖୋଜି କରିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ଜଣେ ଯୁବକ କଟକ ଯାଇଥିବା ଖବରପାଇ ପରିବାର ଲୋକେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ସେଠାରେ ମନୋଜଙ୍କ ଅବସ୍ଥା ଦେଖି ସେମାନଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜ ହସ୍ପିଟାଲ ବାରଣ୍ଡାରେ ଚେତା ଶୂନ୍ୟ ହୋଇ ଅସହାୟ ଅବସ୍ଥାରେ ପଡିଥିଲେ। ମାଛି ଭଣ ଭଣ ହେଉଥିବାବେଳେ ମୁଣ୍ଡରେ ବ୍ୟାଣ୍ଡେଜ ଗୁଡ଼ାଯାଇଥିଲା। ଚିକିତ୍ସାରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଥିଲା। ଏପରିସ୍ଥିତି ଦେଖି ତୁରନ୍ତ ପରିବାର ଲୋକେ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରବିବାର ରାତିରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ମନୋଜଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ପୋଲିସକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ଜବତ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ନେଇ ପୋଲିସ ଖୋଳତାଡ଼ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ ମନୋଜ ବଞ୍ଚିଯାଇଥାନ୍ତେ ବୋଲି ପରିବାର ଲୋକେ କହିଛନ୍ତି।

ଏ ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ମଡର୍ନ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ ଆସିଲେ ଥାନା ଜାଣିପାରୁନାହିଁ। ସେମାନେ ସିଧା ପିସିଆରକୁ ଜଣାଉଛନ୍ତି। ତେଣୁ ଘଟଣାଟି କ'ଣ ହୋଇଛି ତାହା ଅନୁଧ୍ୟାନ କରୁଛି। ତଦନ୍ତ ପରେ ଯେଉଁ ଅଫିସର କାର୍ଯ୍ୟରେ ଅବହେଳା କରିଥିବା ଜଣାପଡିବ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, କିଛି ମାସ ତଳେ ନୟାପଲ୍ଲୀ ଥାନା ଅଞ୍ଚଳରେ ଇଶାନ ନାମକ ନାବାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପୋଲିସ ପରିବାର ଲୋକଙ୍କୁ ନ ଜଣାଇ ମୃତ ଦେହକୁ ପୋଡି ଦେଇଥିଲା। ଏପରିକି ଘଟଣାକୁ ପୋଲିସ ଲୁଚାଇଥିବା ଜାଣିବା ପରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ଏହି ଘଟଣାରେ ତତ୍କାଳୀନ ଥାନା ଅଧିକାରୀ ସୂର୍ଯ୍ୟମଣୀ ପ୍ରଧାନଙ୍କୁ ବଦଳି କରାଯିବା ସହ ଏଏସ୍‌ଆଇ ଏନ୍.ସି ସ୍ୱାଇଁଙ୍କୁ ନିଲମ୍ବନ କରାଯାଇଥିଲା। ଏହାସତ୍ତ୍ୱେ ଘଟଣାର ପୁନରାବୃତ୍ତି ଘଟିଲା।



ମୃତ ମନୋଜଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ବାସିନ୍ଦା ଖଣ୍ଡଗିରି ଥାନା ଘେରାଉ କରିଛନ୍ତି।

**ହଜିଗଲା ମାନବିକତା**

## ଆଉ ଜଣେ ଅସହାୟଙ୍କ ଜୀବନ ଗଲା

### ଗଛମୂଳେ ଛାଡ଼ିଦେଇ ଆସିଲେ ଏସ୍‌ସିବି କର୍ମଚାରୀ

**କଟକ ଅଫିସ, ୨୨।୧୦:** ଏସ୍‌ସିବି ମେଡିକାଲ କର୍ମଚାରୀଙ୍କ ଅଣଦେଖା ପାଇଁ ରବିବାର ମେଡିକାଲ ପରିସରରେ ଜଣେ ଅସହାୟ ରୋଗୀ ଚିକିତ୍ସା ନ ପାଇ ପ୍ରାଣ ହରାଇଥିଲେ। ଏହାକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ଘଟଣା ନ ଥମୁଣୁ ରବିବାର ରାତିରେ ଆଉ ଜଣେ ଅସହାୟଙ୍କ ମୃତ୍ୟୁ ଘଟିଛି। ଉକ୍ତ ଅସହାୟଙ୍କ ମୃତ୍ୟୁ ପଛରେ ଏସ୍‌ସିବି ମେଡିକାଲ କର୍ମଚାରୀଙ୍କ ଦାୟିତ୍ୱହୀନତା ପଦାକୁ ଆସିଛି। ୪ ଦିନ ତଳେ ଅକ୍ଷୟ ନାୟକ (୬୫) ନାମକ ଜଣେ ଅସହାୟ ରୋଗୀ ପୁରୀ ମେଡିକାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିଲେ। ଅକ୍ଷୟଙ୍କ ଶରୀରରେ କେତେକ ଘା ହୋଇଥିଲା। ଦୁଇଦିନ କାଳ କାଜୁଆଲିଟିରେ ପଡ଼ିରହିବା ପରେ କେତେଜଣ କର୍ମଚାରୀ ଅକ୍ଷୟଙ୍କୁ ଗୁରୁବାର ବ୍ୟାଟ୍ରି ଆମ୍ବୁଲାନ୍ସରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ନେଇଥିଲେ। ମାତ୍ର କର୍କଟ କେନ୍ଦ୍ରରେ ଅକ୍ଷୟଙ୍କୁ ଆଡମିଶନ ନ କରି ଏକ ଗଛମୂଳେ ଛାଡ଼ିଦେଇ ଆସିଥିଲେ। ଅସହାୟ ଅବସ୍ଥାରେ ଅକ୍ଷୟ ଗଛମୂଳେ ପଡ଼ିଥିବା ଦେଖି କର୍କଟ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ୱାର୍ଡରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ଅକ୍ଷୟଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏଭଳି ଖବର ନ ଥିବା କହିଥିଲେ।



## ଶିଶୁଭବନ: ମୃତ ଶିଶୁକୁ କୁକୁର ଖାଇଲା

**କଟକ ଅଫିସ, ୨୨।୧୦**

ଶିଶୁଭବନ ପରିସରରେ ମୃତଶିଶୁକୁ କୁକୁର ଖାଇବା ଦୃଶ୍ୟ ସୋମବାର ଦେଖିବାକୁ ମିଳିଛି। ଘଟଣାକୁ ନେଇ ଶିଶୁଭବନକୁ ଚିକିତ୍ସା ପାଇଁ ଆସିଥିବା ଶିଶୁ ରୋଗୀମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିଶୁଙ୍କ ମୃତ୍ୟୁ ପରେ ମାତାପିତା ଶିଶୁଭବନ ପରିସରରେ ଫିଙ୍ଗି ପଳାଇଯାଉଥିବା ପୂର୍ବରୁ ନଜିର ରହିଛି। ଏହି ଘଟଣାରେ ମଧ୍ୟ ଏଭଳି ଘଟିଥିବା ଅନୁମାନ କରାଯାଉଛି। କେନ୍ଦୁଝର ଅଞ୍ଚଳରୁ ଆସିଥିବା ତପନ ପରିଡା ନାମକ ରୋଗୀ ସମ୍ପର୍କୀୟ କହିଛନ୍ତି ଯେ, ଯଦି ମାତାପିତା ଏଭଳି କରିଥାନ୍ତି ତେବେ ତାହାକୁ ରୋକିବା ପାଇଁ ଶିଶୁଭବନ କର୍ତ୍ତୃପକ୍ଷ ଦାୟିତ୍ୱବାନ ହେବା ଉଚିତ। ସିସିଟିଭି ବ୍ୟବସ୍ଥା ଏବଂ କ୍ୟାମ୍ପସରେ ୨୪ ଘଣ୍ଟା ସୁରକ୍ଷାକର୍ମୀ ମୁତୟନ ରହିବା ସତ୍ତ୍ୱେ କିପରି ଏଭଳି ଘଟଣା ଘଟୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ସରୋଜ ଶତପଥୀ କହିଛନ୍ତି ଯେ, ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଫୋନ କଲ୍ ପାଇବା ପରେ ଆମେ ଏହି ଘଟଣା ସମ୍ପର୍କରେ ଜାଣିଲୁ। ଶିଶୁଭବନ ପରିସରରେ ଏଭଳି ଘଟଣା ନିହାତି ଦୁଃଖଦାୟକ। ଶିଶୁର ଶବ ସେଠାରୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ସକାଳେ ଏହି ଘଟଣା ଉପରେ ଆଲୋଚନା କରାଯାଇ ଦାୟିତ୍ୱରେ ରହୁଥିବା ସୁରକ୍ଷାକର୍ମୀଙ୍କୁ ସଜାଗ ରହିବାକୁ କୁହାଯିବ। ଆଶା କରିବୁ ଏଭଳି ଘଟଣା ଯେପରି ପୁନରାବୃତ୍ତି ନ ହେବ।

# ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି...




ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭୁବନେଶ୍ୱର ନୃତ୍ୟ ନିପୁଣା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



କୁନି ଶିଳ୍ପୀ ପ୍ରୀତିଶା ନୃତ୍ୟ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରର ଦୁଇ ନୃତ୍ୟଶିଳ୍ପୀ ମେଘନା ଓ ବିଦାଶାଙ୍କ ଯୁଗ୍ମ ନୃତ୍ୟ ପରିବେଷଣ।

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଭଞ୍ଜକଳା ମଣ୍ଡପରେ ଚାଲିଥିବା ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମଞ୍ଚରେ ଦେଖିବାକୁ ମିଳିଥିଲା ରାଧାକୃଷ୍ଣଙ୍କ ଅନାବିଳ ପ୍ରେମ। ନୃତ୍ୟରେ ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି, ଆହାକି ସୁନ୍ଦର ଦିଶେ ତ୍ରିଭଙ୍ଗୀ ଠାଣି, ବାଙ୍କ ଚାହାଣି... ପରିବେଷଣ କରିଥିଲେ କୁନି ନୃତ୍ୟଶିଳ୍ପୀ ପ୍ରୀତିଶା। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ଥିଲା ନୃତ୍ୟ ନିପୁଣା କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଦଳଗତ ଓଡ଼ିଶୀ ନୃତ୍ୟ। ନୃତ୍ୟଶିଳ୍ପୀମାନେ ମଙ୍ଗଳାଚରଣ ପରିବେଷଣ କରିଥିଲେ। ଏଥିରେ ସସ୍ମିତା ପ୍ରଭା, ସୋନାକ୍ଷୀ, ସିଧିସ୍ନା, ମନସ୍ୱିନୀ ଓ ଶ୍ରାବଣୀ ନୃତ୍ୟରେ ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲେ। ପରେ ତେଜସ୍ୱୀ ପଟ୍ଟନାୟକ, କୋଲକାତାର ମୌମିତା ପାଲ୍, ମନାଲୀ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କଟକର ଗୁଞ୍ଜନ ଡାନ୍ସ ଏକାଡେମୀ ଦ୍ୱାରା ପ୍ରସ୍ତୁତ ଦଳଗତ ଓଡ଼ିଶୀ, ବେଙ୍ଗାଲୁରୁର ମୌମିତା ସାସ୍‌ମଲ୍‌ଙ୍କ ମୋହିନୀଆଟ୍ଟମ୍, ରୁଦ୍ରାକ୍ଷ ଫାଉଣ୍ଡେଶନର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଦଳଗତ ଓଡ଼ିଶୀ ନୃତ୍ୟରେ ଉପସ୍ଥିତ ଦର୍ଶକ ଓ ଅତିଥି ବେଶ୍ ବିମୋହିତ ହୋଇଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ୍‌ର ଯୋଗିନୀ ଖାନୋର୍‌କରଙ୍କ କଥକ, ଚେନ୍ନାଇର ଅନୁଶ୍ରୀ ସାଥୀୟାନ୍‌ଙ୍କ ଭାରତନାଟ୍ୟମ, ବେଙ୍ଗାଲୁରୁର ଅଭୟଲକ୍ଷ୍ମୀ ଏମ୍ ଓ ମାଲେସିଆ ନୃତ୍ୟଶିଳ୍ପୀ କବିତା ସୁବ୍ରମଣ୍ୟମ୍‌ଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅତିଥି ଭାବେ ନୃତ୍ୟଶିଳ୍ପୀ ମୀରା ଦାସ, ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବର ନିର୍ଦ୍ଦେଶକ ଶ୍ୟାମହରି ଚକ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କାକଟପୁର, ୨୨।୧୦(ଡି.ଏନ୍.ଏ.)**

ଅସ୍ତରଙ୍ଗ ଉପକୂଳର ଡାଲୁଅକଣି ଝାଉଁ ଜଙ୍ଗଲରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଅସ୍ତରଙ୍ଗ ପୋଲିସ ଉଦ୍ଧାର କରିଛି। ସେ ହେଲେ ଡାଲୁଅକଣି ଗ୍ରାମର ସିଦ୍ଧେଶ୍ୱର ଗୟା(୩୯)। ଗ୍ରାମବାସୀ କୌଣସି କାମରେ ଜଙ୍ଗଲକୁ ଯାଇଥିବାବେଳେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଅସ୍ତରଙ୍ଗ ଥାନା ଆଇଆଇସି ବୁଲୁ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଝାଉଁଗଛରେ ସିଦ୍ଧେଶ୍ୱରଙ୍କ ମୃତଦେହ ଓହଳିଥିବା ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କ ସାହାଯ୍ୟରେ ମୃତଦେହକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଆଇଆଇସି ମୁଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି, ସିଦ୍ଧେଶ୍ୱରଙ୍କର ମସ୍ତିଷ୍କ ବିକୃତି ରହିଥିଲା। ତେଣୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଫଟୋରେ ଖବର




ମାସିକ ୧୮ ହଜାର ଟଙ୍କା ଦରମା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବିକ୍ଷୋଭ ସମାବେଶ।



ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲ ନିକଟ ଶିରିଡ଼ି ସାଇ ମନ୍ଦିରରେ ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'ର ଶୁଭ ମହୁରତ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।




ଭୁବନେଶ୍ୱର ସୂଚନା ଭବନଠାରେ ସାଂସ୍କୃତିକ ଅନୁଷ୍ଠାନ ପରିଚୟର ତୃତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ସୋମବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମିଳିତ ସଙ୍ଗୀତ ଗାନ କରାଯାଉଛି।



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର

■ହବିଷିଆଳି ଯୋଜନାର ସମୀକ୍ଷା

# ଭିଡିଓ କନ୍‌ଫରେନ୍ସିଂରେ ଆଶ୍ରୟସ୍ଥଳୀ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ, ୨୨।୧୦

ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରକୁ ଆସି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ଏଥିଲାଗି ସରକାର ହବିଷିଆଳିଙ୍କ ପାଇଁ ମାଗଣାରେ ରହିବା, ମହାପ୍ରଭୁଙ୍କୁ ଦର୍ଶନ କରିବା ଏବଂ ଦିନକୁ ଥରେ ମହାପ୍ରସାଦ ଦେବାର ବ୍ୟବସ୍ଥା କରିଛନ୍ତି। ହବିଷିଆଳି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କୁ ଏହି ସୁବିଧା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ହବିଷିଆଳି ଆଶ୍ରୟସ୍ଥଳୀଗୁଡ଼ିକର ଶୁଭାରମ୍ଭ କରିବେ। ଭିଡ଼ିଓ କନ୍‌ଫରେନ୍ସିଂ ପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଆନୁଷଙ୍ଗିକ ବ୍ୟବସ୍ଥା ହେବ ବୋଲି ଜଣାପଡିଛି।

ହବିଷିଆଳିଙ୍କ ରହଣି ଲାଗି ପ୍ରଶାସନ ପକ୍ଷରୁ ୪ଟି ସ୍ଥାନରେ ବ୍ୟବସ୍ଥା କରାଯାଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଏବଂ ଜଗନ୍ନାଥ ବଲ୍ଲଭ ବ୍ୟାଖାନ କେନ୍ଦ୍ରଠାରେ ପ୍ରାୟ ୨,୫୦୦ ହବିଷିଆଳି ରହିବା ଲାଗି ବ୍ୟବସ୍ଥା ହୋଇଛି। ଏ ନେଇ ସୋମବାର ଭୂ-ଅର୍ଜନ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ

■ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନରେ ସହାୟତା କେନ୍ଦ୍ର
■ହବିଷିଆଳିଙ୍କୁ ମିଳିବ ୨୪ ଘଣ୍ଟିଆ ସେବା
■ଦାୟିତ୍ୱରେ ରହିବେ ୧୨୦ ଅଧିକାରୀ ଓ କର୍ମଚାରୀ

ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହବିଷିଆଳିଙ୍କ ଆଶ୍ରୟସ୍ଥଳୀରେ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ରେଳ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡ ନିକଟରେ ସହାୟତା କେନ୍ଦ୍ର, ବସ୍ ବ୍ୟବସ୍ଥା, ସ୍ନାନ ସମୟରେ ଲାଇଫ୍‌ଗାର୍ଡ ମୁତୟନ, ଶୃଙ୍ଖଳିତ ଦର୍ଶନ ସହ ହବିଷିଆଳିଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କର୍ମଚାରୀ ଓ ଡାକ୍ତରୀ ଦଳ ମୁତୟନ ରହିବେ। ଚଳିତବର୍ଷ ମଧ୍ୟ ହବିଷିଆଳିଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ସମସ୍ତ କାର୍ଯ୍ୟ ତଦାରଖ ପାଇଁ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ହେବେ। ୪ଟି ଆଶ୍ରୟସ୍ଥଳୀ ଲାଗି ୧୨୦ ଜଣ ଅଧିକାରୀ ଏବଂ କର୍ମଚାରୀ ୩ ସିଫ୍ଟରେ ୨୪ ଘଣ୍ଟିଆ ଡ୍ୟୁଟିରେ ରହିବେ ବୋଲି ନିଷ୍ପତ୍ତି ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ଡିଆଇବି ଡିଏସ୍‌ପି ଉମାକାନ୍ତ ମଲ୍ଲିକ, ସହକାରୀ ଜିଲାପାଳ ପ୍ରଶାନ୍ତ କୁମାର ଜେନା, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ସମେତ ରେଡ୍‌କ୍ରସ୍ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଜୀକରଣ ୨୩୬୮, ପୁରୀ ଜିଲାରୁ ସର୍ବାଧିକ ୮୪୬

ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ। ୪ଟି ଆଶ୍ରୟସ୍ଥଳୀରେ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ହବିଷିଆଳି ରହି ଏହି ବ୍ରତ ପାଳିବେ। ସୋମବାର ପଞ୍ଜୀକରଣ ଶେଷ ହୋଇଛି। ମୋଟ ୨୩୬୮ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ଜିଲାରୁ ସର୍ବାଧିକ ୮୪୬ ଜଣ ରହିଥିବା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପୌରସଂସ୍ଥା କଲ୍ୟାଣମଣ୍ଡପରେ ଖୋର୍ଦ୍ଧା ଜିଲାର ହବିଷିଆଳି, ଜଗନ୍ନାଥ ବଲ୍ଲଭ ପରିସରରେ ଗଞ୍ଜାମ ଜିଲାର ହବିଷିଆଳି ରହିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଅନ୍ୟ ସବୁ ଜିଲାର ହବିଷିଆଳି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣମଣ୍ଡରେ ରହିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି।






ବୁଧବାର ଗଜଲକ୍ଷ୍ମୀ ପୂଜା। ଏହି ଉପଲକ୍ଷେ ଶିଳ୍ପୀମାନେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ପିସିଆର୍, ଟ୍ରାଫିକ ପୋଲିସ ନେବେ ସିପିଆର୍ ଟ୍ରେନିଂ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

**ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ ୫୦ଜଣ**

କିଛିଦିନ ତଳେ ଭୁବନେଶ୍ୱର ରେଳ ଷ୍ଟେନରେ ଜଣେ ଯାତ୍ରୀଙ୍କୁ ହଠାତ୍ ହୃଦ୍‌ଘାତ ହୋଇଥିଲା। ଜିଆର୍‌ପିର ଜଣେ କନ୍‌ଷ୍ଟେବଳଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କର ଜୀବନ ବଞ୍ଚିଯାଇଥିଲା। କନ୍‌ଷ୍ଟେବଳ ଜଣଙ୍କ ଉକ୍ତ ଅସୁସ୍ଥ ଯାତ୍ରୀଙ୍କ ଛାତିକୁ ବାରମ୍ବାର ଚାପିବା ସହ ପାଟିକୁ ଫୁଙ୍କି ଶରୀର ଭିତରକୁ ବାୟୁ ଛାଡ଼ିଥିଲେ। ଯାତ୍ରୀ ଜଣକ ସେ ସାମାନ୍ୟ ସୁସ୍ଥ ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେଣୁ କୌଣସି ଯାତ୍ରୀଙ୍କୁ ହଠାତ୍ ହୃଦ୍‌ଘାତ ହେଲେ ତାଙ୍କୁ ତୁରନ୍ତ କିଭଳି ଉପଚାର କରାଯାଇପାରିବ ସେ ନେଇ ପିସିଆର କର୍ମଚାରୀ ଓ ଟ୍ରାଫିକ୍ ପୋଲିସଙ୍କୁ ସିପିଆର (କାର୍ଡିଓ ପଲ୍‌ମନାରି ରିସସିଟେଶନ) ଟ୍ରେନିଂ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦ଜଣ ପୋଲିସ ଏହି ଟ୍ରେନିଂ ନେବେ। ମଙ୍ଗଳବାର ଅପରାହ୍ନରେ କମିଶନରେଟ୍ ପୋଲିସ ମୁଖ୍ୟାଳୟ ଓ ସକାଳେ କଟକରେ ଏହି ଟ୍ରେନିଂ ଦିଆଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସେ କହିଛନ୍ତି, ପୋଲିସ କର୍ମଚାରୀମାନେ ଏହି ଟ୍ରେନିଂ ନେବାଦ୍ୱାରା ସାଧାରଣ ଲୋକେ ଉପକୃତ ହୋଇପାରିବେ। ଦୁଇଜଣ ଡାକ୍ତର ଏହି ଟ୍ରେନିଂ ଦେବେ ବୋଲି ସେ କହିଛନ୍ତି।

# ୭ ପାଇକ ବୀରଙ୍କୁ ଗୋଟିଏ ଦିନରେ ଦିଆଯାଇଥିଲା ଫାଶୀ

ପୁରୀ ଅଫିସ/ଗୋପ (ଡି.ଏନ.ଏ.), ୨୨।୧୦

କୋଣାର୍କ ଅଞ୍ଚଳରେ ରହିଥିବା ତଥା କୋଣାର୍କ ମନ୍ଦିର ନିର୍ମାଣରେ ସହଯୋଗ କରିଥିବା ୧୮ଟି ଗଡ଼ର ଐତିହ୍ୟ ସଂକଳନ ପାଇଁ ସୋମବାର ଗୋପ ନିକଟ ରୂପାସଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି ଗଙ୍ଗବଂଶୀ କ୍ଷତ୍ରୀୟ ସମାବେଶ। ପଦନପୁର ଗଡ଼ର ସାଆନ୍ତ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ ଓଡ଼ିଶା ଐତିହ୍ୟ ପରିଷଦର ଆଧାର ପୁରୁଷ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର।

ଡ. ମିଶ୍ର କହିଥିଲେ ଯେ, କୋଣାର୍କର ଶ୍ରୀପଦ୍ମକେଶରୀ ମନ୍ଦିର ନିର୍ମାଣ ସହିତ ଜଡ଼ିତ ଥିବା ଗଡ଼ ଓ ଐତିହ୍ୟ ପୁରୁଷଙ୍କ ସମ୍ବନ୍ଧରେ ସୂଚନା ମିଳୁଥିଲେ ହେଁ ତାହା ନିର୍ଦ୍ଦିଷ୍ଟ ଭାବେ ପୁସ୍ତକର ରୂପରେଖ ନେଇପାରି ନାହିଁ। କୋଣାର୍କ ମନ୍ଦିରର ନିର୍ମାଣ ସହିତ ହାରାହାରି ହଜାର ବର୍ଷ ତଳର କେତେକ ଗାଁର ଅବଦାନ ରହିଥିବା ବାୟା ଚକଡ଼ା ପୋଥି ଓ ମାଦଳା ପାଞ୍ଜିରୁ ଜଣାଯାଉଛି। ଏହି ଅବସରରେ ଲକ୍ଷ୍ମୀ ନାରାୟଣ ରାୟସିଂହଙ୍କ ରଚିତ ଓଡ଼ିଶାର ଗଣବିପ୍ଳବ ପୁସ୍ତକକୁ ଆଧାର କରି ଡ. ମିଶ୍ର କହିଥିଲେ, ପାଇକ ବିଦ୍ରୋହ ଅବସରରେ ୭ ଜଣ ପାଇକ ବୀରଙ୍କୁ ଗୋଟିଏ ଦିନରେ ଫାଶୀ ଦିଆଯାଇଥିଲା। ୨ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିବା ବେଳେ ୧୦୨ ଜଣଙ୍କୁ କଳାପାଣି ପଠା ଯାଇଥିଲା। ହେଲେ ଦୁଃଖର ବିଷୟ ଏହି ବୀରମାନଙ୍କ ସବିଶେଷ ଇତିହାସ ସଙ୍କଳିତ ହୋଇପାରି ନାହିଁ। ଗଡ଼ଗୁଡ଼ିକର ଇତିହାସ ସଙ୍କଳନ ହେବା ପରେ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ପରିବାରଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ବିଷୟରେ ମଧ୍ୟ ଏକ ସଙ୍କଳନ ପ୍ରକାଶ କରାଯିବ ବୋଲି ଡ. ମିଶ୍ର କହିଥିଲେ।

ଏଥିରେ ସମ୍ମାନିତ ଅତିଥି ଭାବେ ଗଡ଼ଚାନ୍ଦର ସାଆନ୍ତ ଧରଣୀଧର ସାମନ୍ତସିଂହାର, ଶ୍ରୀ ପତ୍ରିକାର ସମ୍ପାଦକ ଶ୍ରୀକୃଷ୍ଣ ନାୟକ, ଗୋଲରା ଗଡ଼ର ମହେଶ୍ୱର ସାମଲ ଏବଂ ନୀଳକଣ୍ଠ ମିଶ୍ର, କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୟ କୁମାର ବରାଳ ଯୋଗଦେଇ ଏହି କାର୍ଯ୍ୟକୁ ସଫଳ କରାଇବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗଡ଼ବାଙ୍ଗରର କାଳନ୍ଦୀ ବଡ଼ଜେନା, ପ୍ରବୋଧ କୁମାର ପରିଡ଼ା ନିଜର ସୁଚିନ୍ତିତ ମତାମତ ରଖିଥିବା ବେଳେ ରୂପାସଗଡ଼ର ଅଜୟ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା ସହ ସମାବେଶର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବିଭିନ୍ନ ଗଡ଼ରୁ ଆସିଥିବା ପ୍ରତିନିଧିମାନେ ନିଜ ଗଡ଼ର ଐତିହ୍ୟକୁ ସଂକଳନରେ ସ୍ଥାନ ଦେବା ପାଇଁ ସମାବେଶର ଦୃଷ୍ଟି ଆକର୍ଷଣ କରିଥିଲେ।



ସମାବେଶରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଓ ଅନ୍ୟ ଅତିଥିମାନେ।

**ଗଙ୍ଗବଂଶୀ କ୍ଷତ୍ରୀୟ ସମାବେଶ**
■୧୦୨ ଜଣଙ୍କୁ ପଠାଯାଇଥିଲା କଳାପାଣି
■ସଂକଳିତ ହେବ ଗଡ଼ର ଐତିହ୍ୟ





@ ସୁପ୍ରିୟା


@ ଆଶୀର୍ବାଦ


@ ସୁଶୋଭିତା


@ ଦିବ୍ୟପ୍ରସାଦ


@ ଟୁଟୁ


@ ସ୍ମୃତି


@ ସିକନ


@ ମନୋଜ



ମରିଯିବା ବ୍ୟକ୍ତି ଯେପରି ଫେରି ଆସେ ନାହିଁ; ଠିକ୍ ସେହିପରି ଥରେ ମୁହଁରୁ ବାହାରିଯିବା କଥା ଆଉ ଲେଉଟେ ନାହିଁ। ତେଣୁ କହିବା ପୂର୍ବରୁ ଭଲଭାବେ ଭାବିଚିନ୍ତି କୁହ।

-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା




**ଫୁଲନଖରା, ୨୨।୧୦(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅଧୀନ କୋରକରା ଓ ଖଲର୍ଦ୍ଦା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ କୁମାର ସାହୁ, ବିଜେଡି କଟକ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ପୁଷ୍ପଲତା ପାତ୍ର, ସରପଞ୍ଚ କାବେରୀ ବେହେରା, ବେଣୁଧର ମୂଳିଆ, ଅକ୍ଷୟ ଦଳାଇ, ସ୍ୱପ୍ନଲତା ମୂଳିଆ ଓ ସମୀର ସାମନ୍ତରାୟଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। କୋରକରା ପଞ୍ଚାୟତର ଏଟୁଆସାହି ହନୁମାନ ମନ୍ଦିରଠାରୁ ଏହି ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଖଲର୍ଦ୍ଦା-କୋରକରାସ୍ଥିତ ହନୁମାନ ମନ୍ଦିରଠାରେ ଶେଷ ହୋଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିଧାୟକ ମଲ୍ଲିକ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଶେଷରେ ଖଲର୍ଦ୍ଦା ପଞ୍ଚାୟତର ୩୦ ଜଣ ହିତାଧିକାରୀଙ୍କୁ ବିଧାୟକ ଖାଉଟି କାର୍ଡ ବଣ୍ଟନ କରିଥିଲେ।

### ମାଙ୍କଡ଼ କାମୁଡ଼ାରେ ୩୦ ଆହତ

**କଟକ ସଦର, ୨୨।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ଫକୀରପଡା ଗ୍ରାମରେ ଗତ ୧୫ ଦିନ ମଧ୍ୟରେ ହନୁ ମାଙ୍କଡ କାମୁଡାରେ ୩୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସାହୁ, ସୁରେନ୍ଦ୍ର ସାହୁ, ହେମଲତା ମହାପାତ୍ର ଓ ଲତା ରାଉତ ଗୁରୁତର ହୋଇଥିବା ଜଣାପଡିଛି। ସାଧାରଣ ଲୋକ ଘରର ଛାତ ଉପରକୁ ଗଲେ ଗଛରେ ଲୁଚି ରହିଥିବା ମାଙ୍କଡଟି ଅତର୍କିତ ଆକ୍ରମଣ କରୁଥିବା କୁହାଯାଉଛି। ଏହାଛଡା କଟକ-ପାରାଦୀପ ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ମଧ ମାଙ୍କଡ କାମୁଡିବାକୁ ପଛାଉନାହିଁ। ରାଜ୍ୟ ଜଙ୍ଗଲ ବିଭାଗ ଏହି ମାଙ୍କଡକୁ ଆୟତ କରି ଜଙ୍ଗଲରେ ଛାଡିବା ପାଇଁ ଫକୀରପଡା ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

### ବିଜେଡି କର୍ମୀ ସମାବେଶ

**କଟକ ସଦର,୨୨।୧୦(ଡି.ଏନ୍.ଏ.):** କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ଶୀର୍ଲୋରେ ବିଜେଡିର କର୍ମୀ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି, କଟକ ସଦର ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ସମ୍ମାନିତ ଅତିଥି ଓ ମନ୍ତ୍ରୀଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସରପଞ୍ଚ ମୀନକେତନ ବସ୍ତିଆ ଓ ସମିତି ସଭ୍ୟା ମିନର୍ଭା ପାତ୍ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପଞ୍ଚାୟତରେ ୧୪୭ଟି ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଥିବାରୁ ମହିଳା ସଶକ୍ତୀକରଣ ଉପରେ ମନ୍ତ୍ରୀ ବେହେରା ଗୁରୁତ୍ୱାରୋପ କରିବା ସହ ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ରୁସ୍ତମ ଅହେମ୍ମଦ, କୌଶର ଅଲ୍ଲୀ ଓ ବାବୁଲି ବୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଦୂରହେବ ଜଳବନ୍ଦୀ ସମସ୍ୟା

# ସିଏମ୍‌ସି ଆଣୁଛି ନୂଆ ହାଇଟେକ୍ ମିନି ଏକ୍ସାଭେଟର

**କଟକ ଅଫିସ, ୨୨।୧୦**

ଦୂର ହେବ କଟକରେ ଜଳବନ୍ଦୀ ସମସ୍ୟା। ଏଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଏବେ ୫୦ଲକ୍ଷ ଟଙ୍କା ବ୍ୟୟରେ ଆଣୁଛି ଦୁଇଟି ମିନି ଏକ୍ସାଭେଟର। ଏହି ହାଇଟେକ୍ ମେଶିନ ସହରର ଗଳିକନ୍ଦିରେ ଥିବା ଡ୍ରେନକୁ ସଫା କରିପାରିବ ବୋଲି କହିଛନ୍ତି କମିଶନର ଶରତ ଚନ୍ଦ୍ର ନାୟକ। ମୁଖ୍ୟତଃ କଟକ ସହରରେ ଲଗାଣ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ଉପୁଜେ। ବର୍ତ୍ତମାନ ସିଏମ୍‌ସି ପାଖରେ ଯେଉଁ ମେଶିନ ରହିଛି ତାହା ସହରର ଗଳିକନ୍ଦି ମଧ୍ୟରେ ପଶି ଡ୍ରେନ ସଫା କରିବାରେ ଅସମର୍ଥ। ଛୋଟଛୋଟ ଡ୍ରେନଗୁଡ଼ିକ ଠିକ୍ ଭାବେ ସଫା ହୋଇପାରୁ ନ ଥିବା ଯୋଗୁ ବର୍ଷା ସମୟରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇ ଲୋକଙ୍କ ଘରେ ପାଣି ପଶେ।

> ■ ମେଶିନରେ ରହିଛି ସ୍ପିଡ୍ କଣ୍ଟ୍ରୋଲ ଓ ଅଟୋ ଅପରେଟିଂ ସିଷ୍ଟମ୍

ମେଶିନଟି ଜର୍ମାନୀ ପ୍ରସ୍ତୁତ। ଏଥିରେ ସ୍ପିଡ୍ କଣ୍ଟ୍ରୋଲ ଏବଂ ଅଟୋ ଅପରେଟିଂ ସିଷ୍ଟମ ରହିଛି। ଏଥିରେ ଥିବା ସ୍ଲାଇଡିଂ ଫ୍ରେମ୍ ବକେଟ ଦ୍ୱାରା ଅଣଓସାରିଆ ଡ୍ରେନରୁ ଆବର୍ଜନା କାଢିବାରେ ଏହା ସକ୍ଷମ ହୋଇପାରିବ। ସେହିପରି ଷ୍ଟିୟରିଂରେ ୪୮ ଡିଗ୍ରୀ ମୋଡି ହେବା ପାଇଁ ଥିବା ବ୍ୟବସ୍ଥା ଚାଳକଙ୍କୁ ସହଜରେ ସଂକୀର୍ଣ୍ଣ ଅଞ୍ଚଳକୁ ଏକ୍ସାଭେଟରକୁ ନେଇଯିବାରେ କିଛି ସମସ୍ୟା ହେବ ନାହିଁ। ଗିୟର ବକ୍ସ ପାଖେ ଲୋଡ୍ ଲିଭର ଥିବା ଯୋଗୁ ଚାଳକଙ୍କୁ ବେଶି ସମୟ କାମ କଲେ ମଧ ଥକ୍କା ଲାଗିବ ନାହିଁ। ଭୁବନେଶ୍ୱର ମଞ୍ଚେଶ୍ୱରରୁ ଏକ କମ୍ପାନୀ ଏହି ମେଶିନ ଡିଲ କରୁଛି। ସେହି ଜରିଆରେ ସିଏମ୍‌ସି ଦୁଇଟି ମେଶିନ କିଣୁଛି। ଏକ ବର୍ଷ ଯାଏ ତାହାର ମେଣ୍ଟେନାନ୍ସ ଉକ୍ତ କମ୍ପାନୀ କରିବ ବୋଲି ଜଣାପଡିଛି।

ବର୍ଷାଦିନ ପୂର୍ବରୁ ସହରରେ ଯେଉଁ ଠିକାଦାରମାନଙ୍କୁ ଡ୍ରେନ ସଫେଇ ଦାୟିତ୍ୱ ଦିଆଯାଏ ସେମାନଙ୍କ ପାଖେ ଛୋଟ ଏକ୍ସାଭେଟର ମେଶିନ ନ ଥିବା ଯୋଗୁ ସେମାନେ ଲୋକ ଲଗାଇ ସଫା କରନ୍ତି। କିନ୍ତୁ ତାହା ସମୟସାପେକ୍ଷ ସାଙ୍ଗକୁ ଠିକ୍ ଭାବେ ସଫେଇ ହୋଇପାରେ ନାହିଁ।

ମିଳିଥିବା ସୂଚନା ମୁତାବକ ଏହି ମେଶିନ କିଣାଯିବା ନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଥିବା ବେଳେ କମ୍ପାନୀ ପକ୍ଷରୁ ମେଶିନ ଡେମୋ ସରିଛି। କମିଶନର ନାୟକ କହିଛନ୍ତି, ଦାୟିତ୍ୱ ନେବା ପୂର୍ବରୁ ମୋର ପ୍ରମୁଖ ଲକ୍ଷ୍ୟ ଥିଲା ଯେ, ଏହି ସହରକୁ କିଭଳି ଜଳବନ୍ଦୀ ସମସ୍ୟାରୁ ମୁକୁଳା ଯାଇପାରିବ। ସହରର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟତଃ ନଜରକୁ ଆସିଥିଲା ଛୋଟ ଡ୍ରେନଗୁଡିକରେ ଆବର୍ଜନା ସଫା ହୋଇ ନ ପାରିବା କାରଣରୁ ଏହାର ଜଳଧାରଣର କ୍ଷମତା ହ୍ରାସ ପାଉଛି। ତେଣୁ ଏହି ମେଶିନ କିଣିବା ପାଇଁ ଆମେ ଚିନ୍ତା କରିଲୁ।



କଟକ ମହୀଦାସ ବଜାରରୁ ମେହେନ୍ଦିପୀରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ନର୍ଦ୍ଦମାଜଳ।



କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ କବି ଜୟନ୍ତ ମହାପାତ୍ରଙ୍କ ଜୟନ୍ତୀ ସମାରୋହ ପାଳନ ଅବସରରେ ଜୟନ୍ତଙ୍କ ରଚିତ କବିତା ସମଗ୍ର ଗ୍ରନ୍ଥାବଳୀକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ■ ସହରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରସଙ୍ଗ

# ସମାଧାନ ପାଇଁ ସିଏମ୍‌ସିକୁ ମୈତ୍ରୀ ସଂସଦର ପ୍ରସ୍ତାବ

**କଟକ ଅଫିସ, ୨୨।୧୦**

ହାଇକୋର୍ଟଙ୍କ ପରାମର୍ଶକ୍ରମେ କଟକ ମହାନଗର ନିଗମ(ସିଏମ୍‌ସି)ର ୩୬ତମ ସାଧାରଣ ଅଧିବେଶନ ଗତ ସେପ୍ଟେମ୍ବର ୨୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ଯୋଗଦେବା ପାଇଁ ମୈତ୍ରୀ ସଂସଦର ସଭାପତି ଅଜୟ ମହାନ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉକ୍ତ ଅଧିବେଶନରେ ମହାନ୍ତି ଯୋଗଦେଇ ହାଇକୋର୍ଟ ଦେଇଥିବା ପରାମର୍ଶ ଅନୁସାରେ କଟକ ସହରବାସୀଙ୍କୁ ଆସନ୍ତା ଗ୍ରୀଷ୍ମଋତୁରେ କେଉଁ ପ୍ରଣାଳୀରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ କହିଥିଲେ। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ମୈତ୍ରୀ ସଂସଦ ପକ୍ଷରୁ ସିଏମ୍‌ସିକୁ ପ୍ରସ୍ତାବ ଦିଆଯାଇଛି।

ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଯାହାଙ୍କର ପରିବେଶ ବିଷୟରେ ଅଭିଜ୍ଞତା ଥିବ ତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଉକ୍ତ କମିଟିରେ ସିଏମ୍‌ସି କମିଶନର, ସିଡିଏମ୍‌ଓ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରମୁଖ ରହିବାକୁ ମହାନ୍ତି ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସରକାର ଯଥାଶୀଘ୍ର ଉକ୍ତ କମିଟି ବାବଦରେ ବିଜ୍ଞପ୍ତି ଗେଜେଟ ମାଧ୍ୟମରେ ଜାରି କରିବାକୁ ମହାନ୍ତି ବୈଠକରେ ପ୍ରସ୍ତାବ ଦେଇଛନ୍ତି। ବିଶୁଦ୍ଧ ପାନୀୟଜଳ କିପରି ବର୍ଷସାରା ସହରବାସୀ ପାଇପାରିବେ ସେଥିପାଇଁ ସିଏମ୍‌ସି ଓ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଯଥାଶୀଘ୍ର ନ୍ୟାଶନାଲ ଏନଭାଇରନମେଣ୍ଟ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ପୁଣେଠାରୁ ପରାମର୍ଶ ନେବାକୁ ସେ କହିଛନ୍ତି। ସହରର ବିଭିନ୍ନ ସ୍ଥାନରେ ବିଛା ଯାଇଥିବା ପୁରୁଣା ପାଇପ ସାହାଯ୍ୟରେ ଦୀର୍ଘଦିନ ହେଲା ପାନୀୟଜଳ ଯୋଗାଣ ହେଉଛି। ଏହି ପୁରୁଣା ପାଇପଗୁଡ଼ିକ କଳଙ୍କି ଲାଗି ଫାଟି ଯାଇଥିବା ଯୋଗୁ ନାଳନର୍ଦ୍ଦମା ପାଣି ଏହି ଫଟା ପାଇପ ମଧ୍ୟଦେଇ ପ୍ରବେଶ କରି ପିଇବା ପାଣି ସହ ମିଶି ଏହାକୁ ଦୂଷିତ କରୁଛି। ଏଣୁ ଯଥାଶୀଘ୍ର ଉକ୍ତ ପୁରୁଣା ପାଇପଗୁଡ଼ିକ ବଦଳାଯାଇ ଘରଗୁଡିକରେ ପାଇପଲାଇନ ସହ ସଂଯୋଗ କରାଯିବାକୁ ମହାନ୍ତି କହିଛନ୍ତି।

### ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ ଉତ୍ସବକୁ ସ୍ୱାଗତ

**କଟକ ଅଫିସ, ୨୨।୧୦**

ଜାତୀୟତାବାଦୀ ରାଷ୍ଟ୍ରନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଆଜାଦ୍ ହିନ୍ଦ ଫୌଜର ୭୫ ବର୍ଷ ପୂର୍ତ୍ତି ପାଳିତ ହୋଇଛି । ଏହି ଉପଲକ୍ଷେ ଦିଲ୍ଲୀର ଲାଲକିଲ୍ଲାଠାରେ ପ୍ରଥମ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ଉତ୍ସବ ପାଳନକୁ ନିଖିଳ ଓଡିଶା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ୱାଗତ କରାଯାଇଛି। ଏହା ଭାରତ ତଥା ବିଶ୍ୱ ପାଇଁ ଐତିହାସିକ ପଦକ୍ଷେପ ବୋଲି ଫୋରମ ପକ୍ଷରୁ କୁହାଯାଇଛି। ନେତାଜୀ ଓଡିଶାର କଟକ ଓଡିଆ ବଜାରରେ ଜନ୍ମହୋଇ ଦେଶ ପାଇଁ ବଳିଦାନ ଦେଇଛନ୍ତି। ଏହା ଜଣେ ସଚ୍ଚା ରାଷ୍ଟ୍ରନାୟକଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ମନୋବଳ ଦେଶ ତଥା ବିଶ୍ୱ ଜନନାୟକ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି।

## ଦେବୀଗଡ଼ାକୁ ସଫେଇ କଲା ଅଟଳ ବିଚାର ମଞ୍ଚ




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଟଳ ବିଚାର ମଞ୍ଚର ସଦସ୍ୟମାନେ।

**କଟକ ଅଫିସ,୨୨।୧୦**

ଦୁର୍ଗା ମେଢ଼ ଭସାଣି ପରେ କାଠଯୋଡ଼ି ନଦୀର ଦେବୀଗଡା ଆବର୍ଜନାପୂର୍ଣ୍ଣ ହୋଇପଡ଼ିଥିଲା। ଏହି ଖବର ରବିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ସୋମବାର ଅଟଳ ବିଚାର ମଞ୍ଚ ପକ୍ଷରୁ ସେଠାରେ ସଫେଇ କରାଯାଇଛି। ମଞ୍ଚର ସଭାପତି ମାନସ ରଞ୍ଜନ ଓଝାଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମିଳିଥିବା ସୂଚନା ମୁତାବକ କଟକ ମହାନଗର ନିଗମ ପକ୍ଷରୁ ମଧ ମଙ୍ଗଳବାର ଦେବୀଗଡାରେ ସଫେଇ କରାଯିବାକୁ ସ୍ଥିର ହୋଇଛି।



ବିଜୟାଦଶମୀ ଓ ରାବଣ ପୋଡି ଉତ୍ସବ ସରିବା ପରେ କଟକ ବାଲିଯାତ୍ରା ଡ଼ଲ ପଡିଆରେ ପଡି ରହିଥିବା ଆବର୍ଜନା।

## କେନାଲରେ ବୁଡ଼ି ନାବାଳକ ମୃତ

**କଣ୍ଟାପଡା, ୨୨।୧୦(ଡି.ଏନ୍.ଏ.)**

ଝାରପଡା ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ସୋମବାର ବୁଡିଯାଇ ଗୋବିନ୍ଦପୁର ଥାନା ଅନ୍ତର୍ଗତ କମାରସାହି ଗ୍ରାମର ଜୟନ୍ତ ସେଠୀଙ୍କ ପୁଅ ଡବ୍‌ଲୁ(୩)ଙ୍କ ମୃତ୍ୟୁ ଘଟିଛି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଘରେ କେହି ନ ଥିବା ସମୟରେ ଡବ୍‌ଲୁ ଘରୁ ବାହାରକୁ ଚାଲିଅସିଥିଲେ। ତେବେ ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘରଲୋକ ଖୋଜାଖୋଜି କରିଥିଲେ। ପରେ କମାରସାହି ପ୍ରାଥମିକ ସ୍କୁଲ ନିକଟ କେନାଲରେ ଡବ୍‌ଲୁ ଭାସୁଥିବା ଦେଖିବାକୁ ମିଳିଥିଲା। ଘରଲୋକ ତାଙ୍କୁ ସଙ୍ଗେସଙ୍ଗେ ଅତଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ‘ନାରୀଜାତିକୁ ସମ୍ମାନ ଦେଲେ ସମାଜ ଆଗକୁ ବଢ଼ିପାରିବ’

**ଚୌଦ୍ୱାର,୨୨।୧୦(ଡି.ଏନ୍.ଏ.)**

ଚୌଦ୍ୱାର ବିରାଟ ବଜାରସ୍ଥିତ ବିରାଟେଶ୍ୱରୀଙ୍କ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଛି। ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି ଏହାକୁ ଉଦ୍‌ଘାଟନ କରି ନାରୀ ଜାତିକୁ ଉଚିତ୍ ସମ୍ମାନ ଦେଲେ ସମାଜ ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। କମିଟି ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିରାଟ ବଜାର ମେଢ଼ ତାର ଶୃଙ୍ଖଳା ଓ ଶିଷ୍ଟାଚାରର ପରମ୍ପରାକୁ ନେଇ ଚୌଦ୍ୱାରର ଐତିହାସିକ ରୂପଯାତ୍ରାରେ ତାର ଶ୍ରେଷ୍ଠତ୍ୱ ପତିପାଦିତ କରିଆସୁଥିବା ନେଇ ସୂଚନା ଦେଇଥିଲେ। ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ଯାତ୍ରା କମିଟି ସଭାପତି ସୁବୋଧ କୁମାର ନାୟକ, ପୂର୍ବତନ କାଉନସିଲର ସୁବ୍ରତ ସାମଲ, ଉପଦେଷ୍ଟା ରତ୍ନାକର ବରାଳ, ସମ୍ପାଦକ ଅଶୋକ କୁମାର ମାଝି ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କମିଟିର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିରାଟେଶ୍ୱରୀ ଦୁର୍ଗାପୂଜା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ପରିଚାଳନା କମିଟିର ଦିବଙ୍ଗତ ସଭାପତିମାନଙ୍କୁ ମରଣୋତ୍ତର ସମ୍ମାନ ଦିଆଯିବା ସହିତ ବୟୋଜ୍ୟେଷ୍ଠ ରଙ୍ଗା ସାହୁ ଓ ଅକ୍ଷୟ କୁମାର ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଗୋକୁଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। କୈଳାସ ଚନ୍ଦ୍ର ସାହୁ, ଗୌତମ ଉଦୟଭାନୁ, ପ୍ରକାଶ କୁମାର ବରାଳଙ୍କ ସମେତ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମାରୋହରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ■ ୧୫ ଦିନରେ ୪ ମୃତଦେହ ଜବତ

# ମାମଲା ରୁଜୁକରି ବସିପଡୁଛି ପୋଲିସ

**କଟକ ଅଫିସ,୨୨।୧୦**

କଟକରେ ଗତ ୧୫ ଦିନ ମଧ୍ୟରେ ପୋଲିସ ୪ଟି ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ହତ୍ୟା କରି ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ହେଲେ ମୃତକଙ୍କ ପରିଚୟ ପାଇବାରେ ପୋଲିସ ସକ୍ଷମ ହୋଇନାହିଁ। ଫଳରେ ପୋଲିସ ତଦନ୍ତ ଧିମେଇ ଯାଉଥିବା ଭଳି ମନେହେଉଛି।

ରବିବାର ମଙ୍ଗଳାବାଗ ଥାନା ଅନ୍ତର୍ଗତ ନୁଆପାଟଣା ଅଞ୍ଚଳରେ ଥିବା ଏକ ଅଳିଆ ଗଦାରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଥଲା। ଯୁବକଙ୍କ ହତ୍ୟାକରି ସେଠାରେ ପକାଇ ଦିଆଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ହେଲେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ ଏପର୍ଯ୍ୟନ୍ତ ଉକ୍ତ ଯୁବକ ଜଣକ କିଏ ତାହା ଜାଣିପାରିନାହିଁ।

> ■ ୨ ଘଟଣାରେ ହତ୍ୟା ସନ୍ଦେହ
>
> ■ ମୃତକଙ୍କ ପରିଚୟ ପାଉନି ପୋଲିସ

ଗତ ୧୭ ତାରିଖରେ ମଧୁପାଟଣା ଥାନା ଅନ୍ତର୍ଗତ ଖାନନଗର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଥିଲା ପୋଲିସ। ମୃତକଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ କେହି ହତ୍ୟା କରି ସେଠାରେ ପକାଇ ଦେଇଥିବା ଅନୁମାନ କରାଯାଉଥିଲା। ପୋଲିସ ଶବ ବ୍ୟବଚ୍ଛେଦ କରି ମାମଲାର ତଦନ୍ତ କରୁଥିଲେ ମଧ ଏପର୍ଯ୍ୟନ୍ତ ନା ମୃତକଙ୍କ ପରିଚୟ ପାଇଛି ନା ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।

ଗତ ୧୨ ତାରିଖରେ ବାଦାମବାଡି ପୋଲିସ କାଠଯୋଡି ନଦୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଥିଲା ଯେ କେହି ତାଙ୍କୁ ହତ୍ୟା କରି ନଦୀରେ ପକାଇ ଦେଇଛି। ଏ ଘଟଣାରେ ମଧ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ହାତବାନ୍ଧି ବସିଛି। ମୃତକ ଜଣକ କିଏ ତାହା ଏ ଯାଏ ଜଣାପଡ଼ିଲା ନାହିଁ। ସେହିପରି ଗତ ୬ ତାରିଖରେ ମଙ୍ଗଳାବାଗ ଥାନା ପୋଲିସ ରାଣୀହାଟ ଅଞ୍ଚଳରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଥିଲା। ରାଣୀହାଟ ଅଞ୍ଚଳରେ ଥିବା ଏକ ହୋଟେଲ ନିକଟରେ ବୃଦ୍ଧ ଜଣଙ୍କ ତଳେ ପଡିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ସେଠାରୁ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କର ପରିଚୟ ମିଳି ନ ଥିବା ବେଳେ ସେ ଯାଜପୁର ଜିଲା ଚଣ୍ଡିଖୋଲ ଅଞ୍ଚଳରେ ବୋଲି ପୋଲିସ ଅନୁମାନ କରୁଛି।

ଏହି ସବୁ ଘଟଣାରେ ଲୋକଙ୍କୁ ହତ୍ୟା କରି ପକାଇ ଦେଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ହେଲେ ଅପମୃତ୍ୟୁ ମାମଲାରେ ପୋଲିସ ସୀମିତ ରହିଯାଉଛି। କିପରି ମୃତ୍ୟୁ ହେଲା, ଘଟଣାସ୍ଥଳକୁ କିପରି ଶବ ଆସିଲା, ଏହାପଛରେ କାହାର ସମ୍ପୃକ୍ତି ରହିଛି ସେନେଇ ଅନେକ ପ୍ରଶ୍ନ ଉଠୁଥିଲେ ମଧ୍ୟ ପୋଲିସର ତଦନ୍ତ ଆଗକୁ ବଢୁନାହିଁ। ବିଶେଷକରି ଏହି ସବୁ ମାମଲାରେ କୌଣସି ଅଭିଯୋଗକାରୀ ନ ଥିବାରୁ ପୋଲିସ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଛି। ପୋଲିସର ଏଭଳି ନିଷ୍କ୍ରିୟତା ଓ ବିଫଳତା ଅପରାଧୀଙ୍କୁ ମଧ ସୁହାଇବା ସ୍ୱାଭାବିକ। ବିଗତ ଦିନର କେତେକ ଘଟଣାରେ ପୋଲିସ ହାତରୁ ଖସିବା ପାଇଁ ଅପରାଧୀମାନେ ଗୋଟିଏ ସ୍ଥାନରେ ହତ୍ୟା କରି ଶବକୁ ଅନ୍ୟ ସ୍ଥାନରେ ପକାଇ ଦେଉଥିବା ନଜିର ରହିଛି। ଏନେଇ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଲେ, ଏହି ମାମଲାଗୁଡିକର ତଦନ୍ତ ଚାଲିଛି। କେତେକ ଘଟଣାରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଅକ୍ଟୋବର, ୨୦୧୮



ମନୁଷ୍ୟ କୌଣସି ବିଷୟରେ ଏକାଗ୍ରଚିତ୍ତ ହୋଇ ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧି ଲାଭ କରେ।
–ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ସଂରକ୍ଷଣ ଗୃହରେ ପଡ଼ିଛି ଅଜଣା ବ୍ୟକ୍ତିଙ୍କ ମୃତଦେହ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ଜଣେ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାରୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ମୃତଦେହ ପଡିରହିଛି। ମୃତ ବ୍ୟକ୍ତିର ବୟସ ପାଖାପାଖି ୩୦ ହେବ ବୋଲି ଜଣାପଡିଛି। ସେ ଖାଲି ଦେହରେ ଥିବାବେଳେ ଏକ କମଳା ରଙ୍ଗର ଗାମୁଛା ପିନ୍ଧିଥିଲେ। ତାଙ୍କ ପରିଚୟ ଜାଣିବା ପାଇଁ ହସ୍ପିଟାଲ ଫାଣ୍ଡି ପୋଲିସ ଉକ୍ତ ବ୍ୟକ୍ତିର ଫଟୋ ବିଭିନ୍ନ ଥାନାକୁ ପଠାଇଛି। ଶେଷରେ ପରିଚୟ ନମିଳିଲେ ପୋଲିସ ଶବ ସତ୍କାର କରିବ ବୋଲି ଫାଣ୍ଡି ପୋଲିସ କହିଛି। ପ୍ରକାଶ ଯେ,ଦଶହରା ଦିନ ସକାଳେ ପ୍ରାୟ ୬.୧୦ ସମୟରେ ଉତ୍ତର ଛକ ନିକଟରେ ଜଣେ ବ୍ୟକ୍ତି ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥିବା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲରେ ଉକ୍ତ ବ୍ୟକ୍ତିଙ୍କ ଚିକିତ୍ସା କରାଯାଉଥିବା ବେଳେ ୨୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମହିଳାଙ୍କ ଆତ୍ମହତ୍ୟା

**ବାରଙ୍ଗ,୨୨।୧୦(ଡି.ଏନ୍.ଏ.):** ଚନ୍ଦକା ଥାନା ଅଧୀନ ସୁନ୍ଦରପୁର ମୁଣ୍ଡାସାହିର ମମତା ହେତା(୨୫) ନାମ୍ନୀ ମହିଳା ସୋମବାର ସକାଳେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଦୀର୍ଘ ସମୟ ଧରି ସେ ଘରର କବାଟ ନ ଖୋଲିବାରୁ ପରିବାର ଲୋକଙ୍କର ସନ୍ଦେହ ହୋଇଥିଲା। ପରିବାର ଲୋକେ କବାଟ ଭାଙ୍ଗିବା ପରେ ମମତା ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା ତାଙ୍କ ସ୍ୱାମୀ ଧୁରୁସୁ ହେତା କହିଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୁନୀଲ କୁମାର ବେହେରା କହିଛନ୍ତି। ଏ ନେଇ ନଂ. ୧୮/୨୦୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗତ ୭/୮ବର୍ଷ ତଳେ ମମତା ସେହି ଗ୍ରାମର ଧୁରୁସୁଙ୍କୁ ବିବାହ କରିଥିଲେ।

### ଶାନ୍ତିଶୃଙ୍ଖଳାର ସହ ପୂଜା ଶେଷ ପାଇଁ ସାଧୁବାଦ ଦେଲା ଶାନ୍ତି କମିଟି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ରାଜଧାନୀରେ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଛୋଟ ଛୋଟ ଦୁର୍ଘଟଣାକୁ ଛାଡ଼ିଦେଲେ ଉଭୟ ପୂଜା ଓ ଭସାଣି ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଇଛି। ଏଥିପାଇଁ ଭୁବନେଶ୍ୱରର ସମସ୍ତ ପୂଜା କମିଟି ସହ ସହରବାସିନ୍ଦାଙ୍କୁ ଧନ୍ୟବାଦ ଓ ସାଧୁବାଦ ଜ୍ଞାପନ କରିଛି ରାଜଧାନୀ ଶାନ୍ତି କମିଟି। ଏହାସହ କମିଟି ପକ୍ଷରୁ ପୋଲିସ ପ୍ରଶାସନ, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଡିସିପି ଅନୁପ ସାହୁ ଓ ଟ୍ରାଫିକ୍ ପୋଲିସକୁ କୃତଜ୍ଞତା ଦିଆଯାଇଛି। ଏ ନେଇ କମିଟି ସମ୍ପାଦକ ନବକିଶୋର ବେହେରା ସୂଚନା ଦେଇଛନ୍ତି।

■ ବିନା ସୂଚନାରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

# ଏସ୍‌ପି-ଜନପ୍ରତିନିଧିଙ୍କ କଥା କଟାକଟି

**ବେଗୁନିଆ,୨୨।୧୦ (ଡି.ଏନ.ଏ.)**

## ଶୁଣାଣି ଅଧାରୁ ଉଠି ପଳାଇଲେ ଏସ୍‌ପି

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସଭା ଗୃହ କକ୍ଷ ପରିସରରେ ସୋମବାର ବିନା ସୂଚନାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମାତ୍ର ସେଠାରେ ଅପ୍ରିତିକର ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା। ଜିଲା ପୋଲିସ ବିଭାଗର କାର୍ଯ୍ୟ କଳାପରେ ଦେଖା ଦେଇଥିବା ଅବହେଳାକୁ ନେଇ ଏସ୍‌ପିଙ୍କ ସହ ସ୍ଥାନୀୟ ଜଣେ ଜନପ୍ରତିନିଧି ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ ନେଇ ଏସ୍‌ପି ଖପ୍ପା ହୋଇ ଜନ ପ୍ରତିନିଧି ଜଣଙ୍କୁ ତୁମେ କିଏ ମୋତେ ଚ୍ୟାଲେଞ୍ଜ କରିବାକୁ କହି ଶିବିର ଅଧାରୁ ଉଠି ପଳାଇଥିଲେ। ଏହାକୁ ନେଇ ଜିଲା ପ୍ରଶାସନ ଚିନ୍ତାରେ ପଡିଯାଇଥିଲା ବେଳେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି।

ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଏସ୍‌ପି ଦୀପ୍ତିରଞ୍ଜନ ରାୟ, ଉପଜିଲାପାଳ ସରୋଜ ସାହୁ, ପିଡି ସରୋଜ ମିଶ୍ର, ତହସିଲଦାର ବିବେକାନନ୍ଦ ପରିଡା, ବିଡିଓ ରବୀନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ୧୧୦ଟି ଅଭିଯୋଗ ଜିଲାପାଳ ମିଶ୍ର ଶୁଣିଥିଲେ। ୬ଟି ଅଭିଯୋଗର ବ୍ୟକ୍ତି ବିଶେଷଙ୍କୁ ରେଡକ୍ରସ ପାଣ୍ଠିରୁ ୩୮ ହଜାର ଟଙ୍କା ଅନୁଦାନ ରାଶି ଦିଆଯାଇଥିଲା।



ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଜଣେ ମହିଳାଙ୍କୁ ସହାୟତା ରାଶି ଦିଆଯାଉଛି।

ଜିଲାପାଳ ଅନେକ ଅଭିଯୋଗର ଫଇସଲା ବିଭିନ୍ନ ବିଭାଗକୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବହୁ ଲୋକ ଆସି ନିଜ ନିଜର ଅଭିଯୋଗର ଫଇସଲା ପାଇଁ ବାରମ୍ବାର ଦୌଡି ଦୌଡି ନିରାଶ ହୋଇ ଫେରି ଯାଉଛନ୍ତି ବୋଲି ଜିଲାପାଳଙ୍କ ପାଖରେ ଗୁହାରୀ କରିଥିଲେ। ହେଲେ ଫମ୍ପା ପ୍ରତିଶ୍ରୁତି ପାଇ ଲୋକେ ଫେରି ଯାଇଥିଲେ। ସେହିପରି ମାସକୁ ଦିନେ ବ୍ଲକ କାର୍ଯ୍ୟାଳୟକୁ ଜିଲାପାଳ ଆସି ଲୋକମାନଙ୍କର ସମସ୍ୟା ବୁଝୁଛନ୍ତି। ହେଲେ ଲୋକେ ଏ ସମ୍ପର୍କରେ ମଧ୍ୟ ଅବଗତ ହୋଇ ପାରୁ ନାହାନ୍ତି। ବିନା ସୂଚନାରେ ଏହି ଅଭିଯୋଗ ଶୁଣାଣି କରି ଦିଆଯାଉଛି ବୋଲି ବହୁଲୋକ ମଧ୍ୟ ସେଠାରେ ଅଭିଯୋଗ ଉଠାଇଥିଲେ। ଏଥିସହ ଶୁଣାଣି ଚାଲୁଥିବା ବେଳେ ସ୍ଥାନୀୟ ଜଣେ ଜନ ପତିନିଧି ଆସି ହଠାତ୍ ପହଞ୍ଚିଥିଲେ। ସେଠାରେ ଜିଲା ପୋଲିସ ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଏସ୍‌ପି ରାୟଙ୍କୁ ନାନା ପ୍ରଶ୍ନ କରିଥିଲେ। କ'ଣ ପାଇଁ ତୁମେ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦେଉନାହଁ, ଏପରି କି ପାତରଅନ୍ତର ନୀତି ଅବଲମ୍ବନ କରି ନିର୍ଦ୍ଦୋଶୀଙ୍କୁ ଗିରଫ କରୁଛ। ପୋଲିସ ବିଭାଗରେ ବିଶୃଙ୍ଖଳା ସୃଷ୍ଟି କରୁଥିବା କର୍ମଚାରୀମାନଙ୍କୁ ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳରୁ ଅନ୍ୟ ଥାନାକୁ ବଦଳି କରିବାକୁ ଆଦେଶନାମା ପ୍ରକାଶ ପାଇଥିଲେ ମଧ୍ୟ କ'ଣ ପାଇଁ ବଦଳି କରାଯାଉନାହିଁ ବୋଲି ଅନେକ ପ୍ରଶ୍ନ କରିଥିଲେ। ପ୍ରଶ୍ନବାଣ ଶୁଣି ଉପସ୍ଥିତ ଥିବା ସମସ୍ତ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀମାନେ ସ୍ତବ୍ଧ ହୋଇ ଯାଇଥିଲେ। ଏଥିସହ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବ୍ଲକ ଅଞ୍ଚଳର ବହୁ ଲୋକ ଏଭଳି ଘଟଣା ଦେଖି ଚକିତ ହୋଇ ପଡିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି। ଲୋକେ ଯାଇ ବିଭିନ୍ନ ସ୍ଥାନରେ ପ୍ରଶାସନିକ ଅଧିକାରୀଙ୍କ ସତ ସାହାସ ନାହିଁ ଜନ ପ୍ରତିନିଧିଙ୍କୁ ଚ୍ୟାଲେଞ୍ଜ କରିବାକୁ ବୋଲି ମଧ୍ୟ କୁହାକୁହି ହେଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ଜନ ପ୍ରତିନିଧିଙ୍କୁ ଡରୁଥିବା କୁହାଯାଉଛି। ଏ ସମ୍ପର୍କରେ ଫୋନ୍ ଯୋଗେ ଏସ୍‌ପି ରାୟଙ୍କୁ ପଚାରିବାରେ ସେମିତି କିଛି ଘଟିନାହିଁ କହିବା ସହ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

■ ୮କୋଟି ଟଙ୍କା ଠକେଇ ମାମଲା

# କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୨୨।୧୦( ଡି.ଏନ.ଏ.)**

ପୋଲିସ, ପ୍ରଶାସନିକ ଅଧିକାରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରେ ୮କୋଟି ଟଙ୍କାର ଠକେଇର ଶିକାର ହୋଇଥିବା ଅଶୋକ ଦାସ ନାମକ ଅଭିଯୋଗକାରୀ ଏବେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇବେ। ପୋଲିସଠାରୁ ମାନସିକ ନିର୍ଯାତନା ଏବଂ ପୋଲିସର ଖାମ ଖିଆଲ ମନୋଭାବ ଯୋଗୁ ଏୟାରଫିଲ୍ଡ ଥାନା ଅଧୀନ ଭୀମପୁର ମୌଜାର ଅଶୋକ ଏହି ନିର୍ଣ୍ଣୟ ନେଇଛନ୍ତି। ଥାନାରେ ନିଜର ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରିଦେଇ ବର୍ଷ ବର୍ଷ ଧରି ଚୁପ୍ ହୋଇ ବସିଛି। ସେହିଭଳି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟଙ୍କ ଆଶ୍ରୟ ନେଇଥିଲେ ମଧ୍ୟ ପୋଲିସ ବାରମ୍ବାର କୋର୍ଟଙ୍କ ଆଦେଶକୁ ଅବମାନନା କରିଛି। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ପରେ ଏବେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମିଳିଥିବା ଖବର ମୁତାବକ, ସୋମବାର ଏୟାରଫିଲ୍ଡ ଥାନା ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଉଚ୍ଚ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀ ଅଶୋକଙ୍କ ସମସ୍ତ ଅଭିଯୋଗର କାଗଜ ତନଖି କରାଯାଇଛି। ଥାନାରେ ହୋଇଥିବା ବିଭିନ୍ନ ମାମଲାଗୁଡ଼ିକ ସହ କୋର୍ଟଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ମାମଲାଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଛି। ଏ ନେଇ ଜୋନ୍-୨ ଏସିପି ଫଗୁଆ ସିଂଙ୍କୁ ପଚାରିବାରେ ସେ କହିଲେ, ସୋମବାର ଅଶୋକଙ୍କ ସମସ୍ତ ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଇଛି। ଏହି ସମସ୍ତ ଘଟଣା ସିଭିଲ ଘଟଣା ଅଟେ। ତେଣୁ ଘଟଣାର ସମସ୍ତ କାଗଜପତ୍ର ତୃଣମୂଳ ସ୍ତରରୁ ତର୍ଜମା କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ହୋର୍ଡିଂରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା




ପାୱାରହାଉସ୍ ଛକଠାରେ ପ୍ଲାଷ୍ଟିକ୍ ବର୍ଜନ ଉପରେ ସଚେତନତା ହୋର୍ଡିଂ ଲଗାଯାଇଛି।

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)**

ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ଲାଗି ଜନସଚେତନତା ସୃଷ୍ଟି କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଆରେ ବିଭିନ୍ନ ଢଗଢମାଳି ଲେଖି ସହରର ମୁଖ୍ୟ ସ୍ଥାନଗୁଡିକରେ ହୋର୍ଡିଂ ଲଗାଯାଇଛି। ଏହା ସାଙ୍ଗକୁ ତିନୋଟି ଏଫ୍‌ଏମ୍ ଚ୍ୟାନେଲ୍‌ରେ ବାଜୁଛି ଜିଙ୍ଗଲ୍। ପୁଣି ଆଗକୁ ସଚେତନତା ରଥ ବାହାରି ନିୟନ୍ତ୍ରିତ ପ୍ଲାଷ୍ଟିକ୍ ବ୍ୟବହାର ଏବଂ ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ ବାର୍ତ୍ତା ଦେବ। ସହରର ପ୍ରତି ଗଳିକନ୍ଦିରେ ରଥ ବୁଲି ପ୍ରଚାର କରିବ। ଏହା ସାଙ୍ଗକୁ ସିନେମା ହଲ୍‌ରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଛବି ପ୍ରଦର୍ଶନ କରାଯିବ। ଭୁବନେଶ୍ୱରକୁ ଅଧିକ ସ୍ୱଚ୍ଛ, ସବୁଜ ଏବଂ ପ୍ଲାଷ୍ଟିକମୁକ୍ତ କରିବା ଏହି ସଚେତନତା ଅଭିଯାନର ଲକ୍ଷ୍ୟ। ଜନସାଧାରଣ କିପରି ଖୁବ୍ କମ୍ ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ନିଜର ଆଚରଣ ବଦଳେଇ ଘରୁ ଟିଫିନ୍ ବାକ୍ସ, ବୋତଲ ଏବଂ ବ୍ୟାଗ୍ ଆଣିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି।



ଉତ୍କଳ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କୁମାର ଉତ୍ସବ ଏବଂ ସହଦେବ ପାଢ଼ୀ ମେମୋରିଆଲ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱ।

## ୨୬ରୁ ଆରମ୍ଭ ହେବ ସ୍ୱଦେଶୀ ମେଳା

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଭାରତୀୟ ବିପଣନ କେନ୍ଦ୍ର (ସିବିଏମଡି) ଓ ସ୍ୱଦେଶୀ ଜାଗରଣ ମଞ୍ଚର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୬ତାରିଖରୁ ସ୍ୱଦେଶୀ ମେଳା ଆରମ୍ଭ ହେବ। ପଟିଆ ସ୍ଥିତ କ୍ଲବ ଟାଉନ୍ ପଡିଆରେ ହେବାକୁ ଥିବା ଏହି ମେଳାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିବେ। ନଭେମ୍ବର ୫ ପର୍ଯ୍ୟନ୍ତ ଦେଶର ସବୁଠାରୁ ବଡ଼ ସ୍ୱଦେଶୀ ଉତ୍ପାଦନର ପ୍ରଦର୍ଶନୀ ଓ ବିକ୍ରୟ ମେଳାରେ ସାରା ଭାରତରୁ ବଛା ବଛା କମ୍ପାନୀ ଓ ସଂସ୍ଥାମାନେ ଯୋଗଦେବେ। ମେଳାରେ ଗୃହ ଉପକରଣ, ଖାଉଟି ସାମଗ୍ରୀ, ଶୈକ୍ଷିକ ସାମଗ୍ରୀ, ସ୍ୱଦେଶୀ ଯନ୍ତ୍ରପାତି, ଖାଦ୍ୟ ସାମଗ୍ରୀ ଆଦିର ବହୁଳ ପ୍ରଦର୍ଶନ ଓ ବିକ୍ରୟ ହେବ। ୧୦ ଦିନ ବ୍ୟାପୀ ଏହି ମେଳାରେ ସବୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ସ୍କୁଲ ଓ କଲେଜ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଦିନ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ, ରଙ୍ଗୋଲି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇ ପୁରସ୍କାର ବିତରଣ କରାଯିବ। ଶେଷ ଦିନରେ ଏକ ଚିତ୍ତାର୍କଷକ ସ୍ୱଦେଶୀ ସନ୍ଦେଶ ଯାତ୍ରା ସହର ପରିକ୍ରମା କରାଯିବ। ତେଣୁ ଭୁବନେଶ୍ୱରବାସୀ ବହୁ ସଂଖ୍ୟାରେ ଏହି ସ୍ୱଦେଶୀ ମେଳାକୁ ପରିଦର୍ଶନ କରିବାକୁ ମେଳା ଅଧ୍ୟକ୍ଷ ଇଂ. ଅଭୟ ସାମନ୍ତରାୟ, ଆବାହକ ଶିଶିର ମିଶ୍ର, ପଟିଆ ଗ୍ରାମ୍ୟମଙ୍ଗଳ ସମିତିର ସଭାପତି ସନ୍ତୋଷ କୁମାର ମହାନ୍ତି, ରାଜ୍ୟ ସଙ୍ଗଠକ ନିର୍ମଳ ଚନ୍ଦ୍ର ଷଡଙ୍ଗୀ, ନଗର ସଂଯୋଜକ ବିଜୟ ରାଉତ ରାୟ ନିବେଦନ କରିଛନ୍ତି।

# ଶାଶୁ, ଶ୍ୱଶୁରଙ୍କୁ ମହିଳା ପୋଲିସଙ୍କ ନିର୍ଯାତନା

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

## ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ

ଅନ୍ୟକୁ ନ୍ୟାୟ ଦେଉଥିବା ପୋଲିସ ନିଜେ ଅନ୍ୟାୟ କରୁଛି। ଅନ୍ୟକୁ ଠିକ ବାଟରେ ଯିବାକୁ କହୁଥିବା ପୋଲିସ ଭୁଲ ବାଟରେ ଯାଉଛି। ଏଭଳି ଏକ ଘଟଣା କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି। ନନ୍ଦନକାନନ ଥାନାରେ କାର୍ଯ୍ୟରତ ଜଣେ ମହିଳା ଏସ୍‌ଆଇ ଶାଶୁ, ଶ୍ୱଶୁରଙ୍କୁ ନିର୍ଯାତନା ଦେଉଥିବା ନେଇ ସୋମବାର ଅଭିଯୋଗ ହୋଇଛି। ଏନେଇ ଶାଶୁ ଓ ଶ୍ୱଶୁର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ପୋଲିସ କମିଶନର ସେମାନଙ୍କ ଅଭିଯୋଗ ଶୁଣିବା ପରେ ଡିସିପିଙ୍କ ନିକଟକୁ ପଠାଇ ଦେଇଛନ୍ତି। ମଙ୍ଗଳବାର ଉକ୍ତ ମହିଳା ଏସ୍‌ଆଇଙ୍କୁ ଡିସିପି ଅଫିସରେ ହାଜର ହେବାକୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ମହିଳା ପୋଲିସ ଅଫିସର ଜଣକ ବିବାହ ପୂର୍ବରୁ ଚାକିରି ପାଇ ନ ଥିଲେ। ବିବାହ ପରେ ସେ ଶାଶୁ, ଶ୍ୱଶୁରଙ୍କ ଅନୁମତିରେ ପାଠ ପଢିଥିଲେ। ପାଠ ପଢିବା ପରେ ପୋଲିସ ଚାକିରି ପାଇଥିଲେ। ଏହାପରେ ସେ ଘରର କୌଣସି କାମ କରୁ ନ ଥିଲେ। ଶାଶୁ, ଶ୍ୱଶୁରଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିଲେ। ଏହାକୁ ପରିବାର ଲୋକେ ସହ୍ୟ କରି ଯାଉଥିଲେ। ଶେଷରେ ମହିଳା ଏସ୍‌ଆଇ ସ୍ୱାମୀଙ୍କୁ ଛାଡପତ୍ର ଦେବା ପାଇଁ ଅଡି ବସିଥିଲେ। ଏଣୁ ଅନ୍ୟ ଉପାୟ ନ ପାଇ ଶାଶୁ, ଶ୍ୱଶୁର ପୋଲିସ କମିଶନରଙ୍କୁ ଗୁହାରି ଜଣାଇଛନ୍ତି।

# ଓଢ଼ଣି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ପାଣ୍ଡରା ପାରିଜାତ ବସ୍ତିରେ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ଯୁବତୀ ଜଣକ ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଦ୍ରକ ବନ୍ତ ଅଞ୍ଚଳର ରଶ୍ମିତା ସ୍ୱାଇଁ(୨୧)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ସୂଚନା ଅନୁଯାୟୀ, ରଶ୍ମିତା ପାରିଜାତ ବସ୍ତିରେ ଭଡାରେ ରହି ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ସିକ୍ୟୁରିଟି ଏଜେନ୍ସିରେ ଡାଟା ଅପରେଟର ଭାବେ କାମ କରୁଥିଲେ। ଦୁଇ ଦିନ ତଳେ ପୁରୁଷ ବନ୍ଧୁ ସହ ରଶ୍ମିତାଙ୍କର ଝଗଡ଼ା ହୋଇଥିବା ତାଙ୍କ ପଡୋଶୀମାନେ କହିଛନ୍ତି। ସୋମବାର ସକାଳେ ରଶ୍ମିତା ଚିନ୍ତାଗ୍ରସ୍ତ ଥିବା ସେମାନେ ଦେଖିଥିଲେ। ଅପରାହ୍ନ ପ୍ରାୟ ୩ଟା ସମୟରେ ଭିତର ପଟୁ କବାଟ ବନ୍ଦ କରି ସେ ଓଢଣିରେ ଝୁଲି ପଡିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ କବାଟ ନ ଖୋଲିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ସେ ଝରକା ପଟୁ ରଶ୍ମିତା ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଜଣାଇଥିଲେ। ରଶ୍ମିତାଙ୍କ ପୁରୁଷ ବନ୍ଧୁ ଫେରାର ଥିବା ପୋଲିସ କହିଛି।



ତିତ୍‌ଲି ଓ ଅମୃତସର ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ସୈନିକ ସ୍କୁଲ ପରିସରରେ ଆୟୋଜିତ ସମୂହ ପ୍ରାର୍ଥନା ସଭା।

# ମୃତାହତଙ୍କ ପାଇଁ ସମୂହ ପ୍ରାର୍ଥନା

**ବାଲିଅନ୍ତା,୨୨।୧୦(ଡି.ଏନ୍.ଏ.)**

ବାତ୍ୟା ତିତ୍‌ଲି ଏବଂ ପଞ୍ଜାବ ଅମୃତସରରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତାହତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ହଂସପାଳସ୍ଥିତ ସୈନିକ ସ୍କୁଲ ପରିସରରେ ଏକ ସମୂହ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଅନୁଷ୍ଠାନ ବାହା'ଇ ପକ୍ଷରୁ ଆୟୋଜିତ ଏହି ପ୍ରାର୍ଥନା ସଭାରେ ଶରତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଦୀପ ବୀର, ଆର୍ତ୍ତବନ୍ଧୁ ସ୍ୱାଇଁ, ସଂଯୁକ୍ତା ସ୍ୱାଇଁ, ଚନ୍ଦ୍ରଶକ୍ତି ମହାପାତ୍ର, ସବିତା ନାୟକ, ପାର୍ବତୀ ମାଝି, ଶିଖର ସ୍ୱାଇଁ, ବର୍ଷା ବିଶାଳିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଭିନ୍ନ ଭିନ୍ନ ଭାଷାରେ ପ୍ରାର୍ଥନା ଆବୃତ୍ତି କରିଥିଲେ। ଶଙ୍କର ମାଝି ଓ ସୁଶାନ୍ତ ମହାପାତ୍ର ପବିତ୍ର ଲେଖାବଳୀ ପଠନ କରିଥିଲେ।

# ମନଜିଣିଲା କାଠି କଣ୍ଢେଇ ନାଚ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଓଡ଼ିଶାର କାଠି କଣ୍ଢେଇ ନାଚର ପ୍ରାଚୀନତା ନିରୂପଣ କରିବା ବେଶ୍ କଷ୍ଟକର। କେନ୍ଦୁଝର ଜିଲାର କେନ୍ଦୁଝରଗଡ଼ ଓ ଜରିପଡ଼ା ଗ୍ରାମରେ ମାତ୍ର ଦୁଇଟି ଦଳ ଏହି କାଠି କଣ୍ଢେଇ ନୃତ୍ୟ ପରିବେଷଣ କରିଥାଆନ୍ତି। ବର୍ତ୍ତମାନ ସମୟରେ କେନ୍ଦୁଝର ଜିଲା ବ୍ୟତୀତ ଅନ୍ୟ କେଉଁଠାରେ କାଠି କଣ୍ଢେଇ ନାଚ ଦେଖିବାକୁ ମିଳେନାହିଁ। ଅତୀତରେ କେନ୍ଦୁଝରର ଝରା ସମ୍ପ୍ରଦାୟର ଲୋକେ ହରିବଂଶ ଓ ଭାଗବତ ଆଧାରରେ ଶ୍ରୀକୃଷ୍ଣଙ୍କ ଲୀଳାକୁ ଗୀତ ଏବଂ ସଂଳାପ ମାଧ୍ୟମରେ ଉପସ୍ଥାପନ କରୁଥିଲେ। ପରବର୍ତ୍ତୀ ସମୟରେ କାଠି କଣ୍ଢେଇ ନାଚର ପ୍ରସିଦ୍ଧ ଶିଳ୍ପୀ ମାଗୁଣି ଚରଣ କୁଅଁର ରାମାୟଣ ଆଧାରରେ କାଠି କଣ୍ଢେଇ ନାଟ ପରିବେଷଣ କରି ଏହାକୁ ଏକ ନୂଆ ରୂପ ପ୍ରଦାନ କରିଥିଲେ। ସେହି ପରମ୍ପରାର ଦାୟାଦ ଭାବେ ଜରିପଡ଼ା ଗ୍ରାମର ଶିଳ୍ପୀ ଚକ୍ରଧର ପରିଡ଼ା ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଭାରତୀୟ ବିଦ୍ୟାଭବନ ଏବଂ ଇନ୍‌ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ବିଦ୍ୟାଭବନ ପରିସରରେ ଆୟୋଜିତ ଲୁପ୍ତପ୍ରାୟ ଲୋକକଳାର ୫୯ତମ ସନ୍ଧ୍ୟାରେ 'ରାମାୟଣ କଣ୍ଢେଇ ନାଟ' ପରିବେଷିତ ହୋଇଯାଇଛି। ଏହାକୁ ପରିବେଷଣ କରିଥିଲେ ଜରିପଡ଼ାର ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଟ ପକ୍ଷରୁ ଶିଳ୍ପୀ ଚକ୍ରଧର ପରିଡ଼ା। ପ୍ରଥମଥର ପାଇଁ ପରିବେଷିତ ଏହି କାଠି କଣ୍ଢେଇ ନାଟ ଦର୍ଶକଙ୍କ ମନ ଜିଣିଥିଲା।



ଭାରତୀୟ ବିଦ୍ୟାଭବନ ମଞ୍ଚରେ ପରିବେଷିତ 'ରାମାୟଣ କଣ୍ଢେଇ ନାଟ'ର ଏକ ଦୃଶ୍ୟ।



ମହତ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।
- ରବର୍ଟ ମଦରୱେଲ



## ସଂକ୍ଷେପରେ

### ପରିଛଳ ଟି ୨୦ କପ୍ କ୍ରିକେଟ୍, ମାର୍ଥାପୁର ଫାଇନାଲରେ

**ବେଗୁନିଆ, ୨୨।୧୦(ଡି.ଏନ.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ କ୍ରିକେଟ ଗ୍ରାଉଣ୍ଡରେ ଚାଲୁଥିବା ୨୯ ତମ ପରିଛଳ ଟି ୨୦ କପ୍ କ୍ରିକେଟର ସୋମବାର ୨ୟ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ଜିଲାର ମାର୍ଥାପୁର କ୍ରିକେଟ କ୍ଲବ ୩ ଉଇକେଟରେ ତମାଣ୍ଡୋ କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ତମାଣ୍ଡୋ ଦଳ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ମାର୍ଥାପୁର କ୍ଲବ ୧୯.୧ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୧୧୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ବିଜୟୀ ଦଳର ରଜତ ଦାସ ବ୍ୟକ୍ତିଗତ ୪୦ ରନ ଏବଂ ଉପେନ୍ଦ୍ର ଲେଙ୍କା ବ୍ୟକ୍ତିଗତ ୨୯ ରନ ସଂଗ୍ରହ କରି ଦଳକୁ ବିଜୟ କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ବିଜୟ ଦଳର ସୂର୍ଯ୍ୟକାନ୍ତ ମଲ୍ଲିକ ସୁନ୍ଦର ୪ ଓଭର ବୋଲିଂ କରି ମାତ୍ର ୧୭ ରନ ଦେଇ ୪ଟି ଉଇକେଟ ହାସଲ କରିଥିଲେ। ହେଲେ ତାଙ୍କ ନିଜର ୪ର୍ଥ ତମ ଓଭରରେ ହାଟ୍ରିକ ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ ରେଫରି ଭାବେ ଜିତେନ୍ଦ୍ର ପାହାଡସିଂହ, ପରିଚାଳକ ଭାବେ ଶ୍ରୀନିବାସ ବାରିକ ଏବଂ ଅନୁପ ଜେନା କାର୍ଯ୍ୟ ତୁଲାଇଥିଲେ। ମଙ୍ଗଳବାର ବିଶ୍ରାମ ଦିବସ ହୋଇଥିବା ବେଳେ ବୁଧବାର ମାର୍ଥାପୁର କ୍ରିକେଟ କ୍ଲବ ଓ କୁମାରବସ୍ତ କ୍ରିକେଟ କ୍ଲବ ମଧ୍ୟରେ ଅନ୍ତିମ ମ୍ୟାଚ ଅନୁଷ୍ଠିତ ହେବ।

### ରାମନାଟକ ଶୋଭାଯାତ୍ରାରେ ଗଣ୍ଡଗୋଳ
### ପ୍ରସାଦ ବଣ୍ଟନକାରୀ ଗୁରୁତର, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୨।୧୦(ଡି.ଏନ.ଏ.):** ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମରେ ରାମନାଟକ ଉତ୍ସବ ଶେଷ ହୋଇଛି। ସୋମବାର ଶିଶୁ କଳାକାରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଥିବା ବେଳେ ଗଣ୍ଡଗୋଳ ଘଟିଛି । ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଶୋଭାଯାତ୍ରା ବେଳେ ପ୍ରସାଦ ବଣ୍ଟନ କରୁଥିବା ପବିତ୍ର ବେହେରାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା । ଠେଙ୍ଗା, ତେଣ୍ଟା ଓ ଖଣ୍ଡା ଇତ୍ୟାଦି ମାରଣାସ୍ତ୍ର ଧରି ସେହି ଗ୍ରାମର ଭରତ ବେହେରା, କୁମାରୀ ବେହେରା, ଶିଲୁ ବେହେରା ଓ କଳ୍ପନା ବେହେରା ପବିତ୍ରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଶିଲୁ ଖଣ୍ଡାରେ ପବିତ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡିଯାଇଥିଲେ। ତେବେ ଉପସ୍ଥିତ ଲୋକଙ୍କ ସହଯୋଗକ୍ରମେ ତାଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଭୁବନେଶ୍ୱରରେ ଚିକିତ୍ସା କରାଯାଇଛି। ଟାଙ୍ଗୀ ଥାନାରେ ଆହତଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ଲିଖିତ ଏତଲା ଦେବାପରେ ପୋଲିସ କୁମାରୀ ବେହେରାଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ପୋଲିସ ଅଧିକାରୀ ଏନ୍ ସାମନ୍ତରାୟ ଉକ୍ତ ମାମଲାର ତଦନ୍ତ କରୁଛନ୍ତି।

### ବନ୍ଧୁମିଳନ

**ଖୋର୍ଦ୍ଧା ଅଫିସ,୨୨।୧୦:** ଖୋର୍ଦ୍ଧା ବ୍ଲକ ଗୋଳବାଇ ପଞ୍ଚାୟତ ଭଗବତୀ ବିଦ୍ୟା ନିକେତନର ୧୯୯୨ ବ୍ୟାଚ ଓ ଚିନ୍ତାମଣି ବିଦ୍ୟା ନିକେତନ ନରଣଗଡର ୧୯୯୩ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରବିବାର ଓ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଳବାଇରେ ପଦ୍ମନାଭ ସାହୁ, ଅମିତାଭ ପଟ୍ଟନାୟକ, ଝୁନୁବାଳା ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ନରଣଗଡରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କଥୋପକଥନ ଓ ପୁରୁଣା ସ୍ମୃତି ଚାରଣ କରାଯାଇଛି।

### ଯୌତୁକ ନିର୍ଯାତନା ଅଭିଯୋଗ, ୪ ଗିରଫ

**ନିମାପଡ଼ା,୨୨।୧୦(ଡି.ଏନ୍.ଏ.):** ନିମାପଡ଼ା ଥାନା ଭାଟବନ୍ଧ ଗ୍ରାମର ପ୍ରତିମା ଦାସଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରତିମାଙ୍କ ସ୍ୱାମୀ ଗଣେଶ ଦାସ, ଶାଶୁ କାମିନୀ ଦାସ, ଶ୍ୱଶୁର ବାବୁଲା ଦାସ ଓ ଦିଅର କାର୍ତ୍ତିକ ଦାସ। ଅଭିଯୋଗ ଅନୁଯାୟୀ, ଗତ ୬ମାସ ପୂର୍ବେ ଧଉଳି ଥାନା ଅଧୀନ ଇଟିପୁର ଗ୍ରାମର ପ୍ରତିମାଙ୍କୁ ଭାଟବନ୍ଧ ଗ୍ରାମର ଗଣେଶ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିଛି ଦିନ ପରେ ବାପଘରୁ ଅଧିକ ୧ଲକ୍ଷ ଟଙ୍କା ଓ ଏକ ବାଇକ୍ ଆଣିବା ପାଇଁ ଶାଶୁଘର ଲୋକେ ପ୍ରତିମାଙ୍କୁ କହିଥିଲେ। ଏଥିରେ ପ୍ରତିମା ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଇଥିଲେ। ପ୍ରତିମାଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ୪ଜଣଙ୍କ ବିରୋଧରେ ମାମଲା(ନଂ. ୩୧୧/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

## ■ ତିତ୍‌ଲି ବାତ୍ୟା, ବନ୍ୟା ପ୍ରଭାବ

# ଉଜୁଡ଼ିଗଲା ୬୯୩୦ ହେକ୍ଟର ଧାନ ଫସଲ

**ଧାନରେ ବାଣପୁର, ଅଣଧାନରେ ଚିଲିକା ବ୍ଲକ ବେଶି କ୍ଷତିଗ୍ରସ୍ତ**

**ଖୋର୍ଦ୍ଧା ଅଫିସ,୨୨।୧୦**

ସାମୁଦ୍ରିକ ଝଡ ତିତ୍‌ଲି ଏବଂ ଏହାର ପରବର୍ତ୍ତୀ ବନ୍ୟାରେ ଖୋର୍ଦ୍ଧା ଜିଲାର ଧାନ ଓ ଅଣଧାନ ଫସଲ ବେଶି କ୍ଷତିଗ୍ରସ୍ତ ହୋଇଛି। ଏହାର ପ୍ରଭାବରେ ଖୋର୍ଦ୍ଧା ଜିଲାରେ ୬୯୩୦.୭୪ ହେକ୍ଟର ଧାନ ଓ ୨୩୭ ହେକ୍ଟର ଅଣଧାନ ଫସଲ ଉଜୁଡି ଯାଇଛି। ଜିଲାର ୧୯୦ ପଞ୍ଚାୟତରୁ ୧୧୭ ପଞ୍ଚାୟତ ଓ ୫ ସହରାଞ୍ଚଳର ୫୨୫ ଗାଁ ଜମିର ଫସଲ କ୍ଷତି ହୋଇଛି। ତେବେ ଧାନରେ ବାଣପୁର ବ୍ଲକ ଓ ଅଣଧାନରେ ଚିଲିକା ବ୍ଲକର ଫସଲ ବେଶି କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷେ ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ଫସଲ କ୍ଷୟକ୍ଷତି ହୋଇ ନ ଥିବା ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ରିପୋର୍ଟ ପ୍ରଦାନ କରିଛି। ଚଳିତ ଖରିଫ ଋତୁରେ ଜିଲାର ଖୋର୍ଦ୍ଧା ବ୍ଲକରେ ୧୩ ହଜାର ୪୭ ହେକ୍ଟର, ବେଗୁନିଆ ବ୍ଲକରେ ୧୩, ୯୪୭ ହେକ୍ଟର, ବୋଲଗଡ ବ୍ଲକରେ ୧୪,୩୪୫ ହେକ୍ଟର, ଟାଙ୍ଗୀରେ ୯ ହଜାର ୮୧୪ ହେକ୍ଟର, ଚିଲିକାରେ ୯, ୭୯୫, ବାଣପୁରରେ ୧୦, ୫୮୨ ହେକ୍ଟର, ଭୁବନେଶ୍ୱରରେ ୮, ୪୯୮ହେକ୍ଟର, ଜଟଣୀ ୬, ୮୫୦ ହେକ୍ଟର, ବାଲିଅନ୍ତାରେ ୯ ହଜାର ୩୦ ହେକ୍ଟର, ବାଲିପାଟଣା ବ୍ଲକରେ ୯, ୮୧୦ ହେକ୍ଟର ଏପରି ମୋଟରେ ୧ଲକ୍ଷ ୫,୭୧୩ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ଏଥିରୁ ଖୋର୍ଦ୍ଧା ବ୍ଲକରେ ୪୦୮ ହେକ୍ଟର, ବେଗୁନିଆରେ ୧୨୩ ହେକ୍ଟର, ଟାଙ୍ଗୀରେ ୭୫୦ ହେକ୍ଟର, ଚିଲିକାରେ ୮୨୦ ହେକ୍ଟର, ବାଣପୁରରେ ୨, ୦୪୫ ହେକ୍ଟର, ଭୁବନେଶ୍ୱରରେ ୧, ୩୩୨ହେକ୍ଟର, ଜଟଣୀ ୪୪୦ ହେକ୍ଟର ଏପରି ମୋଟରେ ୫୯୧୮ ହେକ୍ଟର ଜମିରେ ୦ରୁ ୩୩ ପ୍ରତିଶତ ଫସଲ କ୍ଷତି ହୋଇଛି। ସେହିଭଳି ବେଗୁନିଆ ବ୍ଲକରେ ୩୯୭ ହେକ୍ଟର, ବୋଲଗଡରେ ୧୯୦.୫୮ହେକ୍ଟର, ଜଟଣୀ ବ୍ଲକରେ ୧୭୦ ହେକ୍ଟର ଏପରି ମୋଟରେ ୨୫୫.୧୬ ହେକ୍ଟର ୩୩ରୁ ୫୦ ପ୍ରତିଶତ ଧାନ ଫସଲ ଉଜୁଡିଛି। ତେବେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୋଲଗଡ ବ୍ଲକରେ ୨୫୫.୧୬ ହେକ୍ଟର କେବଳ କ୍ଷତି ହୋଇଛି। ଅନ୍ୟପକ୍ଷେ ଖୋର୍ଦ୍ଧା ବ୍ଲକରେ ୧୩୬୭ ହେକ୍ଟର, ବେଗୁନିଆରେ ୧୬, ୩୭୯ ହେକ୍ଟର, ବୋଲଗଡରେ ୧୫, ୬୨୯ ହେକ୍ଟର, ଟାଙ୍ଗୀରେ ୧୨, ୨୧୦ ହେକ୍ଟର, ଚିଲିକାରେ ୧୧, ୫୦୦, ବାଣପୁରରେ ୧୨, ୩୪୭ ହେକ୍ଟର, ଭୁବନେଶ୍ୱରରେ ୮,୮୧୭ ହେକ୍ଟର, ଜଟଣୀରେ ୭, ୨୫୭ ହେକ୍ଟର, ବାଲିଅନ୍ତାରେ ୯, ୯୨୮ ହେକ୍ଟର, ବାଲିପାଟଣା ବ୍ଲକରେ ୧୦, ୬୦୪ ହେକ୍ଟର ଏପରି ମୋଟରେ ୧ଲକ୍ଷ ୧୯ହଜାର ୮୫ ହେକ୍ଟର ଜମିରେ ଅଣଧାନ ଫସଲ ହୋଇଥିଲା। ଏଥିରୁ ଚିଲିକା ବ୍ଲକରେ ୧୫୦ ହେକ୍ଟର, ବାଣପୁରରେ ୫୩ ହେକ୍ଟର ଓ ଭୁବନେଶ୍ୱର ୩୪ ହେକ୍ଟର ଏପରି ମୋଟରେ ୨୩୭ ହେକ୍ଟର ଫସଲ ଉଜୁଡିଛି। ଏହି କ୍ଷତି ୦ ରୁ ୩୩ ପ୍ରତିଶତ ଭିତରେ ରହିଛି।



ଭଗବତୀଙ୍କ ପୀଠର ଶୌଚାଳୟରେ ତାଲା ପଡ଼ିରହିଛି।

## ■ ବାଣପୁର ଭଗବତୀ ପୀଠର ଶୌଚାଳୟ

# ୫ବର୍ଷ ହେଲା ତାଲା ଝୁଲୁଛି

**ଖୋର୍ଦ୍ଧା ଅଫିସ,୨୨।୧୦**

ଖୋର୍ଦ୍ଧା ଜିଲା ବାଣପୁରର ପ୍ରସିଦ୍ଧ ଶାକ୍ତପୀଠ ମା' ଭଗବତୀଙ୍କ ପୀଠରେ ପର୍ଯ୍ୟଟକଙ୍କ ସୁବିଧା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଶୌଚାଳୟରେ ୫ ବର୍ଷ ହେଲା ତାଲା ଝୁଲୁଛି। ବ୍ୟବହାର ଅଭାବରୁ ଏହା ପରିତ୍ୟକ୍ତ ହୋଇ ନଷ୍ଟ ହେବାକୁ ବସିଲାଣି। ଏଠାରେ ଶୌଚାଳୟ ନ ଥିବାରୁ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫ ଲକ୍ଷ ୨୪,୫୮୦ ଟଙ୍କା ବ୍ୟୟରେ ୨୦୧୨-୧୩ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଥିଲା। ତେବେ ଶାରଦୀୟ ଦୁର୍ଗାପୂଜା ବେଳେ ଶୌଚାଳୟ ବନ୍ଦ ଯୋଗୁ ମନ୍ଦିରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ସମେତ ଅନ୍ୟମାନେ ହଇରାଣ ହୋଇଥିଲେ। ପର୍ଯ୍ୟଟକଙ୍କ ଅସୁବିଧାକୁ ଲକ୍ଷ୍ୟ କରି ଶୌଚାଳୟକୁ ସଚଳ କରିବାକୁ ପ୍ରୟାସ ଜାରି ରହିଛି ବୋଲି ଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ସଂସ୍ଥାର ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବିଷୋଇ ସୂଚନା ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

**ଖୋର୍ଦ୍ଧା ଅଫିସ,୨୨।୧୦**

ବିଜେଡିର ବାଣପୁର ବ୍ଲକ ଓ ଏନଏସି ପକ୍ଷରୁ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବାଣପୁରର ମା' ଭଗବତୀଙ୍କ ପୀଠରୁ ବାହାରି ବାଣପୁର ଏନ୍ଏସି ଅଞ୍ଚଳ ପରିକ୍ରମା କରିଥିଲା। ପରେ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ପର୍ଯ୍ୟବେକ୍ଷକ ଅଜିତ ରାଉତଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଗୋଚର ଜମି ଜବରଦଖଲ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୨୨।୧୦(ଡି.ଏନ.ଏ.)**

ଟାଙ୍ଗୀ ତହସିଲ ଅନ୍ତର୍ଗତ ରତନପୁର ମୌଜାରେ ୨ ଏକର ପରିମିତ ସରକାରୀ ଗୋଚର ଜମି ଜବରଦଖଲ ଅଭିଯୋଗ ହୋଇଛି। ଫଳରେ ଗୃହପାଳିତ ପ୍ରାଣୀଙ୍କ ଚରାଭୂମିର ସମସ୍ୟା ସୃଷ୍ଟିହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଦରଖାସ୍ତ କରିଥିବା ଜଣାପଡିଛି । ଖାତା ନଂ - ୯୪୦, ପ୍ଲଟ ନଂ ୨୦୧୫ରେ ଥିବା ଉକ୍ତ ଗୋଚର ଜମିକୁ ସୋରଣ ଗ୍ରାମର ପ୍ରଭାତ ରାଉତରାୟ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରାଇ ତାର ବାଡ଼ ଦେଇ ଜବରଦଖଲ କରିଥିବା ଅଭିଯୋଗ ହୋଇଛି । ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ରତନପୁର ସରପଞ୍ଚ କୁହୁଡି ରାଜସ୍ୱ ନିରୀକ୍ଷକ, ଟାଙ୍ଗୀ ତହସିଲଦାର, ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ବିଧାୟକଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଜବରଦଖଲ ତୁରନ୍ତ ହଟାଇଦିଆ ନ ଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାବା ମୁକ୍ତେଶ୍ୱରଦେବଙ୍କ ମୁକ୍ତିମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ଟାଙ୍ଗୀ(ଖୋର୍ଦ୍ଧା), ୨୨।୧୦(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତସ୍ଥ ଶ୍ରୀ ଶ୍ରୀ ବାବା ମୁକ୍ତେଶ୍ୱରଦେବଙ୍କ ପବିତ୍ର ପୀଠରେ ମୁକ୍ତିମଣ୍ଡପ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋମବାର ମଧ୍ୟାହ୍ନରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ତଥା ଖୋର୍ଦ୍ଧା ଯୋଜନାବୋର୍ଡର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ସୁନ୍ଦରପୁର ସରପଞ୍ଚ ମମତା ପ୍ରଧାନ ଓ ସମିତି ସଭ୍ୟ ଯୁଧିଷ୍ଠିର ସାହୁ ପ୍ରମୁଖ ଅତିଥି ରୂପେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ବ୍ଲକ୍ ଉପାଧ୍ୟକ୍ଷା ତୃପ୍ତି ଆଚାର୍ଯ୍ୟ, ଜିଲାପରିଷଦ ସଭ୍ୟା ରୀପ୍ସା ମାନଧାତା ଓ ଗୀତାଞ୍ଜଳି ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ମୁକ୍ତିମଣ୍ଡପ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କାର ପ୍ରାଥମିକ ବ୍ୟୟ ଅଟକଳ ରହିଛି। ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଓ ଡଃ ପାଟଶାଣୀ ଏମ୍‌ପି ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଘୋଷିତ ହୋଇଛି।



ଏମ୍‌ପି ଓ ବିଧାୟକଙ୍କ ଦ୍ୱାରା ସୁନ୍ଦରପୁରରେ ମୁକ୍ତିମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ■ ଶ୍ରେଣୀଗୃହ ଉପକରଣ ଗାଏବ

# ଅପରାହ୍ନରେ ଛାଡ଼ି ଦେଲେ, ରାତିରେ ଲୁଟିଲେ

**ଖୋର୍ଦ୍ଧାଅଫିସ,୨୨।୧୦**

ବାଣପୁର ବ୍ଲକ ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଶ୍ରେଣୀ ଗୃହର ଟିଣ, ଆଜବେଷ୍ଟସ, କାଠ ଓ ଆଙ୍ଗଲ ରବିବାର ରାତିରେ ପୁଣି ଗାଏବ ହୋଇଯାଇଛି। ରବିବାର ଅପରାହ୍ନରେ ଏ ନେଇ ଚାପରେ ପଡି ସାମଗ୍ରୀକୁ ଛାଡି ପଳାଇଥିଲେ। ହେଲେ ସେମାନେ ପୁଣି ରାତିରେ ଉକ୍ତ କାଠ ଗଣ୍ଡିକୁ ଗାଏବ କରି ନେଇଛନ୍ତି। ତେବେ ଏ ନେଇ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନ ହେବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। ମିଳିଥିବା ସୂଚନା ଅନୁସାରେ, ସ୍ୱଳ୍ପ ଦୂରରେ ଥିବା ବିଦ୍ୟାଳୟ ମିଶ୍ରଣ ସ୍କିମରେ ବାଣପୁର ଏନ୍ଏସିର ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାବିଭାଗ ପକ୍ଷରୁ ବନ୍ଦ କରିଦିଆଯାଇଛି। ଏଠାରେ ଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିକଟସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିକଟରେ ବିଦ୍ୟାଳୟର ମରାମତି କରାଯାଇ ଟିଣ ଆଜବେଷ୍ଟସ ଓ ଆଙ୍ଗଲ ବାହାର କରାଯାଇ ଛାତ ପଡିଥିଲା। ଏହି ଉପକରଣ ବିଦ୍ୟାଳୟର ଏକ କୋଠରିରେ ରଖାଯାଇ ଚାବି ପଡିଥିଲା । ତେବେ ଛୁଟି ଦିନ ରବିବାର ଟ୍ରାକ୍ଟରରେ ବୋଝେଇ କରି କିଛି ଲୋକ ନେଇ ଯାଇଥିବା ଉପକରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ଶିକ୍ଷକ ପ୍ରତିବାଦ ଓ ବିରୋଧ କରିବାରୁ ପୁଣି ବିଦ୍ୟାଳୟ ପରିସରକୁ ଫେରି ଆସିଥିଲା। ପରେ ଉପକରଣ ପୁଣି ଚୋରି ହେବା ଘଟଣା ଯୋଜନା ବଦ୍ଧ ଭାବେ କରାଯାଇଥିବା ଚର୍ଚ୍ଚା ହେଉଛି।

### ବେଆଇନ ଚାନ୍ଦା ଆଦାୟ କରି ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୨୨।୧୦**

ବେଆଇନ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ପୁରୁସାହି ଗାଁର ନଗେନ୍ଦ୍ର ପ୍ରଧାନ(୩୯)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ନଗେନ୍ଦ୍ରଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ପାର୍ବଣ ଅବକାଶରେ ଦୁର୍ଗା ପୂଜା ଅବସରରେ ଗତ ୧୮ ତାରିଖରେ ବେଆଇନ ଚାନ୍ଦା ଆଦାୟ କରାଯାଉଥିବା ପୁରୁସାହି ପୂଜା କମିଟି ସଭାପତି ଅଧିକାରୀ ବେହେରା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୮୪, ୩୪, ନଂ. ୪୦୭/୧୮ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ନିରାକାରପୁର ଗାଁରେ ହାତୀ ଆତଙ୍କ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୨।୧୦(ଡି.ଏନ୍.ଏ.)**

ଟାଙ୍ଗୀ ବନ ବିଭାଗର ନିରାକାରପୁର ଅଞ୍ଚଳରେ ସୋମବାର ହାତୀ ଉପଦ୍ରବ ଦେଖାଦେଇଛି। ଏକ ଦନ୍ତା ହାତୀ ସନ୍ଧ୍ୟାରେ ଉକ୍ତ ଅଞ୍ଚଳରେ ପହଞ୍ଚି ଫସଲ ଉଜାଡିଛି। ନିରାକାରପୁର ରାଉଳ ହଜସାହିରେ ଡିଆ ସମିତିସଭ୍ୟା ପୁଷ୍ପଲତା ବେହେରାଙ୍କର ବାରିପଟ କଦଳି ବଗିଚାକୁ ହାତୀ ନଷ୍ଟ କରିଛି। ଗାଁରେ ହାତୀକୁ ଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇପଡିଥିଲେ। ପରେ ବନ ବିଭାଗ ପକ୍ଷରୁ ହାତୀକୁ ଘଉଡାଇ ଦିଆଯାଇଥିଲେ ମଧ୍ୟ ନିକଟସ୍ଥ ଚିତ୍ରକୁଟ ପାହାଡରେ ହାତୀ ରହିଥିବାରୁ ସାଧାରଣ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। କିଛି ଲୋକ ସନ୍ଧ୍ୟାରୁ ଭୟରେ ତାଟି କବାଟ ବନ୍ଦ କରି ଦେଉଛନ୍ତି। ଗାଁଲୋକ ରାତି ଉଜାଗର ହୋଇ ହାତୀର ଗତିବିଧି ଲକ୍ଷ୍ୟ କରୁଛନ୍ତି।

## ■ ରାସ୍ତାକଡ଼ର ଜୀବନ

# ଉପବାସ ରୁହନ୍ତି, ହାତ ପତାନ୍ତି ନାହିଁ

**ଖୋର୍ଦ୍ଧା ଅଫିସ,୨୨।୧୦**

ଫୁଙ୍ଗୁଳା ଦେହ। ନୁଖୁରା ବାଳ। ବୟସ ୮୦ରୁ ଊର୍ଦ୍ଧ୍ୱ। ଆଖିକୁ ଭଲ ଭାବେ ଦିଶୁନି। ଚାଲିବାକୁ ଦେହରେ ବଳ ନାହିଁ। ନାଚୁଣୀଠାରୁ ହରିକୁଣ୍ଡ ବରଡିହ ୧୬ ନଂ. ଜାତୀୟ ରାଜପଥରେ ଏହି ଅପରିଚିତ ବୃଦ୍ଧଙ୍କୁ ଦେଖିବାକୁ ମିଳୁଛି। ପରିଚୟ ପଚାରିଲେ ମୁରୁକି ହସି କିଛି କୁହନ୍ତି ନାହିଁ। ହେଲେ ଏହି ବୃଦ୍ଧ ଜଣଙ୍କ ଉପବାସ ରହି ଯାଉଛନ୍ତି ପଛେ ଭିକ୍ଷା କରି ପେଟ ପୋଷୁ ନାହାନ୍ତି। ଯଦି କେହି ସହୃଦୟ ବ୍ୟକ୍ତିଙ୍କ ନଜର ନ ପଡେ ବୃଦ୍ଧ ଜଣକ ଉପବାସରେ ରହି ଯାଉଛନ୍ତି। ଏଭଳିସ୍ଥଳେ ହରିକୁଣ୍ଡ ବରଡିହ ଗାଁର ରବୀନ୍ଦ୍ର ପ୍ରଧାନ ଶୁକ୍ରବାର ବୃଦ୍ଧଙ୍କୁ ଘର ବାରଣ୍ଡାକୁ ଡାକି ନେଇ ଓଦା ଗାମୁଛାରେ ପୋଛି ପକାଇଥିଲେ। ପରେ ଖାଇବାକୁ ଦେଇଥିଲେ। ଠିକଣା ଓ ଘରର ହାଲଚାଲ ପଚାରିବା ବେଳକୁ ହସି ଦେଇ ସେଇ ରାସ୍ତା କଡକୁ ଚାଲି ଯାଇଥିଲେ। କେହି କେହି ଅପରିଚିତ ବୃଦ୍ଧଙ୍କ ମସ୍ତିଷ୍କ ବିକୃତ ହୋଇଯାଇଛି ବୋଲି କହୁଥିବାବେଳେ ଆଉ କେହି ଲୋକଲଜ୍ଜାରେ ମୁହଁ ଖୋଲୁ ନ ଥାଇପାରନ୍ତି ବୋଲି କହୁଛନ୍ତି। ସେ ଯାହା ହେଉ ରାସ୍ତାକଡରେ ଜୀବନ ବିତାଉଥିବା ଏହି ବୃଦ୍ଧଙ୍କୁ ଉଦ୍ଧାର କରାଯାଇ କୌଣସି ବୃଦ୍ଧାଶ୍ରମରେ ରଖାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ମତପ୍ରକାଶ ପାଉଛି। ହେଲେ ଏଯାବତ୍ ସମ୍ପୃକ୍ତ ଅପରିଚିତ ବୃଦ୍ଧଙ୍କ ଉପରେ କାହାର ନଜର ପଡୁନି। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଚିନ୍ତିତ ଥିବାବେଳେ ରାସ୍ତକଡର ଏହି ନାଗରିକଙ୍କ ପାଇଁ କାହିଁକି କାହାର ଆନ୍ତରିକତା ନାହିଁ ତାହା ବୁଝାପଡୁନି।

## ■ ତେଲୁଗୁ ସମ୍ପ୍ରଦାୟର ମହାନ୍ ପର୍ବ

# ମା' ଗୌରୀ ପୂଜା ମହୋତ୍ସବ



ମା' ଗୌରୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ମା' ଗୌରୀ ମହୋତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଟାଙ୍ଗୀ(ଖୋର୍ଦ୍ଧା),୨୨।୧୦(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ରତନପୁର ଗ୍ରାମରେ ତେଲୁଗୁ ସମ୍ପ୍ରଦାୟର ମହାନ୍ ପର୍ବ ଭାବେ ପରିଚିତ ମା' ଗୌରୀ ପୂଜା ମହୋତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଉତ୍ସାହୀ ତେଲୁଗୁ ଯୁବକମାନେ ଏକ ସଂଘ ଗଠନ କରି ଦୀର୍ଘ ୧୮ ବର୍ଷ ଧରି ଏହି ପୂଜାକୁ ଧୁମ୍‌ଧାମରେ ପାଳନ କରିବା ସହ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ଖବରଦାତା ମନୋଜ ନାଇଡୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟା ରୀପ୍ସା ମାନଧାତା, କୁହୁଡି ସରପଞ୍ଚ ବିପିନ ଉଦୟ ସିଂହ ଓ କ୍ରୀଡା ସଂଗଠକ ହରିଶ୍ଚନ୍ଦ୍ର ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ସ୍ତ୍ରୀ ଅମୃତା ବିପଜ୍ଜନକ ଅବସ୍ଥାରେ ଜାହାଜରେ ସେଲ୍‌ଫି ଉଠାଇବା ଘଟଣାରେ ସୋମବାର କ୍ଷମାପ୍ରାର୍ଥନା କରିଛନ୍ତି। ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ତାଙ୍କୁ ସମାଲୋଚନା କରିଥିଲେ। ଗତ ୨୦ ତାରିଖରେ ଭାରତର ପ୍ରଥମ ସ୍ୱଦେଶୀ ଜାହାଜର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ ଅମୃତା। ସେତେବେଳେ ସେ ଜାହାଜରେ କିଛି ସେଲ୍‌ଫି ନେବା ସହ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ।



## ସଂକ୍ଷେପରେ

### ବାତ୍ୟାରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ମୃତଦେହକୁ ବୋହି ଅଣାଯାଉଛି।

ପାରଳାଖେମୁଣ୍ଡି/ଗୋଷାଣି, ୨୨।୧୦ (ସ୍ୱ.ପ୍ର./ଡି.ଏନ.ଏ.)- ତିତ୍‌ଲି ବାତ୍ୟାରେ ନିଖୋଜ ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଗଜପତି ଜିଲା ରାୟଗଡ ବ୍ଲକ କଇଁପୁର ପଞ୍ଚାୟତ ଅନ୍ତର୍ଗତ ଶୁଆବା ଗ୍ରାମର ଶେଖର ଶବର ବୋଲି ଗାରାବନ୍ଧ ଥାନା ପୋଲିସ ସୂଚନା ଦେଇଛି। ତାଙ୍କର ୨ଝିଅ ପୁଅ ଏବେ ଅନାଥ ହୋଇପଡ଼ିଥିବାରୁ ଦୁହିଁଙ୍କୁ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପ୍ରଶାସନ ସେହି ପିଲା ଦ୍ୱୟଙ୍କୁ ପୋଷ୍ୟ ଭାବେ ଆଦରି ନେଇଛି। ସୂଚନା ଅନୁଯାୟୀ, ଗତ ୧୧ତାରିଖ ସକାଳେ ପାଗ ଖରାପ ଥିବା ସତ୍ତ୍ୱେ ଶେଖର ଚାଷଜମିକୁ ଫସଲ ଦେଖିବାକୁ ଯାଇଥିଲେ। ଜମିରେ ଥିବାବେଳେ ହଠାତ ପ୍ରବଳ ଝଡ଼ବର୍ଷା ହୋଇଥିଲା। ଫଳରେ ସେ ଆଉ ଘରକୁ ଫେରିପାରି ନ ଥିଲେ। ଝଡ଼ବର୍ଷା ଥମିବା ପରେ ତାଙ୍କ ଝିଅ ଲିଲି (୧୫) ଓ ପୁଅ ଗଣପତି (୧୩) ତାଙ୍କୁ ଖୋଜିବା ପାଇଁ ଯାଇଥିଲେ ମଧ ପାଇ ନ ଥିଲେ। ଏହାପରଠୁ ଦୁହେଁ ନିଜର ଜନୈକ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଶୁଆବା ଗ୍ରାମର କିଛି ବ୍ୟକ୍ତି ରବିବାର ସେମାନଙ୍କ ଚାଷଜମିକୁ ଯାଇଥିବା ସମୟରେ କିଛି ଦୁର୍ଗନ୍ଧ ହେଉଥିବା ବାରିଥିଲେ। ସେମାନେ ପୋଲିସକୁ ଖବର ଦେବା ପରେ ସୋମବାର ତଦନ୍ତ ପାଇଁ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସଦଳବଳ ପହଞ୍ଚିଥିଲେ। ସେଠାକୁ ରାସ୍ତା ସୁବିଧା ନ ଥିବାରୁ ପୋଲିସ ଭ୍ୟାନ କି ଆମ୍ବୁଲାନ୍ସ ଯାଇପାରିନଥିଲା। ଫଳରେ ଗାରାବନ୍ଧ ଥାନା ଅଧିକାରୀ ଭୂପତି ନିଜେ ଉକ୍ତ ମୃତଦେହକୁ କାନ୍ଧରେ ବୋହି ପ୍ରାୟ ୪କି.ମି. ପର୍ଯ୍ୟନ୍ତ ଆଣିଥିଲେ। ଏହାପରେ ଗାଡ଼ିରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମା' ବାପା ଛେଉଣ୍ଡ ଲିଲି ଓ ଗଣପତିଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛି ଜିଲା ପ୍ରଶାସନ। ସରକାରଙ୍କ ଘୋଷଣା ଅନୁଯାୟୀ ସେମାନଙ୍କ ଖାଦ୍ୟପେୟ, ରହିବା ଓ ପାଠପଢ଼ା ଆଦି ଦାୟିତ୍ୱ ପ୍ରଶାସନ ହାତକୁ ନେବ ବୋଲି ଜିଲାପାଳ ଅନୁପମ ଶାହା କହିଛନ୍ତି।

■ଫସଲହାନି, ଋଣଭାର ଚିନ୍ତା

# ଜୀବନ ହାରିଲେ ୨ ଚାଷୀ

ସୁନ୍ଦରଗଡ଼/ବେଲପଡ଼ା, ୨୨।୧୦(ଡି.ଏନ୍.ଏ.)

ଫସଲହାନି ଓ ଋଣଭାର ଚିନ୍ତା ଯୋଗୁ ବିଷ ପିଇ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ନିଆଲିପାରି ଗ୍ରାମର ଭାଗଚାଷୀ ପୂର୍ଣ୍ଣଚନ୍ଦ୍ର ସେଠ (୫୧) ଓ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ଗିଦମାଲ ଗ୍ରାମର ଯୁବ ଚାଷୀ ଚତୁର୍ଭୁଜ ପାତ୍ର (୪୫)।

ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ବିଭିନ୍ନ ଏସ୍‌ଏଚ୍‌ଜିରୁ ଋଣ ଆଣି ଗ୍ରାମର ଜଣେ ବ୍ୟକ୍ତିଙ୍କର ପ୍ରାୟ ୬ ଏକର ଜମିରେ ଚଳିତବର୍ଷ ଧାନଚାଷ କରିଥିଲେ। ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଫସଲ ନଷ୍ଟ ହୋଇଯାଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ଋଣ ପରିଶୋଧ କିପରି କରିବେ ସେ ନେଇ ପୂର୍ଣ୍ଣଚନ୍ଦ୍ର ଚିନ୍ତିତ ଥିଲେ। ସୋମବାର ସକାଳ ପ୍ରାୟ ସାଢ଼େ ୭ଟାରେ ସେ ଘରେ ଥିବା କୀଟନାଶକ ଔଷଧ ଖାଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଭଷ୍ଟା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଟାଙ୍ଗରପାଲି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଥିଲେ।

ସେହିପରି ଫସଲ ନଷ୍ଟ ଯୋଗୁ ମାନସିକ ଭାରସାମ୍ୟ ହରାଇ ଚତୁର୍ଭୁଜ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସୋମବାର ବେଲପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଚତୁର୍ଭୁଜ ନିଜ ୨ ଏକର ଜମିରେ ଧାନ ଚାଷ କରିଥିଲେ। ହେଲେ ବର୍ଷା ଅଭାବରୁ ଧାନଗଛ ମରିଯାଇଥିଲା। ଏ ନେଇ ଚତୁର୍ଭଜ ଚିନ୍ତାରେ ଥିଲେ। ରବିବାର ଅପରାହ୍ନରେ ସେ କ୍ଷେତକୁ ଯାଇ କିଛି ସମୟ ପରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ସେ ବିଷ ଖାଇ ଦେଇଥିବା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଣ୍ଟାବାଞ୍ଜି ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ନଭେମ୍ବର ୫ରେ ନବନିର୍ମାଣ ସଙ୍ଗଠନର ଚାଷୀ ସମାବେଶ

■ ଯୋଗଦେବେ ୩ଲକ୍ଷ ଚାଷୀ
■ ଅକ୍ଟୋବର ୨୯ରୁ ପଦଯାତ୍ରାରେ ବାହାରିବେ ଚାଷୀ

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ): ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ଦୀର୍ଘଦିନ ହେବ ନବନିର୍ମାଣ କୃଷକ ସଙ୍ଗଠନ ଦାବି କରି ଆସୁଛି। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟର ବିଭିନ୍ନ ଜିଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ ସଭାର ଆୟୋଜନ କରିଆସୁଛି। ରାଜ୍ୟରେ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଚାଷୀଙ୍କୁ ଉଚିତ ନ୍ୟାୟ ମିଳୁନାହିଁ। ସେଥିପାଇଁ ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ଦୀର୍ଘ ୮ବର୍ଷ ହେବ ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ କରି ଆସୁଛି। ମାତ୍ର ରାଜ୍ୟ ସରକାରଙ୍କ ଆଖି ଖୋଲୁନାହିଁ। ଏହାର ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପଦଯାତ୍ରା କରିବ। ଆସନ୍ତା ଅକ୍ଟୋବର ୨୯ରେ ଏହି ପଦଯାତ୍ରା ଆରମ୍ଭ ହେବ। ସୋମବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ନବନିର୍ମାଣ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି।

ଅକ୍ଷୟ କହିଛନ୍ତି ଯେ, ରାଜ୍ୟ ସରକାର ଚାଷୀଙ୍କ ଦାବି ପୂରଣ ନ କଲେ ଅକ୍ଟୋବର ୨୯ରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ଆସିବେ। ନଭେମ୍ବର ୫ରେ ଭୁବନେଶ୍ୱରଠାରେ ହେବାକୁ ଥିବା ସମାବେଶରେ ସେମାନେ ଯୋଗଦେବେ। ଏହି ସମାବେଶରେ ୩ଲକ୍ଷରୁ ଅଧିକ ଚାଷୀ ସାମିଲ ହେବେ। ପୂର୍ବବର୍ଷ ଭଳି ଏଥର ଚାଷୀମାନଙ୍କୁ ଅଟକାଇଲେ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଗତବର୍ଷ ଚାଷୀମାନେ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ କରୁଥିଲେ। ଚାଷୀମାନେ ଭୁବନେଶ୍ୱର ଆସିବାବେଳେ ସେମାନଙ୍କୁ ଅଟକା ଯାଇଥିଲା। ଏହାସତ୍ତ୍ୱେ ଚାଷୀମାନେ ଚୁପ୍ ରହିଥିଲେ। ଏହାର ପ୍ରତିବାଦ କରି ନ ଥିଲେ। କିନ୍ତୁ ଏଥର ରଣନୀତି ପରିବର୍ତ୍ତନ କରାଯାଇଛି। ଯଦି ସରକାର ଚାଷୀଙ୍କୁ ଅଟକାନ୍ତି ତେବେ ସମଗ୍ର ରାଜ୍ୟରେ ଅରାଜକତା ସୃଷ୍ଟି ହେବ ବୋଲି ଅକ୍ଷୟ କହିଛନ୍ତି।

■ବିଶ୍ୱସ୍ତରୀୟ ହେବ ଉତ୍କଳ ବିଶ୍ୱବିଦ୍ୟାଳୟ

## ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୫ କୋଟି ମଞ୍ଜୁର

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରୁସା-୨ ପାଣ୍ଠିରୁ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରାଜ୍ୟ ସରକାରଙ୍କ ଅଂଶ ୧୫ କୋଟି ଟଙ୍କା ମିଶି ସମୁଦାୟ ୪୦ କୋଟି ଟଙ୍କା ବିଶ୍ୱବିଦ୍ୟାଳୟକୁ ପ୍ରଥମ କିସ୍ତିରେ ଦିଆଯିବ।

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପ୍ରତି ରାଜ୍ୟରୁ ଗୋଟିଏ ଲେଖାଏ ବିଶ୍ୱବିଦ୍ୟାଳୟକୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ବିଶ୍ୱବିଦ୍ୟାଳୟରେ ଗଢ଼ିତୋଳିବା ପାଇଁ ରୁସା ପାଣ୍ଠିରୁ ୧୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଯୋଜନା କରିଛନ୍ତି। ଏହି ଟଙ୍କା ଏହି ଟଙ୍କା ୬୦:୪୦ ଅଂଶରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯିବ। ତେବେ ଟଙ୍କା ପ୍ରଦାନ ପୂର୍ବରୁ ମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବିଶ୍ୱବିଦ୍ୟାଳୟ କିପରି ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ହୋଇପାରିବ ସେନେଇ ଏକ ପାୱାର ପ୍ରେଜେଣ୍ଟେଶନ ଶୋ କରିବାକୁ କହିଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ ରାଜ୍ୟର ବିଶ୍ୱବିଦ୍ୟାଳୟ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇ ପାୱାର ପ୍ରେଜେଣ୍ଟେଶନ ଶୋ କରିଥିଲା। ହେଲେ ଏହାକୁ ମନ୍ତ୍ରଣାଳୟ ଅନୁମୋଦନ କରି ନ ଥିଲା। ଆଉ ଥରେ ପାୱାର ପ୍ରେଜେଣ୍ଟେଶନ ଶୋ କରିବାକୁ କହିଥିଲା। ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଥର ମନ୍ତ୍ରଣାଳୟ ପାଖରେ ପାୱାର ପ୍ରେଜେଣ୍ଟେଶନ ଶୋ କରିବାରୁ ଏହାକୁ ମନ୍ତ୍ରଣାଳୟ ଅନୁମୋଦନ କରି ପ୍ରଥମ କିସ୍ତିରେ ୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଟଙ୍କା ଦୁଇଦିନ ତଳେ ଉଚ୍ଚଶିକ୍ଷା ବିଭାଗକୁ ଆସିଛି। ତେବେ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ୪୦ କୋଟି ଟଙ୍କା ବିଶ୍ୱବିଦ୍ୟାଳୟକୁ ଦିଆଯିବ ବୋଲି କୁହାଯାଉଛି। କିନ୍ତୁ ଟଙ୍କା ପ୍ରଦାନ ନେଇ ବିଭାଗ ପକ୍ଷରୁ ଫାଇଲ ପ୍ରୋସେସିଂ କାମ ଆରମ୍ଭ ହୋଇନାହିଁ। ବିଭାଗ ଫାଇଲ୍ ପ୍ରୋସେସିଂ କରି ଅର୍ଥ ବିଭାଗକୁ ପଠାଇବ। ବିଭାଗରୁ ଫାଇଲ ଅନୁମୋଦନ ପାଇବା ପରେ ପୁଣି ଉଚ୍ଚଶିକ୍ଷା ବିଭାଗକୁ ଆସିବ। ପରେ ବିଭାଗ ବିଶ୍ୱବିଦ୍ୟାଳୟକୁ ଟଙ୍କା ପ୍ରଦାନ କରିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

## ହାତୀ ଆକ୍ରମଣରେ ଜଣେ ମୃତ

ରାଜଗାଙ୍ଗପୁର,୨୨।୧୦(ଡି.ଏନ୍.ଏ.)

ହାତୀ ଆକ୍ରମଣରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବନଖଣ୍ଡ ଅଧୀନ କୁଟୁଣିଆ ପଞ୍ଚାୟତ କେନ୍ଦୁକୁଦର ମୋଦିପଡ଼ାର ଗୋବର୍ଦ୍ଧନ ଲାକଡ଼ା (୫୦)ଙ୍କ ମୃତ୍ୟୁ ହୋଇଥିବା ରାଜଗାଙ୍ଗପୁର ରେଞ୍ଜ ଅଫିସ ପକ୍ଷରୁ ସୂଚନା ମିଳିଛି। ୨୦ରୁ ଅଧିକ ହାତୀ ଏହି ଅଞ୍ଚଳକୁ ଆସି ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏଣୁ ହାତୀଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ସନ୍ଧ୍ୟା ହେଲେ ନିଜ ଧାନକ୍ଷେତ ପାଖରେ ନିଆଁ ଜାଳି ଜଗି ରହୁଛନ୍ତି। ରବିବାର ରାତିରେ ମୋଦିପଡ଼ା ଗ୍ରାମବାସୀ କ୍ଷେତ ଜଗିଥିଲେ। ସୋମବାର ଭୋର ୪ଟାରେ ୧୦ରୁ ଅଧିକ ହାତୀ ବିଲରେ ପଶି ଧାନ ଖାଇଥିଲେ। ହାତୀଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ମିଳିତ ଭାବରେ ପ୍ରୟାସ କରିଥିଲେ। ଏହି ସମୟରେ ଗୋବର୍ଦ୍ଧନ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଗୋବର୍ଦ୍ଧନଙ୍କୁ ଶୁଣ୍ଢରେ କଚାଡ଼ି ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହାତୀପଲ ସେଠାରୁ ଚାଲିଯିବା ପରେ ଗ୍ରାମବାସୀ ଗୋବର୍ଦ୍ଧନଙ୍କ ମୃତଦେହ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଅଧିକାରୀମାନେ ସେଠାରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗୋବର୍ଦ୍ଧନଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

■ଲଖନପୁର କୋଇଲା ଖଣି

## ନିଆଁ ଲାଗି ହଲ୍‌ପ୍ୟାକ୍ ମେଶିନ ପୋଡ଼ିଗଲା

ଲଖନପୁର,୨୨।୧୦(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁରକ୍ଷେତ୍ରାଧୀନ ଏଲ୍‌ଓସିପି ଖୋଲାମୁହଁ କୋଇଲାଖଣି ୪ନଂ. ଓବି ଡମ୍ପିଂୟାଡ୍‌ରେ ଏକ ଦୁର୍ଘଟଣା ଘଟିଛି। ସେଠାରେ କାର୍ଯ୍ୟରତ ଏଚ୍‌ଏମ୍ ୫୪୮ନଂ. ହଲ୍‌ପ୍ୟାକ୍ ମେଶିନ୍‌ରେ ସୋମବାର ସାଢ଼େ ୧୨ଟାରେ ହଠାତ୍ ନିଆଁ ଲାଗିବା ଫଳରେ ମେଶିନ୍ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି । ଦମକଳ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଚାଳକ ମନୋଜ ସେନାପତି ମେଶିନ୍‌ରୁ ତଳକୁ ଡେଇଁପଡି ଅଳ୍ପକେ ରକ୍ଷା ପାଇଛନ୍ତି । ପୋଡ଼ିଯାଇଥିବା ହଲ୍‌ପ୍ୟାକ୍ ମେଶିନ୍‌ର ମୂଲ୍ୟ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି । ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ପ୍ରାଥମିକ ତଦନ୍ତରୁ ଆଶଙ୍କା କରାଯାଉଛି ମେଶିନ୍ ଇଞ୍ଜିନରେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଯାଇଛି। ଏହାର ତଦନ୍ତ ହେଲେ ପ୍ରକୃତ କାରଣ ଜଣାପଡିବ ବୋଲି ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତା କହିଛନ୍ତି।

## ସମ୍ବଲପୁରରେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ବୁଢାରଜା ମନ୍ଦିରକୁ ଯିବା ରାସ୍ତାରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ କରମଟୁଲି ଗ୍ରାମର ବିଶାଲ ଖଡିଆ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ବିଶାଲଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲ ନେଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ସେହିପରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ପୋଲିସ କହିଛି ଯେ, ବିଶାଲ କିଛି ଯୁବକଙ୍କ ସହ ବୁଢାରଜା ମନ୍ଦିର ରାସ୍ତା ପଟକୁ ଆସିଥିଲେ। ସେଠାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ସେଠାରେ ତାଙ୍କୁ ଧାରୁଆ ଅସ୍ତ୍ରରେ ତଣ୍ଟି ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରାଯାଇଛି। ବିଶାଲ ତଳେ ପଡିଯିବାରୁ ଘଟଣା ସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ନିକଟରେ ଥିବା କାର, କାନ୍ଥରେ ରକ୍ତ ଛିଟା ଲାଗିଛି। ବିଶାଲ ରକ୍ତାକ୍ତ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଖବର ଦେଲା ପରେ ପୋଲିସ ପହଞ୍ଚି ବିଶାଲଙ୍କୁ ଭ୍ୟାନରେ ବୁର୍ଲା ଡାକ୍ତରଖାନା ନେଇଥିଲା। ଅନ୍ୟପକ୍ଷେ ଏସ୍‌ପି ସଞ୍ଜୀବ ଅରୋରା କହିଛନ୍ତି ଯେ, ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ଦାଦନ ଚାଲାଣରୁ ଡକାୟତି : ୭ ଆନ୍ତଃ ରାଜ୍ୟ ଡକାୟତ ଗିରଫ

ବଲାଙ୍ଗୀର ଅଫିସ,୨୨।୧୦

ବଲାଙ୍ଗୀର ଜିଲା ଦେଓଗାଁଠାରେ ଡକାୟତି ଉଦ୍ୟମ କରୁଥିବା ୭ ଆନ୍ତଃ ରାଜ୍ୟ ଡକାୟତଙ୍କୁ ତୁଷରା ପୋଲିସ ରବିବାର ରାତିରେ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁରିବାହାଲ ଥାନା ବଡସାଇମରା ଗାଁର ତନୁ ଓରଫ ତନୁରାଜ ମହାନନ୍ଦ, ବନମାଳୀ ଓରଫ୍ ସାହିଲ ତାଣ୍ଡି, କଣ୍ଟାବାଞ୍ଜିର ପ୍ରଦ୍ୟୁମ୍ନ ବହିଦାର ଓରଫ୍ ମିଲୁ, ବେଲପଡାର ହରିଶ୍ଚନ୍ଦ୍ର ବୁଡେକ୍, ତୁଷରା ଥାନା ଅନ୍ତର୍ଗତ କରୁଆଁଝର ଗାଁର କିଶୋର



ଜବତ ଦେଶୀ ପିସ୍ତଲ, ଗୁଳି ଓ ମାରଣାସ୍ତ୍ର।

ଚନ୍ଦ୍ର ଭୋଇ, ତୁରେକେଲା ଗାଁର ଚୁଟି ଓରଫ୍ ପରିକ୍ଷିତ ନାଗ ଓ ବଲାଙ୍ଗୀର ସାଗରପଡାର ରାଜୁ ଓରଫ୍ ଜୟ ପଣ୍ଡା । ଗିରଫ ଅଭିଯୁକ୍ତମାନଙ୍କ ନାଁରେ ଜିଲା ତଥା ଜିଲା ବାହାରେ ଏଭଳିକି ରାଜ୍ୟ ବାହାରେ ଅନେକ ଆପରାଧିକ ମାମଲା ରହିଛି । ଏମାନଙ୍କ ମଧ୍ୟରୁ କେତେଜଣ ଦାଦନ ସର୍ଦ୍ଦାର ଭାବେ ଶ୍ରମିକ ଚାଲାଣ କାମ କରୁଥିଲେ । ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳରେ ଏବଂ ତେଲେଙ୍ଗାନା, ଛତିଶଗଡ ଅଞ୍ଚଳରେ ଅପରାଧ ଘଟାଇଥିବା ଜଣାପଡିଛି । ଡକାୟତ ଗିରଫ ଘଟଣାକୁ ନେଇ ବଲାଙ୍ଗୀର ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

**ସର୍ବ ଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟଣା**

**ଶୁଦ୍ଧି ପତ୍ର**

ନଂ. 5132/SSA/18 ତାରିଖ 22.10.18

ଏହି କାର୍ଯ୍ୟାଳୟ ପତ୍ରାଙ୍କ 5112 ତାରିଖ 12.10.2018 ରେ ପ୍ରକାଶିତ ହୋଇଥିବା ବିଜ୍ଞାପନରେ ଚପରାସୀ-ତଥା ଝାଡୁଦାର ପଦବୀ ପାଇଁ କେବଳ ମହିଳା ପ୍ରାର୍ଥିନୀ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରାଯାଇଅଛି, କିନ୍ତୁ ଉକ୍ତ ପଦବୀ ପାଇଁ ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ବୋଲି ଏତଦ୍ୱାରା ସମସ୍ତ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସର୍ବ ଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟଣା**

**OFFICE OF THE TAHASILDAR, SADAR, CUTTACK**

The details of corrigendum published vide letter no.-7097, Dt. 22.10.2018 against the sealed proposal for Event Management at Baliyatra-2018 published on Dt. 06.10.2018 in Odiya daily "Samaj" and "Dharitri".
Please refer website www.cuttack.nic.in

**Sd./- Tahasildar, Sadar, Cuttack**

**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
**AT/P.O/P.S.-CHANDBALI, DISTRICT-BHADRAK, PIN-756133**
**Notice No. 132/ 1F(WL)-266 /2018, Dated 20th October 2018**

**Tender Call Notice**

**No.89-MM:-** Sealed tenders/bids are invited from established / reputed, registered, experienced and accredited manufacturers/resellers for **"Supply of 7 (Seven) numbers of FRP speed boats fitted with outboard engine for patrolling activities".**
The eligibility criteria and detailed specifications are available in the tender document. The tender document and other details are available in the websites **www.odishaforest.in** and **www.odisha.gov.in** (all tenders section) and **www.wildlife.odisha.gov.in.**
The last date of receipt of bids is 12.11.2018 by 4.00 P.M.

**Sd./- Divisional Forest Officer**
**Bhadrak Wildlife Division**
08079/11/0003/1819

**ACADEMY OF TRIBAL LANGUAGES & CULTURE**
**(ST & SC Development Department, Govt. of Odisha)**
**Adivasi Exhibition Ground, Unit- 1, Bhubaneswar- 751009**
Tele. /Fax-0674-2597821, Email- atlcbbsr_08@yahoo.com
No. 1089/ATLC., Bhubaneswar Date: 20.10.2018

**EXPRESSION OF INTEREST**

No.24-RR: On behalf of ST & SC Development Department, Academy of Tribal Languages and Culture (ATLC) is going to organize **"Adivasi Mela-2019"** from **26th January to 9th February 2019** at Bhubaneswar. Interested Event Management Agencies who are having the required eligibility and experience as per ToR may apply on or before **06th November, 2018 by 1.00 P.M** to the undersigned in the Drop Box. The offers should be submitted in three separate Bids i.e. Concept Based Design, Technical Bid with required documents and Financial Bid. The details of different activities to be undertaken including eligibilities etc. (ToR) is available in the official website of ST & SC Development Department/ ATLC **"www.stscodisha.gov.in** & ATLC Website "**www.atlcodisha.org"** or can be obtained physically from the office of ATLC located at Adivasi Exhibition Ground, Unit-1, Bhubaneswar on any working day between **11.00 A.M to 4.00 P.M on or before 05th November, 2018**. The Technical Bids will be opened at **5.30 P.M on 06.11.2018** and the designs of technically qualified Bidders will be opened. The designs of the qualified agencies for **"Adivasi Mela-2019"** will be examined by the Tender Committee and there will be a presentation before the Committee for selection of the Concept Based Designs. After selection and shortlisting of the Designs, the Financial Bids only of the shortlisted agencies will be opened in presence of the Quotationers or their Authorized Representatives. The covers containing Designs, Technical Bids and Financial Bids will be sealed and superscribed in bold letters, **"Design,Technical Bid and Financial Bid for Adivasi Mela-2019"**.There will be a pre- Bid meeting on **30th October, 2018 at 4.30 PM** in the Office of the ATLC. For any clarification the quotationers may contact the OSD-cum-Assit. Director (Agriculture), at ATLC during office hours on any working day upto **5th November, 2018**. The Financial Bids will be opened in respect of those Agencies who will fulfill the eligibility criteria and on the basis of the designs shortlisted by the Tender Committee.

The Authority reserves the right to reject any or all offers without assigning any reason thereof.

26011/11/0001/1819 **Sd./- Member Secretary, ATLC**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
Tel : 0674-2395734, Fax : 0674-2394946, e-mail : eerwssodisha@gmail.com No.910-O
No. 8985 **REQUEST FOR PROPOSAL (RFP)** Date : 20.10.2018

The Engineer-in-Chief, RWSS, Odisha, Jal O Parimal Bhawan, Unit-5, Bhubaneswar-751001, on behalf of the Government of Odisha in Panchayati Raj & Drinking Water Department invites sealed RFP from eligible professional organizations / Institutions / Company/ Consultancy firms for setting up of a Project Manitoring Unit (PMU) in Rural Water Supply & Sanitation Organization.

| Sl. No. | Name of Work | Bid Identification No | Cost of Bid Document (Non-refundable) | Availability of Bid document in Govt. site. | |
|---|---|---|---|---|---|
| | | | | From | To |
| 1 | For setting up of a Project Monitoring Unit (PMU) in Rural Water Supply & Sanitation Organisation for implementation of Rural Water Supply Projects, Odisha to provide project management, Technical guidance, capacity building, co-ordination and monitoring support etc. | EIC, RWSS-30/18-19 | Rs. 10,000/- (Rupees Ten thousand) only | 17.00 hrs of 22.10.2018 | 15.00 hrs of 26.11.2018 |

1. The documents can be downloaded from Odisha government website www.odishapanchayat.gov.in from 22.10.2018 to 26.11.2018 and in such case the cost of RFP document should be furnished in shape of demand draft as per details given in RFP document.
2. Place & date of receipt of RFP document: up to 15 hours of 26.11.2018 in office of the Engineer-in-chief, RWSS, Odisha Jal "O" Parimal Bhawan, Unit-V, BBSR through speed post / Registered Post/Courier/Special messenger. No drop box facility available.
3. Date of opening : 16.00 hours of 26.11.2018 in office of Engineer-in-chief, RWSS Odisha.
4. The details of the eligibility criteria & other conditions can be seen from the RFP document.

25040/11/0026/1819 **Sd./- Engineer-in-Chief, RWSS**

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MAHANADI NORTH DIVISION-I, JAGATPUR, CUTTACK**
E-mail ID :- exengr.mnd@gmail.com

**'e' Procurement Notice No- MND-3/2018-19**

No.651-A: The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e-procurement portal **www.tendersorissa.gov.in**.
The tender submission process will be completely online.

| | | | | |
|---|---|---|---|---|
| 1. | | Nature of Work | : | Road work |
| 2. | | Total No. of Works | : | 3 (Three) works |
| 3. | | Bid Identification No. | : | MND-3/18-19 |
| 4. | | Tender Cost | : | Between Rs. 60.00 Lakhs to Rs. 1.00 Crore |
| 5. | | Period of completion | : | 5 (Five) Calendar months |
| 6. | | Other Details | : | As noted below |
| | a) | Procurement Officer | : | Executive Engineer, Mahanadi North Division-I, Jagatpur email: exengr.mnd@gmail.com Ph:- 0671-2491546 |
| | b) | Availability of Tender On-line for bidding | : | 10.00 Hours of 27.10.2018 to 17.00 Hours of 05.11.2018 |
| | c) | Last date & time of submission of bid document | : | 17.00 Hours of 05.11.2018 |
| | d) | Date, time & place of opening of online tender | : | 06.11.2018 at 11.30 Hours in the O/o the Executive Engineer, Mahanadi North Division-I, Jagatpur |
| | e) | Date of Lottery (if required) | : | 13.11.2018 at 11.30 Hours |

Further details can be seen from the Govt. website "https://tendersodisha.gov.in".

**Executive Engineer**
32003/11/0005/1819 **Mahanadi North Division-I, Jagatpur**

**ଉପ ନିର୍ଦ୍ଦେଶକ, ବନ୍ଧ ନିରାପତ୍ତା ଓ ସହାୟକ ସେବାଙ୍କ କାର୍ଯ୍ୟାଳୟ, ସେଚ ସଦନ, କେଶରୀ ନଗର, ଭୁବନେଶ୍ୱର-୭୫୧୦୦୧**
ଇ-ମେଲ: dddamsafety-eicwr.od@nic.in, ଦୂରଭାଷ:୦୬୭୪-୨୩୯୫୩୯୦

**ଦରସୂଚୀ ଆହ୍ୱାନ ବିଜ୍ଞପ୍ତି -୦୩/୨୦୧୮-୧୯** No.647-A

ସଂଖ୍ୟା: ୨୩୩୦ ତାରିଖ: ୨୦.୧୦.୨୦୧୮

୧. ମୋଟ କାର୍ଯ୍ୟ ସଂଖ୍ୟା-୦୪ ୨. କାର୍ଯ୍ୟର ପ୍ରକାର: କମ୍ପ୍ୟୁଟର ଓ ତତ୍ ସମ୍ପର୍କିତ ଉପକରଣ, ଟିଭି, ପ୍ରୋଜେକ୍ଟର ଭଳି ବୈଦ୍ୟୁତିକ ସାମଗ୍ରୀ ଯୋଗାଣ ଓ ଉପଯୁକ୍ତ ସାଜ ସରଞ୍ଜାମ ଲଗେଇବା ସହ ପରୀକ୍ଷାମୂଳକ ଚାଳନା ଏବଂ ମରାମତି ୩. ଦରସୂଚୀ ଗ୍ରହଣ କରିବାର ଅନ୍ତିମ ସମୟ: ତା.୩୧.୧୦.୨୦୧୮ ରିଖ ଅପରାହ୍ନ ୦୩ଟା । ସବିଶେଷ ବିବରଣୀ ପାଇଁ http://dowrorissa.gov.in ପରିଦର୍ଶନ କରନ୍ତୁ। ଆବଶ୍ୟକ ସ୍ଥଳେ ଅନ୍ତିମ ତିଥି ପୂର୍ବରୁ ଯେ କୌଣସି ପ୍ରକାରର ଯୋଗପତ୍ର/ ଶୁଦ୍ଧି ପତ୍ର/ରଦ୍ଦକରଣ ବିଜ୍ଞପ୍ତି କେବଳ ଏହି ୱେବସାଇଟରେ ପ୍ରକାଶିତ ହୋଇପାରିବ ।

32314/11/0012/1819 ସ୍ୱା/- ଉପ ନିର୍ଦ୍ଦେଶକ

**GOVERNMENT OF ODISHA**
**E-PROCUREMENT NOTICE**
Email : eemi_gm1@yahoo.co.in
**Bid Identification No. : Online Tender/05/GMID-1/2018-19**

| | | |
|---|---|---|
| Name of Work | : | Civil Construction Works. |
| No. of Work | : | 10(Ten) |
| Estimated Cost | : | Varies from Rs 18.68 lakh to Rs 74.70 lakh |
| Period of Completion | : | 3(Three) Calendar Months |
| Time for receipt of Bid (online) | : | From 30.10.2018, 10.00 Hours to 08.11.2018 upto 17:00 Hours |
| Name & Address of the Officer, Inviting Tender | : | Executive Engineer, M. I. Division, Ganjam-I, Berhampur |

No.648-A

Further details can be seen from the website: **http://www.odisha.gov.in**, **https://www.tendersodisha.gov.in**.

**Executive Engineer,**
32104/11/0011/1819 **M.I. Divn. Ganjam-I, Berhampur**





ସୌନ୍ଦର୍ଯ୍ୟ

# ଘରୋଇ ଉପାୟରେ ଇନ୍‌ଷ୍ଟାଣ୍ଟ ଗ୍ଲୋ



**ଏମିତି କେଉଁ ମହିଳା ହେଉ କି ଝିଅ କିଏବା ଚାହେଁନି ସୁନ୍ଦର ଦେଖାଯିବାକୁ। ଖାସ୍‌କରି କୌଣସି ସ୍ପେସିଆଲ୍ ଅକେଜନ୍‌ରେ ଝିଅମାନେ ପାର୍ଲର ଯାଇ ଫେସିଆଲ କରିଥାନ୍ତି । କିନ୍ତୁ କେତୋଟି ଘରୋଇ ଉପାୟ ଅବଲମ୍ବନ କରି ଆପଣଙ୍କ ମୁହଁରେ ଇନ୍‌ଷ୍ଟାଣ୍ଟ ଗ୍ଲୋ ଆଣିପାରିବେ।**

**ଗୋଲାପଜଳ ଓ ଲେମ୍ବୁ**
ଗୋଲାପ ଜଳ ଓ ଲେମ୍ବୁର ସମାନ ପରିମାଣ ମାତ୍ରା ନିଅନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ଲଗାଇ ୩୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ।

**ମୁଲ୍‌ତାନି ମାଟି**
ଏକ ଚାମଚ ମୁଲ୍‌ତାନି ମାଟିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାକୁ ଲଗାଇବା ଦ୍ୱାରା କୌଣସି ସାଇଡ୍ ଇଫେକ୍ଟ ପଡି ନ ଥାଏ ।

**ଡାଳିମ୍ବ ଓ ଲେମ୍ବୁ ଫେସମାସ୍କ**
ଡାଳିମ୍ବ ଏବଂ ଲେମ୍ବୁ ଫେସ୍ ମାସ୍କରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ସ୍କିନ୍ ସମସ୍ୟା ଦୂର କରିବା ସହ ମୁହଁ ଗ୍ଲୋ କରିଥାଏ। ଡାଳିମ୍ବ ଏବଂ ଲେମ୍ବୁ ରସକୁ ମିଶାଇ ମୁହଁରେ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ ଦେଖିବେ କିପରି ଚମକ ବାହାରୁଛି।

**ଅମୃତଭଣ୍ଡା**
ଯଦି ଆପଣଙ୍କ ମୁହଁରେ ବ୍ରଣ ସମସ୍ୟା ରହିଛି ତେବେ ଅମୃତଭଣ୍ଡା ବ୍ୟବହାର କରିପାରିବେ। ଏଥିପାଇଁ କଞ୍ଚା ଅମୃତଭଣ୍ଡାର ରସ ବାହାର କରି ରସକୁ ମୁହଁରେ ଲଗାଇ ଦିଅନ୍ତୁ। ଏହାଦ୍ୱାରା ମୁହଁରେ ଗ୍ଲୋ ଆସିବା ସହ ମୁଖବ୍ରଣ ମଧ୍ୟ ଦୂର ହୋଇଥାଏ।

ଫ୍ୟାଶନ

# କମ୍ ହାଇଟ୍‌ରେ ବି ଲାଗିବେ ଷ୍ଟାଇଲିଶ୍

**କୌଣସି ପାର୍ଟି ହେଉ କିମ୍ବା ଫଙ୍କଶନ୍ ଆକର୍ଷକ ଦେଖିବାକୁ ସମସ୍ତେ ଚାହାନ୍ତି, କିନ୍ତୁ ଝିଅମାନେ ଅଧିକ ମିକ୍ସି ଡ୍ରେସ ଚୟନ କରୁଛନ୍ତି କିନ୍ତୁ ଯେଉଁମାନଙ୍କର ହାଇଟ୍ କମ୍ ସେମାନଙ୍କୁ ସାଧାରଣତଃ ମିକ୍ସି ଡ୍ରେସ ଏତେଟା ମାନି ନ ଥାଏ। କାହିଁକି ନା ଏହି କାରଣରୁ ତାଙ୍କ ହାଇଟ୍ କମ୍ ଲାଗିଥାଏ । କେତୋଟି ଫ୍ୟାଶନ୍ ଟ୍ରିକ୍‌କୁ ଆପଣେଇ ପାରିଲେ ଆପଣଙ୍କ ଲୁକ୍ ଆହୁରି ଆକର୍ଷଣୀୟ ହେବ...**

**ବେଲ୍ଟ:** ଆପଣ ଏପରି ଡ୍ରେସ କ୍ୟାରି କରନ୍ତୁ ଯେଉଁଥିରେ ଅଣ୍ଟାରେ ଇଲାଷ୍ଟିକ୍ ଥିବା ଡ୍ରେସ ପିନ୍ଧିବା ଦ୍ୱାରା ଯାହା ଆପଣଙ୍କୁ ଷ୍ଟାଇଲିଶ ଲୁକ୍ ଦେବ। ଏହା ଆପଣଙ୍କ ବଡିକୁ ସମାନ ସେପ୍ ଦେବ।

**ଢିଲା ଡ୍ରେସ:** ଯଦି ଆପଣଙ୍କ ହାଇଟ୍ କମ୍ ତେବେ ଅଧିକ ଢିଲା ପୋଷାକ ପିନ୍ଧନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ହାଇଟ୍ ଆହୁରି କମ୍ ଲାଗିବ। ଆପଣଙ୍କ ପାଇଁ ସ୍ଲିମଫିଟ୍ ଏବଂ ଫିଟିଂ ହେଉଥିବା ଡ୍ରେସ୍ ପରଫେକ୍ଟ ହେବ।

**ପରଫେକ୍ଟ ହେବ ମନୋକ୍ରୋମ :** ବଡିକୁ ସିଙ୍ଗଲ ଫ୍ରେମ୍ ଲୁକ୍ ଦେବାକୁ ହେଲେ ସିଙ୍ଗଲ ଡାର୍କ କଲର ମନୋକ୍ରୋମ ମ୍ୟାକ୍ସି ଡ୍ରେସକୁ ମଧ୍ୟ ଚୟନ କରିପାରିବେ। ଆପଣ ଚାହିଁଲେ ବ୍ଲାକ୍, ରୟାଲ ବ୍ଲୁ, ଗ୍ରୀନ କିମ୍ବା ରେଡ୍ କଲରର ମ୍ୟାକ୍ସି ପିନ୍ଧିକି ନିଜକୁ ଡେଙ୍ଗା ଦେଖାଇ ପାରିବେ।

**ଷ୍ଟ୍ରାଇପ୍ସ ଓ ପ୍ରିଣ୍ଟ ଥିବା ଡ୍ରେସ :** କମ୍ ହାଇଟ୍ ହୋଇଥିଲେ ଆପଣ ସବୁବେଳେ ଭର୍ଟିକାଲ ଡ୍ରେସ ପିନ୍ଧନ୍ତୁ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିସ୍ ହେବ। ଯଦି ଆପଣ ପ୍ରିଣ୍ଟେଡ୍ ମ୍ୟାକ୍ସି ଡ୍ରେସ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଏହି କଥାକୁ ଧ୍ୟାନରେ ରଖନ୍ତୁ ଯେ ଛୋଟ ପ୍ରିଣ୍ଟ ଡିଜାଇନ୍ ହୋଇଥିଲେ ଭଲ। ବଡ ପ୍ରିଣ୍ଟ ଆପଣଙ୍କୁ ଏତେଟା ମାନିବ ନାହିଁ।



# ପ୍ରଜନନ କ୍ଷମତା ଓ ଯକ୍ଷ୍ମା






ମହିଳାଙ୍କ କ୍ଷେତ୍ରରେ ଟିବି ୟୁଟ୍ରସ୍‌ରେ ସଂକ୍ରମଣ କାରଣରୁ ଏଣ୍ଡୋମେଟ୍ରିଅମର ପତଳା କରିଥାଏ ତେଣୁ ଏହା ଭ୍ରୂଣର ଠିକ୍ ବିକାଶରେ ବାଧାସୃଷ୍ଟି କରିଥାଏ । ଯେବେ କି ପୁରୁଷଙ୍କ କ୍ଷେତ୍ରରେ ଏହା ଏପିଡାଇଡେମୋ-ଅର୍କିଟସ ସୃଷ୍ଟି କରି ପ୍ୟାସେଜକୁ ବ୍ଲକ କରିଥାଏ, ଯାହାଦ୍ୱାରା ପୁରୁଷ ଆଜୋସ୍ପର୍ମିକ ହୋଇଥାଏ। ଯେଉଁଠାରେ ସ୍ପର୍ମ ସିମେନ ମଧ୍ୟକୁ ପ୍ରବେଶ କରିପାରେ ନାହିଁ । ଏହାର ଲକ୍ଷଣଗୁଡିକ ସହଜରେ ଜଣାଯାଇ ନ ଥାଏ ଏବଂ ସମୟାନୁକ୍ରମେ ଏହା ମନୁଷ୍ୟର ପ୍ରଜନନ କ୍ଷମତାରେ ପ୍ରଭାବ ପକାଇଥାଏ ।

ଟିବିରେ ପୀଡିତ ଥିବା ପ୍ରତି ଦଶଜଣ ମହିଳାଙ୍କ ମଧ୍ୟରୁ ଜଣେ ମହିଳା ଗର୍ଭ ଧାରଣ କରିପାରନ୍ତି ନାହିଁ ଏବଂ ପାଖାପାଖି ୪୦ରୁ ୮୦ ପ୍ରତିଶତ ମହିଳାଙ୍କ ମଧ୍ୟରେ ଜେନେଟିଆଲ ଟ୍ୟୁବରକ୍ୟୁଲୋସିସ୍ ଦେଖାଯାଇଥାଏ। ସାଧାରଣତଃ ଯଦି ପ୍ରତିରୋଧକ କ୍ଷମତା ନିମ୍ନ ହୋଇଥାଏ ଏବଂ ଜଣେ ଟିବି ସଂକ୍ରମିତଙ୍କ ସହିତ ସଂଯୋଗରେ ରୁହନ୍ତି ତେବେ ଟିବି ଆପଣଙ୍କ ଜୀବନରେ ପ୍ରଭାବ ପକାଇଥାଏ । ଯେବେ ଏକ ସଂକ୍ରମିତ ବ୍ୟକ୍ତି ଛିଙ୍କିଥାନ୍ତି କିମ୍ବା କାଶିଥାନ୍ତି ତେବେ ଟିବିର ବ୍ୟାକ୍ଟେରିଆ ବାୟୁ ମାଧ୍ୟମରେ ସଞ୍ଚରିତ ହୋଇଥାଏ ଏବଂ ଆମ୍ଭେମାନେ ଶ୍ୱାସକ୍ରିୟା କରିବା ସମୟରେ ଆମର ଫୁସଫୁସରେ ପ୍ରବେଶ କରିଥାଏ । ଆହୁରି ମଧ୍ୟ ସଂକ୍ରମିତ ବ୍ୟକ୍ତିସହିତ ଇଣ୍ଟରକ୍ରସ ଦ୍ୱାରା ମଧ୍ୟ ଜେନେଟିଆଲ ଟ୍ୟୁବରକ୍ୟୁଲୋସିସ୍ ହେବାର ଆଶଙ୍କା ଥାଏ ।

ଏକ ମନ୍ଥର ଆକ୍ରମଣକାରୀ ହୋଇଥିବା ହେତୁ ଟିବି ମହିଳାଙ୍କ ପ୍ରଜନନରେ କ୍ଷତି ପକାଇଥାଏ ବୋଲି ଜାଣିବା ଖୁବ କଷ୍ଟକର । ମହିଳାଙ୍କ କ୍ଷେତ୍ରରେ କିଛି ଲକ୍ଷଣ ତଥା ଋତୁସ୍ରାବରେ ଅନିୟମିତତା, ଭାର୍ଜିନାଲ ଡିସ୍‌ଚାର୍ଜ ସହିତ ରକ୍ତ ଏବଂ ଇଣ୍ଟରକ୍ରସ ପରେ ଯନ୍ତ୍ରଣା ଇତ୍ୟାଦି ଦେଖାଯାଇଥାଏ। କିନ୍ତୁ ବହୁ କ୍ଷେତ୍ରରେ ବ୍ୟାକ୍ଟେରିଆ ଧୀର ହୋଇ ରହିଥାଏ ତେଣୁ ଏହାର ଲକ୍ଷଣଗୁଡିକ ପରବର୍ତ୍ତୀ ସ୍ତରରେ ଦେଖାଯାଇଥାଏ ।

ଅପରପକ୍ଷରେ ପୁରୁଷଙ୍କ କ୍ଷେତ୍ରରେ ବିଭିନ୍ନ ଲକ୍ଷଣ ତଥା ସହଜରେ ଭାର୍ଜିନାରେ ପ୍ରବେଶ ନ କରିପାରିବା, ନିମ୍ନ ସ୍ପର୍ମ ଧାରଣ ଏବଂ ପିଟ୍ୟୁଟାରି ଗ୍ରନ୍ଥି ଉପଯୁକ୍ତ ପିରମାଣର ହରମୋନ କ୍ଷରଣ କରିପାରିବା ଇତ୍ୟାଦି ଦେଖାଯାଇଥାଏ। ଏହି ମନ୍ଥର ଆକ୍ରମଣକାରୀ ବନ୍ଧ୍ୟାତ୍ୱର କାରଣ ହୋଇଥିବା ବେଳେ ସଂକ୍ରମଣ ହୋଇଥାଏ ଏବଂ ସାଧାରଣ ଅଙ୍ଗଭଙ୍ଗୀ ସୃଷ୍ଟିରେ ବାଧା ଏବଂ ପ୍ରତିରୋଧ କରିଥାଏ।

ଜେନେଟିଆଲ ଟ୍ରାକ୍‌ରେ ଟିବିର ଉପସ୍ଥିତିକୁ ଚିହ୍ନଟ କରିବା କଷ୍ଟକର ହେଲେ ମଧ୍ୟ, ଏହାକୁ ଚିହ୍ନଟ କରିବା ପାଇଁ କିଛି ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। ଯେପରି କି ଟିବିରେ ପୀଡିତ ଥିବା ମହିଳାଙ୍କ ଫାଲୋପିଆନ ଟ୍ୟୁବର ଟିସୁ, ୟୁଟ୍ରସର ଏଣ୍ଡୋମେଟ୍ରିଆଲ ଟିସୁର ସଂଗ୍ରହ କରି ଲ୍ୟାବକୁ ପଠାଯାଇଥାଏ ଯେଉଁଠାରେ ବ୍ୟାକ୍ଟେରିଆ ବୃଦ୍ଧି କରାଯାଇ ପରେ ପରୀକ୍ଷଣ ପାଇଁ ବ୍ୟବହାର କରାଯାଏ । ଚିହ୍ନଟ କରିବାର ଏକ ବିଶ୍ୱାସଜନକ ପ୍ରକ୍ରିୟା ହେଉଛି ଟ୍ୟୁବରକ୍ୟୁଲୋସିସ୍‌ର ହିଷ୍ଟୋଲୋଜିକ୍ ଚିହ୍ନଟ ଯାହା ଚିକିତ୍ସକମାନଙ୍କୁ ଲାପାରୋସ୍କୋପି ମାଧ୍ୟମରେ ଏହି ସତ୍ୟତା ପ୍ରମାଣ କରାଯାଏ କି ଏହି ସନ୍ଦେହଜନକ କ୍ଷତ ଟ୍ୟୁବରକ୍ୟୁଲୋସିସ୍ ଯୋଗୁ ହୋଇଥାଏ କି ନାହିଁ। ପଲିମରେଜ ଚେନ ପ୍ରତିକ୍ରିୟା ମଧ୍ୟ ଏହା ଚିହ୍ନଟ କରିବାର ଏକ ପ୍ରକ୍ରିୟା । କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ଖୁବ୍ ମୂଲ୍ୟବାନ ଏବଂ ସୁବିଧାଜନକ ନୁହେଁ। ସାଧାରଣତଃ ମହିଳାମାନେ ଚିନ୍ତା କରିଥାନ୍ତି ଯେ, ଟିବିରେ ପୀଡିତ ହେଲେ ମଧ୍ୟ ସେମାନେ ଗର୍ଭଧାରଣ କରିପାରିବେ ଏବଂ ଟିବିର ମେଡିସିନ ସେମାନଙ୍କୁ ସଫଳ ଗର୍ଭଧାରଣ କରିବାରେ ସାହାଯ୍ୟ କରିବ । ଥରେ ଶିଶୁର ଜନ୍ମ ପରେ ମା' ସ୍ତନ୍ୟର ବ୍ୟାକ୍ଟେରିଅମରୁ ସଂକ୍ରମିତ ହେବାର ଆଶଙ୍କା ପ୍ରତି ସଜାଗ ରହିଥାନ୍ତି ଯେବେ କି ଏହି ବ୍ୟାକ୍ଟେରିଆ କେବଳ ନିଃଶ୍ୱାସ ପ୍ରଶ୍ୱାସ ଦ୍ୱାରା ପ୍ରଭାବିତ ହୋଇଥାଏ । ତେଣୁ ମା' ମାନେ ସ୍ତନ୍ୟପାନ କରିବା ସମୟରେ ମୁହଁରେ ମାସ୍କ ଲଗାଇବା ଆବଶ୍ୟକ ।

ଟିବି ଏଣ୍ଡୋମେଟ୍ରିଟିସର ହିଷ୍ଟୋଲୋଜିକ ଚିହ୍ନଟ ପରେ ଅତ୍ୟଧିକ ଅସୁବିଧାକୁ ଦୂର କରିବା ପାଇଁ ଆଣ୍ଟି-ଟିବି ମେଡିସିନ ସହିତ ଏହାର ଚିକିତ୍ସା ଆରମ୍ଭ କରିବା ଆବଶ୍ୟକ । ୬ରୁ ୮ମାସ ପର୍ଯ୍ୟନ୍ତ ଏହି ଆଣ୍ଟିବାୟୋଟିକର କୋର୍ସ ଠିକ୍‌ଭାବେ ସମ୍ପୂର୍ଣ୍ଣ କରିବା ଉଚିତ କିନ୍ତୁ ଏହା ଫାଲୋପିଆନ ଟ୍ୟୁବର ଭଲ କରିବାର ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ । ସେହି ଟ୍ୟୁବକୁ ଭଲ କରିବା ପାଇଁ ବହୁ ଡାକ୍ତର ସର୍ଜରି କରିଥାନ୍ତି କିନ୍ତୁ ଏହା ଏକ କଷ୍ଟକର କାମ । ଶେଷରେ ଏଥିରେ ଇନ-ଭିଟ୍ରୋ ଫର୍ଟିଲାଇଜେଶନ କିମ୍ବା ଇଣ୍ଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇଞ୍ଜେକଶନ (ଆଇସିଏସଆଇ)ର ହସ୍ତକ୍ଷେପ କରାଯାଇଥାଏ । କୁପୋଷଣର ଶିକାର ଶିଶୁମାନେ ନିମ୍ନ ପ୍ରତିରୋଧକ ହେତୁ ସହଜରେ ଟିବି ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ତେଣୁ ଚିକିତ୍ସା ସମୟରେ ଖାଦ୍ୟପେୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଜଣେ ନିଶାଦ୍ରବ୍ୟ ପ୍ରୋସେସେଡ ମାଂସ ଏବଂ ମିଠାଜାତୀୟ ଖାଦ୍ୟ ତଥା ପାଇଜ, କପ କେକ ଇତ୍ୟାଦିଠୁ ଦୂରେଇ ରହିବା ଆବଶ୍ୟକ। ସେମାନଙ୍କ ଖାଦ୍ୟପେୟରେ ପତ୍ରଜନିତ ପନିପରିବା, ଉଚ୍ଚମାତ୍ରାର ଭିଟାମିନ ଡି, ଉଚ୍ଚମାତ୍ରାର ଆଇରନ ସପ୍ଲିମେଣ୍ଟ, ହୋଲ ଗ୍ରେନ ଏବଂ ଅନସାଚ୍ୟୁରେଟେଡ ଫ୍ୟାଟ ରହିବା ଆବଶ୍ୟକ । ଟିବିର ଚିକିତ୍ସାରେ ଖାଦ୍ୟପେୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଭୁଲ ଖାଦ୍ୟପେୟ ଚିକିତ୍ସାକୁ ଅସଫଳ କରିବା ସହିତ ସଂକ୍ରମଣର କାରଣ ହୋଇଥାଏ । ଯଦି ଆପଣଙ୍କ ପରିବାର ସଦସ୍ୟ କିମ୍ବା ସହକର୍ମୀ ଟ୍ୟୁବରକ୍ୟୁଲୋସିସ୍‌ର ସକ୍ରିୟ ରୋଗୀ ହୋଇଥାନ୍ତି ତେବେ ସେମାନଙ୍କ ନିକଟରେ ରହୁଥିବା ଅନ୍ୟ ଲୋକମାନେ ସତର୍କ ରହିବା ଆବଶ୍ୟକ ଏବଂ ନିୟମିତ ଛାତିର ଏକ୍ସ-ରେ, ଟ୍ୟୁବରକୋଲିମ ଟେଷ୍ଟ କରି ସେମାନେ ଟିବି ଦ୍ୱାରା ଆକ୍ରାନ୍ତ କି ନାହିଁ ଏହା ଜାଣିବା ଦରକାର । ଛୋଟ ପିଲାଙ୍କ ପାଇଁ ଏହି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଯେବେ କି ସେମାନେ ସହଜରେ ଟିବି ଦ୍ୱାରା ପ୍ରଭାବିତ ହୋଇଥାନ୍ତି କିନ୍ତୁ ଏହାର ଚିହ୍ନଟ କରିବା ଖୁବ୍ କଷ୍ଟକର । ଏହିପରି କିଛି ସ୍ୱତନ୍ତ୍ର କ୍ଷେତ୍ରରେ ଅଧିକ ଅସୁବିଧା ଦୂର କରିବା ପାଇଁ ଆଇଓନାଇଜ୍‌ଡ ପରି ଚିକିତ୍ସା କରିବା ଉଚିତ ଏବଂ ପରୀକ୍ଷଣ ସମୟରେ ଟିବିର ପ୍ରଭାବ ଜାଣିବା ପାଇଁ ପରୀକ୍ଷା କରିବା ଆବଶ୍ୟକ ।

ଜଣେ ନିଜକୁ ଜନଗହଳି ସ୍ଥାନରୁ ଦୂରେଇ ରଖି ଟିବି ଠାରୁ ଦୂରେଇ ରଖିପାରିବେ । ଯେଉଁଠାରେ ଆପଣ ନିୟମିତ ସଂକ୍ରମିତ ଲୋକମାନଙ୍କ ସଂଯୋଗରେ ରହିଥାନ୍ତି। ଯଦି ସମ୍ଭବ ତେବେ ଠିକ୍ ହେଲ୍‌ଥକେୟାର ସିଷ୍ଟମ ନେବା ସହିତ ନିୟମିତ ଆଧାରରେ ଶାରୀରିକ ପରୀକ୍ଷା ଏବଂ ପରିସ୍ଥିତି ବିରୋଧରେ ଟିକାକରଣ କରିବା ଆବଶ୍ୟକ।

**- ଡା. ଅକ୍ଷୟ ମହାପାତ୍ର**
ଆଇଭିଏଫ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ ହସ୍‌ପିଟାଲ, ଭୁବନେଶ୍ୱର

ଖାଦ୍ୟରୁଚି

# ବିନା ସୁଜି, ବେସନରେ ଢୋକଲା

**ଆବଶ୍ୟକ ସାମଗ୍ରୀ:** ଏକ କପ ହରଡ ଡାଲି (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଏକ କପ ଚଣା ଡାଲି (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଦୁଇକପ ଅରୁଆ ଚାଉଳ (୫ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ), ଏକ କପ ଦହି ଏବଂ ସ୍ୱାଦ ଅନୁସାରେ ଲୁଣ। ଏକ କପ (ବଡ) ଚାମଚ ଚିନି, କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା, ଦୁଇଟି ଲମ୍ବା ଆକାରରେ କଟା ହୋଇଥିବା କଞ୍ଚାଲଙ୍କା, ଏକ ଇଞ୍ଚର ଅଦା (କଟାହୋଇଥିବା), ଅଧା ଚାମଚ ଜୁଆଣି, ଭୃସୁଙ୍ଗପତ୍ର, ଅଧା ଛୋଟ ଚାମଚ ହଳଦୀ, ଏକ ପ୍ୟାକେଟ୍ ଇନୋ, ୧ଲେମ୍ବୁ, ୧ଚାମଚ ଛୋଟ ଆକାରରେ କଟା ହୋଇଥିବା ଧନିଆ ପତ୍ର, ଅଧା ଚାମଚ ସୋରିଷ, ଅଳ୍ପ ମାତ୍ରାରେ ହେଙ୍ଗୁ, ଆବଶ୍ୟକ ଅନୁସାରେ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ହରଡ ଡାଲି ଏବଂ ଚଣାଡାଲିକୁ ମିଶାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଡାଲିର ପେଷ୍ଟକୁ ଗୋଟିଏ ପ୍ଲେଟରେ କାଢ଼ି ଦିଅନ୍ତୁ, ପୁଣି ଏହାପରେ ଚାଉଳକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଡାଲି, ଚାଉଳର ପେଷ୍ଟକୁ ଏକାଠି ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ୪-୫ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ନିର୍ଧାର୍ଯ୍ୟ ସମୟ ମଧ୍ୟରେ ପେଷ୍ଟରେ ଲୁଣ, ହଳଦୀ, ଜୁଆଣି, ଅଧାଚାମଚ ଚିନି, ଧନିଆପତ୍ର, ଅଦା, କଟା କଞ୍ଚାଲଙ୍କା, ହେଙ୍ଗୁ, ଇନୋ, ଏକ ଚାମଚ ତେଲ ପକାଇ ମିଶାଇ ଦିଅନ୍ତୁ। ଏବେ ଏକ ପ୍ରେସରକୁକରର ଭିତର ଭାଗରେ ତେଲ ଲଗାଇ ତାକୁ ଚିକ୍କଣ କରିଦିଅନ୍ତୁ। ଏବେ ଏହି ମିଶ୍ରଣକୁ ପ୍ରେସର କୁକରରେ ପକାଇ ଦିଅନ୍ତୁ। କୁକରର ଢାଙ୍କୁଣି ବନ୍ଦ କରିଦିଅନ୍ତୁ। ପ୍ରେସର କୁକରର ହ୍ୱିସିଲ କାଢ଼ି ଦିଅନ୍ତୁ। ଏହାକୁ କିଛି ସମୟ ପର୍ଯ୍ୟନ୍ତ ବସାଇ ରଖନ୍ତୁ। ନିର୍ଧାର୍ଯ୍ୟ ସମୟ ପରେ ଢାଙ୍କୁଣି ଖୋଲି ଦିଅନ୍ତୁ। ଅଳ୍ପ ଆଞ୍ଚରେ ପ୍ୟାନ୍‌ରେ ତେଲ ପକାନ୍ତୁ । ତେଲ ଗରମ ହେଲା ପରେ ସୋରିଷ, କଞ୍ଚାଲଙ୍କା, ଭୃସୁଙ୍ଗ ପତ୍ର ପକାଇ ଘାଣ୍ଟନ୍ତୁ। ଏହା ଭାଜିହେଲା ପରେ ସେଥିରେ ପାଣି, ଲେମ୍ବୁ ରସ, ଲୁଣ ପକାଇ ଫୁଟାନ୍ତୁ। ପ୍ରଥମେ ଫୁଟିବାକୁ ଆରମ୍ଭ କଲେ ଆଞ୍ଚ ବନ୍ଦ କରିଦିଅନ୍ତୁ। ଏବେ ଢୋକଲାକୁ ଏକ ପ୍ଲେଟରେ କାଢ଼ି ରଖନ୍ତୁ ଏହାକୁ ଏକ ଛୁରି ସାହାଯ୍ୟରେ ପିସ୍ ପିସ୍ କରି ଦିଅନ୍ତୁ। ଏବେ ଢୋକଲା ଉପରେ ଛୁଙ୍କ ପକାଇ ଦିଅନ୍ତୁ। ଏବେ ଆପଣଙ୍କ ଢୋକଲା ପ୍ରସ୍ତୁତ ହୋଇଗଲା।



$ Dollar 73.56 (24)

Sensex 181.25 34,134.38 | Nifty 58.30 10,245.25 | Gold ₹50 32,220.00 | Silver ₹100 39,500.00

"ଆଇଟି କରିଡର ଲାଗି ଜାପାନ ସହ ହୋଇଥିବା ଚୁକ୍ତି ଦୁଇ ଦେଶର ସମ୍ପର୍କ ଦୃଢୀକରଣ ଦିଗରେ ବିଶେଷ ଭାବେ ସହାୟକ ହେବା
– ଗଗନ ସଭରୱାଲ, ବରିଷ୍ଠ ନିର୍ଦ୍ଦେଶକ, ନାସକମ୍



"ଚମଡା ଏବଂ ବୟନ ଶିଳ୍ପ ଭଳି ଶ୍ରମିକକୈନ୍ଦ୍ରିକ ଶିଳ୍ପଗୁଡିକରେ ରହିଥିବା ବିଭିନ୍ନ ଅସୁବିଧା ଉପରେ ସରକାର ଧ୍ୟାନ ରଖିଛନ୍ତି।
– ଅନୁପ ୱାଧୱାନ, ବାଣିଜ୍ୟ ସଚିବ



## ସଂକ୍ଷେପରେ

### ପେନ୍‌ସନ ଲାଭ ପ୍ରଦାନରେ ୩୨ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୨୨-୧୦:** ଭାରତ ପେନସନ ଲାଭ ଦେବାରେ ୩୪ ଦେଶ ମଧ୍ୟରେ ୩୨ତମ ସ୍ଥାନକୁ ଖସି ଆସିଛି। ମେଲବୋର୍ନ ମର୍ସର ଗ୍ଲୋବାଲ ପେନସନ ସୂଚକାଙ୍କରୁ ଏହା ଜଣାପଡିଛି। ନୀତି ନିର୍ଦ୍ଧାରକମାନେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆର୍ଥିକ ସୁରକ୍ଷା ଦେବା ସହ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରୁଥିବା ଯୋଜନା ପ୍ରଣୟନ କରିବାକୁ ସଂଘର୍ଷ କରୁଛନ୍ତି। ସୂଚକାଙ୍କ ରିପୋର୍ଟରେ କୁହାଯାଇଛି ଯେ, ଭାରତ ଅବସରପ୍ରାପ୍ତଙ୍କ ଆୟ ପ୍ରଣାଳୀକୁ ଅଧିକ ମଜଭୁତ କରିବା ଲାଗି ଧିରେ ଅଥଚ କ୍ରମାଗତ ପ୍ରୟାସ ଜାରି ରଖିଛି। ଏହା ସୂଚକାଙ୍କର ଗ୍ରେଡ ଡିରେ ଜାପାନ, ଚାଇନା, ଦକ୍ଷିଣ କୋରିଆ, ମେକ୍ସିକୋ ତଥା ଆର୍ଜେଣ୍ଟିନା ସହିତ ରହିଛି।

### ପେଟିଏମ୍ ମାଲିକଙ୍କୁ ବ୍ଲାକ୍‌ମେଲିଂ ଉଦ୍ୟମ
#### କମ୍ପାନୀର ୩ କର୍ମଚାରୀ ଗିରଫ

**ନୂଆଦିଲ୍ଲୀ,୨୨-୧୦:** ଇ-ୱାଲେଟ କମ୍ପାନୀ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ନୋଇଡା ପୋଲିସ କମ୍ପାନୀର ୩ କର୍ମଚାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା କର୍ମଚାରୀ ରହିଛନ୍ତି। ସେମାନେ ଗ୍ରାହକଙ୍କ ବ୍ୟକ୍ତିଗତ ଡାଟା ଚୋରି କରିବା ପରେ ଏହାକୁ ବାହାରେ ପ୍ରକାଶ କରିଦେବେ ବୋଲି ଭୟ ଦେଖାଇ ମାଲିକ ବିଜୟ ଶେଖରଙ୍କଠାରୁ ୨୦ କୋଟି ଟଙ୍କା ଆଦାୟ କରିବାକୁ ଚେଷ୍ଟା କରିଥିଲେ ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏହି ବ୍ଲାକ୍‌ମେଲିଂର ମୁଖ୍ୟ ସୂତ୍ରଧର ଥିବା ମହିଳା ଜଣକ ବିଜୟଙ୍କ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିଲେ।

### ଚିନି ଶିଳ୍ପକୁ ଆଉ ଏକ ପ୍ୟାକେଜ ଖୁବଶୀଘ୍ର

**ନୂଆଦିଲ୍ଲୀ,୨୨-୧୦:** ଆଖୁ ଚାଷୀଙ୍କ ଲାଭ ବଢ଼ାଇବା ଉଦ୍ଦେଶ୍ୟରେ ଚିନି ଶିଳ୍ପ ପାଇଁ କେନ୍ଦ୍ର ସରକାର ଆଉ ଏକ ପ୍ୟାକେଜ ଘୋଷଣା କରିବାକୁ ଯାଉଛନ୍ତି। ଖୁବଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା ହେବ। ଇଥାନଲର ଉତ୍ପାଦନ ବୃଦ୍ଧି କରିବା ଲାଗି ଚିନି ମିଲ୍‌ମାନଙ୍କୁ ଦିଆଯାଉଥିବା ଋଣରେ ସୁଧ ହାରକୁ ୬% କମାଇବା ନେଇ କ୍ୟାବିନେଟ୍ ନୋଟ୍ ତିଆରି ହେଉଛି। କେନ୍ଦ୍ର ସରକାର ଜୁନ୍‌ରେ ଚିନି ଉଦ୍ୟୋଗ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ। ଦ୍ୱିତୀୟ ପ୍ୟାକେଜ୍ ଘୋଷଣା ନେଇ ଗଠିତ କମିଟି ତାଙ୍କର ସୁପାରିସ କରିସାରିଛନ୍ତି। ଏହା ପ୍ରସ୍ତୁତ ହେବା ପରେ କ୍ୟାବିନେଟ୍‌ର ଅନୁମୋଦନ ନିଆଯିବ ବୋଲି ଖାଦ୍ୟ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

# ଡାକ୍ତରଙ୍କୁ ଲାଞ୍ଚ ଦେଇ ଭାକ୍ସିନର ଦାମ୍ ବଢ଼ାଉଛନ୍ତି ଫାର୍ମା କମ୍ପାନୀ

**ନୂଆଦିଲ୍ଲୀ,୨୨-୧୦**

- ମିଳୁଛି ୨୦-୨୧% ଇନସେଣ୍ଟିଭ
- ଦ୍ୱିଗୁଣା ହେଉଛି କମ୍ବିନେଶନ ଭାକ୍ସିନ୍‌ର ଦାମ୍
- ପ୍ରତିବର୍ଷ ୭ରୁ ୧୦% ଶିଶୁ ପାଉନାହାନ୍ତି ସରକାରୀ ଭାକ୍ସିନ୍



ଫାର୍ମା କମ୍ପାନୀମାନେ ସ୍ୱତନ୍ତ୍ର ବ୍ରାଣ୍ଡର ଭାକ୍ସିନ ଲେଖିବା ଲାଗି ଡାକ୍ତର ଓ ହସ୍ପିଟାଲକୁ ଲାଞ୍ଚ ଦେଉଛନ୍ତି। ଇନସେଣ୍ଟିଭ ନାମରେ ଏହି ଲାଞ୍ଚ ଦିଆଯାଉଛି। ଏଭଳି ସ୍ୱତନ୍ତ୍ର ଧରଣର ଭାକ୍ସିନ ଲେଖିବା ଲାଗି ଡାକ୍ତର ଓ ହସ୍ପିଟାଲକୁ ୨୦ରୁ ୨୧ ପ୍ରତିଶତ ଇନସେଣ୍ଟିଭ ମିଳୁଛି ବୋଲି ଖୋଳତାଡରୁ ଜଣାପଡିଛି। ବିଶେଷକରି ଏକାଧିକ କମ୍ବିନେଶନର ଡୋଜ ପାଇଁ ଏଭଳି ପଦ୍ଧତି ଆପଣାଯାଉଛି। ଫାର୍ମା କମ୍ପାନୀମାନେ ଡାକ୍ତର ଓ ହସ୍ପିଟାଲକୁ ଦେଉଥିବା ଏହି ଇନସେଣ୍ଟିଭକୁ ରୋଗୀଙ୍କଠାରୁ ଆଦାୟ କରୁଛନ୍ତି। ଏହି କାରଣରୁ ଭାକ୍ସିନଗୁଡିକ ମହଙ୍ଗା ହେଉଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୫ ପ୍ରକାର ରୋଗ ପାଇଁ ଭାକ୍ସିନର ଦାମ୍ ୨୮୦୦ ଟଙ୍କା ରହିଛି। କିନ୍ତୁ ଏଥିରେ ଆଉ ଏକ ରୋଗ ଯଥା- ହେପାଟାଇଟିସ୍ ବି କୁ ମିଶାଇ ଦେଲେ ଏହି ଭାକ୍ସିନର ଦାମ୍ ଏକାଥରକେ ୩୯୦୦ ଟଙ୍କାକୁ ବୃଦ୍ଧି ପାଉଛି। ମଜାର କଥା ହେଲା ମାତ୍ର ୬୦ ଟଙ୍କାରେ ହେପାଟାଇଟିସ ବି ଭାକ୍ସିନ ବଜାରରେ ଉପଲବ୍ଧ। ସେହିପରି ହେପାଟାଇଟିସ ବି ସମେତ ୫ ପ୍ରକାର ରୋଗ ପ୍ରତିରୋଧକ ପାଇଁ ବ୍ୟବହୃତ ହେଉଥିବା ଭାକ୍ସିନ୍ ୩୮୨ ଟଙ୍କାରେ ବିକ୍ରି କରାଯାଉଛି। କିନ୍ତୁ ଡାକ୍ତରମାନେ ଏଥିରେ ଇଞ୍ଜେକଶନ୍ ଦିଆଯାଇପାରୁଥିବା ପୋଲିଓ ଭାକ୍ସିନ୍‌କୁ ମିଶାଇବାକୁ ଲେଖିଦେଉଛନ୍ତି। ଫଳରେ ଏହି କମ୍ବିନେଶନ ଭାକ୍ସିନ୍‌ର ମୂଲ୍ୟ ୨୩୯୨ ଟଙ୍କା ହୋଇଯାଉଛି। କହି ରଖିବାକୁ ହେବ ଯେ, କେବଳ ଇଞ୍ଜେକଶନ ଦିଆଯାଇପାରୁଥିବା ପୋଲିଓ ଭାକ୍ସିନ୍‌ର ମୂଲ୍ୟ ମାତ୍ର ୪୦୦ ଟଙ୍କା ରହିଛି। ମାତ୍ର ଗୋଟିଏ ରୋଗକୁ ଯୋଡିବା ଦ୍ୱାରା ଭାକ୍ସିନ୍‌ର ଦାମ୍‌ରେ ବିରାଟ ପାର୍ଥକ୍ୟ ଥିବା ନେଇ ପେଡିଟ୍ରିସିଆନମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୩୯୦୦ ଟଙ୍କାର ଭାକ୍ସିନର ଗୋଟିଏ ଡୋଜ୍ ପ୍ରୟୋଗ ପାଇଁ ଡାକ୍ତର କିମ୍ବା ସମ୍ପୃକ୍ତ ହସ୍ପିଟାଲକୁ ୭୫୦ ଟଙ୍କାର ଇନସେଣ୍ଟିଭ ମିଳିଥାଏ। ପ୍ରାରମ୍ଭିକ ଆକଳନରୁ ଜଣାପଡିଛି ଯେ, ଦେଶରେ ପ୍ରତିବର୍ଷ ପ୍ରାୟ ୨ କୋଟି ଶିଶୁ ଜନ୍ମ ନିଅନ୍ତି। ଏମାନଙ୍କ ମଧ୍ୟରୁ ୭ରୁ ୧୦ ପ୍ରତିଶତ ଅର୍ଥାତ ପ୍ରାୟ ୧୪ରୁ ୨୦ ଲକ୍ଷ ଶିଶୁଙ୍କୁ ସରକାରୀ ଖର୍ଚ୍ଚରେ ଭାକ୍ସିନ୍ ଦିଆଯାଇପାରୁନି। ଅର୍ଥାତ ସେମାନଙ୍କୁ ଭାକ୍ସିନ୍ ଦେବା ପାଇଁ ବଜାର ଦରରେ କିଣିବାକୁ ପଡେ। ତେବେ ଫାର୍ମା କମ୍ପାନୀଙ୍କ ଯୁକ୍ତି ହେଲା ଯେ, ଭାକ୍ସିନ୍‌କୁ ସୁରକ୍ଷିତ ରଖିବା ଲାଗି କୋଲ୍ଡ ଚେନ୍ ଲଜିଷ୍ଟିକ୍ସର ଆବଶ୍ୟକତା ରହୁଥିବାରୁ ଏହାର ରକ୍ଷଣାବେକ୍ଷଣ ଲାଗି ଖର୍ଚ୍ଚ କରିବାକୁ ପଡିଥାଏ। ଏହି କାରଣରୁ ଡାକ୍ତର ଓ ହସ୍ପିଟାଲକୁ ଇନସେଣ୍ଟିଭ ଦିଆଯାଏ। ତେବେ ଏହା ଏବେ ଏକ ସାଧାରଣ ଘଟଣା ହୋଇଗଲାଣି। ଏହାଛଡା ଫାର୍ମା କମ୍ପାନୀଙ୍କ ଯୁକ୍ତି ହେଲା ଗୋଟିଏ ପ୍ରକାର ଭାକ୍ସିନ ଅପେକ୍ଷା ଏକାଧିକ କମ୍ବିନେଶନ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡେ। କାରଣ ଅନେକ ଜଟିଳ ପ୍ରକ୍ରିୟାରେ ଏକାଧିକ କମ୍ବିନେଶନକୁ ଯୋଡାଯାଇଥାଏ। ସେ ଯାହା ହେଉ ପରୋକ୍ଷରେ ଶିଶୁର ପରିବାର ହିଁ କ୍ଷତିଗ୍ରସ୍ତ ହେଉଛି।

## ହୋଣ୍ଡା ଟୁହ୍ୱିଲର୍ସର ସଡ଼କ ସଚେତନତା ଅଭିଯାନ




**ଭୁବନେଶ୍ୱର,୨୨-୧୦**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ସଡକ ସୁରକ୍ଷା ସଚେତନତା ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ସାରା ଦେଶରେ ପଞ୍ଚମରୁ ସପ୍ତମ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦଶହରାର ବିଷୟ ବସ୍ତୁ ଅନୀତି ଉପରେ ନୀତିର ବିଜୟକୁ ପ୍ରେରଣା ଭାବେ ଏଥିରେ ଗ୍ରହଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷାର ବାହକ ଭାବେ ଗ୍ରହଣ କରି ସେମାନଙ୍କ ଦ୍ୱାରା ସୁରକ୍ଷା ସଚେତନତା ସୃଷ୍ଟି ଏହି ଅଭିଯାନର ଲକ୍ଷ୍ୟ ଅଟେ। ଏହି ଅଭିଯାନ ଅନ୍ତର୍ଗତ ପଥଚାରୀଙ୍କଠାରୁ ଚାଳକ ପର୍ଯ୍ୟନ୍ତ ୧୦ ପ୍ରମୁଖ ସଡକ ସୁରକ୍ଷା ପ୍ରସଙ୍ଗ ଉପରେ କମ୍ପାନୀ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବ। ଦେଶରେ ଦିନକୁ ଦିନ ସଡକ ଦୁର୍ଘଟଣା ଯୋଗୁ ଅନେକ ଜୀବନହାନି ହେଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ଉପସଭାପତି ପ୍ରଭୁ ନାଗରାଜ ସୂଚନା ଦେଇଛନ୍ତି।

# କୋଟିପତିଙ୍କ ସଂଖ୍ୟା ବଢ଼ିଛି ୬୦%

**ନୂଆଦିଲ୍ଲୀ,୨୨-୧୦**



- କୋଟିପତିଙ୍କ ମୋଟ ସଂଖ୍ୟା ୧.୪ଲକ୍ଷକୁ ବୃଦ୍ଧି
- ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି
- ଟିକସ-ଜିଡିପି ଅନୁପାତ ୫.୯୮ ପ୍ରତିଶତ

ଦେଶରେ ଏକ କୋଟି ଟଙ୍କା ଆୟ ଦର୍ଶାଇଥିବା ଟିକସଦାତାଙ୍କ ସଂଖ୍ୟା ବିଗତ ୩ ବର୍ଷରେ ୬୦% ଅର୍ଥାତ ୮୧, ୩୪୪କୁ ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ କୋଟିପତିଙ୍କ ସଂଖ୍ୟା ମୋଟ୍ ୧.୪ ଲକ୍ଷକୁ ବଢ଼ିଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ସୋମବାର ଏ ସମ୍ପର୍କରେ ବିସ୍ତାରିତ ତଥ୍ୟ ପ୍ରଦାନ କରିଛି।

ବିଗତ ୩ ବର୍ଷରେ ଟିକସଦାତାଙ୍କ ସଂଖ୍ୟା ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟକୁ ନେଇ ସିବିଡିଟି ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଛି। ଏହାର ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା କହିଛନ୍ତି ଯେ, ଆଲୋଚ୍ୟ ଅବଧିରେ ଆୟକର ରିଟର୍ନ ଦାଖଲ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ(୫.୯୮ ପ୍ରତିଶତ) ଗତ ୧୦ ବର୍ଷରେ ସବୁଠାରୁ ଉନ୍ନତ। ଗତ ୪ ବର୍ଷରେ ଜିଏସ୍‌ଟି ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୨୦୧୩-୧୪ରେ ୩.୭୯ କୋଟି ଥିବା ବେଳେ ୨୦୧୭-୧୮ରେ ବୃଦ୍ଧି ପାଇ ୬.୮୫ କୋଟିରେ ପହଞ୍ଚିଯାଇଛି। ୨୦୧୪-୧୫ରେ ୮୮,୬୪୯ ଜଣ ଟିକସଦାତା କୋଟିଏରୁ ଅଧିକ ଆୟ ଦର୍ଶାଇଥିବା ବେଳେ ୨୦୧୭-୧୮ରେ ଏହା ୬୦% ବୃଦ୍ଧି ପାଇ ୧,୪୦,୧୩୯ରେ ପହଞ୍ଚିଛି। ସେହିପରି ବାର୍ଷିକ ୧ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ୪୮,୪୧୬ରୁ ୮୧,୩୪୪କୁ ବୃଦ୍ଧି ପାଇଛି, ଯାହାକି ୬୮% ଅଧିକ।

## ୟୁବିଆଇ ଏମ୍‌ଡିଙ୍କ ଓଡିଶା ଗସ୍ତ



**ଭୁବନେଶ୍ୱର,୨୨-୧୦**

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅଶୋକ କୁମାର ପ୍ରଧାନ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ୬୦ରୁ ଉର୍ଦ୍ଧ୍ୱ ଶାଖା ପରିଚାଳକଙ୍କୁ ଭେଟିଛନ୍ତି। ଆଞ୍ଚଳିକ କାର୍ଯ୍ୟାଳୟର ଆବଶ୍ୟକତା ଉପରେ ସେ ବିବେଚନା କରିବା ସହ ଋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ବିଭିନ୍ନ ସ୍ଥାନରୁ ଆସିଥିବା ଗ୍ରାହକଙ୍କ ସହ ସେ ଆଲୋଚନା ମଧ୍ୟ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବାଲାନ୍ସ ଶିଟ୍ ଦାଖଲ, ଏମ୍‌ଏସ୍‌ଏମ୍‌ଇ ଋଣ ଏବଂ ରିଟେଲ ଋଣ ପ୍ରଦାନ ଉପରେ ବ୍ୟାଙ୍କର ପଦକ୍ଷେପ ଉପରେ ସେ ସୂଚନା ଦେଇଥିଲେ। ଋଣ ଅସୁଲି ଉପରେ ପ୍ରାଥମିକତା ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଉପମହାପ୍ରବନ୍ଧକ ରାଜକିଶୋର ନାୟକ ଏବଂ ସହାୟକ ମହାପ୍ରବନ୍ଧକ ରତିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମହିନ୍ଦ୍ରା ମାରାଜୋର ବୁକିଂ ରେକର୍ଡ

**ଭୁବନେଶ୍ୱର,୨୨-୧୦**

Mahindra Rise.

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ପ୍ରସ୍ତୁତ ମାରାଜୋ ବୁକିଂ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଲଞ୍ଚ ପରଠାରୁ ଗୋଟିଏ ମାସରେ ଏହା ୧୦,୦୦୦ ୟୁନିଟରୁ ଅଧିକ ବୁକିଂ ହାସଲ କରିଛି। ବିଶ୍ୱ ସ୍ତରୀୟ ଜ୍ଞାନକୌଶଳରେ ଏହା ପ୍ରସ୍ତୁତ ହୋଇଥିବା ବେଳେ ସର୍ବୋତ୍କୃଷ୍ଟ ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି। ଏହାର ବୋଲ୍ଡ ତଥା ଡାଇନାମିକ ଡିଜାଇନ ଯୋଗୁ ଗ୍ରାହକମାନଙ୍କର ଭଲ ପାଇବା ଲାଭ କରି ପାରିଛି। ଏହା ଉନ୍ନତ ରାଇଡିଂ ଅଭିଜ୍ଞତା, ଲକ୍ଜୁରୀ, ଇଣ୍ଡଷ୍ଟ୍ରି ଫାଷ୍ଟ ସରାଉଣ୍ଡିଂ କୁଲ୍, ସ୍ପେସ ପ୍ରଦାନ କରିବ। ଗୋଟିଏ ମାସରେ ବୁକିଂକୁ ଉନ୍ନତ ରେସପନ୍ସ ମିଳିଥିବାରୁ ଏହାକୁ ନେଇ ଅତ୍ୟନ୍ତ ଖୁସି ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଟୋମୋଟିଭ୍ ସେକ୍ଟର ସେଲସ ଏବଂ ମାର୍କେଟିଂ ମୁଖ୍ୟ ବିଜୟ ନାକ୍ରା ସୂଚନା ଦେଇଛନ୍ତି।

### ଗ୍ରାହକଙ୍କୁ ଆଶ୍ୱସ୍ତ କଲା ଏସ୍‌ବିଆଇ
## ଟିଡିଏସ୍ ଫର୍ମ ଦାଖଲ ଲାଗି ଯିବାକୁ ପଡ଼ିବନି ମୂଳ ଶାଖା

**ନୂଆଦିଲ୍ଲୀ,୨୨-୧୦**

ସୁଧ ଉପରେ ଟିଡିଏସ୍ ସୁରକ୍ଷା ଲାଗି ଗ୍ରାହକଙ୍କୁ ୧୫ଜି ଏବଂ ୧୫ଏଚ୍ ଫର୍ମ ଜମା କରିବାକୁ ପଡିଥାଏ। ପୂର୍ବରୁ ଏହା ନିଜର ଘରୋଇ ଶାଖାରେ ଯାଇ କରିବାକୁ ପଡୁଥିଲା। ତେବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବେ ଗ୍ରାହକଙ୍କୁ ଆଶ୍ୱସ୍ତ କରି ନିୟମ କୋହଳ କରିଛି। ଏଣିକି ଉକ୍ତ ଫର୍ମକୁ ବ୍ୟାଙ୍କର ଯେକୌଣସି ଶାଖାରେ ଜମା କରାଯାଇପାରିବ। ଆର୍ଥିକ ବର୍ଷ ଆରମ୍ଭରେ ଉକ୍ତ ଦୁଇଟି ଫର୍ମକୁ ଜମା କରିବାକୁ ପଡ଼ିଥାଏ। ଫଳରେ ଗ୍ରାହକଙ୍କ ସୁଧ ଉପରେ ଟିଡିଏସ୍(ଟ୍ୟାକ୍ସ ଡିଡକ୍ଟେଡ ଆଟ୍ ସୋର୍ସ ବା ମୂଳ ଉତ୍ସ ଉପରେ ଟିକସ କାଟିବା) କଟାଯାଇ ନ ଥାଏ। ସ୍ଥାୟୀ ଜମା ଅଥବା ଆକାଉଣ୍ଟରେ ଥିବା ଅର୍ଥରୁ ବାର୍ଷିକ ୧୦ ହଜାର ଟଙ୍କାରୁ ଅଧିକ ସୁଧ ମିଳୁଥିଲେ ଟିଡିଏସ୍ କଟାଯାଏ।

## କାନାରା ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ରୁଡସେଟ୍ ପରିଦର୍ଶନ

**ଭୁବନେଶ୍ୱର,୨୨-୧୦**

କାନାରା ବ୍ୟାଙ୍କ ବାଙ୍ଗାଲୋର ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏମ୍.ଭି ରାଓ ଭୁବନେଶ୍ୱରର ରୁଡସେଟ୍ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ପ୍ରତିଷ୍ଠାନରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ସେ ସମ୍ବର୍ଦ୍ଧିତ କରିଛନ୍ତି। ୨୦୧୭-୧୮ରେ ରୁଡସେଟ୍ ୧୧୩୭ ବେରୋଜଗାର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରାଇଥିବା ପ୍ରତିଷ୍ଠାନର ନିର୍ଦ୍ଦେଶକ ନିରୋଜ କୁମାର ଦୋରା ଏହି ଅବସରରେ ସୂଚନା ଦେଇଛନ୍ତି। ଯୁବତୀଯୁବକଙ୍କୁ ସ୍ୱାବଲମ୍ବନ କରିବା ଦିଗରେ କାନାରା ବ୍ୟାଙ୍କ ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ ରହିଥିବା ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସିଲେଇ ମେଶିନ ବଣ୍ଟନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ଆଲୁମିନିୟମ ଉପଯୋଗ ୭.୨ ନିୟୁତ ଟନ୍‌କୁ ବୃଦ୍ଧି ଘଟିବ

**ଭୁବନେଶ୍ୱର,୨୨-୧୦**




ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ଆଲୁମିନିୟମ ଉପଯୋଗ ପରିମାଣ ଦୁଇଗୁଣ ହେବ। ଏହା ବର୍ତ୍ତମାନ ୩. ୬ ନିୟୁତ ଟନ୍ ଥିବା ବେଳେ ୭.୨ ନିୟୁତ ଟନ୍‌କୁ ବୃଦ୍ଧି ଘଟିବ। ଏପରି ସ୍ଥିତିରେ ଆନୁସଙ୍ଗିକ ଉଦ୍ୟୋଗଗୁଡିକ ଉପରେ ଗୁରୁତ୍ୱ ପ୍ରଦାନ କରିବାର ବିଶେଷ ଆବଶ୍ୟକତା ରହିଛି। ଏହା ନ ହେଲେ ଆଗାମୀ ଦିନରେ ଭାରତକୁ ୫ ବିଲିୟନ ଡଲାର ମୂଲ୍ୟର ଆନୁଷଙ୍ଗିକ ଉତ୍ପାଦ ଆମଦାନୀ କରିବାକୁ ପଡିବ। ନୂଆଦିଲ୍ଲୀଠାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏବଂ ଜବାହରଲାଲ ନେହେରୁ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର(ଜେଏନ୍‌ଆରଡିସି) ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଆଲୁମିନିୟମ ନେଟୱର୍କ ସମ୍ମେଳନ ୨୦୧୮ କାର୍ଯ୍ୟକ୍ରମରେ ଯୋଗଦେଇ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହା କହିଛନ୍ତି।

ଘରୋଇ ଆଲୁମିନିୟମ ଶିଳ୍ପ ବର୍ତ୍ତମାନ ଉତ୍ପାଦନ ଲାଗି ବ୍ୟୟର ସର୍ବୋଚ୍ଚ ସ୍ଥାନରେ ରହିଛି। ଉଚ୍ଚ ମୂଲ୍ୟଯୁକ୍ତ ଏବଂ ଉଚ୍ଚ ମାନର ଆନୁଷଙ୍ଗିକ ଉତ୍ପାଦର ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଥିବା ଚାନ୍ଦ କହିଛନ୍ତି। ଆନୁସଙ୍ଗିକ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହନ, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡିକରେ ନିଯୁକ୍ତି ସୃଷ୍ଟିର ଭୂମିକା, ଏମ୍‌ଏସ୍‌ଏମ୍‌ଇ ବିକାଶ ଏବଂ ବୈଷୟିକ ଜ୍ଞାନ କୌଶଳ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆନୁଷଙ୍ଗିକଶିଳ୍ପଗୁଡିକର ବିକାଶ ଦିଗରେ ନାଲ୍‌କୋର ଭୂମିକାକୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅତିରିକ୍ତ ସଚିବ କେ.ରାମେଶ୍ୱର ରାଓ ପ୍ରଶଂସା କରିଥିଲେ।

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for Hiring of Advertising Agency and Comprehensive Annual Maintenance Contract for **CCTV Cameras**, last date for receipt of e-tenders are **13.11.2018** and **14.11.2018** respectively.

**- Director**

**PARADIP PORT TRUST**

**CORRIGENDUM TO E-TENDER CALL NOTICE NO.EM/MM/P/GAS-02/2018/ 1809TDR175, DT.24.09.2018 FOR SUPPLY OF INDUSTRIAL OXYGEN AND DISSOLVED ACETYLENE GAS**

The due date of submission of Tender & opening of Technical Bid is hereby further extended as below. 1. Last date of submission of tender up to 05:00 PM of **Dt.12.11.2018**, 2. Opening of Technical Bid at 03:30 PM of **Dt.14.11.2018.** All other terms and conditions in the original tender remained unaltered. For details, log on to our website **https://eprocure.gov.in/ eprocure/app** or contact the office of the undersigned. **Sr. Dy. Materials Manager**
**PPT/PR/417/18-19 Dt.16.10.2018**

**PARADIP PORT TRUST**

**e-TENDER CALL NOTICE**

Name of the work : **"Supply, Installation & Commissioning of Hot Dip Galvanized Lattice Transit Towers for Night Navigation"**. Estimated cost : **Rs.1,73,71,530/-**, Last date & time of submission of bid : **05.11.2018** up to **17:00 hrs.** Refer our website for details https://eprocure.gov.in/eprocure/app.

**Executive Engineer (PED-III)**
**PPT/PR/420/18-19, DT.22.10.2018**

**BHUBANESWAR MUNICIPAL CORPORATION**

**No:35282 Dt.22.10.2018**

**Corrigendum Notice to the auction sale notice No. 35091 dt. 20.10.2018**

The last date of receipt of the sealed quotation may be read as 30.10.2018 up to 5.00 PM instead of 29.10.2018 up to 5.00 PM. All other things of the notice are remain unaltered.

Executive Engineer
Bhubaneswar Municipal Corporation

**Progress Through Partnership for a Better Bhubaneswar**

**WALK-IN-INTERVIEW**

Walk-in-interview for the following Posts at Paradip College, Paradip on 28.10.2018 at 10 A.M.

1. Lecturers in English, History, Economics, Botany (Guest Faculty) & I.T. (Contractual)
   Qualification: Minimum 55% in P.G. & M.C.A. for IT
2. Lab. Assistants in Physics, Chemistry, Botany & Zoology (Contractual). Qualification-B.Sc.
3. Lab. Attendant in Botany (Contractual), Qualification: 10th Pass
4. Class-IV (2 Posts): One Male & One Female (Contractual) Qualification: 7th Pass
5. Sweeper (1 Post): (Contractual)
   Interested candidates may report for interview with their complete Bio-data & original certificates. Reporting time for all categories is strictly from 9.00 A.M. to 10.00 A.M.

**Principal-cum-Secretary**
**Paradip College, Paradip**

**BHUBANESWAR DEVELOPMENT AUTHORITY**
Akash Akash Shova Building, Sachivalaya Marg, Bhubaneswar- 751001, Visit us at: *http://bdabbsr.in/*

**"e" Procurement Notice, BID IDENTIFICTION NO.BDA/06 EE-III/2018-19**
**No: 1348 Date:20/10/2018**

Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Single cover system to be received in online mode only for the work detailed below.

| | | | |
|---|---|---|---|
| 1 | Name of work | - | Seating gallery of open air theater in buddha jayanti park, CS Pur, Bhubaneswar |
| 2 | No. of works | - | 01(one) No. |
| 3 | Estimated Cost | - | Approximate Rs.8.89 Lakh |
| | Period of Completion | - | 30 (Thirty) days |
| 4 | Tender Cost | - | Rs. 4,000/- including 12% GST(separately) |
| 5 | Date & Time of availability of Bid | - | 22.10.2018 to 5.00 P.M. of 31.10.2018 |
| 6 | Class of Contractor | - | 'D' Class & 'C' Class |

The Bidders have to participate in ONLINE bidding only. Further details can be seen from the website **http://tendersodisha.gov.in/**.

**N.B.- The quoted rate should be all inclusive but excluding G.S.T applicable under works contract.**

**Sd/-**
**Executive Engineer,**
**Division No. 111, BDA**

## ସଂକ୍ଷେପରେ

### ମଣିପୁର, ଉତ୍ତରାଖଣ୍ଡ, ନାଗାଲାଣ୍ଡର ବିଜୟ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ସୀମିତ ଓଭର ଜୋନାଲ ଲିଗ୍‌ରେ ସୋମବାର ମଣିପୁର, ଉତ୍ତରାଖଣ୍ଡ, ନାଗାଲାଣ୍ଡ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୧୫ ରନରେ ମେଘାଳୟକୁ ପରାସ୍ତ କରିଛି। ମଣିପୁରର ଶୁଭମ୍ ଚୌହାନ ୧୨୬ ବଲ୍‌ରୁ ୧୦୬ ରନ ସଂଗ୍ରହ କରିଥିଲେ। ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଉତ୍ତରାଖଣ୍ଡ ୯ ଉଇକେଟରେ ସିକ୍କିମ୍‌କୁ ପରାସ୍ତ କରିଛି। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ନାଗାଲାଣ୍ଡ ୧୬୨ ରନରେ ମିଜୋରାମକୁ ହରାଇ ଦେଇଛି।

### ବାଂଲାଦେଶ ଜିତିଲା ପ୍ରଥମ ଦିନିକିଆ

**ଢାକା, ୨୨।୧୦:** ଓପନର୍ ଇମ୍ରୁଲ କାଏସ୍‌ଙ୍କ ଶତକ ବଳରେ ଘରୋଇ ବାଂଲାଦେଶ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେକୁ ୨୮ ରନରେ ପରାସ୍ତ କରିଦେଇଛି। ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୨୭୨ ରନର ଟାର୍ଗେଟ୍‌କୁ ପିଛା କରି ଭ୍ରମଣକାରୀ ଜିମ୍ବାୱେ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୨୪୩ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ ସହ ବାଂଲାଦେଶ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି।

### ବେଙ୍ଗାଲୁରୁ ବିଜୟୀ

**ପୁଣେ, ୨୨।୧୦ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍‌ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫସି ୩-୦ ଗୋଲରେ ଏଫସି ପୁଣେ ସିଟିକୁ ପରାସ୍ତ କରିଛି। ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଛେତ୍ରୀ ୪୧ତମ ଓ ୪୩ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭେନେଜୁଆଲା ଷ୍ଟ୍ରାଇକର ମିକୁ ୬୪ତମ ମିନିଟ୍‌ରେ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ସୋମବାର ଏହି ବିଜୟ ଦ୍ୱାରା ବେଙ୍ଗାଲୁରୁ ଏଫସି ୭ ପଏଣ୍ଟ ସହ ନର୍ଥ ଇଷ୍ଟ ୟୁନାଇଟେଡଠାରୁ ଗୋଲ ବ୍ୟବଧାନ ଭିତ୍ତିରେ ଟେବୁଲରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପୁଣେ ତିନୋଟି ମ୍ୟାଚ ପରେ ମାତ୍ର ଏକ ପଏଣ୍ଟ ଅର୍ଜନ କରିପାରିଛି।

### ଅଗ୍ରଣୀ ବଜାୟ ରଖିଲା ଭାରତ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି):** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଭାରତ-ଚାଇନା ଚେସ୍ ସମ୍ମିଳନୀର ସୋମବାର ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ଭାରତ ଅଗ୍ରଣୀ ବଜାୟ ରଖିଛି। ୭ମ ରାଉଣ୍ଡ ଶେଷସୁଦ୍ଧା ଭାରତ ୮ ଓ ଚାଇନା ୬ ମ୍ୟାଚ ପଏଣ୍ଟ ପାଇଛି। ଫଳରେ ଭାରତ ବିଜେତା ହେବାର ସମ୍ଭାବନା ବଢ଼ିଛି। ସୋମବାର ୪ଟି ଯାକ ମ୍ୟାଚ ଡ୍ରରେ ଶେଷ ହୋଇଥିଲା। ପ୍ରଥମ ବୋର୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର(ଜିଏମ) ଆର୍ଯ୍ୟନ ଚୋପ୍ରା ଚାଇନା ଜିଏମଲୁ ସାଙ୍ଗଲେଇଙ୍କୁ ଭେଟିଥିବାବେଳେ ଦ୍ୱିତୀୟ ବୋର୍ଡରେ ମୁରଲୀ କାର୍ତ୍ତିକେୟନ-ଜୁ ଜିଆଙ୍ଗୟୁ, ତୃତୀୟ ବୋର୍ଡରେ ଶ୍ରୀନାଥ ନାରାୟଣ-ବାଇ ଜିନ୍‌ଶି ଏବଂ ୪ର୍ଥ ବୋର୍ଡରେ ଅରବିନ୍ଦ ଚିଦାମ୍ବରମ-ଜୁ ୟିଙ୍ଗଲୁନ୍‌ଙ୍କ ମଧ୍ୟରେ ମୁକାବିଲା ହୋଇଥିଲା।



> ଏଥର ଇଣ୍ଡିଆନ ସୁପର ଲିଗ୍‌ରେ ଆମର ଏକ ନୂଆ ଦଳ ଅଂଶଗ୍ରହଣ କରିଛି। ଏଥର ଆମେ ଭିନ୍ନ ଷ୍ଟାଇଲରେ ଖେଳିବୁ।
>
> -ଯୋଶେଫ୍ ଗୋମ୍ବାଉ, ଦିଲ୍ଲୀ ଡାଇନାମୋସ କୋଚ୍

> ତିନିମାସ ହେଲା ମୋ ହାତରେ ଯନ୍ତ୍ରଣା ରହିଥିଲେ ମଧ୍ୟ ସୁଇସ୍ ଓପନରେ ଅଂଶଗ୍ରହଣ ଲାଗି କୌଣସି ଅସୁବିଧା ନାହିଁ।
>
> -ରୋଜର ଫେଡେରର, ସୁଇସ୍ ଟେନିସ ଖେଳାଳି



# ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ ୨୫ରେ

**କଟକ ଅଫିସ, ୨୨।୧୦**

- ନିମପୁର ଗ୍ରାଉଣ୍ଡ ଅନୁଧ୍ୟାନ କଲେ ଏସିପି
- ଜାତୀୟ ଜର୍ସିରେ ଜାଫର, ଲିଙ୍ଗରାଜ
- ଦୁଇ ଦଳ ୨୪ରେ ଅଭ୍ୟାସ ପାଇଁ ପହଞ୍ଚିବେ

ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍ ଆସନ୍ତା ୨୫ରେ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଦୃଷ୍ଟିହୀନ କ୍ରିକେଟ କ୍ଷେତ୍ରରେ ଓଡ଼ିଶାରେ ଏହା ହେଉଛି ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ । ପୂର୍ବରୁ ୨୦୧୭ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପରେ କିଟ୍ ଗ୍ରାଉଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଏକ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଭାରତ ୯ ଉଇକେଟରେ ବିଜୟୀ ହୋଇଥିଲା।

ତେବେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଦିଲ୍ଲୀରେ ଖେଳାଯାଉଥିବାରୁ କଟକରେ ହେବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ଟି ସିରିଜ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରହିବ। ସିରିଜର ୩ୟ ତଥା ଅନ୍ତିମ ମ୍ୟାଚ ୨୭ ତାରିଖରେ କୋଲ୍‌କାତାରେ ଖେଳାଯିବ । ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ସୋମବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡକାଯିବା ସହ ମ୍ୟାଚ୍ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ମ୍ୟାଚ୍‌ରେ ଭାରତ ଜର୍ସିରେ ଦୁଇ ଓଡ଼ିଆ ତାରକା ଖେଳାଳିଙ୍କୁ ଦେଖିବାକୁ ମିଳିବ। ଜାତୀୟ ଦଳରୁ ସର୍ବାଧିକ ମ୍ୟାଚ୍ ଖେଳିଥିବା ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକ୍‌ବାଲ ଓ ନବାଗତ ଅଲରାଉଣ୍ଡର ଲିଙ୍ଗରାଜ ରାଉତରା ଜାତୀୟ ଦଳରେ ରହିଛନ୍ତି। ଜାଫର ଇକ୍‌ବାଲ ସମ୍ମିଳନୀରେ ଉପସ୍ଥିତ ରହି କହିଥିଲେ ଯେ, ଘରୋଇ ମାଟିରେ ଭାରତ ମ୍ୟାଚ୍‌କୁ ଜିତିବାକୁ ଚେଷ୍ଟା କରିବ। ଦୁଇଜଣ ଯାକ ଓଡ଼ିଆ ଖେଳାଳି ବ୍ୟକ୍ତିଗତ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବେ । ପୋଲିସ ଏସିପି ତ୍ରିନାଥ ମିଶ୍ର ଖେଳାଳିମାନଙ୍କ ସୁରକ୍ଷା ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଗ୍ରାଉଣ୍ଡ ପରିଦର୍ଶନ ମଧ୍ୟ କରିଥିଲେ। ୨ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହିବାର ଆଶା ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ବାହିନୀ ମୁତୟନ କରାଯିବ ବୋଲି ଏସିପି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ୨୪ ତାରିଖ ପୂର୍ବାହ୍ନରେ ଉଭୟ ଭାରତ ଓ ଶ୍ରୀଲଙ୍କା ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ସେହିଦିନ ମଧ୍ୟାହ୍ନ ୧୨.୩୦ରେ ନିମପୁର ଗ୍ରାଉଣ୍ଡରେ ଅଭ୍ୟାସ ନିମନ୍ତେ ପହଞ୍ଚିବେ । ଭୁବନେଶ୍ୱରର ଜିଞ୍ଜର ହୋଟେଲରେ ଉଭୟ ଦଳର ରହଣି ବ୍ୟବସ୍ଥା କରାଯାଇଛି। ୨୫ ତାରିଖ ପୂର୍ବାହ୍ନ ୯ଟାରେ ମ୍ୟାଚ୍ ଆରମ୍ଭ ହେବା ବେଳେ ଦୂରଦର୍ଶନରେ ଏହାର ସିଧାପ୍ରସାରଣ କରାଯିବ। କ୍ରିକେଟ ଆସୋସିଏଶନ ଫର ଭିଜିବୁଲ ଏମ୍ପାୟର୍ଡ(କାଭି), କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ ଇଣ୍ଡିଆ(କାବି) ଓଡ଼ିଶା, ରାଜ୍ୟ କ୍ରୀଡ଼ା ଏବଂ ଯୁବ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମ୍ୟାଚ୍ ଆୟୋଜନ ହେଉଛି। ସମ୍ମିଳନୀରେ କାଭି ଓଡ଼ିଶା ଉପସଭାପତି ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ଏସିପି ତ୍ରିନାଥ ମିଶ୍ର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

### ବଜରଙ୍ଗଙ୍କୁ ରୌପ୍ୟ, ଓଟୋଗୁରୋ ଜାପାନର ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ

**ବୁଦାପେଷ୍ଟ (ହଙ୍ଗେରୀ), ୨୨।୧୦ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ଭାରତୀୟ ବକ୍ସର ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିବା ଲାଗି ବଜରଙ୍ଗ ପୁନିଆ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଅଧୁରା ହୋଇ ରହିଯାଇଛି। ସୋମବାର ଅନୁଷ୍ଠିତ ୬୫କେଜି ଶ୍ରେଣୀ ଫାଇନାଲରେ ୨୪ ବର୍ଷୀୟ ବଜରଙ୍ଗ ଜାପାନର ୧୯ ବର୍ଷୀୟ ଟାକୁଟୋ ଓଟୋଗୁରୋଙ୍କ ନିକଟରୁ ୧୬-୯ ବ୍ୟବଧାନରେ ପରାଜିତ ହୋଇଯାଇଥିଲେ। ବଜରଙ୍ଗ ଚତୁର୍ଥ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିଲେ। ଓଟୋଗୁରୋ ତାଙ୍କ ବାମ ଗୋଡ଼ ଉପରେ ବାରମ୍ବାର ଆକ୍ରମଣ କରି ଲଢେଇରେ ସହଜ ବିଜୟ ହାସଲ କରିଥିଲେ। ବିଶ୍ୱ ଚାମ୍ପିୟନ ହେବାରେ ଓଟୋଗୁରୋ ଜାପାନର ସର୍ବକନିଷ୍ଠ ବକ୍ସର ଭାବେ ବିବେଚିତ ହୋଇଛନ୍ତି। ପୂର୍ବରୁ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା କିମ୍ବଦନ୍ତୀ ୟୁଜି ଟାକାଡା ୧୯୭୪ରେ ଜାପାନର ସର୍ବ କନିଷ୍ଠ ବକ୍ସର ଭାବେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ସେତେବେଳେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା।



ଜାତୀୟ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

# ଜାତୀୟ ବେଞ୍ଚ୍‌ପ୍ରେସ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ନଭେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଲୋନାଭେଲାଠାରେ ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଉତ୍କଳ କରାଟେ ସ୍କୁଲରେ ହୋଇଥିବା ଚୟନ ପ୍ରକ୍ରିୟାରେ ୧୯ ଖେଳାଳି ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୁଷ ବିଭାଗରେ ୧୮ ପ୍ରତିଯୋଗୀ ସାମିଲ। ଏକମାତ୍ର ମହିଳା ଭାବେ ଚନ୍ଦ୍ରବଦନୀ ମହନ୍ତ ଏଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ମନୋନୀତ ପୁରୁଷ ପ୍ରତିଯୋଗୀମାନେ ହେଲେ ମହମ୍ମଦ ଆବିଦ, କେ.ଦୋରା, ମହମ୍ମଦ ଜାବେଦ ଅରସାଦ, ରାକେଶ ଭୁକ୍ତା, ରାକେଶ କୁମାର ଶତପଥୀ, ଅଭିଷେକ କର, ବିଚିତ୍ର ନାୟକ, ସୁନୀଲ ନାୟକ, ବିଭୂତି ଭୂଷଣ ଭଞ୍ଜ, ଆଶିଷ ମଲିଆ, ପ୍ରଫୁଲ୍ଲ ଅମଲତ୍ୟା, ଦିବାକର ଗୋଛାୟତ, ନାରାୟଣ ସେଠୀ, ସୁଦାମ ସିଂ, ବିଶ୍ୱଜିତ ଜେନା, ସୁଜିତ କୁମାର ଗିରି, ଭାସ୍କର ବେହେରା ଓ ରାଜେନ୍ଦ୍ର ପରିଡ଼ା। ଚୟନ ଶିବିରକୁ ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ କୁମାର ବାରିକ, ପ୍ରଦୀପ କୁମାର ପାତ୍ର, ଗୌରୀ ମହାନ୍ତି, ଡ. ହରିପ୍ରସାଦ ପଟ୍ଟନାୟକ ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଅଶ୍ୱିନ, ରାହାନେ, କାର୍ତ୍ତିକଙ୍କ ପାଇଁ ସୁଯୋଗ

**ନୂଆଦିଲ୍ଲୀ, ୨୨।୧୦(ପି.ଟି.)**

ମଙ୍ଗଳବାରଠାରୁ ଖେଳାଯିବାକୁଥିବା ଦେଓଧର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ପୃଥ୍ୱୀ ଶ'ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। କିନ୍ତୁ ଦିନିକିଆ ଫର୍ମାଟରେ ଟିକି ରହିବାକୁ ହେଲେ ଅଜିଙ୍କ୍ୟ ରାହାନେ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସିନିୟର ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତା ବର୍ଷ ବିଶ୍ୱକପ୍ ଖେଳିବା ପୂର୍ବରୁ ଭାରତ ହାତରେ ଆଉ ମାତ୍ର ୧୭ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ରହିଛି। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବାକୁ ହେଲେ ଷ୍ଟାର ଖେଳାଳିମାନଙ୍କୁ ସ୍ଥିର ପ୍ରଦର୍ଶନ ବଜାୟ ରଖିବାକୁ ହେବ। ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଆସୁଥିବା ଯୁବ ଖେଳାଳିମାନଙ୍କ ଲାଗି ମଧ୍ୟ ସୁଯୋଗ ରହିଛି। ଦେଓଧର ଟ୍ରଫିରେ ଭଲ ପ୍ରଦର୍ଶନ କରିପାରିଲେ ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯିବାକୁ ଥିବା ଭାରତ ଏ' ଦଳରେ ସ୍ଥାନ ମିଳିପାରେ। ଅଶ୍ୱିନଙ୍କ ଟେଷ୍ଟ ପାର୍ଟନର ରବୀନ୍ଦ୍ର ଜାଡେଜା ଇତିମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିବାରେ ସମର୍ଥ ହୋଇପାରିଛନ୍ତି। ଅଶ୍ୱିନ ୨୦୧୭ ଜୁଲାଇଠାରୁ ଭାରତ ତରଫରୁ ଅନ୍ତର୍ଜାତୀୟ ଦିନିକିଆ ଖେଳିନାହାନ୍ତି। ଭାରତର ସ୍ପିନ ବିଭାଗ ଏକପ୍ରକାର ସ୍ଥିର ହୋଇଯାଇଥିବା ମନେ ହେଉଛି। ତେଣୁ ବିଶ୍ୱକପ୍ ୨୦୧୯ ପୂର୍ବରୁ ହ୍ୱାଇଟ୍ ବଲ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଅଶ୍ୱିନଙ୍କୁ ଆଖିଦୃଶିଆ ପ୍ରଦର୍ଶନ କରିବାକୁ ହେବ। ଇଣ୍ଡିଆ ଏ' ଟିମ୍‌ରେ ତାଙ୍କ ଅଧିନାୟକ ତଥା ତାମିଲନାଡୁ ଟିମ୍‌ମେଟ ଦୀନେଶ କାର୍ତ୍ତିକଙ୍କର ମଧ୍ୟ ସମାନ ପରିସ୍ଥିତି। ଦୀନେଶ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରୁ ବାଦ୍ ପଡ଼ିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଯେଉଁ ସୁଯୋଗ ମିଳିଥିଲା ସେଥିରେ ସେ ସେତେଟା ଖରାପ ପ୍ରଦର୍ଶନ କରି ନାହାନ୍ତି। କିନ୍ତୁ ନିଦାହାସ ଟ୍ରଫି ଫାଇନାଲରେ ମ୍ୟାଚ ବିଜୟୀ ଶେଷ ବଲ୍ ଛକାପରଠାରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିନାହାନ୍ତି। ତାଙ୍କ ସ୍ଥାନରେ ଆସିଥିବା ରିଷଭ ପନ୍ତ ପ୍ରଭାବୀ ପ୍ରଦର୍ଶନ କରିପାରିଛନ୍ତି। ଆସନ୍ତା ମାସରେ ଅଷ୍ଟ୍ରେଲିଆ ଟୁର୍ ପାଇଁ ଦଳରେ ସ୍ଥାନ ପାଇବାକୁ ହେଲେ କାର୍ତ୍ତିକଙ୍କୁ ଦେଓଧର ଟ୍ରଫିରେ ଭଲ କରି ଦେଖାଇବାକୁ ହେବ। ଇଂଲଣ୍ଡ ଟୁର୍ ବେଳେ ଉପେକ୍ଷିତ ହୋଇଥିବା ନୂଆ ପ୍ରତିଭା ଶ' ଓ କରୁଣ ନାୟାରଙ୍କୁ ଭାରତ ଏ' ଦଳରେ ସ୍ଥାନ ମିଳିବା ପ୍ରାୟ ନିଶ୍ଚିତ।

#### ଦେଓଧର ଟ୍ରଫି ଆଜିଠାରୁ

**ଇଣ୍ଡିଆ ଏ' ଦଳ:** ଦୀନେଶ କାର୍ତ୍ତିକ (ଅଧିନାୟକ ଓ ଉଇକେଟ କିପର), ପୃଥ୍ୱୀ ଶ', ଅମୋଲପ୍ରୀତ ସିଂ, ଅଭିମନ୍ୟୁ ଈଶ୍ୱରନ, ଅଙ୍କିତ ବାଓନେ, ନୀତିଶ ରାଣା, କରୁଣ ନାୟାର, କ୍ରୁନାଲ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ଶ୍ରେୟାସ ଗୋପାଲ, ଶାମ୍ସ ମୁଲାନୀ, ମହମ୍ମଦ ସିରାଜ, ଧାୱଲ କୁଲକର୍ଣ୍ଣୀ, ସିଦ୍ଧାର୍ଥ କାଉଲ।

**ଇଣ୍ଡିଆ ବି' ଦଳ:** ଶ୍ରେୟାସ ଆୟାର (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରୀତୁରାଜ ଗାଏକ୍ୱାଡ, ପ୍ରଶାନ୍ତ ଚୋପ୍ରା, ହନୁମା ବିହାରୀ, ମନୋଜ ତିୱାରୀ, ଅଙ୍କୁଶ ବେନ୍ସ (ଉଇକେଟକିପର), ରୋହିତ ରାୟୁଡୁ, କେ. ଗୋଥାମ, ମୟଙ୍କ ମାର୍କଣ୍ଡେ, ଏସ. ନଦୀମ, ଦୀପକ ଚହର, ବରୁଣ ଆରୋନ, ଜୟଦେବ ଉନାଡ୍‌କଟ।

**ଇଣ୍ଡିଆ ସି' ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ଅଭିନବ ମୁକୁନ୍ଦ, ଶୁଭମ ଗିଲ୍, ସୁରେଶ ରାଇନା, ସୂର୍ଯ୍ୟକୁମାର ଯାଦବ, ଇଶାନ କିଷାନ (ଉଇକେଟକିପର), ବିଜୟ ଶଙ୍କର, ୱାଶିଂଟନ ସୁନ୍ଦର, ରାହୁଲ ଚହର, ପପୁ ରୟ, ନବଦୀପ ସଇନି, ରାଜନୀଶ ଗୁରବାଣୀ, ଉମର ନାଜିର।

# ଜାତୀୟ ଦଳରେ ସୋନି, ଯବାମଣି


ଯବାମଣି ଟୁଡୁ


ସୋନି ବେହେରା

**କଟକ ଅଫିସ,୨୨।୧୦**

ଅକ୍ଟୋବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡଠାରେ ଏଏଫସି ୧୯ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏହି ଚାମ୍ପିୟନଶିପ୍ ନିମନ୍ତେ ଘୋଷିତ ଜାତୀୟ ଦଳରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ କଟକ ସାଇ କେନ୍ଦ୍ରର ସୋନି ବେହେରା ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ଯବାମଣି ଟୁଡୁ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୋଚ୍ ଭାବେ ସିନିୟର କ୍ୟାମ୍ପରେ ଲାଜରୁସ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**



ଓଡ଼ିଶା ହକିର ଅନ୍ୟତମ କିମ୍ବଦନ୍ତୀ ଖେଳାଳି ଅଲିମ୍ପିଆନ ଲାଜରୁସ ବାର୍ଲା ଏବେ କ୍ୟାରିୟରରେ ଆଉ ଏକ ଗୁରୁଦାୟିତ୍ୱ ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଭାରତୀୟ ସିନିୟର ହକି ଦଳର କ୍ୟାମ୍ପରେ ସେ କୋଚ୍‌ଭାବେ ଯୋଗ ଦେଇଛନ୍ତି। ଲାଜରୁସ ପ୍ରଥମଥର ପାଇଁ ସିନିୟର ଦଳର କୋଚ୍ ଦାୟିତ୍ୱ ପାଇଛନ୍ତି। ଜୁନିୟର ହକି ବିଶ୍ୱକପ ପୂର୍ବରୁ ସେ ଜୁନିୟର ହକି ଦଳର କୋଚ୍ ଦାୟିତ୍ୱରେ ଥିଲେ। ଏବେ ପ୍ରଥମ ଓଡ଼ିଆଭାବେ ସିନିୟର ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହେବ। ଭାରତୀୟ ଦଳ ଏବେ ଓମାନରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳୁଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର କ୍ୟାମ୍ପ ସେପ୍ଟେମ୍ବର ୧୬ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। କ୍ୟାମ୍ପରେ ଯୋଗ ଦେଇଥିବା ୨୬ ଖେଳାଳିଙ୍କ ମଧ୍ୟରୁ ଏବେ ୧୮ ଜଣ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଖେଳୁଛନ୍ତି। ଅବଶିଷ୍ଟ ଖେଳାଳିମାନେ ଏବେ କଳିଙ୍ଗ ଷ୍ଟାଡିୟମ କ୍ୟାମ୍ପରେ ଅଭ୍ୟାସ କରୁଛନ୍ତି। ଏସିଆନ ଚାମ୍ପିୟନ୍ସ ଟ୍ରଫି ପରେ ସମସ୍ତ ଖେଳାଳି ପୁଣି କ୍ୟାମ୍ପରେ ଯୋଗଦେବେ। ଚଳିତମାସ ୩୧ ପର୍ଯ୍ୟନ୍ତ କ୍ୟାମ୍ପ ଚାଲିବ। ଲାଜରୁସ ଗତ ୧୫ ତାରିଖରୁ କ୍ୟାମ୍ପରେ ଯୋଗ ଦେଇଥିବା ସୂଚନା ଦେଇଛନ୍ତି। ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଯାଇ ନ ଥିବା ପିଲାଙ୍କୁ ନେଇ କ୍ୟାମ୍ପ ଚାଲିଛି। ଏହି ପ୍ରତିଯୋଗିତା ସରିଯିବାପରେ ସବୁ ଖେଳାଳିଙ୍କୁ ନେଇ କ୍ୟାମ୍ପରେ ଅଭ୍ୟାସକୁ ଜୋରଦାର କରାଯିବ ବୋଲି ଲାଜରୁସ କହିଛନ୍ତି।

# ସାଇକେଲ ରେସିଂରେ ରାଜୀବଙ୍କ କୃତିତ୍ୱ

**ବ୍ରହ୍ମପୁର ଅଫିସ,୨୨।୧୦**

ଚେନ୍ନାଇଠାରେ ରବିବାର ଇଭେଣ୍ଟ ଜିଙ୍ଗିଙ୍ଗ ପକ୍ଷରୁ ଅନୁଷ୍ଠିତ ଜାତୀୟସ୍ତରୀୟ ଡବ୍ଲ୍ୟୁସିସିଜି ଟୁ ଷ୍ଟେଟ ସାଇକେଲ ରେସିଂ ୨୦୧୮-୧୯ ପ୍ରତିଯୋଗିତାରେ ଭାଗନେଇ ଗଞ୍ଜାମ ଜିଲାର ଜଣେ ଯୁବକ କୃତିତ୍ୱ ହାସଲ କରିଛନ୍ତି। ସେ ହେଲେ ଆସିକା ବ୍ଲକ କର୍ଣ୍ଣୋଳି ଗ୍ରାମର ରାଜୀବ ଲୋଚନ ଗୌଡ। ରବିବାର ସକାଳେ ହୋଇଥିବା ପ୍ରତିଯୋଗିତାରେ ଅନ୍ୟ ପ୍ରତିଯୋଗୀଙ୍କ ସହ ରାଜୀବ ଚେନ୍ନାଇରୁ ତିରୁପତି ଯାଇ ସେଠାରୁ ଆନ୍ଧ୍ରପ୍ରଦେଶ ସୀମାଦେଇ ପୁଣି ଚେନ୍ନାଇକୁ ଫେରିଥିଲେ। ଏହି ୨୨୫ କିମି ପଥକୁ ୧୫ ଘଣ୍ଟା ମଧ୍ୟରେ ସାଇକେଲରେ ଅତିକ୍ରମ କରିବାକୁ ଥିବା ବେଳେ ରାଜୀବ ୧୨ ଘଣ୍ଟା ୧୫ ମିନିଟରେ ଅତିକ୍ରମ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ ୧୭ଟି ରାଜ୍ୟରୁ ଆସିଥିବା ୧୮୦ ପ୍ରତିଯୋଗୀଙ୍କ ମଧ୍ୟରେ ରାଜୀବ ୧୨ ନମ୍ବରରେ ରହି ଓଡିଶା ତଥା ଗଞ୍ଜାମ ଜିଲା ପାଇଁ ଗୌରବ ଆଣିଛନ୍ତି । ଏଥିପାଇଁ ରାଜୀବ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରୱର୍ତ୍ତୀ ସିଂ ରାଠୋରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସଫଳତା ପାଇଁ ତାଙ୍କ ବନ୍ଧୁ ଶଙ୍କର ଗୌଡ, ଦିବ୍ୟାଂଶୁ ଗୌଡ ସହଯୋଗ କରିଥିବା ସେ କହିଛନ୍ତି। ବିଏମସିର ଓଡିଆରପି ଅଫିସରେ ରାଜୀବ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ମେ ୧୩ ତାରିଖରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାହ୍ୟମଳ ମୁକ୍ତ ଅଭିଯାନ ବାର୍ତ୍ତାନେଇ ପ୍ରଥମେ ସାଇକେଲରେ ଭୁବନେଶ୍ୱର ଯାତ୍ରା କରିଥିଲେ। ୧୮୬ କିମି ପଥକୁ ୧୦ ଘଣ୍ଟାରେ ଅତିକ୍ରମ କରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ସାକ୍ଷାତ କରିଥିଲେ। ୨୦୧୬ ସେପ୍ଟେମ୍ବର ୧୧ ତାରିଖରେ ଗୋପାଳପୁରଠାରୁ ଆସିକା ରାସ୍ତାକୁ ୬ ଘଣ୍ଟା ୯ ମିନିଟରେ ମାରାଥନରେ ଅତିକ୍ରମ କରିଥିଲେ ।

#### ୧୨ ଘଣ୍ଟା ୧୫ ମିନିଟରେ ଅତିକ୍ରମ କଲେ ୨୨୫ କିମି

୨୦୧୭ ଜାନୁୟାରୀ ୮ତାରିଖରେ ଭୁବନେଶ୍ୱରଠାରେ ହୋଇଥିବା ଟାଟା ଷ୍ଟିଲ ଭୁବନେଶ୍ୱର ହାଫ ମାରାଥନରେ ଭାଗନେଇ ୨୧ କିମି ପଥକୁ ୧ ଘଣ୍ଟା ୪୫ ମିନିଟରେ ଅତିକ୍ରମ କରି ରାଜ୍ୟସ୍ତରରେ ନିଜ ପରିଚୟ ସୃଷ୍ଟି କରିଥିଲେ। ୨୦୧୮ ଜାନୁୟାରୀ ୨୧ରେ ମୁମ୍ବାଇଠାରେ ଅନୁଷ୍ଠିତ ଟାଟା ମୁମ୍ବାଇ ୱାଲ୍ଡ ଫୁଲ ମାରାଥନରେ ଭାଗନେଇ ୪୨ କିମି ପଥକୁ ୪ ଘଣ୍ଟା ୧୭ ମିନିଟରେ ଅତିକ୍ରମ କରି ଜାତୀୟସ୍ତରରେ ପରିଚିତ ହୋଇଥିଲେ।



ଆୟୋଜକଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି ରାଜୀବ।

ୱେଷ୍ଟଇଣ୍ଡିଜର ସିମରନ ହେଟମେର ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଅନ୍ୟତମ ଦାମୀ ଖେଳାଳି ଭାବେ ଆବିର୍ଭାବ ହୋଇପାରନ୍ତି ।

–ହରଭଜନ ସିଂ, ଭେଟେରାନ ସ୍ପିନର



କୋହଲି ଓ ରୋହିତ ଫର୍ମରେ ଥିଲେ ୱେଷ୍ଟଇଣ୍ଡିଜ ଯଦି ୪୦୦ ରନ କରେ, ଭାରତ ବିଜୟ ଲକ୍ଷ୍ୟ ହାସଲ କରିନେବ ।

–ବ୍ରାଏନ ଲାରା, ମହାନ୍ ୱେଷ୍ଟଇଣ୍ଡିଜ୍ କ୍ରିକେଟର



## ସଂକ୍ଷେପରେ

### ଜାମସେଦଙ୍କ ବାସନ୍ଦ ଦଣ୍ଡ କାଏମ ରହିଲା



**ଲାହୋର, ୨୨।୧୦ (ଏଏଫ୍‌ପି):** ପୂର୍ବତନ ଓପନର ନାସିର ଜାମସେଦଙ୍କ ଉପରେ ହୋଇଥିବା ୧୦ ବର୍ଷିଆ ବାସନ୍ଦ ଦଣ୍ଡକୁ ପାକିସ୍ତାନର ଏକ କ୍ରିକେଟ ଟ୍ରିବ୍ୟୁନାଲ କାଏମ ରଖିଛନ୍ତି। ବିଭିନ୍ନ ଫିକ୍ସିଂ ସ୍କାଣ୍ଡାଲରେ ଜାମସେଦଙ୍କର ବିଶେଷ ଭୂମିକା ରହିଥିଲା, ଯାହାକି ପାକିସ୍ତାନ ସୁପର ଲିଗ୍(ପିଏସ୍ଏଲ୍)ରେ ଚହଳ ସୃଷ୍ଟି କରିଥିଲା। ଅଗଷ୍ଟରେ ଏକ ଦୁର୍ନୀତି ନିରୋଧୀ ଟ୍ରିବ୍ୟୁନାଲ ଏକାଧିକ ସ୍ପଟ ଫିକ୍ସିଂ ମାମଲାରେ ଯେଉଁ ୫ଜଣ ଖେଳାଳିଙ୍କୁ ବାସନ୍ଦ କରିଥିଲା, ସେମାନଙ୍କ ମଧ୍ୟରେ ୨୮ବର୍ଷୀୟ ଜାମସେଦ ଅନ୍ୟତମ ଥିଲେ। ପିଏସ୍ଏଲ୍‌ର ଦ୍ୱିତୀୟ ସଂସ୍କରଣରେ ଘଟିଥିବା ଏହି ସ୍କାଣ୍ଡାଲରେ ସେ ମୁଖ୍ୟ ଅଭିଯୁକ୍ତ ଥିଲେ। ଜାମସେଦଙ୍କୁ ବାସନ୍ଦ ଦଣ୍ଡର ଯଥାର୍ଥତା ରହିଛି ବୋଲି ଇଣ୍ଡିପେଣ୍ଡେଣ୍ଟ ଆଡ୍‌ଜୁଡିକେଟରଙ୍କ ହୃଦୟଙ୍ଗମ ହୋଇଥିଲା। ପିଏସ୍ଏଲ୍ ସ୍ପଟଫିକ୍ସିଂ ଟ୍ରିବ୍ୟୁନାଲ ଦ୍ୱାରା ବାସନ୍ଦ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ସର୍ଜିଲ ଖାଁ, ଖଲିଦ ଲତିଫ, ମହମ୍ମଦ, ଇରଫାନ ଓ ମହମ୍ମଦ ନୱାଜ। ଅବଶ୍ୟ ଏହି ଖେଳାଳିମାନଙ୍କ ବାସନ୍ଦ ସମୟସୀମା ଭିନ୍ନ ଭିନ୍ନ ରହିଛି। ସୂଚନାଯୋଗ୍ୟ, ଜାମସେଦ ୨୦୧୫ ପର୍ଯ୍ୟନ୍ତ ପାକିସ୍ତାନ ତରଫରୁ ୨ ଟେଷ୍ଟ, ୪୮ ଅନ୍ତର୍ଜାତୀୟ ଦିନିକିଆ ଓ ୧୮ ଟି୨୦ ଖେଳିଛନ୍ତି।

# ■ ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ

# ଭାରତୀୟ ଦଳରେ ୩ ଓଡ଼ିଆ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁଠାରେ ଚଳିତମାସ ୨୫ରୁ ନଭେମ୍ବର ୩ ପର୍ଯ୍ୟନ୍ତ ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଟାଇଟଲ ବଜାୟ ରଖିବା ଭାରତର ମୁଖ୍ୟ ଲକ୍ଷ୍ୟ ରହିବ। ଜୁନିୟର ସ୍ତରର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୨୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ୩ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଟଙ୍କଧର ବାଗ୍, ଫରୱାର୍ଡ ପୁରୁଷୋତ୍ତମ କେରକେଟା ଓ ଅମନ୍ ଖାଲ୍‌କୋ। ଟଙ୍କଧର ବଲାଙ୍ଗୀର, ଅମନ ରାଉରକେଲା ଓ ପୁରୁଷୋତ୍ତମ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀ। କେବଳ ସେତିକି ନୁହେଁ, ମୁଖ୍ୟ କୋଚ୍‌ଭାବେ ଓଡ଼ିଶାର ଶୁଭେନ୍ଦୁ ପଣ୍ଡା(ଏଏଫସି–ଏ ଫୁଟବଲ କୋଚ୍)ଙ୍କୁ ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି।

ଭାରତ ଗ୍ରୁପ 'ବି'ରେ ସ୍ଥାନ ପାଇଛି ଏବଂ ପର୍ଯ୍ୟାୟରେ ପାକିସ୍ତାନ ଓ ଭୁଟାନ ସହିତ ମୁକାବିଲା କରିବ। ଦଳ ୨୫ ତାରିଖ ପ୍ରଥମ ମ୍ୟାଚରେ ପାକିସ୍ତାନ ଓ ୨୯ରେ ଭୁଟାନକୁ ଭେଟିବ। ନଭେମ୍ବର ୧ରେ ସେମିଫାଇନାଲ ଏବଂ ୩ରେ ଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ। ଆଗାମୀ ଟୁର୍ନାମେଣ୍ଟରେ ଭାରତୀୟ ଦଳର ଭଲ ପ୍ରଦର୍ଶନକୁ ନେଇ ଶୁଭେନ୍ଦୁ ବେଶ୍ ଆଶାବାଦୀ। ''ଭବିଷ୍ୟତକୁ ଦୃଷ୍ଟିରେ ରଖାଯାଇ ଭାରତୀୟ ଦଳ ମନୋନୟନ କରାଯାଇଛି। ଏଥିରେ ଭଲ ପ୍ରଦର୍ଶନ କଲେ ସେମାନେ ଭବିଷ୍ୟତରେ ସିନିୟର ଦଳରେ ଖେଳି ପାରିବେ। ଏବେ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ ପାଇଁ ସେମାନଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଛି। ଗତ ଚାଇନା ଗସ୍ତରେ ଆମ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା, ତେଣୁ ଆଗାମୀ ଟୁର୍ନାମେଣ୍ଟରେ ମଧ୍ୟ ସକାରାତ୍ମକ ପ୍ରଦର୍ଶନ ନେଇ ଆଶା ରହିଛି'' ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳି ଓ କୋଚ୍‌ଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।



ପୁରୁଷୋତ୍ତମ କେରକେଟା



ଟଙ୍କଧର ବାଗ୍



ଅମନ୍ ଖାଲ୍‌କୋ



କୋଚ୍ ଶୁଭେନ୍ଦୁ ପଣ୍ଡା

### ଭାରତୀୟ ଦଳ

ଗୋଲକିପର: ଦିପେଶ ଚୌହାନ, ସନ୍ତୋଷ ସିଂ ଇରେଙ୍ଗବାମ୍, ଫେଭିନୋ ଫର୍ନାଣ୍ଡିଜ।
ଡିଫେଣ୍ଡର: କୁଶାଙ୍ଗ ସୁବ୍ବା, ଅବଦୁଲ ହାନାନ୍, ସାଜାଦ ହୁସେନ ପାରେ, ତାନ୍‌ଟୋକ୍ ହାଙ୍ଗ ସୁବ୍ବା, ଉମାନ ଥାପା, ଅଙ୍କିତ ଟପ୍ପୋ, ଟଙ୍କଧର ବାଗ୍।
ମିଡ୍‌ଫିଲ୍ଡର: ଲାଲପେଖଲୁଆ ଜୋଙ୍ଗଟେ, ଲାଲରିନ୍‌ସାଙ୍ଗା ସାମୁଏଲ, ଲାଲରାମ୍ପାନା ପାଉତୁ, ଶୁଭୋ ପଲ୍, ନାଗମିନଲୁନ ଖୋଙ୍ଗସାଇ, ଫ୍ରେଡି ଚାଙ୍ଗଥାନ୍‌ସାଙ୍ଗା, ଜନ୍ ଶେରିଙ୍ଗ ଲେପ୍‌ଚା, ଟାଙ୍ଗଲୁଟ୍ ଲାଲଚନହିମା, ହର୍ଷ ଶୈଲେଶ ପାତ୍ରି।
ଫରୱାର୍ଡ: ଅମନ୍ ଖାଲ୍‌କୋ, ଆର୍ଯ୍ୟ ଗନ୍ଧର୍ବ, ପୁରୁଷୋତ୍ତମ କେରକେଟା, ଭାନଲାଲରୁଆତଫେଲା।
ମୁଖ୍ୟ କୋଚ୍: ଶୁଭେନ୍ଦୁ ପଣ୍ଡା।

# ଭାରତ–ଏ'କୁ ବିଜୟ ଦେଲେ ମନ୍ଧାନା

**ମୁମ୍ବାଇ, ୨୨।୧୦**

ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସଠାରେ ସୋମବାରଠାରୁ ଭ୍ରମଣକାରୀ ଅଷ୍ଟ୍ରେଲିଆ–ଏ ବିପକ୍ଷରେ ଆରମ୍ଭ ହୋଇଥିବା ମହିଳା ଟି୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ–ଏ' ଦଳ ୪ ଉଇକେଟ୍‌ରେ ଜିତିନେଇଛି। ଭାରତୀୟ–ଏ ମହିଳା କ୍ରିକେଟ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଅର୍ଦ୍ଧଶତକ ହାସଲ କରି ଦଳର ବିଜୟରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ–ଏ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ–ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୬୦ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ଟାଲିଆ ମ୍ୟାକଗ୍ରା ୨୩ ବଲରୁ ୩୧ ରନ କରି ଭଲ ପ୍ରାରମ୍ଭ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଓମି ଷ୍ଟାଲେନବର୍ଗ ୩୯ ଓ ହିଥର ଗ୍ରାହମ ୪୩ ରନ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ଅଞ୍ଜୁ ପାଟିଲ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ ଆରମ୍ଭରୁ ଜେମିମା ରୋଡ୍ରିଗୁଏଜ (୪) ଓ ତାନିଆ ଭାଟିଆ (୦)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଲରେନ୍ ଚିଟ୍‌ଲେ ଉଭୟ ବ୍ୟାଟ୍ସ୍‌ୱିମ୍ୟାନଙ୍କୁ ଲଗାତର ୨ଟି ବଲରେ ଆଉଟ୍ କରି ହ୍ୟାଟ୍ରିକ ସୃଷ୍ଟି କରିଥିଲେ। ତେବେ ମଧ୍ୟକ୍ରମରେ ମନ୍ଧାନା (୭୨ ରନ, ୪୦ ବଲ)ଓ ହରମନପ୍ରୀତ୍ କୌର (୪୫ ରନ, ୩୯ ବଲ)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ ଗୋଟିଏ ଓଭର ପୂର୍ବରୁ ୬ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ବୁଧବାର ଏହି ଗ୍ରାଉଣ୍ଡରେ ସିରିଜର ୨ୟ ମ୍ୟାଚ୍ ଖେଳାଯିବ।



ସ୍ମୃତି ମନ୍ଧାନା

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ–ଏ ଇନିଂସ**– ୧୬୦/୬, ୨୦ ଓଭର (ହିଥର ୪୩, ଷ୍ଟାଲେନବର୍ଗ ୩୯, ଅଞ୍ଜୁ ୨/୨୨)।
**ଭାରତ–ଏ ଇନିଂସ**– ୧୬୩/୬, ୧୯ ଓଭର(ମନ୍ଧାନା ୭୨, କୌର ୪୫, ଲରେନ ୨/୧୮)।

### ଭାରତ ୫–୦ରେ ସିରିଜ ବିଜୟୀ

**ଫରିଦାବାଦ, ୨୨।୧୦:** ଏଠାରେ ସୋମବାର ଖେଳାଯାଇଥିବା ୫ମ ତଥା ଅନ୍ତିମ ଦୃଷ୍ଟିହୀନ ଟି୨୦ ମ୍ୟାଚରେ ଭାରତ ୧୦ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏଥିସହିତ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନ୍ ସୁଇପ୍ କରି ବିଜୟ ହାସଲ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୫୩ ରନ କରିଥିଲା। ଏକ ସହଜ ବିଜୟ ଲକ୍ଷ୍ୟର ପିଛା କରିବାକୁ ଯାଇ ଫର୍ମରେ ଥିବା ଭାରତୀୟ ଓପନିଂ ଯୋଡ଼ି ଦୀପକ ମଲିକ ଓ ଅଜୟ ରେଡ୍ଡୀ ୬ ଓଭର ଖେଳ ବାକି ଥାଇ ଦଳକୁ ବିନା କ୍ଷତିରେ ଜିତାଇଥିଲେ। ଦୁଇ ଦଳ ବର୍ତ୍ତମାନ ଦିଲ୍ଲୀ ଯାତ୍ରା କରିଛନ୍ତି। ସେଠାରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ ମଙ୍ଗଳବାର ଖେଳାଯିବ। **ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ ଦଳ: ୨୦ ଓଭରରେ ୧୫୩/୮ (ଦେଶପ୍ରିୟ-୫୨, ଅଜୟ-୨/୨୦)।ଭାରତ ଦୃଷ୍ଟିହୀନ କ୍ରିକେଟ ଦଳ: ୧୪ ଓଭରରେ ୧୫୪/୦ (ଦୀପକ-୮୮*, ଅଜୟ-୫୩*)। ମ୍ୟାନ ଅଫ୍ ଦି ମ୍ୟାଚ- ଦୀପକ ମଲିକ।

## ■ ଗଡ଼େଶ୍ୱର ତ୍ରିକୋଣୀୟ ଗ୍ରୀନ୍ ସିଲ୍ଡ ସିରିଜ

## ସହିଦ ସ୍ପୋର୍ଟିଂ ଜିତିଲା ଶେଷ ଲିଗ୍ ମ୍ୟାଚ



ସୌମିତ୍ର ବିଶ୍ୱାଳ (ଡାହାଣ) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**

ଗଡ଼େଶ୍ୱର ତ୍ରିକୋଣୀୟ ଗ୍ରୀନ୍ ସିଲ୍ଡ ସିରିଜର ଶେଷ ଲିଗ୍ ମ୍ୟାଚରେ ସହିଦ ସ୍ପୋର୍ଟିଂ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ୩୫ ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ କ୍ରିକେଟ ଏକାଡେମୀ ୮ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ. ହିମାଂଶୁ ସର୍ବାଧିକ ୩୫ ଓ ଭବ୍ୟଜ୍ୟୋତି ବିଷୋୟୀ ୨୭ ରନ କରିଥିଲେ। ପ୍ରତିପକ୍ଷ ବୋଲରଙ୍କ ମଧ୍ୟରେ ରାଜଦୀପ ରୋହନ ଦାସ ୨ଟି ଓ ଓମ୍ ଶ୍ରୀରାମ ଦାସ ୨ଟି ଉଇକେଟ ନେଇଥିଲେ। ୧୩୯ ରନ ବିଜୟ ଲକ୍ଷ୍ୟକୁ ସହିଦ ସ୍ପୋର୍ଟିଂ ୩୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ ସୌମିତ୍ର ବିଶ୍ୱାଳ ୭୩ ଓ ଶୁଭମ୍ ପଣ୍ଡା ୩୮ ରନ ସ୍କୋର କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୌମିତ୍ର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆସନ୍ତା ୨୪ ତାରିଖରେ ସହିଦ ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

## ଅଷ୍ଟ୍ରେଲିଆ ବିଜୟୀ

**ଆବୁଧାବି, ୨୨।୧୦ (ଏଏଫ୍‌ପି):** ଅଷ୍ଟ୍ରେଲିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଏକମାତ୍ର ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡି' ଆର୍ସି ଶର୍ଟଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଅଷ୍ଟ୍ରେଲିଆ ଏଥିରେ ୭ ଉଇକେଟରେ ବିଜୟ ହାସଲ କରିଛି। ଶର୍ଟ ୫୩ ବଲ୍‌ରେ ୮ଚୌକା ସହ ୬୮ରନ କରି ଅପରାଜିତ ରହିଥିଲେ। ୟୁଏଇକୁ ପ୍ରଥମେ ୧୧୭/୬ରେ ସୀମିତ ରଖିଥିବା ଅଷ୍ଟ୍ରେଲିଆ ୧୬.୧ ଓଭରରେ ୧୧୮ରନର ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଥିଲା। ଆରୋନ ଫିଞ୍ଚ୍ (୧) ଓ କ୍ରିସ୍ ଲିନ (୨୦)ଙ୍କ ଉଇକେଟ ପତନ ପରେ ଶର୍ଟ ବ୍ୟାଟିଂ କରିବାକୁ ଆସିଥିଲେ। ଆବୁଧାବିଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପାକିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ଲାଗି ଏହି ମ୍ୟାଚ ୱାର୍ମଅପ୍ ଭଳି ଥିଲା।

**ସଂକ୍ଷିପ୍ତ ସ୍କୋର**

**ୟୁଏଇ:** ୨୦ ଓଭରରେ ୧୧୭/୬ ସାଇମନ ଅନୱାର–୪୧, ବି. ଷ୍ଟାନଲେକ୍–୨/୨୦)। **ଅଷ୍ଟ୍ରେଲିଆ:** ୧୬.୧ ଓଭରରେ ୧୧୯/୩ (ଡି. ଶର୍ଟ–୬୮*, ଅମିତ ହାୟାତ–୨/୨୬)।



ନେପାଳରେ ହେବାକୁ ଥିବା ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ୍ ଚାମ୍ପିୟନ୍‌ଶିପ୍ ପାଇଁ ମନୋନୀତ ଭାରତୀୟ ଦଳ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ଅଗ୍ରଣୀ

**କଟକ ଅଫିସ,୨୨।୧୦:** କୋଲ୍‌କାତାର ସଲ୍ଟଲେକ୍ ଜେୟୁ ସେକେଣ୍ଡ କ୍ୟାମ୍ପସ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା–ବେଙ୍ଗଲ ମ୍ୟାଚ୍‌ର ଦ୍ୱିତୀୟ ଦିନର ଖେଳ ଶେଷ ହୋଇଛି । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରଖିବା ସହ ୯ରନ୍‌ରେ ଅଗ୍ରଣୀ ରହିଛି । ଦୁଇ ଓପନର ସଙ୍କେତ ବେହେରା ୨୮ ରନ୍ ଓ ବିଶ୍ୱଜିତ ପାତ୍ର ୩୩ରନ୍‌ରେ ଅପରାଜିତ ଅଛନ୍ତି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୬୫ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଯଜ୍ଞଜିତ ସାହୁ ସର୍ବାଧିକ ୨୫ରନ୍ କରିଥିବା ବେଳେ ଅଂଶୁମାନ ସାହୁ ୨୩ ରନ୍, ଶୋଭନ ଦେବ ବେହେରା ୨୨ରନ୍ କରିଥିଲେ। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂ ସର୍ବାଧିକ ୫ଟି ଉଇକେଟ ଦଖଲ କରିଥିଲେ । ଜବାବରେ ବେଙ୍ଗଲ ଅଧିନାୟକ ଅଭିଷେକ ପୋରେଲଙ୍କ ୧୦୨ରନ୍ ବଳରେ ୨୨୪ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ୬ଟି ଉଇକେଟ ହାସଲ କରିଛନ୍ତି । ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ବିନା ଉଇକେଟରେ ୬୮ରନ୍ କରିଛି ।

### ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଅଫିସିଆଲ ଗିରଫ

**କଲମ୍ବୋ, ୨୨।୧୦ (ପି.ଟି.):** ସ୍ଥାନୀୟ ସରକାର ଶ୍ରୀଲଙ୍କା କ୍ରିକେଟ (ଏସଏଲସି)ରୁ ଦୁର୍ନୀତି ହଟାଅ ଅଭିଯାନ ଆରମ୍ଭ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଆର୍ଥିକ ଅନିୟମିତତା ଅଭିଯୋଗରେ ଏସଏଲସିର ଚିଫ୍ ଫାଇନାନ୍‌ସିଆଲ ଅଫିସର (ସିଏଫ୍‌ଓ) ପିୟଲ ନନ୍ଦନାଙ୍କୁ ଗିରଫ କରିଛି। ସୋମବାର ଏହା ପୂର୍ବରୁ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ତଥା ଦେଶର ପେଟ୍ରୋଲିୟମ ମନ୍ତ୍ରୀ ଅର୍ଜୁନ ରଣତୁଙ୍ଗା କହିଥିଲେ କ୍ରିକେଟରେ ବ୍ୟାପକ ଦୁର୍ନୀତି ପରିଲକ୍ଷିତ ହୋଇଛି। ତଦନ୍ତ ପାଇଁ ଉପଯୁକ୍ତ ବିଶେଷ ବୈଷୟିକ ଜ୍ଞାନ ଭାରତର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଯୋଗାଇଦେବ। ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପକୁ ରୋକିବା କ୍ଷେତ୍ରରେ କି କି ପଦକ୍ଷେପ ନିଆଯାଇପାରିବ ଭାରତ ଏଥିରେ ବିଶେଷ ଜ୍ଞାନ ଆହରଣ କରିଛି। ସହାୟତା ଯୋଗାଇ ଦେବାଲାଗି ଆମ ପ୍ରଧାନମନ୍ତ୍ରୀ (ଶ୍ରୀଲଙ୍କା) ଏବଂ ମୁଁ ନିଜେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛୁ। ନୂଆଦିଲ୍ଲୀରୁ ଫେରିବା ପରେ ରଣତୁଙ୍ଗା କହିଛନ୍ତି, ଏହି ସମସ୍ୟାକୁ ଠିକଣାରୂପେ ହାତେଇବା ଲାଗି ଆମ ନିକଟରେ ଆବଶ୍ୟକ ବୈଷୟିକ ଜ୍ଞାନ ଅବା ଆଇନ ନାହିଁ। ଏଥିଲାଗି ବିଧେୟକ ପ୍ରସ୍ତୁତ କରିବା ପାଇଁ ଭାରତ ସହାୟତା କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛି।

# ତୃତୀୟରୁ ଆରମ୍ଭ




ହକି ବିଶ୍ୱକପର ପ୍ରଥମ ସଂସ୍କରଣ ୧୯୭୧ ଅକ୍ଟୋବର ୧୫ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାର ଆୟୋଜକ ଥିଲା ସ୍ପେନ। ମ୍ୟାଚ ଗୁଡ଼ିକ ବାର୍ସିଲୋନା ଓ କାଟାଲୋନିଆରେ ଆୟୋଜିତ ହୋଇଥିଲା। ପ୍ରଥମ ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ୱକପର ପ୍ରଥମ ଟାଇଟଲ ହାସଲ କରିଥିଲା ପାକିସ୍ତାନ। ଫାଇନାଲରେ ଆୟୋଜକ ସ୍ପେନକୁ ୧–୦ ଗୋଲରେ ହରାଇ ପାକିସ୍ତାନ ପିନ୍ଧିଥିଲା ବିଜୟ ମୁକୁଟ। ସେମିଫାଇନାଲରେ ପରାଜିତ ହୋଇଥିବା ଭାରତ ପ୍ଲେ–ଅଫ୍‌ରେ କେନିୟାକୁ ୨–୧ ଗୋଲରେ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା। ତେଣୁ ତୃତୀୟ ସ୍ଥାନ ହାସଲରୁ ଭାରତର ଆରମ୍ଭ ହୋଇଥିଲା ବିଶ୍ୱକପ ଅଭିଯାନ। ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ପୁଲ୍ 'ଏ'ରେ ଭାରତ ସମେତ ପଶ୍ଚିମ ଜର୍ମାନୀ, କେନିୟା, ଫ୍ରାନ୍ସ ଓ ଆର୍ଜେଣ୍ଟିନା ସ୍ଥାନ ପାଇଥିଲେ। ପୁଲ୍ 'ବି'ରେ ରହିଥିଲେ ସ୍ପେନ, ପାକିସ୍ତାନ, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ଜାପାନ। ପ୍ରତିଯୋଗିତାରେ ମୋଟ ୩୦ଟି ମ୍ୟାଚ ଖେଳାଯାଇଥିଲା। ମ୍ୟାଚ ପିଛା ୨.୨ ହାରରେ ମୋଟ ୬୬ଟି ଗୋଲ ହୋଇଥିବାବେଳେ ପାକିସ୍ତାନର ତନଭୀର ଦର୍ ୮ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଥିଲେ।

ପୁଲ୍ 'ଏ'ରେ ଭାରତ ୪ଟି ମ୍ୟାଚ ଖେଳି ସବୁଥିରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚରେ ଫ୍ରାନ୍ସକୁ ୧–୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚ ଗୁଡ଼ିକରେ ଯଥାକ୍ରମେ ଆର୍ଜେଣ୍ଟିନାକୁ ୧–୦, କେନିୟାକୁ ୨–୦ ଏବଂ ପଶ୍ଚିମ ଜର୍ମାନୀକୁ ୧–୦ ଗୋଲରେ ପରାସ୍ତ କରିଥିଲା। ଫଳରେ ଭାରତ ୮ ପଏଣ୍ଟ ସହ ପୁଲ୍ 'ଏ'ରେ ଶୀର୍ଷସ୍ଥାନ ହାସଲ କରି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ପୁଲ୍‌ରେ ପଶ୍ଚିମ ଜର୍ମାନୀ, କେନିୟା ଓ ଫ୍ରାନ୍ସ ୪ ପଏଣ୍ଟ ଲେଖାଏ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ। ତେବେ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯାଇ ସେମିଫାଇନାଲରେ ପ୍ରବେଶ ପାଇଁ କେନିୟା ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଏକ ପ୍ଲେ–ଅଫ୍ ମ୍ୟାଚ ଖେଳାଯାଇଥିଲା। ଏଥିରେ ୨–୧ ଗୋଲରେ ବିଜୟ ସହ କେନିୟା ସେମିଫାଇନାଲରେ ପ୍ରବେଶ କରିଥିଲା। ପୁଲ୍ 'ବି'ରେ ସ୍ପେନ ଓ ପାକିସ୍ତାନ ୫ ପଏଣ୍ଟ ଲେଖାଏ ପାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଗୋଲ ବ୍ୟବଧାନରେ ସ୍ପେନ ପୁଲ୍‌ର ଶୀର୍ଷସ୍ଥାନୀୟ ଦଳଭାବେ ସେମିଫାଇନାଲ ଖେଳିଥିଲା। ପ୍ରଥମ ସେମିଫାଇନାଲରେ ଭାରତ ୧–୨ ଗୋଲରେ ପାକିସ୍ତାନଠାରୁ ହାରି ଯାଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ କେନିୟାକୁ ୧–୦ ଗୋଲରେ ହରାଇ ସ୍ପେନ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ପାକିସ୍ତାନ ୧–୦ ଗୋଲରେ ସ୍ପେନକୁ ହରାଇଥିବାବେଳେ ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୨–୧ ଗୋଲରେ କେନିୟାକୁ ପରାସ୍ତ କରିଥିଲା। ନେଦରଲାଣ୍ଡ୍ସକୁ ୧–୦ ଗୋଲରେ ହରାଇ ପଶ୍ଚିମ ଜର୍ମାନୀ ୫ମ, ଅଷ୍ଟ୍ରେଲିଆକୁ ୧–୦ ଗୋଲରେ ହରାଇ ଫ୍ରାନ୍ସ ୭ମ ଏବଂ ଆର୍ଜେଣ୍ଟିନାକୁ ୨–୦ ଗୋଲରେ ହରାଇ ଜାପାନ ୯ମ ସ୍ଥାନ ଅଧିକାର କରିଥିଲା। ଗୋଲ ସ୍କୋରିଂରେ ତନଭୀରଙ୍କ ପଛକୁ ରହିଥିଲେ କେନିୟାର ଅବତାର ସିଂ ଓ ସ୍ପେନର ଜୁଆନ ଅମାତ। ଏ ଦୁହେଁ ୪ଟି ଲେଖାଏ ଗୋଲ ସ୍କୋର କରିଥିଲେ। ପାକିସ୍ତାନର ଅବଦୁଲ ରଶିଦ ଏବଂ ପଶ୍ଚିମ ଜର୍ମାନୀର ଉଲ୍ଫଗାଙ୍ଗ ବୌମଗାର୍ଟ, ୱିନ୍‌ଫ୍ରେଡ୍ ମାଏର ଓ ଉଲି ଭୋସ ୩ଟି ଲେଖାଏ ଗୋଲ ଦେଇଥିଲେ। ଭାରତୀୟଙ୍କ ମଧ୍ୟରେ କୁଲୱନ୍ତ ସିଂ ଓ ରାଜିନ୍ଦର ସିଂ ସର୍ବାଧିକ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଭାରତ ଖେଳିଥିବା ୬ଟି ମ୍ୟାଚରୁ ମାତ୍ର ଗୋଟିଏରେ ପରାଜିତ ହୋଇଥିଲେ ହେଁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।



### ଆଜିଠାରୁ ଅଲ ଓଡ଼ିଶା ଓପନ୍ ସ୍ନୁକର

**କଟକ ଅଫିସ,୨୨।୧୦:** ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଚଳିତ ସଂସ୍କରଣ ନିମନ୍ତେ ମୋଟ୍ ୩୬ଜଣ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ତେବେ ଆକାଶ ମହାପାତ୍ର ଏହି ଟୁର୍ନାମେଣ୍ଟର ଟପ୍‌ସିଡ ଖେଳାଳି ରହିଛନ୍ତି । ଏହାଛଡ଼ା ସୁବ୍ରତ ଦାସ, ସିଦ୍ଧାର୍ଥ ସେନ୍, ରାକେଶ ପ୍ରଧାନ, ମହମ୍ମଦ ରାଜା, ରୁମିତ ଗୁପ୍ତା, ଜିତେନ ଷଡ଼ଙ୍ଗୀ, ଅନୁଜ ପଣ୍ଡାଙ୍କ ଭଳି ନାମୀଦାମୀ ଖେଳାଳି ମଧ୍ୟ ପ୍ରତିଯୋଗିତାରେ ଭାଗନେବେ। ଚାମ୍ପିୟନ ପ୍ରତିଯୋଗୀ ନିମନ୍ତେ ୧୨ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଥିବା ବେଳେ ରନର୍ସଅପ ନିମନ୍ତେ ୬ହଜାର, ସେମିଫାଇନାଲିଷ୍ଟଙ୍କ ନିମନ୍ତେ ୩ହଜାର ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କ ନିମନ୍ତେ ୨ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ଏତଦବ୍ୟତୀତ ପ୍ରଦର୍ଶନ ଭିତ୍ତିରେ ପ୍ରତ୍ୟେକ ଦିବସର ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି କ୍ଲବର ମାଲିକ ଜ୍ଞାନରଞ୍ଜନ ବେହେରା ଓ ଆୟୋଜକ ଅନୁଜ ପଣ୍ଡା କହିଛନ୍ତି । ପ୍ରତ୍ୟେକ ମ୍ୟାଚ୍ ନକ୍‌ଆଉଟ ପର୍ଯ୍ୟାୟ ହୋଇଥିବା ବେଳେ ପ୍ରିକ୍ୱାର୍ଟରେ ଫାଇନାଲ ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ୫ ଫ୍ରେମ ବିଶିଷ୍ଟ କରାଯିବ ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଏକ ବସ୍ତିରେ ରହୁଥିବା ଜଣେ ନାବାଳିକାଙ୍କୁ ଜଣେ ଯୁବକ ଗତ ୩ଦିନ ହେବ ଅପହରଣ କରି ନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ପରିବାର ସଦସ୍ୟମାନେ ଦଶହରା ବୁଲି ଯାଇଥିବାବେଳେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ସେମାନେ ଫେରିବା ପରେ ସେ ଘରେ ନ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ କେହି ଅପହରଣ କରି ନେଇଥିବା ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଯୁବକଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କରିବା ପରେ ସେ ନିମାପଡା ଅଞ୍ଚଳରେ ଥିବା ଜଣାପଡିଥିଲା। ସୋମବାର ଶହୀଦନଗର ଥାନାର ଏକ ପୋଲିସ ଟିମ୍ ନିମାପଡାରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଏଥିସହ ନାବାଳିକାଙ୍କ ବୟାନ ରେକର୍ଡ କରିଛି ପୋଲିସ। ଯୁବକ ଜଣକ ତାଙ୍କୁ ଉକ୍ତ ଘରେ ରଖି ବଳାତ୍କାର କରିଥିବା ନାବାଳିକା ଜଣକ କହିଛନ୍ତି। ମଙ୍ଗଳବାର ନାବାଳିକାଙ୍କ ଡାକ୍ତରୀମାଇନା ହେବା ସହ କୋର୍ଟରେ ୧୬୪ରେ ବୟାନ ରେକର୍ଡ କରାଯିବ। ସେହିଭଳି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କରିବ ପୋଲିସ କହିଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ରେଳ କର୍ମଚାରୀ ଗିରଫ

**ଜଟଣୀ,୨୨।୧୦(ଡି.ଏନ.ଏ):** ଜନୈକା ୧୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ରେଳ କର୍ମଚାରୀଙ୍କୁ ଜଟଣୀ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଶୁଭଙ୍କର ପଲ(୪୨) ଓ ସେ ବିବାହିତ। ସେ ରେଲୱେରେ ଟ୍ରେନ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସ୍ଥାନୀୟ ବାଲିଛକ ସାହିରେ ଭଡ଼ାରେ ରହୁଥିବା ପୋଲିସ କହିଛି। ପୂର୍ବରୁ ପରିଚିତ ଥିବା ଜନୈକ ନାବାଳିକାଙ୍କୁ ନିଜ ଘରକୁ ଡାକି ଜବରଦସ୍ତ ଅସଦାଚରଣ କରିବା ସହ ବଳାତ୍କାର କରିବାକୁ ଚେଷ୍ଟା କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଦଫା ୩୭୬, ନଂ. ୩୬୦/୧୮ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶୁଭଙ୍କରଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି।

■ବ୍ରହ୍ମଗିରି ବିଜେଡିରେ ବଢୁଛି ଗୋଷ୍ଠୀ କନ୍ଦଳ

# ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟ କର୍ମୀଙ୍କ ମେଳି

**ବ୍ରହ୍ମଗିରି, ୨୨।୧୦(ଡି.ଏନ୍.ଏ.)**

ଏକଦା ସାରା ରାଜ୍ୟରେ କଂଗ୍ରେସର ଗଡ଼ ଭାବେ ପରିଚିତ ହେଉଥିବା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ୨୦୦୯ରୁ ଶାସକ ବିଜୁ ଜନତା ଦଳ କବ୍‌ଜାରେ ରହିଛି। ଶାସକ ଦଳର ସଞ୍ଜୟ ଦାସବର୍ମା ଏଠାରୁ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ତଥା କଂଗ୍ରେସର ଟାଣୁଆ ନେତା ଲୁଲୁ ମହାପାତ୍ରଙ୍କ ପରଲୋକ ପରେ ନିଜକୁ ଆଶ୍ୱସ୍ତ ମନେ କରୁଥିବା ସଞ୍ଜୟ ଏବେ ନିଜ ଦଳର ଅସନ୍ତୁଷ୍ଟ କର୍ମୀଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ବିଧାୟକଙ୍କ ଉପରେ ଦଳୀୟ କର୍ମୀ ଅସନ୍ତୋଷ ହେବା ସହ ତାଙ୍କୁ ହଟାଇବା ପାଇଁ ମେଳି ବାନ୍ଧିଲେଣି। ପଞ୍ଚାୟତ ପଞ୍ଚାୟତ ବୁଲି ବିଧାୟକଙ୍କ ବିରୋଧରେ ସଂଗଠନ ସୁଦୃଢ଼ କରିବାରେ ଲାଗିଲେଣି।



ଆମ୍ବପଡ଼ାଠାରେ ଅନୁଷ୍ଠିତ ବିଧାୟକ ବିରୋଧୀ କର୍ମୀ ସମ୍ମିଳନୀ।

ଗତ ରବିବାର ବ୍ରହ୍ମଗିରି ବ୍ଲକର ଆମ୍ବପଡା ପଞ୍ଚାୟତରେ ବିଧାୟକ ଜନ ସମ୍ପର୍କ ପଦଯାତ୍ରା କରିଥିବାବେଳେ ସୋମବାର ଏହି ପଞ୍ଚାୟତର ଶତାଧିକ କର୍ମୀ ଏକତ୍ରିତ ହୋଇ କାଣ୍ଡେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଧାୟକଙ୍କ ବିରୋଧରେ ଏକ ସମ୍ମିଳନୀ କରିଥିଲେ। ଏହି ସମ୍ମିଳନୀର ନେତୃତ୍ୱ ନେଇଥିଲେ ବ୍ରହ୍ମଗିରି ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ରାୟ ଓ ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରସନ୍ନ ବରାଳ। ବିଧାୟକ ଦାସବର୍ମାଙ୍କ ରୁକ୍ଷ ବ୍ୟବହାର, ଦଳୀୟ କର୍ମୀଙ୍କୁ ଅଣଦେଖା ଏବଂ ବିଧାୟକ ସେମାନଙ୍କ ସହ ସମନ୍ୱୟ ରଖୁ ନ ଥିବା ଏହି ସମ୍ମିଳନୀରେ ଚର୍ଚ୍ଚା ହୋଇଥିଲା। ଏ ନେଇ ଆଗାମୀ ଦିନରେ ବିଧାୟକଙ୍କୁ ବିରୋଧ କରାଯିବ ବୋଲି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାୟ କହିଥିଲେ। ସେହି ପରି ବରାଳ କୁହନ୍ତି, ମୁଖ୍ୟମନ୍ତ୍ରୀ ଦଳର ସ୍ଥିତକୁ ମଜବୁତ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ସମୟରେ ବ୍ରହ୍ମଗିରିର ବିଧାୟକ କର୍ମୀ ମାନଙ୍କୁ ଅଣ ଦେଖା କରୁଛନ୍ତି। ଫଳରେ ବହୁ ପୁରାତନ କର୍ମୀ ଦଳ ଛାଡିବାକୁ ବାଧ ହେଉଛନ୍ତି। ସେହିପରି ରବିବାର ଧରଣୀକୁଦୀ ଗ୍ରାମପଞ୍ଚାୟତରେ ୨ଶହରୁ ଊର୍ଦ୍ଧ୍ୱ ଅସନ୍ତୁଷ୍ଟ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି । ଏ ସମ୍ପର୍କରେ ବିଧାୟକ ଦାସ ବର୍ମାଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

■ପ୍ରଶାନ୍ତ ନନ୍ଦଙ୍କ ପୁଅ କାରକୁ ବୋମାମାଡ଼ ଘଟଣା

# ବ୍ୟବହୃତ ଗାଡି ମାଲିକଙ୍କୁ ପୋଲିସର ଅନୁକମ୍ପା

**ଖୋର୍ଦ୍ଧା ଅଫିସ,୨୨।୧୦(ଡି.ଏନ.ଏ.)**

ରାଜ୍ୟ ସଭା ସଦସ୍ୟ ତଥା ବିଜେଡିର ମୁଖପାତ୍ର ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭଙ୍କୁ ହତ୍ୟା ଉଦ୍ୟମ ଓ କାର ଉପରକୁ ବୋମାମାଡ ଘଟଣା ଇତିମଧ୍ୟରେ ୨୧ ଦିନ ବିତିଯାଇଛି। ହେଲେ ପୋଲିସ କେବଳ ୨ଜଣଙ୍କୁ ଗିରଫ କରି ଚୁପ ହୋଇ ବସି ରହିଛି। ବୋମାମାଡ ଓ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନେ ବ୍ୟବହୃତ କରିଥିବା ବୋଲେରୋର ମାଲିକ କିଏ ଓ ଆକ୍ରମଣ ଘଟଣା ଦିନ ଏହାକୁ କିଏ ଚଳାଉଥିଲା ତାହାର ତଦନ୍ତ ଏ ଯାବତ ହେଲାନାହିଁ। ଅଭିଯୋଗକାରୀ ଅଭିଯୋଗରେ ବୋଲେରୋ ନମ୍ବର ଦର୍ଶାଇଥିଲେ ମଧ୍ୟ ତଦନ୍ତ ତ୍ୱରାନ୍ୱିତ ନ ହେବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ, ବେଗୁନିଆ ଗୋରୁହାଟ ପଡିଆ ନିକଟରେ ଅକ୍ଟୋବର ୧ ସୋମବାର ରାତି ୮.୪୫ରେ ରିଷଭଙ୍କ କାର ଉପରକୁ ବୋମାମାଡ ହୋଇଥିଲା। ଏପରି କି ମାରିବାକୁ ଯୋଜନା କରି ୨ ରାଉଣ୍ଡ ଗୁଳି ଦୁର୍ବୃତ୍ତମାନେ ଚାଳନା କରିଥିଲେ। ବୋମାମାଡ ଘଟଣାରେ ରିଷଭଙ୍କ ସମେତ ସହଯୋଗୀ ମନୋରଞ୍ଜନ ମନ୍ତ୍ରୀ, ସାଙ୍ଗ ସୁକୁମାର ମହାପାତ୍ର, ଡ୍ରାଇଭର ଅକ୍ଷୟ ପରିଡା ପ୍ରମୁଖ ୪ଜଣ ବର୍ତ୍ତି ଯାଇଥିଲେ। ଏହି ଘଟଣାରେ କାର ଡ୍ରାଇଭର ବାଙ୍କୀ-ଡମପଡା ଗାଁର ଅକ୍ଷୟ ବୋମାମାଡ, ଗୁଳି ଚାଳନା, ହତ୍ୟା ଉଦ୍ୟମ ପରି ଘଟଣାରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୧୪୭, ୧୪୩, ୩୪୧, ୩୨୩, ୩୨୪, ୨୯୪, ୫୦୬, ୪୨୭, ୧୪୯ ଆଇପିସି, ଏକ୍ସପ୍ଲୋସିଭ ୯(ବି), ୨୫ ଓ ୨୭ ଆର୍ମସ ଆକ୍ଟରେ ନଂ. ୧୬୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମହିଳାଙ୍କୁ ଅସଦାଚରଣ

**ନିମାପଡ଼ା,୨୨।୧୦ (ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳରେ ଥିବା ଏକ ଘରୋଇ କ୍ଷୀର କମ୍ପାନୀର ଜଣେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ଜେନେରାଲ ମ୍ୟାନେଜର ଅସଦାଚରଣ କରିଥିବା ନେଇ ସୋମବାର ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗକ୍ରମେ ନିମାପଡ଼ା ଥାନା ପୋଲିସ ମାମଲା (ନଂ. ୩୧୫/୧୮)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ କମ୍ପାନୀର ଜେନେରାଲ ମ୍ୟାନେଜର ବିଭିନ୍ନ ସମୟରେ ମହିଳାଙ୍କୁ ନିମାପଡା ଶାଖା କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଡାକି ପ୍ରେମ ନିବେଦନ କରିବା ସହ ଅନୈତିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ମହିଳାଜଣକ ଏଥିରେ ଅରାଜି ହେବାରୁ ମ୍ୟାନେଜର ତାଙ୍କୁ ମୋବାଇଲ ଫୋନରେ ଗାଳଗୁଲଜ କରିବା ସହ ଧମକପୂର୍ଣ୍ଣ ମେସେଜ ଦେଇଥିଲେ। ଏ ସମ୍ପର୍କରେ ଆଇଆଇସି ହରମୋହନ ନାୟକ କୁହନ୍ତି, ମହିଳାଜଣକ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।




# ନକଲି ଆର୍ମି ଅଫିସର ଗିରଫ



■କ୍ୟାଣ୍ଟିନରୁ ସାମଗ୍ରୀ ନେଉଥିବାବେଳେ ଧରାପଡ଼ିଲେ

■ଚାକିରି ଦେବାକୁ କହି ଲୁଟୁଥିଲେ, ନକଲି କାର୍ଡ ଜବତ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ନିଜକୁ ଜଣେ ଆର୍ମି ଅଫିସର କହୁଥିଲେ। ଆର୍ମିରେ ଚାକିରି ଦେବାକୁ କହି ବେକାର ଯୁବତୀଯୁବକଙ୍କଠାରୁ ବହୁଲକ୍ଷ ଟଙ୍କା ନେଇଥିଲେ। ନକଲି କାର୍ଡ ତିଆରି କରି ଆର୍ମି ଅଫିସର ଭଳି ସମସ୍ତ ସୁବିଧା ସୁଯୋଗ ବି ହାତଉଥିଲେ। ଉକ୍ତ କାର୍ଡରେ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନରୁ ସାମଗ୍ରୀ ନେଉଥିବାବେଳେ ଧରାପଡିଛନ୍ତି ସମ୍ପୃକ୍ତ ବ୍ୟକ୍ତି। ସୋମବାର ଖାରବେଳନଗର ଥାନା ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ନକଲି କାର୍ଡ ଓ କେତେକ କାଗଜପତ୍ର ଜବତ କରିଛି। ଗିରଫ ନକଲି ଆର୍ମି ଅଫିସର ଜଣଙ୍କ ହେଲେ କଟକ ତିଗିରିଆ ଅଞ୍ଚଳର ଅନିରୁଦ୍ଧ ମିଶ୍ର। ତେବେ ପଚରାଉଚରାବେଳେ ତାଙ୍କ କାର୍‌ନାମା ସଂକ୍ରାନ୍ତରେ ପୋଲିସକୁ ବହୁ ତଥ୍ୟ ମିଳିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଅନିରୁଦ୍ଧ ପାରାଦୀପରେ ରହୁଥିଲେ। ସେ ସେଠାରେ ନିଜକୁ ଜଣେ ଆର୍ମି ଅଫିସର କହି ନୂଆ ପରିଚୟ ସୃଷ୍ଟି କରିଥିଲେ। ସ୍ଥାନୀୟ ତୈଳ ବିଶୋଧନାଗାରରେ ଏକ ସିକ୍ୟୁରିଟି ସଂସ୍ଥାର ଅପରେଶନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ଉଚ୍ଚପଦସ୍ଥ ଅଫିସରଙ୍କ ସହ ଭଲ ସମ୍ପର୍କ ଥିବା କହି ବେକାର ଯୁବତୀଯୁବକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ବିପୁଳ ଅର୍ଥ ନେଇଥିଲେ। କିନ୍ତୁ ଚାକିରି ଦେଇ ନ ପାରି ସମୟ ଗଡ଼ାଇଥିଲେ। ତେବେ ତାଙ୍କଠାରୁ ମିଳିଥିବା ନକଲି କାର୍ଡ ପୂରା ଅସଲି ଭଳି ଦେଖାଯାଉଥିଲା। ଉକ୍ତ କାର୍ଡରେ ସେ ସବୁବେଳେ ୧୨୦ ବାଟାଲିୟନ କ୍ୟାଣ୍ଟିନରୁ ବିଭିନ୍ନ ସାମଗ୍ରୀ ନେଉଥିଲେ। ସ୍ୱଳ୍ପ ମୂଲ୍ୟରେ ଉକ୍ତ ସାମଗ୍ରୀକୁ ନେଇ ପାରାଦୀପ ଓ ଅନ୍ୟ ସ୍ଥାନରେ ବିକ୍ରି କରୁଥିଲେ। ବହୁଦିନ ହେବ ସେ ଏଭଳି ଜାଲିଆତି କାରବାର କରୁଥିଲେ। ଉକ୍ତ ନକଲି କାର୍ଡ ଦେଖାଇ ସାମଗ୍ରୀ ନେଉଥିବା ସମୟରେ ବାଟାଲିୟନ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ତାଙ୍କ ଉପରେ ନଜର ରଖିବା ସହ ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରାଯାଇଥିଲା। ସୋମବାର ଅନିରୁଦ୍ଧ କାର୍ଡ ଦେଖାଇ ସାମଗ୍ରୀ ନେଉଥିବାବେଳେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଉକ୍ତ କାର୍ଡକୁ ଯାଞ୍ଚ କରିବା ପରେ ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ନକଲି କାର୍ଡ ସେ କେଉଁଠୁ ତିଆରି କଲେ ଓ ଏହି ର୍ୟାକେଟରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି ତାହାକୁ ନେଇ ପୋଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡିଛି।

# ଆଇସ୍‌କ୍ରିମ ପାର୍ଲରରେ ଛୁରା ମାଡ଼

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାରସ୍ଥିତ ଏକ ଆଇସ୍‌କ୍ରିମ୍ ପାର୍ଲରେ ରବିବାର ରାତିରେ ଜଣେ କର୍ମଚାରୀଙ୍କ ଛୁରାମାଡ଼ରେ ଅନ୍ୟଜଣେ ଆହତ ହୋଇଛନ୍ତି। ଛୁରାମାଡ଼ର ଶିକାର କର୍ମଚାରୀ ହେଲେ ଚିନ୍ମୟ ମାନସିଂ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ଘଟଣାରେ ଅଭିଯୁକ୍ତ ଅନ୍ୟଜଣେ କର୍ମଚାରୀ ମନୋଜ ବାରିକ (୨୦) ଗିରଫ ହୋଇଛନ୍ତି। ଚିନ୍ମୟଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ନଂ.୪୪୪/୧୮ ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ମନୋଜଙ୍କ ଘର ଗଞ୍ଜାମ ରମ୍ଭା ଅଞ୍ଚଳରେ। ସେ ନୀଳାଦ୍ରୀବିହାରରେ ରହି ସ୍ଥାନୀୟ ଏକ ଆଇସକ୍ରିମ ପାର୍ଲରରେ କାମ କରନ୍ତି। କୌଣସି କାରଣରୁ ପାର୍ଲର କର୍ମଚାରୀ ଚିନ୍ମୟଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ରବିବାର ରାତି ପ୍ରାୟ ୧ଟାରେ ତାହା ଉଗ୍ର ରୂପ ନେଇଥିଲା। ମନୋଜ ଉତ୍ତ୍ୟକ୍ତ ହୋଇ ଏକ ଛୁରିରେ ଆକ୍ରମଣ କରିଥିଲେ। ଚିନ୍ମୟ ଚିତ୍କାର କରୁଥିଲେ ମଧ୍ୟ ସେ ତାଙ୍କ ପିଠି, କାନ୍ଧ ଓ ଶରୀରର ଅନ୍ୟ ଅଂଶକୁ ବାରମ୍ବାର ଭୁସି ଚାଲିଥିଲେ। ଆଖପାଖର ଲୋକେ ପାଟିଶୁଣି ସେଠାରେ ପହଞ୍ଚି ଉଭୟଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ଆହତ ଚିନ୍ମୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଅଭିଯୁକ୍ତ ମନୋଜଙ୍କୁ ଧରି ଥାନାକୁ ନେଇଥିଲା।




### ବଙ୍ଗୀୟ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

## ୨୬ରେ କୋଣାର୍କ ବନ୍ଦ ଡାକରା

**କୋଣାର୍କ, ୨୨।୧୦(ଡି.ଏନ୍.ଏ.):** କୋଣାର୍କରେ ଗତ ୧୭ ତାରିଖରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ଗଣ ବଳାତ୍କାର ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ବଳାତ୍କାର ଶିକାର ଯୁବତୀଙ୍କୁ ନ୍ୟାୟ ପ୍ରଦାନ ଏବଂ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ଅର୍କକ୍ଷେତ୍ରକୁ ଦେହ ବ୍ୟବସାୟ ମୁକ୍ତ ଅଞ୍ଚଳ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ୨୬ ତାରିଖରେ କୋଣାର୍କ ବନ୍ଦ ଡାକରା ଦିଆଯାଇଛି। ଏ ନେଇ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ସୋମବାର ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କୋଣାର୍କରେ ଚାଲୁଥିବା ବେଆଇନ ଲଜ୍‌ଗୁଡିକ ଉପରେ ରୋକ ଲଗାଇବା ପାଇଁ ପରିଡା ଦାବି କରିଥିଲେ। ଏଥିରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ତୁଷାର କାନ୍ତ ବେହେରା, କୋଣାର୍କ ଭାଜପା ସଭାପତି ସୁରେନ୍ଦ୍ର ପାଲ, ମହିଳା ସଭାନେତ୍ରୀ ଜସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ମହତ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।
-ରବର୍ଟ ମଦରୱେଲ୍



## ସଂକ୍ଷେପରେ

### ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ରାହାସ ଉତ୍ସବ



ନେମାଳ,୨୨।୧୦(ଡି.ଏନ.ଏ.): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠସ୍ଥଳୀ ନେମାଳରେ ନିତ୍ୟ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ଏହା ଆସନ୍ତା ୨୪ ତାରିଖ କୁମାର ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ରାହାସ ମଣ୍ଡଳୀଙ୍କୁ ଗୋପୀନାଥଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ବନ୍ଦାପନା କରାଯିବା ପରେ ସେମାନେ ରାହାସ ପଠନ କରୁଛନ୍ତି। ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଉତ୍ସବ ନିଆରା ଢଙ୍ଗରେ ପାଳିତ ହେଉଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

### ମହାନଦୀ-ଚିତ୍ରୋତ୍ପଳା ବରିଷ୍ଠ ନାଗରିକ କମିଟି ବୈଠକ

ରଘୁନାଥପୁର, ୨୨।୧୦ (ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଆଖପାଖ ୫ ଗୋଟି ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ରବିବାର ସ୍ଥାନୀୟ ସପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆବାହକ ପବିତ୍ର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧିକାରୀ ନଗେନ୍ଦ୍ରନାଥ ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ଆଞ୍ଚଳିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ସହ ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପ୍ରତି ଲୋକମାନଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ଆଞ୍ଚଳିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ସହ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଲୋକମାନଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। କମିଟିର ନୂତନ କର୍ମକର୍ତ୍ତା ଭାବେ ଯଥାକ୍ରମେ ସଭାପତି ନଗେନ୍ଦ୍ରନାଥ ଦାଶ, ଉପସଭାପତି ଯୋଗେନ୍ଦ୍ରନାଥ ଦାସ, ସମ୍ପାଦକ ରାଜକିଶୋର ମହାନ୍ତି, ସହସମ୍ପାଦକ କେଦାରନାଥ ପରିଡା ଓ କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ରନାଥ ସ୍ୱାଇଁଙ୍କୁ ବଛା ଯାଇଥିଲା। ଏହାଛଡ଼ା କାର୍ଯ୍ୟକାରୀ ସଭ୍ୟ ଭାବେ ଯୋଗେନ୍ଦ୍ରନାଥ ଦାସ, ଶୁଭେନ୍ଦ୍ର ପରିଡା, ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ପରିଜା, କେଦାରନାଥ ସ୍ୱାଇଁ, ଫକୀର ଚରଣ ସ୍ୱାଇଁ, ଜୟରାମ ସାମଲ ଓ ରସାନନ୍ଦ ବାରିକଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଯୋଗ ଦେଇଥିବା ଶତାଧିକ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆୟୋଜକ ମହାନ୍ତିଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇ ଆଗାମୀଦିନରେ ପରବର୍ତ୍ତୀ ବୈଠକରେ ଏହାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ମତ ରଖି ସଭାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

### ଜହଲ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ଗଠିତ

ମାହାଙ୍ଗା,୨୨।୧୦(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତ ଅଧୀନ ଜହଲ ଉନ୍ନୀତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ଗଠିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ତଥା ପୂର୍ବତନ ବରିଷ୍ଠ ପ୍ରଶାସକ ଉପେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦର ପଞ୍ଜୀକରଣ ଓ ନିୟମାବଳୀ ଆଲୋଚନା କରାଯିବା ସହ ମୋ ସ୍କୁଲ ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଅତିଥିଭାବେ ପ୍ରଧାନଶିକ୍ଷକ ନିରଞ୍ଜନ ନାୟକ, ଦେବେନ୍ଦ୍ର ନାଥ ସ୍ୱାଇଁ, ହଳଧର ଓଝା, ନରେନ୍ଦ୍ର ପରିଡ଼ା, ନିରଞ୍ଜନ ବିଶ୍ୱାଳ ଓ ସତ୍ୟାନନ୍ଦ ଜେନା ପ୍ରମୁଖ ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ। ସଂସଦର ସଭାପତିଭାବେ ଉପେନ୍ଦ୍ର ନାଥ ବେହେରା, ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ଉପସଭାପତି କାଳନ୍ଦୀ ବାରିକ, ସହସମ୍ପାଦକ ରମେଶ ଚନ୍ଦ୍ର ଓଝା ଓ କୋଷାଧ୍ୟକ୍ଷଭାବେ ସତ୍ୟନାରାୟଣ କୁଅଁରଙ୍କ ସମେତ ୧୦ କାର୍ଯ୍ୟକାରୀ ସଭ୍ୟାସଭ୍ୟଙ୍କୁ ମନୋନୀତ କରାଯାଇଥିଲା।

■ ଘାରୁଛି ସୁନ୍ଦରୀ ଭୟ

# ନରସିଂହପୁର ଅଞ୍ଚଳବାସୀ ଆତଙ୍କିତ

ନରସିଂହପୁର,୨୨।୧୦(ସ୍ୱ.ପ୍ର.)

- ■ସଞ୍ଜ ହେଲେ ଟାଟି କବାଟ ପଡ଼ୁଛି
- ■ସୁନ୍ଦରୀ ଦୁଇଥର ଜଙ୍ଗଲ ତଳି ଗ୍ରାମ ନିକଟକୁ ଆସିଥିବା ନଜର ରହିଛି
- ■ଜଙ୍ଗଲରେ ଥିବା ଲୋକଙ୍କୁ ସୁରକ୍ଷା କିମ୍ବା ଅନ୍ୟତ୍ର ଥଇଥାନ କରାଯିବାକୁ ଦାବି

ବାଘୁଣୀ ସୁନ୍ଦରୀକୁ ଅନୁଗୋଳ ଜିଲାର ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯିବା ପରେ ଏବେ ଅଭୟାରଣ୍ୟ ସଂଲଗ୍ନ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଅନୁଗୋଳ ଜଙ୍ଗଲ ଭିତରେ ଥିବା ଗ୍ରାମଗୁଡ଼ିକରେ ପଶି ସୁନ୍ଦରୀ ମଣିଷ ଓ ଗାଈ ଶିକାର କରିବା ପରେ ଅଭୟାରଣ୍ୟକୁ ଲାଗିଥିବା ନରସିଂହପୁର ବ୍ଲକର ବାଲିକିଆରୀ, ବାରଭାୟା ଅଞ୍ଚଳ ଜଙ୍ଗଲ ତଳି ଜୟପୁର ଓ ଘାଟି ଉପରେ ଥିବା ଦେବଭୂଇଁ ଏବଂ ଓଲବ ପଞ୍ଚାୟତର ସମସ୍ତ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି। ସଞ୍ଜ ହେଲେ ଗ୍ରାମବାସୀ ଟାଟି କବାଟ ଦେଇ ଘରେ ପଶୁଛନ୍ତି। ସକାଳ ହେଲେ ଜଙ୍ଗଲ ତଳେ ଥିବା ଚାଷ ଜମିକୁ ଯାଉ ନାହାନ୍ତି। ଏପରି କି ଗୋରୁ, ଛେଳି ଓ ମେଣ୍ଢାଙ୍କୁ ଜଙ୍ଗଲ ଭିତରକୁ ଚରାଇବାକୁ ନେଉନାହାନ୍ତି। ସାତକୋଶିଆ ଅଭୟାରଣ୍ୟକୁ ନରସିଂହପୁର ଜଙ୍ଗଲ ଲାଗିରହୁଥିବାରୁ ସୁନ୍ଦରୀ ଦୁଇଥର ନରସିଂହପୁର ଜଙ୍ଗଲ ତଳି ଗ୍ରାମ ନିକଟକୁ ଆସିଥିବା ନଜିର ରହିଛି। ତେବେ ବନବିଭାଗ ସୁନ୍ଦରୀକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ ହେଁ ସୁନ୍ଦରୀ ମଣିଷ ଶିକାର କରିବା ଜଣା ପଡିବା ପରେ ଜନସାଧାରଣ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ସୁନ୍ଦରୀର ଗତିବିଧି ଉପରେ ନଜର ରଖିବା ପାଇଁ ସାଟେଲାଇଟ୍ ବ୍ୟବସ୍ଥା କରାଯାଇଛି। ହେଲେ ସୁନ୍ଦରୀ ଗୋଟିଏ ପରେ ଗୋଟିଏ ଶିକାର କରିଚାଲିଛି। ସୁନ୍ଦରୀକୁ ଏନକ୍ଲୋଜରକୁ ନେବା ପାଇଁ ବନବିଭାଗ ପଦକ୍ଷେପ ନେଉଥିବାବେଳେ ନରସିଂହପୁର ଓ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ସ୍ଥାନୀୟ ବାଘୁଣୀ ଓ ମଧ୍ୟପ୍ରଦେଶରୁ ଆସିଥିବା କାହ୍ନା ବାଘର ଉପସ୍ଥିତି ଜଙ୍ଗଲତଳି ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଜଙ୍ଗଲ ଭିତରେ ଯଦି ବାଘ ରହିବେ ତେବେ ଜଙ୍ଗଲରେ ଥିବା ସମସ୍ତ ଗ୍ରାମବସୀଙ୍କୁ ସୁରକ୍ଷା କିମ୍ବା ଅନ୍ୟତ୍ର ଥଇଥାନ କରାଯାଉ ବୋଲି ଜିଲିଣ୍ଡା ଗ୍ରାମର ମୋହନ ପ୍ରଧାନ ଦାବି କରିଛନ୍ତି। କାହ୍ନା ଦ୍ୱାରା କୌଣସି ଆତଙ୍କ ଏ ପର୍ଯ୍ୟନ୍ତ ଦେଖା ଦେଇନି। ସୁନ୍ଦରୀକୁ ଧରି ଏନକ୍ଲୋଜରକୁ ନେବାପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଜିଲିଣ୍ଡାସ୍ଥିତ ସାତକୋଶିଆ ବନ୍ୟପ୍ରାଣୀ ଅଧିକାରୀ ହରିଶଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ତେବେ କାହ୍ନା ଓ ସୁନ୍ଦରୀ ପାଇଁ ଜଙ୍ଗଲ ଭିତର ଏବଂ ଜଙ୍ଗଲ ତଳି ଗ୍ରାମବାସୀ ଭୟଭୀତ ନ ହେବାକୁ ଅଧିକାରୀ ପ୍ରଧାନ ନିବେଦନ କରିଛନ୍ତି।



ହାତୀ ଓ ବାର୍ହା ବିଲରେ ପଶି ଧାନ ଫସଲ କ୍ଷତି ଘଟାଇଛନ୍ତି।

## ଧାନଖେତ ଉଜାଡୁଛନ୍ତି ହାତୀ, ବାର୍ହା

ତିଗିରିଆ,୨୨।୧୦(ଡି.ଏନ.ଏ.)

ତିଗିରିଆ ବନାଞ୍ଚଳର ପାହାଡ଼ ଓ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଚାଷୀଙ୍କ ପାଚିଲା ଧାନଖେତ ଏବେ ହାତୀ ଏବଂ ବାର୍ହା ଉଜାଡୁଥିବା ଅଭିଯୋଗ ହୋଇଛି। ଜଙ୍ଗଲ ପାର୍ଶ୍ୱ ଭେଜିଆ, କୁକୁଡ଼ାଖାଇ, ଜାମୁନାଳି, ବଣିଆବନ୍ଧ, ଜାଉଁଳିପାହାଡ଼, ଦିଗମୁଣ୍ଡିଆ ଆଦି ସ୍ଥାନରେ ହାତୀ ଏବଂ ବାର୍ହା ଖେତରେ ପଶି ଧାନକୁ ଦଳି ଚକଟି ନଷ୍ଟ କରୁଛନ୍ତି। ଏଥିରେ ତିଗିରିଆ ବ୍ଲକର ନୂଆପାଟଣା, ପଙ୍କାଳ, ଗୋକର୍ଣ୍ଣଖାଲ, ବାଲିପୁଟ, ବିନ୍ଧାଣିମା, ଜେମାଦେଇପୁର ଆଦି ଗ୍ରାମର ଚାଷୀଙ୍କ ଧାନ ଖେତ ନଷ୍ଟ ହୋଇଛି। କିଛିଦିନ ତଳେ ହାତୀ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଖେତଗୁଡ଼ିକରେ ପଶିଥିବାବେଳେ ବାର୍ହା ଖେତରେ ପଶି ଧାନଗଛ ମୂଳ ଉପାଡ଼ି ଦେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତିଗିରିଆ ବନପାଳ ରାକେଶ ପ୍ରଧାନ କହିଛନ୍ତି, ଏବେ ତିଗିରିଆ ଅଞ୍ଚଳ ଜଙ୍ଗଲରେ ମାତ୍ର ଦୁଇଟି ହାତୀ ରହିଛନ୍ତି। ତେବେ ହାତୀ ସହିତ ବାର୍ହା କେତେଜଣ ଚାଷୀଙ୍କ ଖେତକୁ ପଶିଥିବା ବେଳେ ଦୁଇ ଚାଷୀଙ୍କ କ୍ଷେତ ନଷ୍ଟ ହୋଇଥିବା ନେଇ ଲିଖିତ ଅଭିଯୋଗ ଆସିଥିବା କହିଥିଲେ।

## ହରିଠା ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ବଡ଼ମ୍ବା,୨୨।୧୦(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅଧୀନ ମାନପୁର ପଞ୍ଚାୟତର ହରିଠା ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିଯୋଗୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପ୍ରଶାସନକୁ ଲିଖିତଭାବେ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ହରିଠା ଗ୍ରାମର ୧୦ ନମ୍ବର ୱାର୍ଡରେ କିଛି ବର୍ଷା ଜଳ ଓ ବର୍ଜ୍ୟବସ୍ତୁ ଠିକ ଭାବେ ନିଷ୍କାସନ ହୋଇ ନ ପାରିବାରୁ ତାହା ଦୀର୍ଘ ଦିନ ଧରି ଜମି ରହି ଦୁର୍ଗନ୍ଧ ସୃଷ୍ଟି କରୁଛି। ଏହାଦ୍ୱାରା କେବଳ ଯେ, ପରିବେଶ ଦୂଷିତ ହେଉଛି ତା'ନୁହେଁ ସମ୍ପୃକ୍ତ ୱାର୍ଡବାସୀ ବାଧହୋଇ ତାହା ଉପରେ ଯିବାଆସିବା କରୁଛନ୍ତି। ଏଥିଯୋଗୁ ସଂକ୍ରାମକ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଦେଖାଯାଇଛି। ଅନ୍ୟପକ୍ଷରେ କିଛି ଅସାମାଜିକ ବ୍ୟକ୍ତି ଘର ଆଗରେ ଇଟା, ବାଲି, ପଥର ମାସ ମାସ ଧରି ଗଦା କରି ରଖୁଛନ୍ତି। ଯଦ୍ୱାରା ବର୍ଷାଜଳ ଓ ବର୍ଜ୍ୟବସ୍ତୁ ନିଷ୍କାସନ ହେବାରେ ମଧ୍ୟ ବାଧା ସୃଷ୍ଟି କରୁଛି। ଏହାର ପ୍ରତିକାର ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ଅନୀଲ କୁମାର ପଟ୍ଟନାୟକ କହିଛନ୍ତି, ଅଭିଯୋଗ ଆସିଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯିବ।

## ନେମାଳ ଥାନା ପକ୍ଷରୁ ଶହୀଦ ସପ୍ତାହ ପାଳିତ

ନେମାଳ,୨୨।୧୦(ଡି.ଏନ.ଏ.)

ନେମାଳ ଥାନା ପୋଲିସ ପକ୍ଷରୁ ଶହୀଦ ସପ୍ତାହ ପାଳିତ ହୋଇଛି। ଏଥିରେ ଅଞ୍ଚଳର କାର୍ଗିଲ ଯୁଦ୍ଧର ପ୍ରଥମ ଶହୀଦ ଜନାର୍ଦ୍ଦନପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଗୋପୀନାଥ ମହାରଣା ଓ ଶିବ ପ୍ରସାଦ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସାଲେପୁର ଏସ୍‌ଡିପିଓ ପ୍ରଦ୍ୟୁମ୍ନ କୁମାର ଜେନା, ନେମାଳ ଥାନା ଆଇଆଇସି ପ୍ରଭାତ କୁମାର ମଲିକ, ଗୟାଧର ବେହେରା, ଏଏସ୍‌ଆଇ ନିର୍ମଳ ଚନ୍ଦ୍ର ସେନାପତି, ସୁନୀଲ କୁମାର ପତି ଓ ବି.ପି. ଦାସଙ୍କ ସମେତ ଚିତ୍ରୋତ୍ପଳା-ମହାନଦୀ ଦୀପାଞ୍ଚଳର ଶତାଧିକ ବ୍ୟକ୍ତି ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦ ଗୋପୀନାଥଙ୍କ ପରିବାର, ଗ୍ରାମବାସୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ବାଙ୍କୀ,୨୨।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ଉପଲକ୍ଷେ ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଙ୍କୀ ଉପଖଣ୍ଡର ୧୦ ଦଳ ବାଙ୍କୀ କ୍ରୀଡ଼ା ସଂସଦ, ପଦନପୁର, ନିସ୍ତିପୁର, ବୈଦ୍ୟେଶ୍ୱର, ଭେଡ଼ାରାମଚନ୍ଦ୍ରପୁର, ଚକାପଦା, ଶିମିଳିପୁର, ଶିଶୁଆ, କଳାପଥର ଓ ବି.କେ.ବିଦ୍ୟାପୀଠ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଭେଡ଼ା ରାମଚନ୍ଦ୍ରପୁର ଦଳକୁ ଫାଇନାଲ୍‌ରେ ପଦନପୁର ଦଳ ହରାଇ ବିଜୟ ଆଖ୍ୟା ଅର୍ଜନ କରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହୋତ୍ସବ କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି କ୍ରୀଡ଼ା ସଂସଦ ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ ଓ ସୀତାକାନ୍ତ ମିଶ୍ର ଯୋଗଦେଇ କ୍ରୀଡ଼ାର ପ୍ରସାର ଓ ଗ୍ରାମାଞ୍ଚଳରେ ଭଲିବଲ୍ ଖେଳପ୍ରତି ଯୁବପିଢ଼ିଙ୍କୁ ସାମିଲ୍ କରିବା ଦିଗରେ ଏହି ପ୍ରତିଯୋଗିତା ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ପରିଚାଳକ ରୂପେ ଅଶାନ୍ତ ମାଝି, ଚନ୍ଦନ ଜେନା, ନିରଞ୍ଜନ ମହାନ୍ତି, କୃପାସିନ୍ଧୁ ପ୍ରଧାନ, ଦିଲୀପ ବେହେରା ଓ ଦିଲୀପ ସାହୁ କାର୍ଯ୍ୟ ତୁଲାଇଥିଲେ। ଏମାନଙ୍କୁ ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି କ୍ରୀଡ଼ା ସଂସଦ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି।

## ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ର ଓ ପରିବାର ସଦସ୍ୟ।

ନିଆଳି,୨୨।୧୦ (ଡି.ଏନ୍.ଏ.)

ନିଆଳି ବ୍ଲକ ପହଙ୍ଗା ହାଇସ୍କୁଲର ୧୯୮୪ ବ୍ୟାଚ୍ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ଦ୍ୱିତୀ ବନ୍ଧୁମିଳନ ଉତ୍ସବ ବରିମୁଣ୍ଡେଇ ୟୁଜିଏମ୍‌ଇ ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ଅତୀତର ସ୍ମୃତିକୁ ପରସ୍ପର ମଧ୍ୟରେ ବଖାଣିବାର ସୁଯୋଗ ପାଇଥିଲେ। ଅତୀତ ଓ ବର୍ତ୍ତମାନର ସ୍କୁଲ୍ ପରିବେଶକୁ ନେଇ ଆଲୋଚନା କରିବା ସହ ସ୍କୁଲ୍‌ର ବିକାଶ ନେଇ କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ଷଡଙ୍ଗୀ, ପ୍ରଦୀପ୍ତ ବାରିକ, ଦେବେନ୍ଦ୍ର ମୁଦୁଲି,ନୀରଞ୍ଜନ ମଲ୍ଲିକ, ଅକ୍ଷୟ ସ୍ୱାଇଁ, ଭାଗୀରଥୀ କାଠୁଆ, ସମୀର ପାଢୀ, ପ୍ରଭାତ ସ୍ୱାଇଁ, ପ୍ରଦୀପ୍ତ ବିଶ୍ୱାଳ, ରଞ୍ଜନା ଲେଙ୍କା, ମୀରା ଲେଙ୍କା, ଚୁନିଲତା ପରିଡା, ମିନାକ୍ଷୀ ଲେଙ୍କା, ରୀନା ରଥ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

କଟକ ସଦର,୨୨।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ଯଶପଡାଠାରେ ନବନିର୍ମାଣ କୃଷକ ସଙ୍ଗଠନର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଆସନ୍ତା ୨୯ରୁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ଚାଷୀ ସମାବେଶକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ରଶ୍ମିରଞ୍ଜନ ସ୍ୱାଇଁ, ଦେବୀ ପ୍ରସାଦ ମହାରଣା ଓ ରାମଚନ୍ଦ୍ର ରାଉତ ଯୋଗଦେଇଥିଲେ।

## ଜେମାଦେଇପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ତିଗିରିଆ,୨୨।୧୦(ଡି.ଏନ.ଏ.)



ବିଜେଡି କର୍ମୀମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ଜେମାଦେଇପୁର ପଞ୍ଚାୟତରେ ସୋମବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ କୁମାର ଧୀରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ଭାଗିରଥୀ ନନ୍ଦ, ବାସନ୍ତୀ କର, ଯୁବନେତା ପ୍ରଦୀପ ବେହେରା, ଅରୁଣ ନାୟକ, ପ୍ରକାଶ ରାଉତ, ସାହାଦତ୍ ଖାଁ, ମହମ୍ମଦ ବସିରୁଲ୍ଲ ହକ୍, ବସିର ଅହମ୍ମଦ, ବ୍ଲକ ଛାତ୍ର ବିଜୁ ଜନତା ଦଳ ସଭାପତି ସମୀର ରାଉତ, ଜେମାଦେଇପୁର ପଞ୍ଚାୟତ ବିଜେଡି ସଭାପତି ବୈକୁଣ୍ଠ ନନ୍ଦୀ ଓ ଯୁବ ସଭାପତି ମହେନ୍ଦ୍ର କୁଣ୍ଠ ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରା ପ୍ରାରମ୍ଭରେ ବିଭିନ୍ନ ଛକସ୍ଥାନରେ ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ପଦଯାତ୍ରା ଚିନାପାଟଣା ମଙ୍ଗଳାମନ୍ଦିରରୁ ଆରମ୍ଭ ହୋଇ ବନମାଳିପୁର, ପଙ୍କାଳଛକ, ଜେମାଦେଇପୁର ଓ ସାନପାଟଣା ଦେଇ ବାସୁଦେବପୁରରେ ଶେଷ ହୋଇଥିଲା।

## ମଣ୍ଡଳସ୍ତରୀୟ ସୁରଭି ପାଇଁ ପ୍ରସ୍ତୁତି

ରଘୁନାଥପୁର, ୨୨।୧୦( ଡି.ଏନ.ଏ.)

ରଘୁନାଥପୁର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଇଁ ସମସ୍ତ ୧୭ କ୍ଲଷ୍ଟର ସିଆରସିସିଙ୍କୁ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଆସନ୍ତା ୨୬ରେ ରଘୁନାଥପୁର ମାଇନର ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବିଇଓ ନରହରି ମିଶ୍ର ଓ ମେନକା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବୈଠକ ପରିଚାଳିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ତଥା କ୍ଲଷ୍ଟର ସ୍ତରରୁ ୧୪ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜୁନିୟର ଓ ସିନିୟର ଗ୍ରୁପର କୃତୀ ପ୍ରତିଯୋଗୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହୋତ୍ସବରେ ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଜିଲାସ୍ତରକୁ ମନୋନୀତ ହେବେ। ବୈଠକରେ ନିର୍ମଳେନ୍ଦୁ ସୋମ, ମହମ୍ମଦ ଓସାମା, ତରୁଣ କୁମାର ଜେନା, ରତ୍ନାକର ବେହେରା, କୁଶ ମଲ୍ଲିକ, ଭାସ୍କର ମୁଦୁଲି, ଯଜ୍ଞବଲ୍କ ମିଶ୍ରଙ୍କ ସମେତ ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

■ ବେକାରି ସମସ୍ୟା ସମାଧାନ ଦାବି

## ତହସିଲ ଆଗରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ନିଶ୍ଚିନ୍ତକୋଇଲି,୨୨।୧୦(ସ୍ୱ.ପ୍ର.)




ତହସିଲ କାର୍ଯ୍ୟାଳୟ ଆଗରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ରାଜ୍ୟରେ ବଢୁଥିବା ବେକାରି ସମସ୍ୟାର ସମାଧାନ ଦାବିରେ ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ ନ କଲେ ଆଗାମୀ ଦିନରେ ବେକାର ଯୁବତୀଯୁବକଙ୍କୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଯୁବନେତା ବିପ୍ଳବୀ କେଶରୀ କାପ ଚେତାବନୀ ଦେଇଛନ୍ତି। ଏହି ଅବସରରେ ବ୍ଲକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବ୍ଲକ ନିକଟରୁ ଏକ ଶୋଭଯାତ୍ରା ବାହାରି ତହସିଲ ନିକଟରେ ପହଞ୍ଚିଥିଲା। ସେଠାରେ ଯୁବକମାନେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ନାରାବାଜି କରିଥିଲେ। ଜିଲା ଉପସଭାପତି ରଞ୍ଜିତ କୁମାର ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ନିଶ୍ଚିନ୍ତକୋଇଲି ସମିତିସଭ୍ୟ ଭରତ ଦାସ, ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଦେବଦତ୍ତ କର, ସରୋଜ କର, ମାନସ ରଞ୍ଜନ ରାଉତ, ସନ୍ତୋଷ କାପ, ଚିତ୍ତରଞ୍ଜନ ନାୟକ, ଜଗଜୀବନ ମଲିକ ଓ ରାଜେଶ ଗାହାଣ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଯୁବମାରଣ ନୀତି ଉପରେ ଉଦ୍‌ବୋଧନ ଦେଇଥିଲେ। ପରେ ଯୁବମୋର୍ଚ୍ଚା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ରବୀନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ବିକ୍ଷୋଭ ସମୟରେ ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ମହତ ଲୋକର ସମାଧି ଉପରେ ଗୋଟିଏ ଚମତ୍କାର ଫୁଲ ସବୁବେଳେ ସତେଜ ହୋଇ ରହିଥାଏ। ସେହି ଫୁଲର ନାମ ଖ୍ୟାତି।
- ରବର୍ଟ ମଦରୱେଲ



## ସଂକ୍ଷେପରେ

### ଗଡ଼ବଳଭଦ୍ରପୁରରେ ଆମ ପୋଲିସ କାର୍ଯ୍ୟକ୍ରମ

**କଣାସ, ୨୨।୧୦(ସ୍ୱ.ପ୍ର.):** କଣାସ ଥାନା ପକ୍ଷରୁ ଗଡ଼ବଳଭଦ୍ରପୁର ଗ୍ରାମରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରଘୁନାଥ ସୁନ୍ଦରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ, ଏଏସ୍ଆଇ ଜମେଶ୍ୱର ପ୍ରଧାନ, ହାବିଲଦାର ରାଜକିଶୋର ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ସଂଗ୍ରାମକେଶରୀ ପାଇକରାୟ, ସମିତି ସଭ୍ୟ ସୁକାନ୍ତ କୁମାର ବଳିୟାରସିଂହ ଅତିଥିଭାବେ ଯୋଗଦେଇଥିଲେ। ଗାଁ ଗହଳିରେ ସାଧାରଣ ଲୋକ କିପରି ପୋଲିସ ପାଖରେ ବିନା ଭୟରେ ପହଞ୍ଚିପାରିବେ ସେ ସମ୍ପର୍କରେ ଥାନାଧିକାରୀ ନାୟକ ସୂଚନା ଦେଇଥିଲେ। ଯେଉଁଦିନ ସାଧାରଣ ଲୋକ ପୋଲିସ ପାଖରେ ନିର୍ଭୟରେ ପହଞ୍ଚି ପାରିବେ ସେହିଦିନ ଗାଁ ଗହଳିରୁ ଅପରାଧ ଓ ଆଇନଶୃଙ୍ଖଳା ପରିସ୍ଥିତି ଆପେ ଆପେ ଦୂରେଇ ଯିବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି ସଭାରେ ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ରାଉତରାୟ ଉପସ୍ଥିତ ରହି ଗାଁମାନଙ୍କରେ ସାଧାରଣ ଲୋକଙ୍କୁ ଦଲାଲମାନେ କିପରି ଭୁଆଁ ବୁଲାଉଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ।

### ମଙ୍ଗଳାବସ୍ତି ବୋମାମାଡ଼ ଘଟଣାରେ ଜଣେ ଗିରଫ

**ପୁରୀ ଅଫିସ, ୨୨।୧୦:** ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳାବସ୍ତିରେ ବୋମାମାଡ଼ ଘଟଣାରେ ପୋଲିସ ସୋମବାର ଜଣକୁ ଗିରଫ କରିଛି। ସେ ହେଲେ ବିଜୟନଗର ବସ୍ତିର ଭିକାରୀ ମଲିକ। ରବିବାର ମଙ୍ଗଳା ବସ୍ତି ଓ କଣ୍ଡରା ବସ୍ତିର କେତେଜଣ ଯୁବକ ଦାଦାବଟିଙ୍କୁ କେନ୍ଦ୍ରକରି ମୁହାଁମୁହିଁ ହୋଇଥିଲେ। ରାତିରେ କଣ୍ଡରା ବସ୍ତିର କେତେଜଣ ଯୁବକ ମାରଣାସ୍ତ୍ର ସହ ମଙ୍ଗଳାବସ୍ତିରେ ପଶିଥିଲେ। ସେଠାରେ ଆତଙ୍କ ସୃଷ୍ଟି କରିବା ସହ ସିରିଜ୍ ବୋମାମାଡ଼ କରିଥିଲେ। ଏଥିରେ ୧୨ଜଣ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ମଙ୍ଗଳାବସ୍ତି ବାସିନ୍ଦା ବଳିଆପଣ୍ଡା ଥାନା ଆଗରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ମନୋଜ ମଣ୍ଡଳଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଗୃହ ନିର୍ମାଣରେ ପଛରେ ପଡ଼ିଛି ଗୋପ ବ୍ଲକ

# ୯୩୦ ହିତାଧିକାରୀଙ୍କୁ ନୋଟିସ୍

**ଗୋପ, ୨୨।୧୦(ଡି.ଏନ୍.ଏ.)**

ପୁରୀ ଜିଲାର ବିଭିନ୍ନ ଗୃହ ନିର୍ମାଣରେ ଗୋପ ବ୍ଲକ ବହୁ ପଛରେ ପଡ଼ିଛି। ଗୋପ ବ୍ଲକ ଗୃହ ନିର୍ମାଣ କ୍ଷେତ୍ରରେ ଏବେ ଅଷ୍ଟମ ସ୍ଥାନକୁ ଖସି ଆସିଛି। ବ୍ଲକରେ ଗୃହ ନିର୍ମାଣ କାର୍ଯ୍ୟର ତଦାରଖ ଲାଗି ଦୁଇ ଜଣ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥିତିରେ କୌଣସି ସୁଧାର ଆସି ନାହିଁ। ସରକାରୀ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଓ ବିଭିନ୍ନ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁଁ ବିଭିନ୍ନ ଜନହିତକର ଯୋଜନା ଫେଲ୍ ମାରୁଥିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହା ସହ କେତେକ ଯୋଜନା ବାବଦ ଆସିଥିବା ଅର୍ଥ ଫେରିଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ହେଉଛି।

ପ୍ରକାଶ ଯେ, ଗ୍ରାମୀଣ ଗୃହ ନିର୍ମାଣ ଯଥା (ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା) ପାଇଁ ଗୋପ ବ୍ଲକକୁ ଗତ ୩ବର୍ଷ ମଧ୍ୟରେ ୨୮୧୭ଟି କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୮୭ଜଣ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାବେଳେ ୯୩୦ଜଣ ହିତାଧିକାରୀ ଗୃହନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିବା ଜଣାପଡ଼ିଛି। ପକ୍କା ଗୃହ ନିର୍ମାଣ କରି ନ ଥିବା ହିତାଧିକାରୀଙ୍କ ନିକଟକୁ ନୋଟିସ୍ ପଠାଯିବା ସହ ସେମାନଙ୍କ ଠାରୁ ସରକାରୀ ଅନୁଦାନ ରାଶି ଫେରସ୍ତ ଆଣିବା ପାଇଁ ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଛି। ବିଭିନ୍ନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଏହି ନୋଟିସ୍ ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ତଥ୍ୟ ଅନୁଯାୟୀ ଗୋପ ବ୍ଲକର ୩୧ଟି ପଞ୍ଚାୟତକୁ ୨୦୧୬-୧୭ ଆର୍ଥିକ ବର୍ଷରେ ୧୧୦୬ଟି, ୨୦୧୭-୧୮ ଆର୍ଥିକ ବର୍ଷରେ ୧୨୮୯ଟି ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ୪୨୨ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଗୃହ ନିର୍ମାଣ କରି ନ ଥିବା ହିତାଧିକାରୀଙ୍କ ବିରୋଧରେ ଓପିଡିଆର୍ ଆକ୍ଟ ୧୯୬୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ଗ୍ରାମୀଣ ଗୃହ ନିର୍ମାଣର ଅଗ୍ରଗତି ପାଇଁ ସଂଯୋଜକ ଭାବେ ସନ୍ଦୀପ କୁମ୍ଭକାର ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବାଣୀଭୂଷଣ ଦାଶଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ଏହି ଯୋଜନାର ଆଶାତୀତ ଅଗ୍ରଗତି ହୋଇ ନାହିଁ। କେତେକ ସ୍ଥାନରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ଫାଇନାଲ୍ ବିଲ୍ କରାଯାଇ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ଆସିଥିବାବେଳେ କେତେକ ସ୍ଥାନରେ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଡିଓ ରାମଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି, ଆବାସ ଯୋଜନା ଓ ବିଜୁ ପକ୍କା ଗୃହ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆମ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। କୌଣସି ସ୍ଥାନରେ ଅନିୟମିତତା ବା ଅର୍ଥ ଆତ୍ମସାତ୍ ହେଉନାହିଁ।




ଭକ୍ତ ସାଲବେଗ ସମାଧି ପୀଠରେ ଆୟୋଜିତ ସାହିତ୍ୟ ଆସର ଓ କବିତା ପାଠ କାର୍ଯ୍ୟକ୍ରମ।

## କବିତାରେ ଶରତର ଶୋଭାବର୍ଦ୍ଧନ

**ପୁରୀ ଅଫିସ,୨୨।୧୦**

ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶାରଦୀୟ ସାହିତ୍ୟ ଆସର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଭକ୍ତ ସାଲବେଗ ସମାଧି ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମୋଦା ଦେବୀ, ପୌର୍ଣ୍ଣମାସୀ ଦେବୀ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତିରେ ଶରତର ଶୋଭାବର୍ଦ୍ଧନ କରିଥିଲେ। କବି ଶିବସୁନ୍ଦର ମିଶ୍ର ଓ ବିଜୟଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ମନୋରମା ଦେବୀ, କ୍ରିଷ୍ଣା ମହାପାତ୍ର, ଡା. ସୁରେନ୍ଦ୍ର ନାଥ ପତି, ସୁରେନ୍ଦ୍ର ଗୁରୁ, ମିନତୀ ମିଶ୍ର, ଶ୍ୟାମପ୍ରକାଶ ସେନାପତି, ଯୋଗେନ୍ଦ୍ର ସାହୁ ପ୍ରମୁଖ ୧୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠ ପରେ ସଭାପତି ସୁଲେଖାର ୩୮ତମ ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଓ ବିବିଧ ସମ୍ମାନ ପ୍ରଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୁଲେଖାର ପରିଚାଳନା ସଦସ୍ୟା କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନିମାପଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୪୦୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ନିମାପଡ଼ା,୨୨।୧୦(ଡି.ଏନ୍.ଏ.)**

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ପୁରୀ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୦୭ଟି ଅଭିଯୋଗ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଶୁଣାଣି କରି ଅଭିଯୋଗ ସମ୍ପର୍କରେ ଦୃଢ଼ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀମାନେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ), ମୋ ଗୁହାଳ ଯୋଜନା, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ସମ୍ପର୍କରେ ଜନସାଧାରଣ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିବା ବେଳେ ଜିଲାପାଳ ଦାସ ଏହି ଅଭିଯୋଗଗୁଡିକର ଶୁଣାଣି କରି ଏ ଦିଗରେ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ନାୟକ, ଜିଲା ପ୍ରକଳ୍ପ ସଂଯୋଜକ ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାସ୍କରଚନ୍ଦ୍ର ସାମନ୍ତରାୟ, ଜିଲା କୃଷି ଉପନିର୍ଦ୍ଦେଶକ ଏସ.ଚନ୍ଦ୍ରଶେଖର ରାଓ, ଜିଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦେଇ, ଏସ୍ପି ଡା. ସାର୍ଥକ ଷଡଙ୍ଗୀ, ଏସଡିପିଓ ନିରଞ୍ଜନ ପାଢ଼ୀ, ଆଇଆଇସି ହରମୋହନ ନାୟକ, ବିଡିଓ କମଳଜିତ ଦାସ, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପାଢ଼ୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁମୁଦିନୀ ମିଶ୍ର, ଅତିରିକ୍ତ ବିଡିଓ ଗୋକୁଳଚନ୍ଦ୍ର ମୁଦୁଲି, ସିପି ସସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଥର ପାଇଁ ନିମାପଡ଼ାରେ ୪୦୭ଟି ଅଭିଯୋଗ ଶୁଣାଣି କରାଯିବା ଘଟଣା ସମଗ୍ର ପୁରୀ ଜିଲାରେ ରେକର୍ଡ ସୃଷ୍ଟି କରିଛି ବୋଲି ବିଡିଓ ଦାସ କହିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ବହୁ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ, ୪ ଗିରଫ

**ନିମାପଡ଼ା,୨୨।୧୦(ଡି.ଏନ୍.ଏ.)**

ନିମାପଡ଼ା ଥାନା ଭାଟବନ୍ଧ ଗ୍ରାମର ପ୍ରତିମା ଦାସଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ପୋଲିସ ସୋମବାର ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରତିମାଙ୍କ ସ୍ୱାମୀ ଗଣେଶ ଦାସ, ଶାଶୁ କାମିନୀ, ଶ୍ୱଶୁର ବାବୁଲା ଓ ଦିଅର କାର୍ତ୍ତିକ। ଅଭିଯୋଗ ଅନୁଯାୟୀ, ୬ମାସ ପୂର୍ବେ ଧଉଳି ଥାନା ଇତିପୁର ଗ୍ରାମର ପ୍ରତିମାଙ୍କୁ ଗଣେଶ ବିବାହ କରିଥିଲେ। କିଛି ଦିନ ପରେ ବାପଘରୁ ୧ଲକ୍ଷ ଟଙ୍କା ଓ ଏକ ବାଇକ୍ ପାଇଁ ଶାଶୁଘର ଲୋକେ ପ୍ରତିମାଙ୍କୁ କହିଥିଲେ। ପ୍ରତିମା ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଇଥିଲେ। ପ୍ରତିମାଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ୪ଜଣଙ୍କ ବିରୋଧରେ ମାମଲା(ନଂ. ୩୧୧/୧୮)ରୁଜୁ କରି ତଦନ୍ତ କରୁଛି।

## ଆଦର୍ଶ ଥାନା ହେବ ଟାଉନ ଥାନା

**ପୁରୀ ଅଫିସ,୨୨।୧୦**

- ଲୋକଙ୍କ ଲାଗି ରହିବ ସ୍ୱତନ୍ତ୍ର ଅଭ୍ୟର୍ଥନା ଗୃହ
- ନିର୍ମାଣ ହେବ ମହିଳା ଓ ପୁରୁଷ ହାଜତ
- ଦିବ୍ୟାଙ୍ଗଙ୍କ ଲାଗି ହେବ ର୍ୟାମ୍ପ
- ରହିବ ମହିଳା ଓ ଶିଶୁ ଡେସ୍କ
- ପ୍ରଥମ ପର୍ଯ୍ୟାୟରେ ଆସିଛି ୫ ଲକ୍ଷ

ରାଜ୍ୟରେ ୩୦ଟି ଜିଲାରେ ୩୦ଟି ମଡେଲ ଥାନା ନିର୍ମାଣ କରାଯିବ। ପୁରୀ ଟାଉନ ଥାନା ଏହି ତାଲିକାରେ ରହିଛି। ଏହାର ନିର୍ମାଣ ଶୈଳୀରେ ପରିବର୍ତ୍ତନ କରାଯାଇଛି। ସାଧାରଣ ଲୋକଙ୍କ ଲାଗି ଏକ ସ୍ୱତନ୍ତ୍ର ଅଭ୍ୟର୍ଥନା ଗୃହ ରହିବ। ମହିଳା ଓ ପୁରୁଷଙ୍କ ଲାଗି ଅଲଗା ହାଜତ ରହିବ। ମହିଳା ଓ ଶିଶୁ ଡେସ୍କ ବ୍ୟତୀତ ଭିନ୍ନକ୍ଷମଙ୍କ ଲାଗି ର୍ୟାମ୍ପ ବ୍ୟବସ୍ଥା କରାଯିବ। ଏନେଇ ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଟଙ୍କା ଆସିଥିବା ଏସ୍ପି ସାର୍ଥକ ଷଡ଼ଙ୍ଗୀ ସୋମବାର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଥାନାରେ ୩ ଏସ୍ଆଇ, ୬ ଏଏସ୍ଆଇ, ୨୦ କନଷ୍ଟେବଳ ରହିବେ। ଥାନାକୁ ଆସୁଥିବା ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରାଯିବ। ଏନେଇ ଟାଉନ ଥାନାର ରୂପରେଖ ପରିବର୍ତ୍ତନ ଚାଲିଛି। ଏହାର ଦ୍ୱିତୀୟ ମହଲାରେ ଆଦର୍ଶ ଥାନା ଲେଖାଯାଇଛି। କାନ୍ଥରେ ଘୋଷଯାତ୍ରା ଓ ଚନ୍ଦନଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଛି। ଶ୍ରୀକ୍ଷେତ୍ରର କଳା ସଂସ୍କୃତି ଦୃଶ୍ୟପଟ ଅଙ୍କନ କରାଯାଇଛି।

ପ୍ରକାଶ ଯେ, ଆପରାଧିକ କାର୍ଯ୍ୟକଳାପକୁ ନେଇ ପୁରୀ ସହର ଚର୍ଚ୍ଚାରେ ରହିଛି। ବୋମାମାଡ଼, ଗୁଳିମାଡ଼, ଲୁଟ୍, ରାହାଜାନି ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପୋଲିସର ଅପାରଗତାକୁ ବୁଦ୍ଧିଜୀବୀ ଦାୟୀ କରୁଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ସେବା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ମଧ୍ୟ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଟାଉନ ଥାନା କିପରି ଲୋକଙ୍କୁ ଉତ୍ତମ ଏବଂ ତ୍ୱରିତ ସେବା ପ୍ରଦାନ କରିବ ତାହା ଉପରେ ଜନସାଧାରଣଙ୍କ ନଜର ରହିଛି।

## ଫ୍ଲେକ୍ସ ଚିରିବାରୁ ଥାନାରେ ଅଭିଯୋଗ

**ଗୋପ, ୨୨।୧୦(ଡି.ଏନ୍.ଏ.)**

ଗୋପ ଥାନା ଗଣେଶ୍ୱରପୁର ପଞ୍ଚାୟତ ସ୍ଥିତ ସୁବର୍ଣ୍ଣପୁରରେ ଦୁର୍ଗାପୂଜା ଉପଲକ୍ଷେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା ସମ୍ପର୍କିତ ଫ୍ଲେକ୍ସ ଲଗାଯାଇଥିଲା। ମାତ୍ର କେହି ଦୁର୍ବୃତ୍ତ ଏହି ଫ୍ଲେକ୍ସରୁ ବିଧାୟକଙ୍କ ଫଟୋ ଥିବା ସ୍ଥାନକୁ ଚିରି ଦେଇଛି। ଏ ନେଇ ଗଣେଶ୍ୱରପୁର ପଞ୍ଚାୟତ ବିଜେଡି ସଭାପତି ଭ୍ରମରବର ପ୍ରଧାନ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ଏହା ସହ ଉକ୍ତ ସ୍ଥାନରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଏହି ଘଟଣାକୁ ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ସମିତି ସଭ୍ୟ କରୁଣାକର ସାହୁ, ଗୋପ ବ୍ଲକ ବିଜୁ ଜନତା ଦଳ ସଭାପତି ମଧୁସୂଦନ ପାଇକରାୟ, ଏମ୍ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ପ୍ରମୁଖ ନିନ୍ଦା କରିଛନ୍ତି। ଏ ନେଇ ଗୋପ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।



ପୁରୀ ସମୁଦ୍ରରେ ସୋମବାର ବେଆଇନ ଭାବେ ଚଳାଚଳ କରୁଥିବା ଏକ ଟ୍ରଲର।

## କିଟ୍ ପକ୍ଷରୁ ଏଜୁକେଶନ ଫର ଅଲ୍ ଆଲୋଚନାଚକ୍ର

**ପୁରୀ ଅଫିସ,୨୨।୧୦**

କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଜୁକେଶନ ଫର୍ ଅଲ୍ ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ସଂସ୍କୃତି ଭବନଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ଉପଦେଷ୍ଟା ଶଶାଙ୍କ ଚୂଡ଼ାମଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରଫେସର ଶଙ୍କର୍ଷଣ ଦାଶ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ମିଶ୍ର, ସୁରଜମଲ୍ଲ ଶାହା କଲେଜ ଅଧକ୍ଷ ଅଶ୍ୱିନୀ ଦାଶ, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଅଧକ୍ଷ ହରେକୃଷ୍ଣ ମହାପାତ୍ର, ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧକ୍ଷ ଜଗବନ୍ଧୁ ମିଶ୍ର, ଶିକ୍ଷାବିତ୍ ହରିହର ମିଶ୍ର, ଏସ୍‌ସିଏସ୍ କଲେଜ ଇତିହାସ ବିଭାଗର ମୁଖ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ସମସ୍ୟା ଓ ଏହାର ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ରାମକୃଷ୍ଣ ମିଶନର ସେକ୍ରେଟାରି ଆତ୍ମାଶ୍ୱରନନ୍ଦ ମହାରାଜ, ଶିକ୍ଷାବିତ୍ ସୁକାନ୍ତ ମହାନ୍ତି, ପ୍ରଦ୍ୟୁମ୍ନ ଖଟୋଇ ଏବଂ ପ୍ରଦୀପ ପଟ୍ଟନାୟକଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ସସ୍ମିତାରାଣୀ ସାମନ୍ତ ଉକ୍ତ ଆଲୋଚନାଚକ୍ରର ଆବଶ୍ୟକତା ଏବଂ କିଟ୍ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ଉପ ନିର୍ଦ୍ଦେଶକ ବିଭୁପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦ୍ୟୁମ୍ନ ସାଥୁଆ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ୟାମ ପ୍ରକାଶ ସେନାପତି, ବିଜୟାନନ୍ଦ ରଥ ସଭା ପରିଚାଳନା କରିଥିଲେ।




## କୁଶ୍ୱେରୀ ମହୋତ୍ସବର ତୃତୀୟ ସନ୍ଧ୍ୟା

# ମନମୋହିଲା କ୍ଷୁଦ୍ର ନାଟକ 'ଦେଲୁ ମୋତେ ମହାଶିକ୍ଷା'

**କଣାସ, ୨୨।୧୦(ସ୍ୱ.ପ୍ର.)**

କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଦଶହରାପଦାରେ ଚାଲିଥିବା ତ୍ରୟୋଦଶ କୁଶ୍ୱେରୀ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ବଗିପଡା ହରିଜନସାହି ପ୍ରାଥମିକ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା କ୍ଷୁଦ୍ରନାଟିକା 'ଦେଲୁ ମୋତେ ମହାଶିକ୍ଷା'। ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ଏହା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭଜନ ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଭାଜପାର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ, ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଡ.ବିଶ୍ୱନାଥ ରଥ, ସୁରଥ ବିଶ୍ୱାଳ, ବିପିନବିହାରୀ କର, ଜନମଙ୍ଗଳ କ୍ଲବ ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଓ ବିଦ୍ୟାଧର ସାହୁ ଅତିଥିଭାବେ ଯୋଗଦେଇଥିଲେ। ବିଲୁପ୍ତ ହୋଇଯାଉଥିବା ପୁରାତନ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର କର୍ମକର୍ତ୍ତାମାନଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଶିକ୍ଷକ ଲମ୍ବୋଦର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷାବିତ୍ ଭାଗୀରଥି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନେ ଓଡ଼ିଶୀ ନାମ ସଙ୍କୀର୍ତ୍ତନ, ପଟାଖେଳ, ପାଇକଆଖଡାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଶିକ୍ଷା ଅଧିକାର ଓ ପ୍ରାଥମିକ ଶିକ୍ଷକଙ୍କ କ୍ୟାଡର ପୁନର୍ଗଠନ ଶୀର୍ଷକ ଆଲୋଚନାଚକ୍ର

# ଶିକ୍ଷା ଅଧିକାର ଆଇନ କଡ଼ାକଡ଼ି ହେଉ

**ପୁରୀ ଅଫିସ,୨୨।୧୦**

ଶିକ୍ଷା ଅଧିକାର ଆଇନକୁ ରାଜ୍ୟ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ରାଜ୍ୟରେ ଶିକ୍ଷାର ମାନ ହ୍ରାସ ପାଉଛି। ଶିକ୍ଷା ବ୍ୟବସ୍ଥା ଧୀରେ ଧୀରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରାଜ୍ୟର ଅର୍ଦ୍ଧାଧିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିଛି। ଉଚ୍ଚ ଶିକ୍ଷିତ ଯୁବତୀ, ଯୁବକଙ୍କୁ ଉପେକ୍ଷା କରାଯାଉଛି। ଠିକା ନିଯୁକ୍ତି ଭିତ୍ତିରେ ଶିକ୍ଷକ ନିଯୁକ୍ତି ଦେଇ ସରକାର ଶୋଷଣ କରୁଛନ୍ତି ବୋଲି ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପୁରୀ ଜିଲା ଓଷ୍ଟା କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ଶିକ୍ଷା ଅଧିକାର ଆଇନ ଓ ପ୍ରାଥମିକ ଶିକ୍ଷକ କ୍ୟାଡର ପୁନର୍ଗଠନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକ ନେତା ସୁରେନ୍ଦ୍ର ଜେନା କହିଛନ୍ତି। ସଂଘର ବରିଷ୍ଠ ଶିକ୍ଷକ ମହେଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶିକ୍ଷକ ନେତା ଜେନା କହିଲେ ଯେ, ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟକୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଉ। ସେହି ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ ଶିକ୍ଷକଙ୍କୁ ଗୋଟିଏ କ୍ୟାଡର ଭୁକ୍ତ, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଦରମା, ପଦୋନ୍ନତି ଦେବାକୁ ସେ ଦାବି କରିଥିଲେ।

ଓଲଷ୍ଟା ଶିକ୍ଷକ ଦର୍ପଣ ଯୁଗ୍ମ ସମ୍ପାଦକ ସୁକାନ୍ତ ବେହେରା କହିଲେ, ରାଜ୍ୟରେ ସ୍କୁଲ, ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ସଂଖ୍ୟା ବୃଦ୍ଧି କରାଯାଉନାହିଁ। ଶିକ୍ଷାକୁ ଘରୋଇକରଣ ଲାଗି ରାଜ୍ୟ ସରକାର ଚକ୍ରାନ୍ତ କରୁଛନ୍ତି। ବିଦ୍ୟାଳୟଗୁଡିକର ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଅନେକ ସମୟରେ ଶିକ୍ଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଶିକ୍ଷାର ମାନ ହ୍ରାସ ପାଉଛି। ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନର ପୋଷାକ, ବିଶୁଦ୍ଧ ପାନୀୟଜଳ ଓ ମଧ୍ୟାହ୍ନ ଭୋଜନ ପ୍ରଦାନ, ପ୍ରାଥମିକ ଶିକ୍ଷକମାନଙ୍କ ଗ୍ରେଡ ପେ ବୃଦ୍ଧି, ଶିକ୍ଷା ସହାୟକଙ୍କ ଦରମା ୨୫ପ୍ରତିଶତ ବୃଦ୍ଧି, ୧୦ପ୍ରତିଶତ ବାର୍ଷିକ ଇନକ୍ରିମେଣ୍ଟ, ପୂର୍ବ ପ୍ରଚଳିତ ପେନସନ୍ ବ୍ୟବସ୍ଥା ଲାଗୁ କରିବା ଲାଗି ବେହେରା ଦାବି କରିଥିଲେ।

ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁପ୍ରସାଦ ସାହୁ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି କେଶବ ଚନ୍ଦ୍ର କର, ସଂଗଠନ ସମ୍ପାଦକ ସୁଧାଂଶୁ ମଣ୍ଡଳ, ଗୋପାଳ ସେନ, ତ୍ରିଲୋଚନ ବେହେରା, ସୁଧାଂଶୁ ନାୟକ, ସବିତା ନାୟକ, ସବିତା ମିଶ୍ର ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।




ଓଷ୍ଟା କାର୍ଯ୍ୟାଳୟରେ ପରିସରରେ ଆୟୋଜିତ ଆଲୋଚନାଚକ୍ର।

- ପ୍ରାଥମିକ ଶିକ୍ଷକଙ୍କୁ ଗୋଟିଏ କ୍ୟାଡର ଭୁକ୍ତ କରାଯାଉ
- ରାଜ୍ୟରେ କମୁଛି ଶିକ୍ଷାର ମାନ